# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୩/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 23/2023 Page 16 ₹ 7.00 | SAMBALPUR

୫୦ଶ ଭାଗ ୩୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 30 ମୂଲ୍ୟ ₹୭/-





DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୩/୨୦୨୩ Bhubaneswar, Saturday, December 23/2023

# ଏକାଠି ହେଲେ ଭାଜପା ହାରିବ

## ଏମ୍‌ପିଙ୍କ ଗଣ ନିଲମ୍ବନ ପ୍ରତିବାଦରେ 'ଇଣ୍ଡିଆ'ର ବିକ୍ଷୋଭ




ପାର୍ଲାମେଣ୍ଟରୁ ୧୪୬ ଏମ୍‌ପିଙ୍କ ନିଲମ୍ବନ ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ପାର୍ଲାମେଣ୍ଟର ଶୀତ ଅଧିବେଶନ କାଳରେ ଉଭୟ ଗୃହରୁ ୧୪୬ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ପ୍ରତିବାଦରେ ଶୁକ୍ରବାର ବିରୋଧୀ ଇଣ୍ଡିଆ ବ୍ଲକ୍‌ର ନେତାମାନେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ସେମାନେ ପ୍ରତିଜ୍ଞା ନେବା ସହ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଶାସକ ଦଳ ବିରୋଧୀମାନଙ୍କ ସ୍ୱରକୁ ଚାପିଦେଇଥିବା ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଦଳର ନେତା ରାହୁଲ ଗାନ୍ଧୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କ ସମେତ ଅନ୍ୟ ବିରୋଧୀ ଦଳ ନେତାମାନେ ସାମିଲ ହୋଇଥିଲେ। ବର୍ତ୍ତମାନର ସରକାରରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ଆମକୁ ଏକାଠି ହେବାକୁ ପଡ଼ିବ ବୋଲି ଖାର୍ଗେ କହିଥିଲେ। ସମସ୍ତେ ଏକାଠି ହେଲେ ମୋଦି ସରକାର କିଛି କରିପାରିବ ନାହିଁ ବୋଲି ସେ କହିଥିଲେ। ଏମ୍‌ପିମାନଙ୍କୁ ନିଲମ୍ବନ କରି ସରକାର ବିରୋଧୀଙ୍କ ମୁହଁ ବନ୍ଦ କରିଦେବାକୁ ଉଦ୍ୟମ କରୁଛନ୍ତି। ତେବେ ଗଣତନ୍ତ୍ରର ସୁରକ୍ଷା ପାଇଁ ଯେକୌଣସି ମୂଲ୍ୟ ଦେବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର କହିଥିଲେ।

ଦେଶରେ ଚାଷୀ ଆତ୍ମହତ୍ୟା କରୁଛି, କଳକାରଖାନାର ଶ୍ରମିକ ସେମାନଙ୍କ ପରିଶ୍ରମ ପାଇଁ ଉପଯୁକ୍ତ ବେତନ ନ ପାଇ ଅସନ୍ତୁଷ୍ଟ ରହିଛି। ଆମକୁ ଦାୟିତ୍ୱ ନେବାକୁ ହେବ, କଠିନ ପରିଶ୍ରମ କରି ସମ୍ବିଧାନ ଉପରେ ଆକ୍ରମଣ କରୁଥିବା ଗଣତନ୍ତ୍ର ବିରୋଧୀ ଶକ୍ତିକୁ ପରାଜିତ କରିବାକୁ ହେବ ବୋଲି ପାୱାର କହିଥିଲେ। ସମ୍ବିଧାନ ଜନସାଧାରଣଙ୍କୁ ସାର୍ବଭୌମ କ୍ଷମତା ଦେଇଛନ୍ତି, ଯାହା ଜନପ୍ରତିନିଧିମାନଙ୍କ ଜରିଆରେ କାର୍ଯ୍ୟକାରୀ ହୋଇଥାଏ। ପାର୍ଲାମେଣ୍ଟ ନିକଟରେ ସରକାର ଉତ୍ତରଦାୟୀ ଏବଂ ଏମ୍‌ପିମାନେ ଲୋକଙ୍କ ନିକଟରେ ଉତ୍ତରଦାୟୀ, ଯାହା ଗଣତନ୍ତ୍ରର ସଂଜ୍ଞା ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଥିଲେ। ତୃଣମୂଳ କଂଗ୍ରେସ ଏମ୍‌ପି ମୌସମ ନୁର୍ 'ଭାଜପାମୁକ୍ତ ଭାରତ' ଗଠନ ପାଇଁ ଆହ୍ୱାନ ଦେଇଥିଲେ। ସରକାର ପାର୍ଲାମେଣ୍ଟକୁ ଅଚଳ କରିଦେବାକୁ ଉଦ୍ୟମ କରୁଥିବା ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଥିଲେ। ଯେକୌଣସି ପ୍ରକାରେ ବିରୋଧୀଙ୍କୁ ଦମନ କରି ସେମାନେ ପାର୍ଲାମେଣ୍ଟକୁ ଅଚଳ କରିଦେଲେ। ପାର୍ଲାମେଣ୍ଟ ଅଚଳ ହେଲେ ଗଣତନ୍ତ୍ର ମରିଯିବ। ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସରକାରଙ୍କ କାର୍ଯ୍ୟ ଫାସିଷ୍ଟ ଏକଛତ୍ରବାଦ ବୋଲି ବିକ୍ଷୋଭରେ ଯୋଗଦେଇ ରାଜା କହିଥିଲେ।

## କେଜ୍‌ରିୱାଲଙ୍କୁ ପୁଣି ସମନ

**ନୂଆଦିଲ୍ଲୀ,୨୨।୧୨:** ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଜେରାର ସମ୍ମୁଖୀନ ହେବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୁଣିଥରେ ସମନ ଜାରି କରିଛି। ଜାନୁୟାରୀ ୩ରେ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଏଏପି ଆବାହକଙ୍କୁ ତୃତୀୟ ସମନ। ୨୧ ତାରିଖରେ ହାଜର ହେବା ଲାଗି ଗତ ୧୮ ତାରିଖରେ ଇଡି ସମନ ଜାରି କରିଥିଲେ ମଧ୍ୟ ସେ ହାଜର ନ ହୋଇ ନ ଥିଲେ। ସେ ସମନକୁ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଉଲ୍ଲେଖ କରିଥିଲେ।

## ଛତିଶଗଡ଼ର ୯ ନୂଆ ମନ୍ତ୍ରୀ ଶପଥ ନେଲେ

**ରାୟପୁର,୨୨।୧୨:** ଛତିଶଗଡ଼ କ୍ୟାବିନେଟ୍‌ରେ ଶୁକ୍ରବାର ୯ ଜଣ ନୂଆ ମନ୍ତ୍ରୀ ସାମିଲ ହୋଇଛନ୍ତି। ଫଳରେ ମୋଟ ମନ୍ତ୍ରୀ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ରାଜଭବନରେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଭାଜପାର ୯ ବିଧାୟକଙ୍କୁ ମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସହ ୨ ଜଣ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଏବଂ ବିଜୟ ଶର୍ମା ଶପଥ ନେଇଥିଲେ। ଶୁକ୍ରବାର ଶପଥ ନେଇଥିବା ନୂଆ ମନ୍ତ୍ରୀମାନେ ହେଲେ ବ୍ରିଜମୋହନ ଅଗ୍ରୱାଲ, ରାମବିଚାର ନେତମ, କେଦାର କାଶ୍ୟପ, ଦୟାଲଦାସ ବଘେଲ, ଓ.ପି. ଚୌଧାରୀ, ଟଙ୍କରାମ ବର୍ମା, ଲକ୍ଷ୍ମୀ ରାଜୱାଡେ, ଶ୍ୟାମ ଜୟସ୍ୱାଲ ଏବଂ ଲଖନଲାଲ୍ ଦେୱାଙ୍ଗନ।

## ଫ୍ରାନ୍ସ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସ ଅତିଥି

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**


ଏମାନୁଏଲ୍ ମାକରଁ

ଆସନ୍ତା ବର୍ଷ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ମୁଖ୍ୟ ଅତିଥି ହେବେ। ଭାରତର ଏହି ମର୍ଯ୍ୟାଦାଜନକ ଉତ୍ସବରେ ମୁଖ୍ୟ ଅତିଥି ହେବାରେ ମାକରଁ ହେବେ ଫ୍ରାନ୍ସର ଷଷ୍ଠ ରାଷ୍ଟ୍ରପତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମନ୍ତ୍ରଣକ୍ରମେ ମାକରଁ ଭାରତ ଗସ୍ତରେ ଆସିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବା ଲାଗି ଭାରତ ପ୍ରଥମେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଆମନ୍ତ୍ରଣ କରିଥିଲା। ତେବେ ଜାନୁୟାରୀରେ ବାଇଡେନ୍ ଭାରତ ଆସିବାକୁ ଅସମର୍ଥ ବୋଲି ଜଣାଇ ଦେଇଥିଲେ। ଫଳରେ ମୋଦିଙ୍କ ଆମନ୍ତ୍ରଣକୁ ରକ୍ଷାକରି ମାକରଁ ୭୫ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଜି ହୋଇଛନ୍ତି। ରଣନୀତିକ ସହଯୋଗୀ ସହ ଆଞ୍ଚଳିକ ଏବଂ ବୈଶ୍ୱିକ ସ୍ତରର ବିଭିନ୍ନ ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ସୁସମ୍ପର୍କ ରହିଛି। ଚଳିତ ବର୍ଷ ଭାରତ-ଫ୍ରାନ୍ସ ରଣନୀତିକ ସହଯୋଗିତାର ୨୫ତମ ବାର୍ଷିକୀ ପାଳନ ହେଉଛି। ଗତ ଜୁଲାଇ ୧୪ରେ ପ୍ୟାରିସ୍‌ରେ ବାଷ୍ଟିଲ ଡେ' ପରେଡ୍‌ରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗତ ସେପ୍ଟେମ୍ବରରେ ଜି୨୦ ସମିଟ୍‌ରେ ଯୋଗଦେବା ଲାଗି ମାକରଁ ଭାରତ ଆସିଥିଲେ।

## କୋଭିଡ୍ ସକ୍ରିୟ ମାମଲା ୩ ହଜାର

**ନୂଆଦିଲ୍ଲୀ,୨୨।୧୨**

ଶୁକ୍ରବାର ୩୨୮ ନୂଆ କୋଭିଡ୍ ମାମଲା ଚିହ୍ନଟ ହେବା ସହ ମୋଟ ସକ୍ରିୟ ମାମଲା ସଂଖ୍ୟା ୩,୦୦୦ ନିକଟତର ହୋଇଛି। ଶୁକ୍ରବାର ସକାଳ ସୁଦ୍ଧା ସକ୍ରିୟ ମାମଲା ସଂଖ୍ୟା ୨,୯୯୭ ଥିଲା। କେବଳ କେରଳରୁ ଶୁକ୍ରବାର ୨୬୫ ମାମଲା ଚିହ୍ନଟ ହେବା ସହ ସେଠାରେ ସକ୍ରିୟ ମାମଲା ସଂଖ୍ୟା ୨,୬୦୬ରେ ପହଞ୍ଚିଲାଣି। ବିହାର ଏବଂ ଛତିଶଗଡ଼ରେ ପ୍ରଥମ ମାମଲା ଚିହ୍ନଟ ହୋଇଛି। କର୍ଣାଟକ ଓ ତାମିଲନାଡୁରେ ପ୍ରଥମ ଥର ପାଇଁ ସକ୍ରିୟ ମାମଲା ୧୦୦ ଅତିକ୍ରମ କରିଛି। ଜେଏନ୍.୧ ସବ୍‌ଭାରିଆଣ୍ଟ ସଂକ୍ରମଣର ଆଉ ଏକ ମାମଲା ଚିହ୍ନଟ ହେବା ପରେ ମୋଟ ମାମଲା ସଂଖ୍ୟା ୨୨ ହୋଇଛି।

DSPL-483



DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୩/୨୦୨୩ | Bhubaneswar, Saturday, December 23/2023




ମହିମା ସାଧୁ ସନ୍ୟାସୀମାନଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଯୋରନ୍ଦା ମାଟିକୁ ପବିତ୍ର କରିଛି ମହିମା ଧର୍ମ

**ଢେଙ୍କାନାଳ (ରତନ ନାୟାର)/ ଭୁବନେଶ୍ୱର (ଅନିଲ ଦାସ) ୨୨।୧୨**

ସାରା ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିଛି ମହିମା ଧର୍ମ। ଏହା ସରଳ ଜୀବନ, ସମତା ଏବଂ ଜଗତ କଲ୍ୟାଣ ଉପରେ ବିଶ୍ୱାସ କରେ। ମହିମା ଧର୍ମର ମହାନ ସନ୍ଥ ଭୀମ ଭୋଇଙ୍କ ବାର୍ତ୍ତା ସମସ୍ତଙ୍କ ପାଇଁ ପ୍ରେରଣା। ଜଗତ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ଚିନ୍ତାଧାରା ମହିମା ଧର୍ମ ହିଁ ଆମକୁ ଶିଖାଇଛି। ବିଶ୍ୱପ୍ରସିଦ୍ଧ ମହିମା ଧର୍ମ ପୀଠ ଢେଙ୍କାନାଳ ଜିଲାର ମହିମାଗାଦି ଯୋରନ୍ଦାଠାରେ ୧୧୨ କୋଟି ଟଙ୍କା ବ୍ୟୟରେ ଉପାସନା ପୀଠ, ବଟୀମଣ୍ଡପ ନିର୍ମାଣ, ଭବ୍ୟ

- **ମହିମାଗାଦି ଯୋରନ୍ଦାର ରୂପାନ୍ତରଣ ପାଇଁ ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ**
- **ଖର୍ଚ୍ଚ ହେବ ୧୧୨ କୋଟି, ୩ ବର୍ଷରେ ସରିବ କାମ**

ମହିମାଗାଦି ଶୂନ୍ୟ ମଣ୍ଡପ ନିର୍ମାଣ ଏବଂ ମହିମାଗାଦି ଚତୁଃପାର୍ଶ୍ୱ ଉନ୍ନତୀକରଣର ଭୂମି ପୂଜନ କରିବା ଅବସରରେ ଶୁକ୍ରବାର ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ମହିମା ଧର୍ମ ପୀଠ ଯୋରନ୍ଦାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ସମବେତ ମହିମା ସାଧୁ ସନ୍ନାସୀମାନେ ତାଙ୍କୁ ସ୍ୱାଗତ ସହ ଆଶୀର୍ବାଦ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜୟ ମହିମା ଅଲେଖ କହି ଉଦ୍‌ବୋଧନ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ହେଉଛି ଦେବଭୂମି ଓ ପୂଣ୍ୟଭୂମି। ମହିମା ଧର୍ମ ଯୋରନ୍ଦା ମାଟିକୁ ପବିତ୍ର କରିବା ସହ ପ୍ରସିଦ୍ଧି ଆଣି ଭାରତର ଆଧ୍ୟାତ୍ମିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଏଭଳି ପବିତ୍ର ମାଟିକୁ ଆସି ଓ ଆପଣମାନଙ୍କ ସହିତ ମିଶିବାର ସୁଯୋଗ ପାଇ ବହୁତ ଖୁସି। ମହିମା ଧର୍ମ ପୀଠର ଉନ୍ନତୀକରଣ ପାଇଁ ୧୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ☞ପୃଷ୍ଠା-୨

# ପଦ୍ମଶ୍ରୀ ଫେରାଇଲେ ପୁନିଆ

**ଏ ସମ୍ମାନକୁ ପାଖରେ ରଖି ଆଉ ବଞ୍ଚିପାରିବି ନାହିଁ। ସରକାର ଦେଇଥିବା ପଦ୍ମଶ୍ରୀ ଉପାଧି ଆପଣ ଫେରାଇ ନିଅନ୍ତୁ। ଯୌନ ନିର୍ଯାତନା ମାମଲାର ଅଭିଯୁକ୍ତ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ନିର୍ବାଚିତ ହେବାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏମିତି କ୍ଷୋଭପୂର୍ଣ୍ଣ ପତ୍ର ଲେଖିଛନ୍ତି ଅଲିମ୍ପିଆଡ୍ ମେଡାଲିଷ୍ଟ ତଥା କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ।**



ବଜରଙ୍ଗ ପୁନିଆ

**ନୂଆଦିଲ୍ଲୀ, ୨୨।୧୨ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବହୁ ପ୍ରତୀକ୍ଷିତ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ନୂଆ ମୁଖ୍ୟ ଭାବେ ନିର୍ବାଚିତ ହୋଇଥିବାରୁ ପ୍ରତିବାଦ ସ୍ୱରୂପ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ତାଙ୍କ ପଦ୍ମଶ୍ରୀ ପୁରସ୍କାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫେରାଇ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏ ବିଷୟରେ ସେ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଶୁକ୍ରବାର ସୂଚନା ଦେଇଛନ୍ତି।

ନିର୍ବାଚନରେ ସଞ୍ଜୟ ସିଂଙ୍କ ନେତୃତ୍ୱରେ ବିବାଦୀୟ ବ୍ରିଜ୍‌ଭୂଷଣଙ୍କ ଅନୁଗତମାନେ ମୋଟ ୧୫ଟି ପଦବୀ ମଧ୍ୟରୁ ୧୩ଟିରେ ବିଜୟଲାଭ କରିଛନ୍ତି। ସଞ୍ଜୟ ନିର୍ବାଚିତ ହେବା ପରେ ସାକ୍ଷୀ ମଲିକ, ବଜରଙ୍ଗ ଓ ଭିନେଶ ଫୋଗଟ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ୨୦୧୬ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ସାକ୍ଷୀ ଖେଳରୁ ତାଙ୍କ ସନ୍ନ୍ୟାସ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଲେଖିଥିବା ଏକ ଚିଠିରେ ବଜରଙ୍ଗ ଉଲ୍ଲେଖ କରିଛନ୍ତି, ଆପଣ ସୁସ୍ଥ ଥିବେ ବୋଲି ଆଶା। ଆପଣ ଅନେକ କାର୍ଯ୍ୟରେ ବ୍ୟସ୍ତ ଥିବେ। ଦେଶର କୁସ୍ତିଯୋଦ୍ଧାମାନଙ୍କ ସମ୍ପର୍କରେ ସେ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛନ୍ତି। ବ୍ରିଜ୍‌ଭୂଷଣ ଯୌନ ଶୋଷଣ କରୁଥିବା ଅଭିଯୋଗ କରି ଦେଶର ମହିଳା କୁସ୍ତିଯୋଦ୍ଧାମାନେ ପ୍ରତିବାଦ ସ୍ୱରୂପ ଗତ ଜାନୁୟାରୀରେ ଧାରଣାରେ ବସିଥିଲେ। ଆପଣ ନିଶ୍ଚୟ ଏ ବିଷୟରେ ଅବଗତ ଥିବେ। ଧାରଣାରେ ସେ ନିଜେ ମଧ୍ୟ ବସିଥିଲେ। ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରଦର୍ଶନକୁ ସ୍ଥଗିତ ରଖାଯାଇଥିଲା। ସରକାରଙ୍କ ପ୍ରତିଶ୍ରୁତି ୩ ମାସ ବିତି ଯାଇଥିଲେ ସୁଦ୍ଧା ବ୍ରିଜ୍‌ଭୂଷଣଙ୍କ ବିରୋଧରେ ପୋଲିସ ଅତିକମ୍‌ରେ ଏକ ଏଫ୍‌ଆଇଆର୍ ଦରଜ କରି ନ ଥିଲା। ଫଳତଃ ଏପ୍ରିଲରେ ଆମକୁ ପୁଣି ରାସ୍ତାକୁ ଓହ୍ଲାଇବାକୁ ପଡ଼ିଥିଲା। ଜାନୁୟାରୀରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଭିଯୋଗକାରୀଙ୍କ ସଂଖ୍ୟା ୧୯ ରହିଥିଲା। ମାତ୍ର ଏପ୍ରିଲରେ ଏହା ୭କୁ ହ୍ରାସ ପାଇଥିଲା। ଏଥିରୁ ବୁଝାପଡୁଛି ବ୍ରିଜ୍‌ଭୂଷଣ ୧୨ଜଣ କୁସ୍ତିଯୋଦ୍ଧାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇପାରିଛନ୍ତି। ବଜରଙ୍ଗ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଚିଠି ଦେବା ଲାଗି ପାର୍ଲାମେଣ୍ଟ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କର୍ମଚାରୀମାନେ କର୍ତ୍ତବ୍ୟ ପଥଠାରେ ତାଙ୍କୁ ଅଟକାଇଥିଲେ। ଷ୍ଟାର କୁସ୍ତିଯୋଦ୍ଧା ସେମାନଙ୍କୁ କହିଥିଲେ, ଯଦି ଅନୁମତି ନ ମିଳୁଛି ତେବେ ତାଙ୍କ ଚିଠିଟିକୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଦେବାର ବ୍ୟବସ୍ଥା କରାଯାଉ। ସେ ଏଠାକୁ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆସିନାହାନ୍ତି କି ଗଣ୍ଡଗୋଳ କରିବାକୁ ଆସିନାହାନ୍ତି। ଏଣେ ପଦ୍ମଶ୍ରୀ ପୁରସ୍କାର ଫେରାଇବା ଲାଗି ବଜରଙ୍ଗ ନେଇଥିବା ନିଷ୍ପତ୍ତି ଉପରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତିକ୍ରିୟା ପ୍ରକାଶ କରିଛି। ଏହା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ତେବେ ତାଙ୍କୁ ଏଥିରୁ ନିବୃତ୍ତ ରହିବା ଲାଗି କୁହାଯିବ।

# ରେଳଧାରଣା ଉଡ଼ାଇଦେଲେ ମାଓବାଦୀ



**୧୩ ଟ୍ରେନ୍ ବାତିଲ**

**ଚାଇବାସା, ୨୨।୧୨**

ବେଆଇନ ଘୋଷିତ ସିପିଆଇ(ମାଓବାଦୀ)ର ସଦସ୍ୟମାନେ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲାରେ ରେଳଲାଇନ୍‌କୁ ବିସ୍ଫୋରଣରେ ଉଡ଼ାଇ ଦେଇଛନ୍ତି। ଫଳରେ ହାଓଡ଼ା-ମୁମ୍ବାଇ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବହୁ ଘଣ୍ଟା ପର୍ଯ୍ୟନ୍ତ ବାଧାପ୍ରାପ୍ତ ହୋଇଥିଲା। ୧୩ଟି ଟ୍ରେନ୍ ବାତିଲ ହେବା ସହ ଗୋଟିଏ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ ହୋଇଥିଲା। ତେବେ ବିସ୍ଫୋରଣରେ କେହି ମୃତାହତ ହୋଇନାହାନ୍ତି। ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିଠାରୁ ୧୫୦ କିଲୋମିଟର ଦୂର ତଥା ଦକ୍ଷିଣପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ମହାଦେବସାଲ ଏବଂ ପୋସୋଇତା ଷ୍ଟେଶନ ମଧ୍ୟରେ ଥିବା ରେଳଧାରଣାର କିଛି ଅଂଶକୁ ମାଓବାଦୀମାନେ ଗୁରୁବାର ରାତିରେ ଉଡ଼ାଇ ଦେଇଥିଲେ। ସେମାନେ ଉକ୍ତ ଅଞ୍ଚଳରେ ବ୍ୟାନର ଓ ପୋଷ୍ଟର ଲଗାଇଥିଲେ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ଭୋର ସମୟରୁ ମରାମତି କାମ ଆରମ୍ଭ ହୋଇଥିଲା। ଯାତ୍ରୀ ସେବା ଲାଗି ରାଉରକେଲା, ଟାଟାନଗର, ଚକ୍ରଧରପୁର ଏବଂ ଝାରସୁଗୁଡ଼ା ଷ୍ଟେଶନରେ ହେଲ୍ପଡେସ୍କ ତୁରନ୍ତ ଖୋଲାଯାଇଥିଲା। ସକାଳ ୯ଟା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିବା ବୋଲି ପଶ୍ଚିମ ସିଂହଭୂମ ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ସୂଚନାଯୋଗ୍ୟ, ମାଓବାଦୀମାନେ ୧୬ ତାରିଖରୁ 'ପ୍ରତିବାଦ ସପ୍ତାହ' ପାଳନ କରୁଥିବାବେଳେ ଶୁକ୍ରବାର ଭାରତ ବନ୍ଦ ପାଇଁ ଆହ୍ୱାନ ଦେଇଥିଲେ।

# ବରଗଡ଼ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼, ୨୨।୧୨ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୨୪ ଜାନୁୟାରୀ ୧୫ରୁ ଆରମ୍ଭ ହେବ। ଏହି ମହୋତ୍ସବ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ପରମ୍ପରା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ସନ୍ଧ୍ୟା ୫ଟା ୩୦ମିନିଟରେ ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀ ଅଭିମୁଖେ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ପହଞ୍ଚିବା ପରେ ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀରେ ପୂଜାର୍ଚ୍ଚନା କରାଯାଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର ମଞ୍ଚ କମିଟି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ତ୍ୱରିତ ପଦକ୍ଷେପ

# ବ୍ୟାକ୍ଟେରିଆ ନାମ 'ଟାଗୋର'

## ଆବିଷ୍କାର କଲେ ବିଶ୍ୱଭାରତୀ ଗବେଷକ



**କୋଲକାତା, ୨୨।୧୨**

ବିଶ୍ୱଭାରତୀର ୬ ଜଣ ଗବେଷକଙ୍କ ଟିମ୍ ଏକ ନୂଆ ପ୍ରଜାତିର ବ୍ୟାକ୍ଟେରିଆ ଆବିଷ୍କାର କରିଛନ୍ତି। ଉଦ୍ଭିଦକୁ ପୋଷଣ ଦେଇ ବଡ଼ କରାଇବା ଗୁଣ ଏହି ବ୍ୟାକ୍ଟେରିଆର ରହିଛି। ନୋବେଲ ବିଜୟୀ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ମାନରେ ବିଶ୍ୱଭାରତୀ ଉକ୍ତ ବ୍ୟାକ୍ଟେରିଆର ନାଁ ପାଣ୍ଟୋଆ ଟାଗୋରେଇ ରଖିଛି। ଟାଗୋର କୃଷିକୁ ବିକଶିତ କରି ଏକ ଉଚ୍ଚ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ କରୁଥିଲେ। ତେଣୁ ଏହି ଉପକାରୀ ବ୍ୟାକ୍ଟେରିଆକୁ ତାଙ୍କ ନାମରେ ନାମିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଉଦ୍ଭିଦ ବିଜ୍ଞାନ ବିଭାଗ ମାଇକ୍ରୋବାୟୋଲୋଜି ଲାବ୍‌ର ଆସିଷ୍ଟାଣ୍ଟ ପ୍ରଫେସର ବୋମ୍ବା ଡାମ୍ କହିଛନ୍ତି। ପ୍ରଥମ ଥର ପାଇଁ କୌଣସି ଜୀବନ୍ତ ବସ୍ତୁକୁ ବିଶ୍ୱକବିଙ୍କ ନାମରେ ନାମିତ କରାଯାଇଛି। ଡାମ୍‌ଙ୍କ ସହ ଗବେଷକ ଟିମ୍‌ରେ ରାଜୁ ବିଶ୍ୱାସ, ଅରିଜିତ୍ ମିଶ୍ରା, ସନ୍ଦିପ ଘୋଷ, ଅଭିନବ ଚକ୍ରବର୍ତ୍ତୀ ଏବଂ ପୂଜା ମୁଖାର୍ଜୀ ସାମିଲ ହୋଇଥିଲେ। ଭାରତୀୟ ପତ୍ରିକା ମାଇକ୍ରୋବାୟୋଲୋଜିରେ ଏହି ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ପାଇଛି।

ଡାମ୍‌ଙ୍କ ମତରେ କୃଷି ପାଇଁ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ଜମିଗୁଡ଼ିକ ଧୀରେ ଧୀରେ ଅକାମୀ ହୋଇଯାଉଛି। ଫଳରେ ଚାଷୀମାନେ ଏବେ ଜୈବ କୃଷି ଏବଂ ଜୈବିକ ସାର ଆଡ଼କୁ ଢଳିଲେଣି। ଗବେଷକମାନେ ଝରିଆ କୋଇଲା ଖଣି ଅଞ୍ଚଳର ମାଟିରୁ ପାଇଥିବା ବ୍ୟାକ୍ଟେରିଆ କେବଳ ପୋଟାସିୟମକୁ ଦ୍ରବଣୀୟ କରୁନାହିଁ, ବରଂ ନାଇଟ୍ରୋଜେନର ଅଭାବକୁ ଭରଣା କରିବା ସହ ଫସ୍‌ଫରସ୍‌କୁ ଦ୍ରବଣୀୟ କରାଇପାରୁଛି। ଉକ୍ତ ବ୍ୟାକ୍ଟେରିଆର କେତେକ ଗୁଣ ଉଦ୍ଭିଦକୁ ବଢ଼ାଇପାରିବ। ତେଣୁ ଏହା ଏକ ନୂତନ ପ୍ରଜାତିର 'ଉତ୍ତମ' ବ୍ୟାକ୍ଟେରିଆ ବୋଲି ଅନୁଶୀଳନରୁ ଜଣାପଡ଼ିଥିଲା। ଗବେଷକମାନେ ଏହି ବ୍ୟାକ୍ଟେରିଆକୁ କୃଷକମାନଙ୍କ ଜରିଆରେ କୃଷିକାର୍ଯ୍ୟରେ ପ୍ରୟୋଗ କରିଛନ୍ତି। ସେମାନେ ଏହାର ଫଳାଫଳକୁ ନେଇ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଗବେଷକ ଟିମ୍‌ର କାର୍ଯ୍ୟକୁ ବିଶ୍ୱଭାରତୀର କାର୍ଯ୍ୟକାରୀ କୁଳପତି ସଞ୍ଜୟ କୁମାର ମଲ୍ଲିକ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ କାର୍ଯ୍ୟ କୃଷି ଉପରେ ଗଭୀର ପ୍ରଭାବ ପକାଇବ ବୋଲି କହିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତମାଖୁ ମଇଦା**
**ଯେତେ ରଗଡ଼ିବ ସେତେ ଫାଇଦା ।**

ଦେହରେ ତେଲକୁ ଅଧିକ ସମୟ ଧରି ଘଷିଲେ ଦେହହାତ ଚିକ୍କଣ ହେବା ସହ ଆରାମ ମିଳିଥାଏ । ସେହିପରି ତମାଖୁ ଓ ମଇଦାକୁ ବହୁ ସମୟ ଧରି ରଗଡ଼ିବା ଫଳରେ ଏହାର ଉପାଦେୟତା ବା ସ୍ୱାଦ ଅଧିକ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ତାରାକୁ ସୁନ୍ଦର ପୁନେଇ ଜହ୍ନଲୋ**
**ନାକକୁ ସୁନ୍ଦର ନୋଥ**
**ଅହ୍ୟକୁ ସୁନ୍ଦର ଶଙ୍ଖା ସିନ୍ଦୂର ଲୋ**
**ନାରୀକୁ ସୁନ୍ଦର ପୁତ ।**

ଯେମିତି ତାରା ମେଳରେ ଚାନ୍ଦ ଶୋଭା ପାଇଥାଏ ସେମିତି ନାରୀ ନାକରେ ପିନ୍ଧିଥିବା ନୋଥ ତା'ର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରାଇଥାଏ । ଠିକ ସେହିପରି ସଧବା ନାରୀକୁ ଶଙ୍ଖା ସିନ୍ଦୂର ବେଶ୍ ସାଜୁଥିବା ଭଳି ମାତୃତ୍ୱରେ ହିଁ ନାରୀର ପୂର୍ଣ୍ଣତା ମିଳିପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ






ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଜମିରେ ଶୋଇଥିଲେ ମହିଳା, ଦଳିଦେଲା ହାତୀ

**ରାଇଘର, ୨୨।୧୨(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଞ୍ଚଳରେ ହାତୀ ଆତଙ୍କ ଦେଖାଦେଇଛି । ଛତିଶଗଡ଼ରୁ ଏକ ହାତୀପଲ ଉକ୍ତ ଅଞ୍ଚଳକୁ ପଶିଆସିଛନ୍ତି । ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଖୁଡୁକ ଗ୍ରାମର ରାମସୁ ବାଇ ଗଣ୍ଡ ।

ବନ ବିଭାଗ ସୂଚନାନୁଯାୟୀ, ରାମସୁ ଫସଲ ଜଗିବାକୁ ତାଙ୍କ ଚାଷ ଜମିରେ କୁଡ଼ିଆ କରି ସବୁଦିନ ଶୋଉଥିଲେ । ଗୁରୁବାର ମଧ ସେ ସେଠାକୁ ଶୋଇବାକୁ ଯାଇଥିଲେ । ରାତି ପ୍ରାୟ ୧ଟାରୁ ୨ଟା ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ହାତୀ ଛତିଶଗଡ଼ ଆଡୁ ପଶିଆସିଥିଲେ । ରାମସୁ ଜମିରେ ଥିବା କୁଡ଼ିଆରେ ଶୋଇଥିବା ବେଳେ ହାତୀ ତାଙ୍କୁ ଦଳିଦେଇଥିଲା । ଏଥିରେ ରାମସୁଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଜମିରେ ପଡ଼ିଥିଲା । ଚାଷୀ ଲଖନ କଲାର ଓ ଶୁକଦେବ ଗଣ୍ଡ ଅମଳକରି ରଖିଥିବା ମକା ଓ ଧାନ ଫସଲକୁ ହାତୀପଲ ଦଳି ଚକଟି ନଷ୍ଟ କରିଦେଇଥିଲେ । ଉଭୟ ଚାଷୀଙ୍କ ୨୦ରୁ ଊର୍ଦ୍ଧ୍ୱ ଏକର ଜମିର ଅମଳ ନଷ୍ଟ କରିବା ସହ କ୍ଷେତରେ ଥିବା ୨ଟି କୁଡ଼ିଆକୁ ଭାଙ୍ଗି ଦେଇଛନ୍ତି । ଖବର ପାଇ ଶୁକ୍ରବାର ସକାଳେ ବନ ବିଭାଗ, ପୋଲିସ, ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ମୃତକଙ୍କ ପରିବାର ଓ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷତିପୂରଣ ଦେବାକୁ ସନରାଜ ଗଣ୍ଡଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି । କୁନ୍ଦେଇ ଥାନା ପୋଲିସ କେସ୍ ନଂ. ୩୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । କୁନ୍ଦେଇ ବନପାଳ ଯଶ୍ମିନରାଣୀ କୁସ୍‌କାଙ୍କୁ ପଚାରିବାରୁ ବନ ବିଭାଗ ପକ୍ଷରୁ ଅନ୍ତିମ ସତ୍କାର ପାଇଁ ୧୦ ହଜାର ଟଙ୍କା ଦିଆଯାଇଛି । ପରେ ମୃତକଙ୍କ ପରିବାରକୁ ସରକାରୀ ସହାୟତାଭାବେ ୬ଲକ୍ଷ ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି ।

# ଜଳିଗଲା ୭ ଏକର ଜମିର ଧାନ

**ଭବାନୀପାଟଣା,୨୨।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ତେନ୍ତୁଲିଖୁଣ୍ଟି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ୨ଜଣ ଚାଷୀଙ୍କ ପ୍ରାୟ ୭ ଏକର ଜମିର ଧାନ ବିଡା ଜଳିଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ତେନ୍ତୁଲିଖୁଣ୍ଟି ଗ୍ରାମର ଝସକେତନ ଦୁର୍ଗା ଓ ଫକୀର ଦୁର୍ଗା ୨ଭାଇଙ୍କ ୭ ଏକର ଜମିର ଧାନ ଅମଳ କରି ଖଳାରେ ବିଡାବାନ୍ଧି ରଖିଥିଲେ । ଅପରାହ୍ନରେ ହଠାତ୍ ଉକ୍ତ ଧାନବିଡାରେ ନିଆଁ ଲାଗିଯାଇଥିଲା । ଖବର ପାଇ କଲମପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ହେଲେ ଏହାପୂର୍ବରୁ ପ୍ରାୟ ୮୦ ଭାଗ ଧାନ ବିଡ଼ା ପୋଡି ନଷ୍ଟ ହୋଇଥିବା ଜଣାପଡିଛି । ସ୍ଥାନୀୟ ରାଜସ୍ୱ ନିରୀକ୍ଷିକା ସୁଭଦ୍ରା ନାଏକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି । ଜିଲା ପ୍ରଶାସନ ୨ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣର ସହାୟତା କରିବାକୁ ସାଧାରଣରେ ଦାବି ହୋଇଛି ।



ଧାନ ବିଡାରେ ଲାଗିଥିବା ନିଆଁକୁ ଆୟତ୍ତ କରୁଛି ଅଗ୍ନିଶମ ବିଭାଗ ।

# ନାବାଳିକା ଅସଦାଚରଣକାରୀଙ୍କୁ ୪ବର୍ଷ ଜେଲଦଣ୍ଡ

**ବଲାଙ୍ଗୀର, ୨୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଜଣେ ୮ ବର୍ଷର ନାବାଳିକାଙ୍କୁ ଅସଦାଚରଣ କରିଥିବା ଟିଟିଲାଗଡ ହାଟପଦାପଡାର ପ୍ରବୀଣ ନାମଦେବ (୩୨)ଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗୋପବନ୍ଧୁ ଗଡନାୟକ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲଦଣ୍ଡ ଓ ୨ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଆଧାର କାର୍ଡ ତିଆରି କରିବାକୁ ପୀଡିତା ତାଙ୍କ ପିତାଙ୍କ ସହ କମ୍ପ୍ୟୁଟର ସେଣ୍ଟରକୁ ଆସିଥିଲେ । ଝିଅକୁ ଉକ୍ତ ସେଣ୍ଟରରେ ଛାଡିଦେଇ ପିତା ଅନ୍ୟ ଏକ ସ୍ଥାନକୁ କିଛି ସମୟ ପାଇଁ ଯିବାବେଳେ ସେଣ୍ଟର ମାଲିକ ନାମଦେବ ସମ୍ପୃକ୍ତ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ନାବାଳିକାଙ୍କ ପିତା ଟିଟିଲାଗଡ ଥାନାରେ ଅଭିଯୋଗ କରିଥିଲେ । ଏକ ମାମଲା (୨୨୯/୨୦୧୬) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ଏହି ମାମଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବିଚାର କରାଯାଇଥିଲା । ବିଚାରପତି ଗଡନାୟକ ଅଭିଯୁକ୍ତ ନାମଦେବଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ପୀଡିତାଙ୍କୁ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାରୁ...

## ବରଗଡ଼ ଧନୁଯାତ୍ରା ...

ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଧନୁଯାତ୍ରାର କଂସ ଅଭିନେତା ହୃଷୀକେଶ ଭୋଇଙ୍କ ସମେତ ଅନ୍ୟ କଳାକାର ଏବଂ ବିଭିନ୍ନ କମିଟିର ଆବାହକ ଓ ସଭ୍ୟମାନେ ଉପସ୍ଥିତ ଥିଲେ ।



ବରଗଡ଼ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ ବେଳେ ପୂଜାର୍ଚ୍ଚନା କରାଯାଉଛି ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ମୁରିବାହାଲ, ୨୨।୧୨ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଯୋଗେଶ୍ୱର ବିଭାର ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ସୁମନାନନ୍ଦ ଖମାରୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଶ୍ୱ ବିହାରୀ ଯୋଶୀ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ସିଦ୍ଧେଶ୍ୱର ଦାସ, ସାଧୁ ସୁଶୀଲ ଦାସ, ବିଦ୍ୟାଳୟ ସମ୍ପାଦକ ଭରତ ଦାସ ଉପସ୍ଥିତ ରହି ଶିଶୁମନ୍ଦିରର ବିଚାର ଧାରା, ସଂସ୍କୃତି, ପରମ୍ପରା, ଐତିହ ବିଷୟରେ ମତ ରଖିଥିଲେ । ମୁଖ୍ୟବକ୍ତାଭାବେ ଟିଟିଲାଗଡ଼ ସଙ୍କୁଳ ବିଦ୍ୱତ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ପଣ୍ଡା ମଞ୍ଚାସୀନ ଥିଲେ । ଏହି ଅବସରରେ ୩ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ କୋସଲି କବି ମଧୁସୂଦନ ନାଗ, ବିଦ୍ୟାଳୟ ପୂର୍ବତନ ସମ୍ପାଦକ ଅନୀଲ କୁମାର ଶର୍ମା, ଅଭୟାନନ୍ଦ ଦାସ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଗୁରୁଜୀ ଗୋବିନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯୋରନ୍ଦା ମାଟିକୁ ପବିତ୍ର ...

ଶେଷ ହେବ । ଢେଙ୍କାନାଳ ଜିଲାକୁ ଏହି ପୀଠ ଏକ ନୂଆ ପରିଚୟ ଦେବ । ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାକୁ ଓଡ଼ିଶା ତଥା ଭାରତର ଆଧାତ୍ମିକ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ପୀଠ ଭାବରେ ପରିଗଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିବା ସହ ଆସନ୍ତା ମାଘ ମେଳା ଓ ଅଗ୍ନି ପୂର୍ଣ୍ଣିମା ପାଇଁ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଲେ, ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଏଠାକୁ ଆସିଛି । ମୁଖ୍ୟମନ୍ତ୍ରୀ ମହିମା ଧର୍ମକୁ ବହୁତ ଭଲ ପାଆନ୍ତି । ସମ୍ମାନ ଦିଅନ୍ତି । ଏହି ଧର୍ମ ଓଡ଼ିଶା ମାଟିରେ ଜନ୍ମନେଇ ଦୁନିଆକୁ ଭଲ ବାର୍ତ୍ତା ଦେଇଛି । ସ୍ୱଚ୍ଛତା, ସରଳତା, ସମାନତା, ନିଃସ୍ୱାର୍ଥପର ବାର୍ତ୍ତା ପ୍ରଦାନ କରିଛି । ଏହି ଧର୍ମ ଯେଉଁ ବାର୍ତ୍ତା ଦେଇଛି, ତାହାର ପ୍ରତୀକ ହେଉଛନ୍ତି ମୁଖ୍ୟମନ୍ତ୍ରୀ । ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦା ସମେତ ରାଜ୍ୟର ୮୧ଟି ମହିମା ମନ୍ଦିରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୮ଶହ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି । ଏଥିସହିତ ବର୍ତ୍ତମାନ ଆପଣମାନେ ଆଉ ଯେଉଁ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି, ତାହା ୩ ଦିନ ମଧ୍ୟରେ ଅନୁମୋଦନ ହେବ ବୋଲି ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ମହିମା ସାଧୁ ସନ୍ନାସୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ତାଳପତ୍ର ଛତ୍ରୀ ଉପହାର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ମହିମାଧର୍ମର ପୀଠ ଯୋରନ୍ଦାର ରୂପାନ୍ତୀକରଣ ପାଇଁ ୧୧୨ କୋଟି ଟଙ୍କା ପ୍ରକଳ୍ପର ଭୂମି ପୂଜନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ମହିମା ସାଧୁ ସନ୍ନ୍ୟାସୀ, ଶ୍ରଦ୍ଧାଳୁ ଓ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବିରୋଧକାରୀଙ୍କୁ ଟାର୍ଗେଟ କଲେ ପାଣ୍ଡିଆନ

ମହିମା ଧର୍ମପୀଠ ଯୋରନ୍ଦାରେ ଉନ୍ନତୀକରଣ କାର୍ଯ୍ୟର ଭୂମି ପୂଜନ ଅବସରରେ ଉପସ୍ଥିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଞ୍ଚ ଉପରୁ ବିରୋଧକାରୀଙ୍କୁ ଟାର୍ଗେଟ କରିଥିଲେ । ସେ କହିଥିଲେ, ସମସ୍ତେ ଜାଣିଛନ୍ତି, ବହୁତ ଲୋକ ଅଛନ୍ତି, ଯେଉଁମାନେ ଶ୍ରେୟ ନେବା ପାଇଁ କାମ କରନ୍ତି । କିଛି ଲୋକ ଅଛନ୍ତି, ଅନ୍ୟମାନେ କିପରି ଶ୍ରେୟ ପାଇବେ ନାହିଁ ସେଥିପାଇଁ କାମ ବନ୍ଦ କରିବାକୁ ଚେଷ୍ଟା କରନ୍ତି । ଆପଣମାନେ ସେମାନଙ୍କୁ ଚିହ୍ନି ପାରିବେ । ଦୁନିଆରେ ବହୁତ କମ୍ ଲୋକ ଅଛନ୍ତି, ଯେଉଁମାନେ କି ଶ୍ରେୟ ପାଇଁ ନୁହେଁ ସେବା ମନୋଭାବ ନେଇ କାମ କରନ୍ତି । ଏହି ବହୁତ କମ୍ ଲୋକଙ୍କ ମଧ୍ୟରେ ଅଛନ୍ତି ସମସ୍ତଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଆପଣମାନେ ଜାଣନ୍ତି, କେବେ ବି ବଡ଼କାମ କିମ୍ବା ଭଲକାମ କରିବାର ଅଛି, କିଛି କିଛି ଲୋକ କାମ ବନ୍ଦ କରିବାକୁ ଚିନ୍ତା କରି ବିରୋଧ କରନ୍ତି । ସେମିତି କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଚିଠି ପଠାଇଥିଲେ । କାହିଁକି ଏତେଟଙ୍କା ଖର୍ଚ୍ଚ ହେବ, କ'ଣ ଲାଭ ହେବ ବୋଲି ଲେଖିଥିଲେ । କାମ ବନ୍ଦ କରିବାକୁ ମଧ ଚିଠି ଲେଖିଥିଲେ । ମେ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋତେ ପଠାଇଥିଲେ । ଆପଣମାନଙ୍କ ସହିତ ଆଲୋଚନା କରାଗଲା । ଆପଣମାନେ ଯେଉଁ ପରାମର୍ଶ ଦେଲେ, ଏହାପରେ ୧୬୦ କୋଟି ଟଙ୍କା ମହିମାଗାଦି ରୂପାନ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କଲେ । ୧୧୨ କୋଟି ଟଙ୍କା ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଓ ଟ୍ୟାକ୍ସକୁ ମିଶାଇ ୧୬୦ କୋଟି ଟଙ୍କା ହୋଇଛି । ଆପଣମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ନବୀନ ନିବାସକୁ ମଧ ଆସି ଯାହା ଆଲୋଚନା କରିଥିଲେ ଏବଂ ପରାମର୍ଶ ଦେଇଥିଲେ, ତଦନୁଯାୟୀ କାର୍ଯ୍ୟ ହୋଇଛି ବୋଲି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ ପ୍ରକାଶ କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଚନ୍ଦ୍ରଙ୍କ ଶୁଭତ୍ୱରୁ ଭଲ ରହିବ । ଦୋକାନବାଡ଼ି, ହୋଟେଲ ବ୍ୟବସାୟରେ ଉନ୍ନତମାନର ଫଳ ପାଇବେ । ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ । ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ ।

**ବୃଷ**
ନିଜର ଅଭାବ ଅସୁବିଧାବଶତଃ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । ପରିବାରରେ ନିଜର ପତିଆରା ଦେଖାଇଲେ ଭଲ ବଦଳରେ ମନ୍ଦରେ ପରିଣତ ହେବ । କୃତ୍ତିକା ନକ୍ଷତ୍ର ଅପ୍ରିୟ ସତ୍ୟ କହି ଭୁଲ ବୁଝାମଣାର ଶିକାର ହୋଇପାରନ୍ତି । ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି ।

**ମିଥୁନ**
ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଧୈର୍ଯ୍ୟଧରି ରହିପାରିଲେ ସମସ୍ୟା ସମାଧାନ ହୋଇପାରିବ । ନୂତନ ଭାବେ କିଛିଟା ଆରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଲାଭ କରିପାରନ୍ତି । ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଆରଦ୍ରା ନକ୍ଷତ୍ର କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ଉନ୍ନତି କରିବେ ।

**କର୍କଟ**
ଆଜି ହଠାତ୍ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ । ନୂତନ ଭାବେ କୌଣସି ମୂଲ୍ୟବାନ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ । ଅଶ୍ଳେଷା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ।

**ସିଂହ**
ଅନ୍ୟମାନଙ୍କ କଥାରେ ଉତ୍‌ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସ୍ନେହ ଶ୍ରଦ୍ଧା ଆଶାନୁରୂପେ ପାଇବେ । ଅଟକି ରହିଥିବା ହଠାତ୍ କୌଣସି ଖବର ପାଇ ଖୁସି ହେବେ । ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ ।

**କନ୍ୟା**
ପାରିବାରିକ କ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ । ନିଜର ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ଆପଣ ପାଟି ଖୋଲିଲେ ସହାୟତା କରିବେ । ହସ୍ତା ନକ୍ଷତ୍ରର ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ ।

**ତୁଳା**
ଅତୀତ ଘଟଣାକୁ ବାରମ୍ବାର ଚିନ୍ତାକରି ମନକୁ ବିଭ୍ରାନ୍ତ କରିବା, କିଛି ଲାଭ ହେବନି । ଚିତ୍ରା ନକ୍ଷତ୍ରର ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ । ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ପାଖରେଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ ।

**ବିଛା**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ଅନୁରାଧା ନକ୍ଷତ୍ର ସକାଶେ ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ । ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ । ସାମାଜିକ ସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ ।

**ଧନୁ**
ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡ଼ିବ । ଅନ୍ୟମାନଙ୍କ କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି । ନୂତନ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ । ଉତ୍ତରାଷାଢ଼ା ନକ୍ଷତ୍ର ଆବଶ୍ୟକତା ପୂରଣ କରିବା ପାଇଁ ଧାର ଉଧାର କରିବାକୁ ପଡ଼ିପାରେ ।

**ମକର**
ତର୍କବିତର୍କଜନିତ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ଆକସ୍ମିକ ଭାବରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇ ପାରନ୍ତି । ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ । ଧନିଷ୍ଠା ନକ୍ଷତ୍ର ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ କରିପାରିବେ ।

**କୁମ୍ଭ**
ପୂର୍ବଭାଦ୍ରବ ନକ୍ଷତ୍ର ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି । ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଅନ୍ୟର ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ । ବିଶେଷ ଭାବରେ ଆଜି ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ ।

**ମୀନ**
ଆକସ୍ମିକ ଭାବରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ । ପଡ଼ୋଶୀମାନେ ନିଆଁରେ ଘିଅ ଢାଳିଲା ଭଳି କଥା କହି ପରିସ୍ଥିତିକୁ ବଢ଼ାଇ ଦେଇପାରନ୍ତି । ଉତ୍ତରଭାଦ୍ରବ ନକ୍ଷତ୍ର ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ । ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ।

ଆଜି ମାର୍ଗଶିର ଶୁକ୍ଲପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ, ଶନିବାର, ଡିସେମ୍ବର ୨୩ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୭ ଗତେ ଘ.୦୯।୦୩ ମଧ୍ୟେ, ଘ.୧୨।୦୭ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଦିବା ଘ.୦୯।୦୩ ମି. ଗତେ ଘ.୧୦।୨୪ ମଧ୍ୟେ ରାହୁକାଳ ।

**ନିରାକାରପୁରରେ ରହଣି କରିବ ପ୍ରଶାନ୍ତି ଏକ୍ସପ୍ରେସ**

ଭୁବନେଶ୍ୱର, ୨୨।୧୨(ଅନୁରାଧା ମହାରଣା): ଯାତ୍ରୀଙ୍କ ସୁବିଧା ପାଇଁ ଏଣିକି ନିରାକାରପୁରଠାରେ ୧୮୪୬୩/୧୮୪୬୪ ଭୁବନେଶ୍ୱର-ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ୍‌ର ରହଣି ପାଇଁ ରେଳ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୧୮୪୬୪ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ୍ ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ବେଙ୍ଗାଲୁରୁଠାରୁ ଆସନ୍ତା ୨୯ ତାରିଖରେ ଛାଡ଼ି ୩୦ ତାରିଖରେ ନିରାକାରପୁରଠାରେ ରହଣି ପାଇଁ ସ୍ଥିର କରାଯାଇଛି। ସେହିପରି ଭୁବନେଶ୍ୱରରୁ ୩୧ ତାରିଖରେ ଛାଡିବାକୁ ଥିବା ୧୮୪୬୩ ଭୁବନେଶ୍ୱର- ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ ନିରାକାରପୁରଠାରେ ରହଣି କରିବ। ପ୍ରଶାନ୍ତି ଏକ୍ସପ୍ରେସ ପାଇଁ ଅନ୍ୟ ସ୍ଥିରୀକୃତ ରହଣି ଷ୍ଟେଶନ ଓ ସମୟ ସାରଣୀ ଅପରିବର୍ତ୍ତିତ ରହିବ।

# ରାୟଗଡ଼ାରେ ହେବ ଆଲୁମିନା ବିଶୋଧନାଗାର, ପୋଷାକ ୟୁନିଟ୍

ଭୁବନେଶ୍ୱର/ରାୟଗଡ଼ା,୨୨।୧୨
(ଅନିଲ ଦାସ/ଆଶିଷ ରଞ୍ଜନ ପଣ୍ଡା)



- ୮ ହଜାର କୋଟି ପୁଞ୍ଜି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍
- ୭୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ଗ୍ରାଉଣ୍ଡ ବ୍ରେକିଂରେ ସଭାପତିତ୍ୱ କଲେ ମୁଖ୍ୟମନ୍ତ୍ରୀ
- ଭାରତ ଶିଳ୍ପ ମାନଚିତ୍ରରେ ରାୟଗଡ଼ା ହେବ ଉଜ୍ଜ୍ୱଳ ସ୍ଥାନ
- ପ୍ରାକୃତିକ ସମ୍ପଦରେ ଥିବା ଲୁକ୍କାୟିତ ଦକ୍ଷତାକୁ ବାହାର କରିବାରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ରାୟଗଡ଼ାରେ ୮ ହଜାର କୋଟି ଟଙ୍କାରେ ଆଲୁମିନା ବିଶୋଧନାଗାର ଏବଂ ପୋଷାକ ୟୁନିଟ୍ ସ୍ଥାପନ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉତ୍କଳ ଆଲୁମିନା ସୋସିଆଲ ଫାଉଣ୍ଡେଶନ ଦ୍ୱାରା ସ୍ଥାପନ ହେବାକୁ ଥିବା ଆଦିତ୍ୟ ଆଲୁମିନା ବିଶୋଧନାଗାର (ରିଫାଇନେରି) ଏବଂ ପୋଷାକ ତିଆରି ୟୁନିଟ୍‌ର ଭୂମି ପୂଜନ (ଗ୍ରାଉଣ୍ଡ ବ୍ରେକିଂ) ଉତ୍ସବରେ ସଭାପତିତ୍ୱ କରିଥିଲେ। ଆଲୁମିନା ରିଫାଇନେରି ରାୟଗଡ଼ା ଜିଲାର କଂସାରୀଗୁଡ଼ା ଏବଂ ଆପାରେଲ କମ୍ପ୍ଲେକ୍ସ ଫୁଲୁଝୁବା ଗ୍ରାମରେ ସ୍ଥାପନ ହେବ। ଭର୍ଚୁଆଲ ପ୍ଲାଟଫର୍ମ ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ଶିଳ୍ପ ବିକାଶ ନୁହେଁ, ରାଜ୍ୟର ପ୍ରାକୃତିକ ସମ୍ପଦରେ ଭରି ରହିଥିବା ଲୁକ୍କାୟିତ ଦକ୍ଷତାକୁ ଖୋଜି ବାହାର କରିବା ପ୍ରୟାସ କରିବ। ଏହି ପ୍ରକଳ୍ପ ସ୍ଥାପନ ଦ୍ୱାରା ଓଡ଼ିଶା ଶିଳ୍ପ ବିକାଶ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦର ଅୟମାରମ୍ଭ ହେବ। ଓଡ଼ିଶା ପୁଣିଥରେ ପୁଞ୍ଜି ବିନିଯୋଗ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ଭାବେ ପ୍ରତିପାଦିତ କରିଛି। ରାୟଗଡ଼ା ଜିଲାକୁ ପସନ୍ଦ କରିଥିବାରୁ ମୁଖ୍ୟମନ୍ତ୍ରୀ ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ଧନ୍ୟବାଦ ଦେଇଛନ୍ତି। ଆଲୁମିନା ବିଶୋଧନାଗାରରେ ୮ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ବାର୍ଷିକ ୨ ନିୟୁତ ଟନ୍ ଆଲୁମିନା ଉତ୍ପାଦନ ହେବ, ଯାହାକି ରାଜ୍ୟ ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେବ। ୫-ଟି ବ୍ୟବସ୍ଥା ଜରିଆରେ ଟିମ୍ ଓଡ଼ିଶା ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ସମସ୍ତ ସୁବିଧା ଓ ସୁଯୋଗ ଯୋଗାଇ ଦେବ। ଶିଳ୍ପ ପ୍ରକଳ୍ପ ପାଇଁ ସହଯୋଗ କରିଥିବାରୁ ରାୟଗଡ଼ାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ଉଭୟ ପ୍ରକଳ୍ପ ରାୟଗଡ଼ା ଜିଲାରେ ସମୃଦ୍ଧି ଆଣିବାରେ ସହାୟକ ହେବା ସହ ଭାରତର ଶିଳ୍ପ ମାନଚିତ୍ରରେ ଏକ ଉଜ୍ଜ୍ୱଳ ସ୍ଥାନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଉକ୍ତ ପ୍ରକଳ୍ପ ପାଇଁ ରାୟଗଡ଼ା ଜିଲାକୁ ବାଛିଥିବାରୁ ମୁଖ୍ୟମନ୍ତ୍ରୀ ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ଧନ୍ୟବାଦ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୩ ଅକ୍ଟୋବର ୫ ତାରିଖରେ ହିଣ୍ଡାଲକୋ ସହିତ ରାଜ୍ୟ ସରକାର ରାୟଗଡା ଜିଲାର କଂସାରିଗୁଡା ଠାରେ ଆଲୁମିନା ବିଶୋଧନାଗାର ସ୍ଥାପନ କରିବାକୁ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଥିଲେ। ଆଦିତ୍ୟ ବିର୍ଲା ଗ୍ରୁପ ଫୁଲୁଝୁବା ଗ୍ରାମ ନିକଟରେ ଏକ ପୋଷାକ ତିଆରି କାରଖାନା ସ୍ଥାପନ କରିବ। ଏଥିରେ ବାର୍ଷିକ ୩୬ ଲକ୍ଷ ସାର୍ଟ ତିଆରି ହେବ। ଏଥିରେ ୩ ହଜାର ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଏହି ପ୍ରକଳ୍ପରେ ଅଧିକ ସଂଖ୍ୟକ ମହିଳା ସାମିଲ ହେବା ସହ ସ୍ଥାନୀୟ ଲୋକମାନେ ସଶକ୍ତ ହୋଇ ପାରିବେ।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଏସଟି/ଏସସି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଏଥିସହିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଏମପି ଓ ରାୟଗଡା ଜିଲାର ବିଧାୟକ, ହିଣ୍ଡାଲକୋ ଏମଡି ସତିଶ ପାଇ ଯୋଗ ଦେଇଥିଲେ। ଶିଳ୍ପ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

## ଏସ୍‌ଟିଏଫ୍ ହାତରେ ବୁଖାରୀଙ୍କ ସିଡିଆର୍

ଭୁବନେଶ୍ୱର,୨୨।୧୨
(ସୂର୍ଯ୍ୟକାନ୍ତ ବେହେରା)

ସନ୍ଦିଗ୍ଧ ଆତଙ୍କବାଦୀ ତଥା କଶ୍ମୀର ପୋଲିସର ୱାଣ୍ଟେଡ୍ ଥିବା ସୟଦ ଇଶାନ ବୁଖାରୀଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ମାରାଥନ୍ ଜେରା କରୁଛି। ଏଭଳି ସ୍ଥିତିରେ ଶୁକ୍ରବାର ବୁଖାରୀଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଏସ୍‌ଟିଏଫ୍ ନିକଟରେ ପହଞ୍ଚିଛି। ବୁଖାରୀ ଏକାଧିକ ଲୋକଙ୍କ ସହ ଫୋନ୍ କଲ୍ ଓ ହ୍ୱାଟ୍ସଆପ୍‌ରେ ଚାଟ୍ କରୁଥିଲେ ବୋଲି ଜଣାପଡ଼ିଛି। ଏଥିସହ ବୁଖାରୀଙ୍କ ଫୋନ୍‌ରୁ ଡିଲିଟ୍ ହୋଇଥିବା ଭଏସ୍ ମେଜେସ୍ ମଧ୍ୟ ରିକଭରି ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ବୁଖାରୀଙ୍କ ମୋଟ ୯ଟି ବ୍ୟାଙ୍କ ଆକାଉଣ୍ଟରେ ବହୁ ଟଙ୍କା କାରବାର ହୋଇଛି। କେତେ ଟଙ୍କା କେଉଁମାନେ ପଠାଇଛନ୍ତି ତାହା ଜାଣିବାକୁ ଏସ୍‌ଟିଏଫ୍ ଯାଞ୍ଚ ଜାରି ରଖିଛି। ଏହା ଭିତରେ ବୁଖାରୀଙ୍କ ସମ୍ପର୍କରେ ଆଉ କିଛି ନୂଆ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ସେ ଯୁକ୍ତ ୨ ଫେଲ୍ ହୋଇଥିବା ବେଳେ ୬ଟି ଭାଷାରେ କଥା ହୋଇପାରୁଥିଲେ। ବିଭିନ୍ନ ଭାଷା ଜାଣିଥିବାରୁ ସେ ଏକାଧିକ ରାଜ୍ୟର ଯୁବତୀଙ୍କୁ ଫସାଇ ପାରୁଥିଲେ। କିଛିଦିନ ଭିତରେ କଶ୍ମୀର ପୋଲିସ ଓଡ଼ିଶାରେ ପହଞ୍ଚି ବୁଖାରୀଙ୍କୁ ଜେରା କରିବ ବୋଲି ସୂଚନା ମିଳିଛି। ତେବେ ଶନିବାର ୫ ଦିନିଆ ରିମାଣ୍ଡ ଅବଧି ସରୁଥିବାରୁ ବୁଖାରୀଙ୍କ ପାଖରୁ ଅଧିକ ଗୁମର କାଢ଼ିବାକୁ ଆଶା ରଖିଛି ଏସ୍‌ଟିଏଫ୍।

## କୋଟିପତି ମୁଖ୍ୟ ଯୋଗାଣ ଅଧିକାରୀ ଗିରଫ

### ଆୟଠାରୁ ୧୩୪ ପ୍ରତିଶତ ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୨।୧୨
(ସତ୍ୟଜିତ୍ ରାଉତ)



ଭୁବନେଶ୍ୱର ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଏଥିସହ ଠାବ ହୋଇଥିବା ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ତାଙ୍କ ପ୍ରକୃତ ଆୟଠାରୁ ୧୩୪ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ପ୍ରଶାନ୍ତ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୩୭/୨୦୨୩) ରୁଜୁ କରାଯାଇଛି। କୋଟିପତି ଯୋଗାଣ ଅଧିକାରୀ ପ୍ରଶାନ୍ତ ଉକ୍ତ ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରଶାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ପ୍ରଶାନ୍ତଙ୍କ ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର କୋ-ଅପରେଟିଭ୍ କଲୋନିସ୍ଥିତ ପୈତୃକ ଘର ସମେତ ଭୁବନେଶ୍ୱର ଓ ବ୍ରହ୍ମପୁରର ୭ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ବେଳେ ପ୍ରଶାନ୍ତଙ୍କ ଭୁବନେଶ୍ୱର ପାଣ୍ଡରାସ୍ଥିତ ତିନି ମହଲା କୋଠା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନିରେ ଥିବା ଦୁଇ ମହଲା କୋଠା, ବଡ଼ଗଡ଼ କେନାଲ୍ ରୋଡ୍‌ସ୍ଥିତ ନୀଳାଚଳ ସିଟି ଆପାର୍ଟମେଣ୍ଟରେ ଥିବା ଗୋଟିଏ ଫ୍ଲାଟ୍, ବ୍ରହ୍ମପୁର-୨ ଭବାନୀପୁରସ୍ଥିତ ନୀଳାଚଳ ହାଇଟ୍ସ ଆପାର୍ଟମେଣ୍ଟରେ ଏକ ୨ ବିଏଚ୍‌କେ ଫ୍ଲାଟ୍ ଏବଂ ମୋଟ ୫ଟି ପ୍ଲଟ୍ ଠାବ ହୋଇଥିଲା। ସେହିପରି ପ୍ରଶାନ୍ତଙ୍କ ଘରୁ ୬୨୫.୯୬ ଗ୍ରାମ ସୁନା ଅଳଙ୍କାର, ୧.୪୮ କୋଟି ବ୍ୟାଙ୍କ ଓ ଜୀବନବୀମା ଜମା, ନଗଦ ୧.୨୧ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଏବଂ ଦୁଇଟି ଦୁଇ ଚକିଆ ଯାନ ମଧ୍ୟ ଠାବ ହୋଇଥିଲା। ଏଥିସହ ପ୍ରଶାନ୍ତ ବିଦେଶ ଭ୍ରମଣ କରି ବହୁ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ହାବିଲଦାର, କନ୍‌ଷ୍ଟେବଲ, ସିପାହିଙ୍କ ଖାଦ୍ୟ ପ୍ୟାକେଟ ଭତ୍ତା ବଢ଼ିଲା

ଭୁବନେଶ୍ୱର,୨୨।୧୨(ଅନିଲ ଦାସ)

ରାଜ୍ୟ ସରକାର ପୋଲିସ ବିଭାଗରେ କାର୍ଯ୍ୟରତ ହାବିଲଦାର, କନ୍‌ଷ୍ଟେବଲ ଏବଂ ସିପାହିମାନଙ୍କ ପାଇଁ ଖାଦ୍ୟ ପ୍ୟାକେଟ ଭତ୍ତା ବୃଦ୍ଧି କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଖାଦ୍ୟ ପ୍ୟାକେଟ ଭତ୍ତା ୫୦ରୁ ୭୫ ଟଙ୍କାକୁ ବୃଦ୍ଧି କରାଯାଇଛି। ୮ ଘଣ୍ଟା କିମ୍ବା ଏହାଠାରୁ ଅଧିକ ସମୟ କାର୍ଯ୍ୟ କରୁଥିବାରୁ ପୋଲିସ କର୍ମଚାରୀଙ୍କ ପାଇଁ ଏହି ବର୍ଦ୍ଧିତ ଭତ୍ତା ଲାଗୁ ହେବ। ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। କାର୍ଯ୍ୟରତ ହାବିଲଦାର, କନ୍‌ଷ୍ଟେବଲ ଏବଂ ସିପାହିମାନଙ୍କ ପାଇଁ ଖାଦ୍ୟ ପ୍ୟାକେଟ ଭତ୍ତା ବୃଦ୍ଧି କରାଯାଇଥିବାରୁ ଗୃହ ବିଭାଗକୁ ଓଡ଼ିଶା ପୋଲିସ ଟୁଇଟ୍ କରି କୃତଜ୍ଞତା ଜଣାଇଛି।

# କାମିଆ ଜାନିଙ୍କୁ ନେଇ ଏବେ ଆପତ୍ତି କାହିଁକି

## ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କଲେ ମାନସ ମଙ୍ଗରାଜ

ଭୁବନେଶ୍ୱର,୨୨।୧୨(ଅନିଲ ଦାସ)

ୟୁଟ୍ୟୁବର କାମିଆ ଜାନିଙ୍କ ଶ୍ରୀମନ୍ଦିର ପ୍ରବେଶକୁ ନେଇ ରାଜ୍ୟ ଭାଜପା ଅପପ୍ରଚାର କରିବାରେ ଲାଗିଛି। ଏହି ପ୍ରସଙ୍ଗରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କେତେକ ପ୍ରଶ୍ନର ଉତ୍ତର ମାଗିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହିନ୍ଦୁ ଐତିହ୍ୟ ଓ ମନ୍ଦିର ଉପରେ ଫିଲ୍ମ କରିବାକୁ କାମିଆଙ୍କୁ ଅନୁମତି ଦେଇଛନ୍ତି। ପୂର୍ବରୁ କାମିଆ ଚାରିଧାମ ସହ ଅଯୋଧ୍ୟାସ୍ଥିତ ରାମଲାଲାଙ୍କ ଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏପରି କି ଭାଜପାର ଆହୁରି ଅନେକ ବରିଷ୍ଠ ନେତା ସୋସିଆଲ ମିଡିଆରେ କାମିଆଙ୍କ ଅଭିଯାନ ସମ୍ପର୍କିତ କଥାକୁ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ତେବେ ବର୍ତ୍ତମାନ କାହିଁକି କାମିଆଙ୍କୁ ନେଇ ବିବାଦ କରାଯାଉଛି ବୋଲି ମାନସ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବ୍ୟାପକ ରୂପାନ୍ତରଣ ଚାଲିଛି। ଏହାକୁ ସହି ନ ପାରି ରାଜ୍ୟ ଭାଜପା ନେତା ଏଭଳି ଅସହିଷ୍ଣୁ ମନୋଭାବ ପୋଷଣ କରୁଛନ୍ତି କି ବୋଲି ମାନସ ପ୍ରଶ୍ନ ଉଠାଇଛନ୍ତି। ମିଛ ଖବର ତିଆରି କରି ଲୋକଙ୍କ ବୁଦ୍ଧିମତ୍ତାକୁ କାହିଁକି ଅପମାନିତ କରିବାକୁ ପ୍ରୟାସ କରାଯାଉଛି। ବାରମ୍ବାର ମିଛ ତଥ୍ୟ ଦେଇ କାହିଁକି ଓଡ଼ିଶାବାସୀଙ୍କ ମୁଣ୍ଡ ନୁଆଁଇ ଦେବାକୁ ଅପଚେଷ୍ଟା ହେଉଛି। ଆଶ୍ଚର୍ଯ୍ୟର କଥା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ନିଜ ଟୁଇଟର ଆକାଉଣ୍ଟରେ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀର ବିକାଶକୁ ନେଇ କାମିଆ ଜାନି କରିଥିବା ପୋଷ୍ଟକୁ ଶେୟାର କରିଥିଲେ। ଏବେ ସେ କେମିତି ଏଭଳି ଅପପ୍ରଚାର କରୁଛନ୍ତି ବୋଲି ମାନସ ପ୍ରଶ୍ନ କରିଛନ୍ତି। ଏହାସହ ବରିଷ୍ଠ ଭାଜପା ନେତାଙ୍କ ସୋସିଆଲ ମିଡିଆ ପୋଷ୍ଟର ସ୍କ୍ରିନ୍‌ଶଟ୍ ଆଟାଚ୍ କରି ପୁରୁଣା କଥାକୁ ମାନସ ମନେପକାଇ ଦେଇଛନ୍ତି।






Manas Manga... @manasrmangaraj Follow

A few simple questions to Dharmendra Bhai @dpradhanbjp :

BJP Govt under Hon'ble PM Shri @narendramodi and Hon'ble Home Minister Shri @AmitShah , have appointed Kamiya Jani to do films on Hindu heritage and temples. She has gone to Chardham and Ayodhya Ram Temple to see Ram Lalla too. And all of you love her for it and posted in your social medias.

Now Dharmendra Bhai, please tell us what is your issue with her now. Or it's simply intolerance to the huge work completion for Sri Mandir that you are unable to bear? Why are you making fake news and trying to insult people's intelligence?

Why do you want to put down Odisha and people of Odisha by your consistent lies and falsehood?

This is really shameful that you yourself liked and promoted here posts on Hindu temples and now for Sri mandir you have a problem

I have attached relevant posts for refreshing your kind memory Bhai.

ସୋସିଆଲ ମିଡିଆ 'ଏକ୍ସ'ରେ ଭାଜପା ନେତାମାନେ କାମିଆ ଜାନିଙ୍କୁ ନେଇ କରିଥିବା ପୋଷ୍ଟଗୁଡ଼ିକର ସ୍କ୍ରିନ୍‌ଶଟ୍‌କୁ ମାନସ ମଙ୍ଗରାଜ ଶେୟାର କରିଛନ୍ତି।

## ସୁନ୍ଦରଗଡ଼ରେ ପିଏଲ୍‌ଏଫ୍ଆଇ ପୋଷ୍ଟର



ସୁନ୍ଦରଗଡ଼,୨୨।୧୨
(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ଼ ଲୁହୁରାଡ଼ିପା ନୂଆ ବସ୍‌ଷ୍ଟାଣ୍ଡ ନିକଟ ଓଭରବ୍ରିଜ କାନ୍ଥରେ ପିପୁଲ୍ସ ଲିବରେସନ୍ ଫ୍ରଣ୍ଟ ଅଫ ଇଣ୍ଡିଆ(ପିଏଲ୍‌ଏଫ୍ଆଇ)ର ପୋଷ୍ଟର ଦେଖିବାକୁ ମିଳିଛି। ଟାଉନ ଥାନା ପୋଲିସ ପୋଷ୍ଟରକୁ ଜବତ କରିଛି। ୨ ମାସ ମଧ୍ୟରେ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ଓଡ଼ିଶାରେ ଗୋ ଚାଲାଣ ବନ୍ଦ ନ କଲେ ଫୌଜି କାର୍ବାଇମାନେ ସିଧା ଗୁଳି ମାରିବେ। ଆଉ ଏଥିପାଇଁ ଗୋ ଚାଲାଣକାରୀ ଦାୟୀ ରହିବେ ବୋଲି ପୋଷ୍ଟରରେ ଚେତାବନୀ ଦିଆଯାଇଛି। ସଙ୍ଗଠନର କେନ୍ଦ୍ରୀୟ କମିଟି ପ୍ରେମ କୁମାର ଯାଦବଙ୍କ ନାଁରେ ଲାଗିଥିବା ପୋଷ୍ଟରକୁ ନେଇ କୋକୁଆ ଭୟ ଦେଖାଦେଇଛି। ପୂର୍ବରୁ ସୁନ୍ଦରଗଡ଼ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ପିଏଲ୍‌ଏଫ୍ଆଇ ସଙ୍ଗଠନର ଗତିବିଧି ରହିଥିଲା। ୨୦୧୪ରେ ଏହି ସଙ୍ଗଠନ ୬ ନିରୀହ ଲୋକଙ୍କୁ ପୋଲିସ ଇନ୍‌ଫର୍ମର କହି ନିର୍ମମ ହତ୍ୟା କରିଥିଲା। ଅପରେସନରେ ପିଏଲଏଫ୍ଆଇର ମୁଖ୍ୟ ସମେତ ୬ ଜଣ ସଦସ୍ୟ ନିହତ ହୋଇଥିଲେ। ସଦର ଏସ୍‌ଡିପିଓ ହିମାଂଶୁ ବେହେରା ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ କରୁଛନ୍ତି।

# ରିମାଣ୍ଡରେ ଅକ୍ଷୟ, ର୍‍ୟାକେଟରେ ପୋଲିସ

### ଗାଡ଼ି ଦେବା ନାଁରେ ବହୁ କୋଟି ଠକେଇ ମାମଲା

- ବହୁ କୋଟି କାରବାର କରିଛନ୍ତି ଏସ୍ଆଇ, କନ୍‌ଷ୍ଟେବଲ ଓ ଅତିରିକ୍ତ ଏସ୍‌ପିଙ୍କ ପୁଅ
- ତଥ୍ୟ ଦେବାକୁ ରାଜସ୍ୱ ବିଭାଗ, ବ୍ୟାଙ୍କକୁ ଚିଠି

ଭୁବନେଶ୍ୱର,୨୨।୧୨
(ସୂର୍ଯ୍ୟକାନ୍ତ ବେହେରା)



ଉଷାରାଣୀ ବାରିକ ଓ ଅକ୍ଷୟ ଗୌଡ

ଅଧା ଦାମରେ କାର ଓ ବାଇକ ଦେବାର ପ୍ରଲୋଭନ ଦେଖାଇ ଶତାଧିକ ଲୋକଙ୍କଠାରୁ ଗଞ୍ଜାମ ଦମ୍ପତି ଅକ୍ଷୟ ଗୌଡ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ବାରିକ ବହୁ କୋଟି ଟଙ୍କା ଠକିବା ମାମଲାରେ ନୟାପଲ୍ଲୀ ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବିଶେଷକରି ସେମାନଙ୍କ ଆକାଉଣ୍ଟରେ କାରବାର ହୋଇଥିବା ୫୦କୋଟି ଟଙ୍କା ସହ ଠୁଳ କରିଥିବା ସମ୍ପତ୍ତି ଓ ଠକେଇ ର୍‍ୟାକେଟ ସମ୍ପର୍କରେ ଅଧିକ ତଥ୍ୟ ପାଇବାକୁ ପୋଲିସ ଅକ୍ଷୟଙ୍କୁ ୫ଦିନିଆ ରିମାଣ୍ଡରେ ଆଣିଛି। ତେବେ ଦମ୍ପତିଙ୍କ ଏହି ଠକେଇ ର୍‍ୟାକେଟରେ ଏକାଧିକ ପୋଲିସ୍‌ଙ୍କ ସମ୍ପୃକ୍ତି ଥିବାର ପ୍ରମାଣ ତଦନ୍ତକାରୀ ଅଧିକାରୀଙ୍କ ହାତରେ ଲାଗିଛି। ଠକ ଦମ୍ପତି ପୋଲିସକୁ ଢାଲ କରି ଠକେଇ କରୁଥିବା ଅଭିଯୋଗ ଆସିବା ପରେ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଛି। ହେଲେ ସମ୍ପୃକ୍ତ ପୋଲିସକୁ ଦୋଷୀ ବୋଲି ପ୍ରମାଣିତ କରିବେ ନା ଖାକି କଳଙ୍କକୁ ନଜର ହଟାଇବା ପାଇଁ ଖସାଇବାକୁ ଯୋଜନା ହେବ, ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଠକାମିରେ ପଡିଛନ୍ତି ପୋଲିସ ବାବୁ ନା ଠକେଇ ଅଭିଯୁକ୍ତଙ୍କ ଢାଲ ସାଜିଛନ୍ତି, ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ସୂଚନାନୁସାରେ, ଅଭିଯୁକ୍ତ ଅକ୍ଷୟଙ୍କ ସହ ନୟାଗଡରେ କାର୍ଯ୍ୟରତ ଏସ୍ଆଇ ସ୍ମୃତି ରଞ୍ଜନ ମହାନ୍ତି ଓ କମିଶନରେଟ ପୋଲିସରେ କାମ କରୁଥିବା କନ୍‌ଷ୍ଟେବଳ ରମେଶ ଚନ୍ଦ୍ର ବେହେରାଙ୍କର ଟଙ୍କା କାରବାର ହୋଇଛି। ଅକ୍ଷୟଙ୍କୁ ସୁରକ୍ଷା ଦେବା ଲାଗି ଏସ୍ଆଇ ସ୍ମୃତି ୨୦ ଲକ୍ଷ ଟଙ୍କା ଚେକ୍‌ରେ ନେଇଥିବା ଅଭିଯୋଗ ହୋଇଛି। ଗତ ଅଗଷ୍ଟ ୧୮ରେ ଉକ୍ତ ଚେକ୍ ସ୍ମୃତିଙ୍କ ଆକାଉଣ୍ଟରେ ଲାଗିଥିବା ପ୍ରମାଣ ପାଇଛି ନୟାପଲ୍ଲୀ ପୋଲିସ। ହେଲେ ଅକ୍ଷୟଙ୍କୁ ଜାଣି ନ ଥିବା ଏସ୍ଆଇ ସ୍ମୃତି କହିବା ସହ ଠକ ଦମ୍ପତି ଏଭଳି ବହୁ ଲୋକଙ୍କ ଆକାଉଣ୍ଟକୁ ଚେକ୍‌ରେ ଟଙ୍କା ପଠାଇ ପୁଣି ବ୍ଲକ୍ କରିଦେଇଥିବା ଗଣମାଧ୍ୟମକୁ ଫୋନ୍ ଯୋଗେ କହିଛନ୍ତି। ଏପଟେ କମିଶନରେଟ ପୋଲିସରେ କାର୍ଯ୍ୟରତ ରମେଶ ଠକ ଦମ୍ପତିଙ୍କୁ ୫ କୋଟି ୯୬ ଲକ୍ଷ ଦେଇଥିବା ନେଇ ଏକ ରାଜିନାମା ପେପର ପଦାକୁ ଆସିଛି। ତେବେ ଏ ଟଙ୍କା ତାଙ୍କର ନୁହେଁ, ଗାଡି କିଣିବା ପାଇଁ ଆଗ୍ରହୀ ଗ୍ରାହକ ତାଙ୍କ ଜରିଆରେ ଅକ୍ଷୟଙ୍କୁ ଟଙ୍କା ଦେଇଥିବା କନ୍‌ଷ୍ଟେବଳ ରମେଶ ସଫେଇ ଦେଇଛନ୍ତି। କେବଳ ଏତିକି ନୁହେଁ, ପଶ୍ଚିମ ଓଡ଼ିଶାରେ କାର୍ଯ୍ୟରତ ଜଣେ ଅତିରିକ୍ତ ଏସ୍‌ପିଙ୍କ ପୁଅ ଅକ୍ଷୟଙ୍କୁ ୩ କୋଟି ୫୦ ଲକ୍ଷ ଟଙ୍କା ଦେଇଥିବା ପ୍ରମାଣ ମିଳିଛି। ଏସବୁକୁ ଦେଖିଲେ ପୋଲିସ ଓ ଅଭିଯୁକ୍ତଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସ୍ପଷ୍ଟ ହୋଇଛି। ତେଣୁ ଟଙ୍କା ଦେଇଥିବା ଲୋକମାନେ ନ୍ୟାୟ ପାଇବେ ନା ଟଙ୍କା ହରାଇବେ ତାହାକୁ ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପଟେ ଠକ କିଣିଥିବା ଜମି ସମ୍ପର୍କରେ ତଥ୍ୟ ଦେବା ଲାଗି ରାଜସ୍ୱ ବିଭାଗକୁ ଚିଠି ଲେଖିଛି କମିଶନରେଟ ପୋଲିସ। ସେହିପରି ଏମାନଙ୍କ ଆକାଉଣ୍ଟ ତଥ୍ୟ ଦେବାକୁ ବ୍ୟାଙ୍କଗୁଡିକୁ କୁହାଯାଇଛି। ଯେଉଁମାନେ ଟଙ୍କା ହରାଇଛନ୍ତି ଥାନାକୁ ଆସି ଅଭିଯୋଗ କରିବାକୁ ପୋଲିସ ଅପିଲ କରିଛନ୍ତି।

## ଟାଟା-ଏର୍ନାକୁଲମ- -ଟାଟା ଏକ୍ସପ୍ରେସ୍ ଚଳାଚଳ ୫ଦିନକୁ ବୃଦ୍ଧି

ଭୁବନେଶ୍ୱର, ୨୨।୧୨
(ଅନୁରାଧା ମହାରଣା)

ଓଡ଼ିଶାର ପଶ୍ଚିମ ଓ ଦକ୍ଷିଣାଞ୍ଚଳ ଜିଲା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶର ଯାତ୍ରୀଙ୍କ ସୁବିଧା ପାଇଁ ଟାଟା-ଏର୍ନାକୁଲମ-ଟାଟା ଏକ୍ସପ୍ରେସ ଚଳାଚଳ ବୃଦ୍ଧି କରାଯାଇଛି। ସପ୍ତାହରେ ଦୁଇଦିନ ପରିବର୍ତ୍ତେ ପାଞ୍ଚଦିନ ଏହି ଏକ୍ସପ୍ରେସ ଚଳାଚଳ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଟାଟା ନଗରଠାରୁ ପ୍ରତି ରବିବାର ଓ ଗୁରୁବାର ଦିନ ଛାଡୁଥିବା ୧୮୧୮୯ ଟାଟା-ଏର୍ନାକୁଲମ ଏକ୍ସପ୍ରେସ ଜାନୁୟାରୀ ୧ରୁ ଟାଟା ନଗରଠାରୁ ପ୍ରତି ସୋମବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ରବିବାର ଏର୍ନାକୁଲମ ଯାତ୍ରା କରିବ। ସେହିପରି ଫେରିବା ମାର୍ଗରେ ବର୍ତ୍ତମାନ ଏର୍ନାକୁଲମଠାରୁ ପ୍ରତି ରବିବାର ଓ ବୁଧବାର ଦିନ ଛାଡୁଥିବା ୧୮୧୯୦ ଏର୍ନାକୁଲମ-ଟାଟାନଗର ଏକ୍ସପ୍ରେସ୍ ଜାନୁୟାରୀ ୪ରୁ ପ୍ରତି ସୋମବାର, ବୁଧବାର, ଗୁରୁବାର, ଶନିବାର ଏବଂ ରବିବାର ଟାଟାନଗର ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନଗୁଡ଼ିକ ପାଇଁ ସ୍ଥିରୀକୃତ ସମୟ ସାରଣୀ ଓ ରହଣି ଷ୍ଟେଶନ ଅପରିବର୍ତ୍ତିତ ରହିବ ବୋଲି ସୂଚନା ଦିଆଯାଇଛି।

## ପୂର୍ବତନ ସରପଞ୍ଚଙ୍କ ସମେତ ୪ ଜଣଙ୍କୁ ଜେଲ

### ମିଥ୍ୟା ମଷ୍ଟର ରୋଲ୍‌ରେ ଅର୍ଥ ହେରଫେର ଘଟଣା

କେନ୍ଦୁଝର,୨୨।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ମିଥ୍ୟା ମଷ୍ଟର ରୋଲ୍ ଓ ଦସ୍ତାବିଜ ଦାଖଲ କରି ଅର୍ଥ ହେରଫେର ଘଟଣାର ଶୁଣାଣି ହୋଇଛି। ବିଚାରପତି ରଶ୍ମିତା ଦଳେଇ ମାମଲାର ବିଚାର କରି ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଷଢ଼ଙ୍ଗୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଦାନନ୍ଦ ନାୟକ, ଠିକାଦାର ଚତୁର୍ଭୁଜ ମହାନ୍ତ, ୨ ଗ୍ରାମ ସଂଯୋଜକ ସୁନାରାମ ମହାନ୍ତ ଓ ଶ୍ରୀପଦ ନାୟକଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା ଅନାଦାୟ ଅଧିକ ଏକ ମାସ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୯-୧୦ରେ ଷଢ଼ଙ୍ଗୀରୁ ଜହ୍ନେଇନାଳ ରାସ୍ତା କାମ ପାଇଁ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଉକ୍ତ ରାସ୍ତା କାମ ପାଇଁ ପୁଣି ୨୦୧୧-୧୨ରେ ବିଲ୍ କରି ଅର୍ଥ ହେରଫେର ହୋଇଥିଲା। ଏ ନେଇ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ମିଥ୍ୟା ଦସ୍ତାବିଜ ସହ ମିଥ୍ୟା ମଷ୍ଟର ରୋଲ୍ ପ୍ରସ୍ତୁତ କରି ଅର୍ଥ ହେରଫେର ହୋଇଥିବା ଜଣାପଡ଼ିଥିଲା। ଏହାକୁ ନେଇ ଭିଜିଲାନ୍ସ ବିଭାଗ ୨୯ ସେପ୍ଟେମ୍ବର ୨୦୧୩ରେ ପୂର୍ବତନ ସରପଞ୍ଚଙ୍କ ସମେତ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ୨୧ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ କେସ୍ ରେକର୍ଡକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।



ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା

# ତ୍ୱରିତ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାଜସ୍ଥାନର ନୂଆ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କର ପ୍ରାରମ୍ଭିକ ତଥା ଉଲ୍ଲେଖନୀୟ ପ୍ରଶାସନିକ ପ୍ରଦର୍ଶନ ସାମ୍ନାକୁ ଆସିଛି। ପ୍ରଶାସନରେ ନିଜର ପରିଚୟ ସୃଷ୍ଟି କରିବାରେ ସେ ସମୟ ନଷ୍ଟ କରିନାହାନ୍ତି। କାର୍ଯ୍ୟଭାର ଗ୍ରହଣ କରିବାର କିଛି ଘଣ୍ଟା ମଧ୍ୟରେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ୩ ଜଣ ଅଭିଜ୍ଞ ଆଇଏଏସ୍ ଅଧିକାରୀଙ୍କ ନାମ ଘୋଷଣା କରିଥିଲେ। ଏହା ଏକ ଅସ୍ଥାୟୀ ବ୍ୟବସ୍ଥା ସୂଚିତ କରୁଥିଲେ ବି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମୟରେ କାର୍ଯ୍ୟରତ କୁଲଦୀପ ରାଙ୍କାଙ୍କ ଉତ୍ତରାଧିକାରୀ ଭାବେ ଟି.ରବିକାନ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା। ଶର୍ମାଙ୍କ ଟିମ୍‌କୁ ଆହୁରି ମଜଭୁତ କରିବା ଲାଗି ୨୦୦୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମିସ୍ ଆନନ୍ଦୀ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ପ୍ରଶାସନରେ ନୂତନ ଦୃଷ୍ଟିକୋଣ ଓ ସକ୍ରିୟ ବିଚାରଧାରା ଯୋଡ଼ିବା ଲାଗି ୨୦୧୭ ବ୍ୟାଚ୍‌ର ଡ. ସୌମ୍ୟା ଝା ସିଏମ୍‌ଙ୍କ ଯୁଗ୍ମ ସଚିବ ଭାବରେ କାର୍ଯ୍ୟରେ ଯୋଗଦେଇଛନ୍ତି। ପର୍ଯ୍ୟବେକ୍ଷକମାନେ କହିଛନ୍ତି, ଏଭଳି ତ୍ୱରିତ ପଦକ୍ଷେପ କେବଳ ଶର୍ମାଙ୍କ ନେତୃତ୍ୱର ଗତଶୀଳତାକୁ ପ୍ରତିପାଦିତ କରିନାହିଁ, ବରଂ ରାଜସ୍ଥାନ ସମ୍ମୁଖୀନ ହେଉଥିବା ପ୍ରମୁଖ ସମସ୍ୟାଗୁଡ଼ିକର ସମାଧାନ କରିବାର ଅତ୍ୟାବଶ୍ୟକତାକୁ ସୂଚାଇଦେଇଛି। ଏହା ଦର୍ଶାଉଛି ଯେ,ଗେହଲଟ୍‌ଙ୍କ ନେତୃତ୍ୱାଧୀନ ପୂର୍ବ କଂଗ୍ରେସ ସରକାରଙ୍କଠାରୁ ତାଙ୍କ ସରକାର କିଛି ଭିନ୍ନ କରିବାର ଚାହୁଁଛି। ତଥାପି ପ୍ରଶାସନର ଏହା ପ୍ରାରମ୍ଭିକ ସମୟ। ତେବେ ଆଗାମୀକୁ ଶର୍ମାଙ୍କ କାର୍ଯ୍ୟଗୁଡ଼ିକ ସ୍ପଷ୍ଟ କରିବ ଯେ, ଭାଜପାରେ ନବାଗତ ନେତୃତ୍ୱ ବହନ କରିଥିବା ଶର୍ମାଙ୍କ ପାଖରେ ଭଲ କାମ କରିବା ପାଇଁ ଦକ୍ଷତା ରହିଛି।

### ସୁରକ୍ଷା ଚିନ୍ତା

ନିକଟରେ ସଂସଦରେ ସୁରକ୍ଷା ଭଙ୍ଗ ଘଟଣା ଦେଖିବାକୁ ମିଳିଥିଲା। ଦୀର୍ଘଦିନ ଧରି ଖାଲି ରହିଥିବା ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ସହ ଅଭ୍ୟନ୍ତରୀଣ ସୁରକ୍ଷାର ସମ୍ପର୍କକୁ ଏହା ପଦାକୁ ଆଣିଛି। ଏହା ବ୍ୟତୀତ ଜାତୀୟ ନିରାପତ୍ତା ପ୍ରତି ଆମର ଆଭିମୁଖ୍ୟର ପୁନଃ ମୂଲ୍ୟାୟନରେ ଜରୁରୀ ଆବଶ୍ୟକତାର ଗୁରୁତ୍ୱକୁ ପ୍ରକାଶ କରିଛି। ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ ଘଟିଥିବା ଏହି ଗୁରୁତ୍ୱପୂର୍ଣ୍ଣ ଉଲ୍ଲଂଘନ, ମୁଖ୍ୟ କାର୍ଯ୍ୟଗୁଡ଼ିକର ପୁନଃ ମୂଲ୍ୟାୟନ ବିଶେଷକରି ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ସୁରକ୍ଷାର ପରିଚାଳନା ପାଇଁ ପ୍ରେରିତ କରିଛି। ସମସ୍ୟା ହେଉଛି, ସଂସଦ ସୁରକ୍ଷା ସେବାକୁ ନେତୃତ୍ୱ ଦେବା ପାଇଁ ପୂର୍ଣ୍ଣକାଳୀନ ଯୁଗ୍ମ ସଚିବ ରହିନାହାନ୍ତି। ସମ୍ପ୍ରତି ନିର୍ଦ୍ଦେଶକ ସ୍ତରର ଅଧିକାରୀ ବ୍ରିଜେଶ ସିଂ ଦୀର୍ଘଦିନ ହେବ ଖାଲିଥିବା ସଂସଦରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୁରକ୍ଷା) ପଦବୀରେ ନିଯୁକ୍ତ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ନଭେମ୍ବର ମଧ୍ୟଭାଗରୁ ୧୯୯୭ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରଘୁବୀର ଲାଲ ଏହି ପଦବୀରେ ଏକ ବର୍ଷ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ କରିବା ପରେ ଉତ୍ତରପ୍ରଦେଶକୁ ଏଡିଜି (ସୁରକ୍ଷା) ଭାବରେ ସ୍ଥାନାନ୍ତର ହୋଇଥିଲେ। ଅଧିକନ୍ତୁ, ସଂସଦ ସୁରକ୍ଷା ଭଙ୍ଗ ଘଟଣା ସିଆର୍‌ପିଏଫ୍ ଏବଂ ସିଆଇଏସ୍‌ଏଫ୍ ପରି ପ୍ରମୁଖ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଅନିଶ୍ଚିତ ସ୍ଥିତିକୁ ନେଇ ସରକାରଙ୍କ ନିଦ ଭାଙ୍ଗିଛି। ଉଲ୍ଲେଖଯୋଗ୍ୟ, ଚଳିତ ମାସ ଆରମ୍ଭରୁ ଆଇଟିବିପି ଡିଜି ଅନିଶ ଦିନଲ ସିଂଙ୍କୁ ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଅଗଷ୍ଟ ମାସରେ ଶିଲ୍ ବର୍ଦ୍ଧନ ସିଂଙ୍କ ଅବସର ପରେ ଆଇପିଏସ୍ ଅଧିକାରୀ ନୀନା ସିଂଙ୍କୁ ତ୍ୱରିତ ସିଆଇଏସ୍‌ଏଫ୍ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ରହିବା ଜାତୟତା ସୁରକ୍ଷା ପ୍ରତି ବିପଦ । ଏସବୁ ଉପରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ।

### ମୁଖ୍ୟ ସଚିବଙ୍କ ଲକ୍ଷ୍ୟ

ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ଭାବରେ ୩ ନୂଆ ଚେହେରଙ୍କୁ ନିଯୁକ୍ତକରି ମୋଦି ସରକାର ପୁଣି ଥରେ ତାଙ୍କର ଅପ୍ରତ୍ୟାଶିତ ପସନ୍ଦକୁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉତ୍ତରପ୍ରଦେଶ(ୟୁପି)ର ତୀବ୍ର ରାଜନୀତିରେ ସମାନ ଘଟଣାର ପୂର୍ବାନୁମାନ କରାଯାଉଛି। ତେବେ ୟୁପିର ବାବୁମାନଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି ଯେ, ମୁଖ୍ୟ ଶାସନ ସଚିବ ଦୁର୍ଗାଶଙ୍କର ମିଶ୍ରଙ୍କ କାର୍ଯ୍ୟକାଳ ପୁଣିଥରେ ବଢ଼ିବ କି? ମିଶ୍ର ପ୍ରଥମେ ସହର ବ୍ୟାପାର ମନ୍ତ୍ରଣାଳୟର ସଚିବ ଥିଲେ। ପରେ ସେ ଡିସେମ୍ବର ୨୦୨୧ରେ ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ହୋଇଥିଲେ। ହେଲେ ଚଳିତ ମାସ ମିଶ୍ରଙ୍କ କାର୍ଯ୍ୟକାଳ ବଢ଼ିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହା ତାଙ୍କ ତୃତୀୟ ସମ୍ପ୍ରସାରଣକୁ ସୂଚିତକରେ। କାର୍ଯ୍ୟକାଳ ସମ୍ପ୍ରସାରଣ ହେଲେ ପୂର୍ବଭଳି ହେବାର ସମ୍ଭାବନା ନାହିଁ , ବରଂ ଏହା ୬ ମାସରେ ସୀମିତ ରହିପାରେ। ମିଶ୍ରଙ୍କ କାର୍ଯ୍ୟକାଳ ବଢ଼ିଲେ ରାଜନୈତିକ ବିରୋଧୀମାନଙ୍କ ପକ୍ଷରୁ ଆଇନଗତ ଆହ୍ୱାନର ସମ୍ମୁଖୀନ ହେବେ ବୋଲି ଅନୁମାନ କରାଯାଉଛି, ଯେପରି ଇଡି ମୁଖ୍ୟ ଏସ୍.କେ.ମିଶ୍ର ଏବଂ ଦିଲ୍ଲୀର ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ କ୍ଷେତ୍ରରେ ଘଟିଥିଲା। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଡିସେମ୍ବର ୩୧ ପରେ ମିଶ୍ର ରାଜନୀତିରେ ପ୍ରବେଶକରି ୟୁପିରୁ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି। ତେବେ ମିଶନ ୨୦୨୪ ହାସଲ କରିବା ପୂର୍ବରୁ ତାଙ୍କୁ ଦାୟିତ୍ୱ ମୁକ୍ତ କରିବାକୁ କେନ୍ଦ୍ରର ଅନିଚ୍ଛାକୁ ଦେଖିଲେ ଏହା ଅସମ୍ଭବ ମନେହୁଏ। ମିଶ୍ର କେନ୍ଦ୍ରର ନିଷ୍ପତ୍ତିକୁ ଖଣ୍ଡନ କରିବାର ସମ୍ଭାବନା ନାହିଁ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 3 | | 1 | | |
| 4 | | | 2 | | | 7 | | |
| | | | | 6 | 1 | 8 | | |
| 2 | 8 | 6 | 9 | | | | | |
| | | | 7 | | 3 | 4 | | |
| | | | | 5 | | | | |
| | | 2 | | 9 | | 6 | | 4 |
| | 4 | | | | | | | 1 |
| | 3 | | 6 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 5 | 4 | 3 | 2 | 1 | 9 | 7 |
| 1 | 7 | 3 | 5 | 9 | 6 | 4 | 2 | 8 |
| 4 | 9 | 2 | 1 | 7 | 8 | 3 | 6 | 5 |
| 9 | 3 | 8 | 7 | 5 | 1 | 6 | 4 | 2 |
| 7 | 4 | 6 | 9 | 2 | 3 | 8 | 5 | 1 |
| 5 | 2 | 1 | 8 | 6 | 4 | 7 | 3 | 9 |
| 2 | 1 | 4 | 6 | 8 | 5 | 9 | 7 | 3 |
| 3 | 8 | 9 | 2 | 4 | 7 | 5 | 1 | 6 |
| 6 | 5 | 7 | 3 | 1 | 9 | 2 | 8 | 4 |

ଗତକାଲିର ଉତ୍ତର

# ଲିଙ୍ଗଗତ ଅସମାନତା



ବିଚିତ୍ର ବିଶ୍ୱାଳ

ଦୁଇ ହଜାର ତେଇଶ ମସିହା ସରିବାକୁ ଆଉ ମାତ୍ର କେଇଦିନ ବାକିଥିବା ବେଳେ ସମ୍ବଲପୁରର ଗୋଟିଏ ଘଟଣା ସାରା ରାଜ୍ୟର ଦୃଷ୍ଟି ଆକର୍ଷଣ କରିଛି। ସମ୍ବଲପୁର ଜିଲା ମୁଖ୍ୟାଳୟଠାରୁ ତିରିଶ କିଲୋମିଟର ଦୂର ରେଙ୍ଗାଲି ବ୍ଲକ୍‌ର ଲାରିପାଲି ଗାଁ ପାଖ ଜଙ୍ଗଲର ଏକ ପରିତ୍ୟକ୍ତ ଗଭୀର ନଳକୂପ ଭିତରେ ଗୋଟେ ନବଜାତ ଶିଶୁକନ୍ୟାକୁ କେହି ଫିଙ୍ଗିଦେଇ ଚାଲିଯାଇଥିଲେ। ଜଣେ ଛେଳି ଚରାଳିଙ୍କୁ ନବଜାତକର କାନ୍ଦ ଶୁଭିଥିଲା ଓ ପରବର୍ତ୍ତୀ ଘଟଣାକ୍ରମରେ ପ୍ରଶାସନର ତତ୍ପରତା ଯୋଗୁ ଦୀର୍ଘ ଛଅ ଘଣ୍ଟାର ପରିଶ୍ରମ ପରେ ଶିଶୁକନ୍ୟାଟିକୁ ଉଦ୍ଧାର କରାଯାଇଥିଲା। ଯିଏ ବି କେହି ତାକୁ ପକେଇଥାଉ ତା'ର ଉଦ୍ଦେଶ୍ୟ ଥିଲା ଶିଶୁଟି ମରିଯାଉ। ଏହି ଘଟଣା ପଛରେ ଅବାଞ୍ଛିତ କୁମାରୀ ମାତୃତ୍ୱ ନଚେତ କନ୍ୟା ସନ୍ତାନ ଚାହୁଁ ନ ଥିବା କେହି ଏପରି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଯିଏ ବି ତାକୁ ମରିବାକୁ ଫୋପାଡ଼ି ଦେଇଛି ସେ ଜଣେ ମା'। ଜଣେ ମା' କିପରି ଗୋଟେ ନବଜାତ ସନ୍ତାନକୁ ଫୋପାଡ଼ି ଦେଇପାରେ! ଆମ ସମାଜ କେତେ ଦ୍ରୁତଗତିରେ ସମ୍ବେଦନଶୂନ୍ୟ ହେବାରେ ଲାଗିଛି!

କନ୍ୟା ସନ୍ତାନ ଚାହୁଁ ନଥିବା କୌଣସି ଦମ୍ପତି ଯଦି ନବଜାତ ଶିଶୁକନ୍ୟାଟିକୁ ମରିବା ପାଇଁ ଫୋପାଡ଼ି ଦେଇଥାନ୍ତି ତେବେ ଏହା ଆମ ସମାଜରେ ଲିଙ୍ଗଗତ ବୈଷମ୍ୟର ଭୟାବହତାକୁ ସ୍ପଷ୍ଟ ଭାବେ ଉଜାଗର କରୁଛି। ଯଦି ନବଜାତକଟି ପୁତ୍ର ସନ୍ତାନ ହୋଇଥାନ୍ତା, ତେବେ କ'ଣ ତାକୁ କେହି ଏପରି ଫୋପାଡ଼ି ଦେଇଥାନ୍ତେ? ମାତୃତ୍ୱ କ'ଣ ଏତେ ନିଷ୍ଠୁର ହୋଇପାରେ ଯେ, ଝିଅଟିଏ ଜନ୍ମହେଲେ ତାକୁ ମରିବା ପାଇଁ ଫୋପାଡ଼ି ଦିଆଯାଇପାରେ। ମଣିଷ ଆଜି ଆଧୁନିକତାର ଚରମ ସୀମାରେ ପହଞ୍ଚି ସାରିଥିବା ବେଳେ ପୁଅ-ଝିଅ ମଧ୍ୟରେ ଏପରି ଭେଦଭାବ କାହିଁକି? ଏପରି ପ୍ରଶ୍ନ ଉଠିବାର ମୁଖ୍ୟ କାରଣ ହେଉଛି ୨୦୨୦-୨୧ରେ ହୋଇଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ତଥ୍ୟ ଅନୁସାରେ ଓଡ଼ିଶାରେ ଦ୍ରୁତଗତିରେ ଝିଅଙ୍କ ସଂଖ୍ୟା ହ୍ରାସ ହେଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ- ୫ ଅନୁସାରେ ଓଡ଼ିଶାରେ ପ୍ରତି ୧ ହଜାର ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୮୯୪। ଏନ୍‌ଏଫ୍‌ଏଚ୍‌ଏସ୍-୪ର ସର୍ଭେ ଅନୁଯାୟୀ ପ୍ରତି ୧ ହଜାର ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୯୩୨ ଥିଲା। ଅର୍ଥାତ ରାଜ୍ୟରେ ଦ୍ରୁତଗତିରେ ଝିଅଙ୍କ ସଂଖ୍ୟା କମ୍ ହେଉଛି, ଯାହା ଲିଙ୍ଗଗତ ଅସମାନତା ବଢ଼ୁଥିବାର ଏକ ପରିସଂଖ୍ୟାନ ଭିତ୍ତିକ ପ୍ରମାଣ। ୧୯୬୧ ମସିହା ଜନଗଣନାରେ ପ୍ରତି ୧ ହଜାର ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଥିଲା ୧୦୩୫। ୨୦୦୧ରେ ୯୫୩ ଓ ୨୦୧୧ ଜନଗଣନାରେ ମହିଳାଙ୍କ



ସଂଖ୍ୟା ୯୪୧ ଥିଲା। ଗତ ଦଶ ବର୍ଷ ମଧ୍ୟରେ ମହିଳାଙ୍କ ସଂଖ୍ୟାରେ ୪.୭% ହ୍ରାସ ହୋଇଥିବା ବେଳେ ଗତ ପଚାଶ ବର୍ଷ ମଧ୍ୟରେ ୧୨.୬% ହ୍ରାସ ହୋଇଛି। ତେବେ ଝିଅମାନେ ଗଲେ କୁଆଡ଼େ?

ସାରା ଦେଶରେ ପ୍ରତି ୧ ହଜାର ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୧୦୨୦। କିନ୍ତୁ ଏହି ପରିସଂଖ୍ୟାନକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଭାଗ କଲେ ସହରାଞ୍ଚଳର ଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ଲିଙ୍ଗଗତ ଅସମାନତା ଅଧିକ ବୋଲି ସ୍ପଷ୍ଟ ବୁଝିହେବ। ତଥ୍ୟ ଅନୁସାରେ ସାରା ଭାରତରେ ଗ୍ରାମାଞ୍ଚଳରେ ପ୍ରତି ହଜାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୧୦୩୭। କିନ୍ତୁ ସହରାଞ୍ଚଳରେ ପ୍ରତି ହଜାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୯୮୫। ଏଥିରୁ ସ୍ପଷ୍ଟ ଯେ ସହରାଞ୍ଚଳ ଲୋକଙ୍କ ପାଖରେ ଭ୍ରୂଣ ନିରୂପଣର ସୁବିଧା ଥିବାରୁ ସେମାନେ କନ୍ୟା ଭ୍ରୂଣ ହତ୍ୟା ପରି ଜଘନ୍ୟ ଓ ବେଆଇନ କାମ କରୁଥିବାର ସମ୍ଭାବନା ରହିଛି। ନଚେତ୍ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟାରେ ଏତେ ପ୍ରଭେଦ କେବେ ବି ହୁଅନ୍ତା ନାହିଁ। ଲିଙ୍ଗଭେଦ ମାନସିକତା ଓ ପୁତ୍ର ସନ୍ତାନକୁ ଅଧିକ ପ୍ରାଧାନ୍ୟ ଯୋଗୁ ହିଁ ଦ୍ରୁତଗତିରେ କନ୍ୟା ସନ୍ତାନ କମ୍ ହେଉଛି। ଏପରି ଏକ ସମାଜକୁ କ'ଣ ସତରେ ଆଧୁନିକ ସମାଜ କୁହାଯାଇପାରିବ! ଦୁର୍ଭାଗ୍ୟଜନକ ବିଷୟ ହେଉଛି, ଓଡ଼ିଶା ପରି ମାତୃପୂଜାର ପରମ୍ପରା ଥିବା ଏକ ରାଜ୍ୟରେ ଦ୍ରୁତଗତିରେ କନ୍ୟା ସନ୍ତାନଙ୍କ ସଂଖ୍ୟା ହ୍ରାସ ହେବା। ବାସ୍ତବରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ ହେବା କଥା। କିନ୍ତୁ ହେଉଛି ଠିକ୍ ଓଲଟା। ଆଜିକୁ ପଚାଶ ବର୍ଷ ତଳେ ଯେତେବେଳେ ଆଧୁନିକ ଡାକ୍ତରୀ ବିଜ୍ଞାନ ଉନ୍ନତ ହୋଇ ନ ଥିଲା, ଭ୍ରୂଣ ନିରୂପଣ ଓ ଭ୍ରୂଣ ହତ୍ୟା, ଗର୍ଭପାତ ପରି ସୁବିଧା ନ ଥିଲା, ସେତେବେଳେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ ଥିଲା। ଏବେ ଯେଉଁଭଳି ଭାବେ ମହିଳାଙ୍କ ସଂଖ୍ୟା କମୁଛି, ଏହା ନିଃସନ୍ଦେହ ଯେ ଭ୍ରୂଣ ଅବସ୍ଥାରୁ କନ୍ୟା ସନ୍ତାନକୁ ନିରୂପଣ କରି ହତ୍ୟା କରାଯାଇଛି। ଏହାର ଅପରାଧୀ ସାରା ସମାଜ ଓ ଆମ ପୁରୁଷପ୍ରଧାନ ମାନସିକତା।

ଝିଅଙ୍କ ସଂଖ୍ୟା ହ୍ରାସ ହେଉଥିବା ରାଜ୍ୟଙ୍କ ମଧ୍ୟରେ କେରଳ, ଛତିଶଗଡ଼, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ରହିଛି। ଗୋଟିଏ ପଟେ ଆମ ରାଜ୍ୟ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସର୍ବାଗ୍ରେ ଥିବାର ଡିଣ୍ଡିମ ପିଟୁଥିବା ବେଳେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ହ୍ରାସ ହେବା ଏହାର ଠିକ୍ ବିପରୀତ ଲକ୍ଷଣ। ଆମ ରାଜ୍ୟର ଭିନ୍ନ ଭିନ୍ନ ଜିଲାରେ ମଧ୍ୟ ଲିଙ୍ଗଗତ ଅସମାନତା ଦିନକୁ ଦିନ ବଢ଼ିବାକୁ ଲାଗୁଛି। ନୟାଗଡ଼ରେ ପ୍ରତି ହଜାରେ ପୁରୁଷରେ ମହିଳାଙ୍କ ସଂଖ୍ୟା ୮୧୧ ହୋଇଥିବା ବେଳେ ଢେଙ୍କାନାଳରେ ୮୫୬, ସୋନପୁରରେ ୮୮୦, ଅନୁଗୋଳରେ ୮୮୫, ଜଗତ୍‌ସିଂହପୁରରେ ୮୯୭, କେନ୍ଦ୍ରାପଡ଼ାରେ ୮୯୮ ରହିଛି। ଉପକୂଳ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଆଗୁଆ ଥିବା ଜିଲାଗୁଡ଼ିକ ତୁଳନାରେ ଦକ୍ଷିଣ ଓଡ଼ିଶାରେ ଆଦିବାସୀ ଅଧ୍ୟୁଷିତ ତଥା କମ୍ ଶିକ୍ଷାହାର ଥିବା ଜିଲାଗୁଡ଼ିକରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ। ଶିକ୍ଷା କ୍ଷେତ୍ରରେ ଆଗୁଆ ଥିବା ଜିଲାଗୁଡ଼ିକରେ ଲିଙ୍ଗଗତ ବିଷମତା ଅଧିକ। ଜନ୍ମ ସମୟରେ ଲିଙ୍ଗ ନିରୂପଣ ଜନିତ ଗର୍ଭପାତ, ପୁତ୍ର ସନ୍ତାନକୁ ପ୍ରାଧାନ୍ୟ ଆଦି ଲିଙ୍ଗଗତ ଜନ୍ମହାର ହ୍ରାସର ପ୍ରମୁଖ କାରଣ।

କେବଳ ଜନ୍ମ ସମୟରେ ନୁହେଁ ବଡ଼ ହେବା ପରେ ମଧ୍ୟ ପୁରୁଷପ୍ରଧାନ ସମାଜ ନାରୀମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକର ମାନ୍ୟତା ଦେଇ ଆସୁଛି। ନାରୀଟିଏ ଜନ୍ମ ହେବା ପୂର୍ବରୁ ଭ୍ରୂଣ ଅବସ୍ଥାରୁ, ଜନ୍ମ ହେବା ପରେ ଓ ବଡ଼ ହୋଇ ମରିବା ଯାଏ ପ୍ରତି ମୁହୂର୍ତ୍ତରେ ପୁରୁଷ ପ୍ରାଧାନ୍ୟତାର ଶିକାର ହୋଇଚାଲୁଛି। ଏଭଳି ସମାଜରେ ନାରୀଙ୍କ ସଂଖ୍ୟା କମ୍ ହେବା ସ୍ୱାଭାବିକ ଓ ଏହା ଭବିଷ୍ୟତ ପାଇଁ ଚିନ୍ତାର ବିଷୟ। ପରିସ୍ଥିତି ଏପରି ହୋଇଛି , ଆମ ସମାଜ ଦୁଷ୍କର୍ମକାରୀକୁ ନିନ୍ଦା କରିବା ପରିବର୍ତ୍ତେ ମହିଳାଙ୍କ ଚରିତ୍ରକୁ ଆକ୍ଷେପ କରୁଛି। ମହିଳାଙ୍କ ପୋଷାକ ଯୋଗୁ ପୁରୁଷମାନେ ଆକର୍ଷିତ ହୋଇ ଦୁଷ୍କର୍ମ କରିବାକୁ ଆଗଭର ହେଉଛନ୍ତି ବୋଲି କିଛି ତଥାକଥିତ ଧାର୍ମିକ ଲୋକ ମତ ପୋଷଣ କରୁଛନ୍ତି। ଲମ୍ପଟ ପୁରୁଷକୁ ଦୋଷ ଦେବା ପରିବର୍ତ୍ତେ ମହିଳାଙ୍କ ବେଶ ପୋଷାକକୁ ଦୋଷ ଦିଆଯାଉଛି। ସମ୍ପ୍ରତି ଗୋଟିଏ ପରେ ଗୋଟିଏ ମହିଳା ବିରୋଧୀ ହିଂସା ବିଷୟକ ଚଳଚ୍ଚିତ୍ର ସୁପର ହିଟ୍ ହୋଇ ଦର୍ଶକୀୟ ଆଦୃତି ପାଉଛି। ଏହା ଆମ ସମାଜର ମହିଳା ବିରୋଧୀ ତଥା ଉଗ୍ର ପୁରୁଷ ପ୍ରାଧାନ୍ୟ ମାନସିକତାର ପ୍ରମାଣ ବହନ କରୁଛି। ମହିଳା ବିରୋଧୀ ସମାଜ କେବେ ବି ଗୋଟେ ସୁସ୍ଥ ସମାଜ ନୁହେଁ। ଯେତେବେଳେ ପୁରୁଷପ୍ରଧାନ ମାନସିକତା ସମୂଳେ ପରିବର୍ତ୍ତନ ହେବ ସେତେବେଳେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରିବା ସମ୍ଭବ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ଅସହାୟ ମାନବବାଦ



ମୀରା ବେଉରା

କେଉଁ ପ୍ରାଗୈତିହାସିକ ଯୁଗରୁ ସାଧାରଣ ମଣିଷଟିଏ ନିଜର ସ୍ଥିତିପାଇଁ ସଂଘର୍ଷ କରି ଜ୍ଞାନ ବିଜ୍ଞାନ ଯୁକ୍ତ ଏକବିଂଶ ଶତାବ୍ଦୀରେ ପଦାର୍ପଣ କରିଛି। ସତ କହିବାକୁ ଗଲେ ସାଧାରଣ ମଣଷଟିଏ କେବଳ ଆଧୁନିକ ସଭ୍ୟ ମଣିଷ ନୁହେଁ, ଗୋଟିଏ ଯନ୍ତ୍ର ମଣିଷରେ ପରିଣତ ହୋଇଛି। ତା' ହୃଦୟରେ ବସାବାନ୍ଧିଛି ଅହଂକାର, ଔଦ୍ଧତ୍ୟ ଆଉ ବିସ୍ତାରବାଦୀ ଚିନ୍ତାଧାରା। ଏବେ ସମଗ୍ର ବିଶ୍ୱରେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। କେଉଁଠି କ୍ଷମତାପାଇଁ ଗୃହଯୁଦ୍ଧ ତ ଆଉ କେଉଁଠି ନିଜର ସ୍ଥିତି ବଜାୟ ରଖିବାପାଇଁ ସଂଘର୍ଷ। ଏଥିରୁ ବୁଝାପଡୁଛି ଯେ ଆତ୍ମଘାତୀ ଚିନ୍ତାଧାରାଯୁକ୍ତ ମଣିଷମାନଙ୍କ ପ୍ରାଦୁର୍ଭାବ ସବୁଠି ଦେଖାଯାଉଛି। ସବୁଠି ଯେପରି ଯୁଦ୍ଧ ଅବସ୍ଥା ଓ ଅହଂକାରପୂର୍ଣ୍ଣ ବିସ୍ତାରବାଦୀ ଚିନ୍ତାଧାରା ସମାଜକୁ କବଳିତ କରିରଖିଛି।

ଏଇଠି ମନେପଡ଼େ ରୋମ ନଗରୀ କଥା। ଯେତେବେଳେ ରୋମ ନଗରୀ ହୁତୁ ହୁତୁ ହୋଇ ଜଳୁଥାଏ, ସେତେବେଳେ ରୋମ ସମ୍ରାଟ ନିରୋ ରାଜପ୍ରାସାଦର ସର୍ବୋଚ୍ଚ ଶିଖରରେ ଉପବିଷ୍ଟ ହୋଇ ଆନନ୍ଦ ମନରେ ବେହେଲା ବଜାଇ ଆନନ୍ଦ ଅନୁଭବ କରୁଥିଲେ। ଆତ୍ମ ପ୍ରଚାରରେ ସେ ଏତେ ଆସକ୍ତ ଥିଲେ ଯେ ନିଜ ଅଭିନୀତ ନାଟକ ଦେଖିବାକୁ ତାଙ୍କ ପାରିଷଦବର୍ଗ ଓ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କୁ ବାଧ କରୁଥିଲେ। ଫ୍ରାନ୍ସର ଏକଚ୍ଛତ୍ରବାଦୀ ଶାସକ ଚତୁର୍ଦ୍ଦଶ ଲୁଇ ମଧ ନିଜର ଆଧିପତ୍ୟ ଜାହିର କରି ଏକଦା କହିଥିଲେ 'ମୁଁ ହେଉଛି ରାଷ୍ଟ୍ର।' କେବଳ ସେତିକି ନୁହେଁ, ଇତିହାସ କୁହେ ରୁଷିଆରେ ଜାରମାନଙ୍କ ଶାସନ ସମୟରେ ଦ୍ୱିତୀୟ ନିକୋଲାସ୍‌ଙ୍କ ରାଜୁତି କାଳରେ ରୁଷରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା ; ମାତ୍ର ସେ ବିଳାସ ବ୍ୟସନ ମଧ୍ୟରେ ଜୀବନ ବିତାଉଥିଲା ବେଳେ କ୍ଷୁଧାତୁରଙ୍କ ଉପରକୁ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ।

ଆଜି ଏକବିଂଶ ଶତାବ୍ଦୀରେ ମଧ ଯେପରି ସେହି ଘଟଣାର ପୁନରାବୃତ୍ତି ହେଉଛି। ସବୁଠି ଯୁଦ୍ଧଂ ଦେହିର ଡାକରା। ୟୁକ୍ରେନ୍ ରୁଷିଆ କଥା କୁହନ୍ତୁ ବା ପାଲେଷ୍ଟାଇନ୍ ଇସ୍ରାଏଲ କଥା କୁହନ୍ତୁ; ଏବେ ତ ଚାଇନା ଭାରତୀୟ ସୈନ୍ୟମାନଙ୍କୁ ଲଢ଼େଇ କରିବାକୁ ଉସୁକାଉଛି। ଏହି ଉଗ୍ର ଜାତୀୟବାଦୀ ବିସ୍ତାରବାଦୀ ଚିନ୍ତାଧାରା ଦ୍ୱାରା ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଆମେ ଦେଖି ସାରିଲୁଣି। ଆଉ ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତେବେ ଏ ପୃଥିବୀ ଧ୍ୱଂସ ହେବ ଏଥିରେ ସନ୍ଦେହ ନାହିଁ। ଗାଜା ଉପରେ ଇସ୍ରାଏଲ ଘନ ଘନ ବୋମା ବର୍ଷଣ କରୁଛି। ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇ ଚାଲୁରହିଛି ଏହି ଯୁଦ୍ଧ, ଯାହା ଥମିବାର ନାଁ ଧରୁନି। ହମାସ୍‌କୁ ଧ୍ୱଂସ କରିବାକୁ ଯେମିତି ଶପଥ ନେଇଛି ଇସ୍ରାଏଲ। ଦୁର୍ବଳ ରାଷ୍ଟ୍ର ଉପରେ ସବୁବେଳେ ସବଳ ରାଷ୍ଟ୍ରର ଅତ୍ୟାଚାର ବୃଦ୍ଧି ପାଇଚାଲିଛି।

କିନ୍ତୁ ବିସ୍ତାରବାଦୀ ରାଷ୍ଟ୍ର ଭୁଲିଯିବା ଉଚିତ ନୁହେଁ ଯେ ପରମାଣୁ ଯୁଦ୍ଧାସ୍ତ୍ର କେବଳ ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ଧ୍ୱଂସ କରିବନି , ବରଂ ସମଗ୍ର ବିଶ୍ୱକୁ



ଧ୍ୱଂସ ଆଡ଼କୁ ଟାଣି ନେବ। ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନ୍‌କୁ ସମର୍ଥନ କରୁଥିବା ବେଳେ, ଯଦି ସୀମା ଲଂଘେ ତେବେ ରୁଷିଆ ଉପରେ ପରମାଣୁ ବୋମା ବର୍ଷଣର ଧମକ ମଧ ଆସୁଛି। ଗୋଟିଏ ପଟେ ଉତ୍ତର କୋରିଆରେ ଏକଚ୍ଛତ୍ରବାଦ ଶାସନ ଚାଲିଛି ଏବଂ କଥା କଥାକେ ଆମେରିକା ତା'ଉପରେ ଆକ୍ରମଣର ଧମକ ମଧ ଦେଉଛି। ଇତିହାସ ହିଁ ମୂକସାକ୍ଷୀ ସେହି ପରମାଣୁ ବୋମାର ଯାହା ସେଦିନ ଆମେରିକା ଜାପାନର ଦୁଇଟି ସହର ହିରୋଶିମା ଓ ନାଗାସାକୀ ଉପରେ ପକାଇଥିଲା, ଯେଉଁ ସହରରେ ଏବେ ମଧ ବିକଳାଙ୍ଗ ଶିଶୁ ଜନ୍ମ ନେଉଛନ୍ତି।

ଆଜିର ବୋମା କିନ୍ତୁ ସେଦିନର ବୋମାଠାରୁ ଆହୁରି ଶକ୍ତିଶାଳୀ। ଏହି ଯୁଦ୍ଧାସ୍ତ୍ର ପ୍ରୟୋଗର ପ୍ରତିଯୋଗିତା କିଭଳି ମାନବଜାତିକୁ ଧ୍ୱଂସ କରିବାକୁ ଆହ୍ୱାନ କରୁଛି ତାହା ଜାଣିବା ଆବଶ୍ୟକ। ଯଦିଓ ଜ୍ଞାନ ଅଧିକ ଶକ୍ତିଶାଳୀ କିନ୍ତୁ ସେହି ଜ୍ଞାନକୁ ଯୁଦ୍ଧାସ୍ତ୍ରରେ ପ୍ରୟୋଗ କରି ଏ ସୁନ୍ଦର ପୃଥିବୀକୁ ଧ୍ୱଂସ କରା ନ ଯାଉ। ଯୁଦ୍ଧ ଏଭଳି ଭୟଙ୍କର ରୂପ ନେଉଛି ଇସ୍ରାଏଲର ଜଣେ କନିଷ୍ଠ ମନ୍ତ୍ରୀ ଗାଜା ଉପରେ ପରମାଣୁ ବୋମା ପକାଇ ହମାସ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାକୁ ମଧ ଚେତାବନୀ ଦେଉଛନ୍ତି। ଏହି ସବୁ ରାଷ୍ଟ୍ର ଜାଣିବା ଦରକାର ଯେ ବାକିଥିବା ପରମାଣୁ ଯୁଦ୍ଧାସ୍ତ୍ର ଯଦି ପୁନଃ ପ୍ରୟୋଗ କରାଯାଏ ଏ ମାନବ ଜାତି ବଞ୍ଚିବ ତ? ଏକ ତଥ୍ୟାନୁଯାୟୀ ରୁଷିଆ ନିକଟରେ ସର୍ବାଧିକ ପରମାଣୁ ଯୁଦ୍ଧାସ୍ତ୍ର ରହିଛି । ତା'ପରେ ଆମେରିକା,ଚାଇନା,ପାକିସ୍ତାନ, ଭାରତ ଆଦି ଦେଶ ରହିଛନ୍ତି। ଯଦି ବାକିଥିବା ଯୁଦ୍ଧାସ୍ତ୍ର ଆତଙ୍କବାଦୀଙ୍କ ହାତରେ ପଡ଼ିଯାଏ ତେବେ ଏ ପୃଥିବୀ ଏକ ଶ୍ମଶାନରେ ପରିଣତ ହେବାକୁ ବେଶି ସମୟ ଲାଗିବ ନାହିଁ। ଏବେ ପୁଣି ଇସ୍ରାଏଲର ସେନା ଚଳାଇଥିବା ଯୁଦ୍ଧର ନିଶାଣରେ ଗାଜା ଯୁଦ୍ଧର ରଣଭୂମି ପାଲଟିଛି। ଗାଜାବାସୀ ଏବେ ଖାଦ୍ୟ ଆଉ ଜଳ ବିନା ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଯୁଦ୍ଧ ବନ୍ଦ ଲାଗି ସମସ୍ତେ ଆଲୋଚନା କରିବା ସହ କୂଟନୀତିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ବିକଶିତ ଓ ଉଚ୍ଚ ବିକାଶଶୀଳ ଦେଶଗୁଡ଼ିକ ବିଶ୍ୱର ହିତ ପାଇଁ ଏକାଠି ହେବା ଦରକାର। ଏମାନେ ସମସ୍ତେ ମିଳିତ ହୋଇ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଯଦି ସମଗ୍ର ବିଶ୍ୱର ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ବୃଦ୍ଧିପାଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଆଣି ସଂଯମତା ରକ୍ଷା କରନ୍ତି ଏବଂ ଆଲୋଚନା କରନ୍ତି ତେବେ ଏହି ଯୁଦ୍ଧ ଶେଷ ହୋଇପାରିବ। ପରିଶେଷରେ ଏତିକି କୁହାଯାଇ ପାରେ ଯେ 'ବସୁଧୈବ କୁଟୁମ୍ବକମ୍' ମନ୍ତ୍ରରେ ଯଦି ପ୍ରତ୍ୟେକଟି ରାଷ୍ଟ୍ର ଅଭିମନ୍ତ୍ରିତ ହୋଇ ସହଯୋଗର ହାତ ବଢ଼ାଇବେ, ତେବେ ଯୁଦ୍ଧ ହଟିଯିବ ଓ ଶାନ୍ତି ଫେରିଆସିବ।

ରଘୁନାଥଜୀଉ ମହାବିଦ୍ୟାଳୟ
ଦେଉଳସାହି, କଟକ
ମୋ: ୯୮୫୩୩୫୦୩୮୪

## ଏଇ ଭାରତରେ

ବହୁ ସମୟରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଥିବା ବ୍ୟକ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଯାଆନ୍ତି, ଯାହା ଘଟିଛି ପଶ୍ଚିମବଙ୍ଗର ମାମୁନ ମଲିକଙ୍କ ଜୀବନରେ। ମାମୁନ ୪ଟି ଇଂଲିଶ ମିଡିୟମ ସ୍କୁଲ ଖୋଲି ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି। ଏହାର ନାମ ରଖିଛନ୍ତି ସାମରିଟାନ ହେଲ୍‌ପ ମିଶନ ସ୍କୁଲ। ମାମୁନ ତାଙ୍କ ଜୀବନର ଅନୁଭୂତିରୁ ଏଭଳି ସ୍କୁଲ ଖୋଲିବାକୁ ପ୍ରେରଣା ପାଇଥିଲେ। ସେ ପଢିବା ସମୟରେ ତାଙ୍କ ପରିବାର ସ୍କୁଲ ଫି' ଦେବାକୁ ସକ୍ଷମ ନ ଥିଲା। ଏଥିପାଇଁ ସେ ସ୍କୁଲ ଛାଡ଼ି ଘରେ ପଢି ଦ୍ୱାଦଶ ଯାଏ ପାସ୍ କରିଥିଲେ। ଗରିବ ପିଲାମାନଙ୍କୁ ଇଂଲିଶ ମାଧ୍ୟମରେ ଭଲ ଶିକ୍ଷା ଦେବା ଲାଗି ପ୍ରଥମେ ଘରେ କିଛି ପିଲାଙ୍କୁ ପଢାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢିବା ଯୋଗୁ ସେ ଗୋଟିଏ ପରେ ଗୋଟିଏ ୪ଟି ସ୍କୁଲ ଖୋଲିଥିଲେ। କିନ୍ତୁ ତାଙ୍କ ପାଖରେ ଅର୍ଥାଭାବ ରହିଥିଲା। ଖବରକାଗଜରୁ ୟୁଏସ୍ କନ୍‌ସୁଲେଟ ଜେନେରାଲଙ୍କ ସ୍ତ୍ରୀଙ୍କ ସମାଜ ସେବା ସମ୍ପର୍କରେ ପଢି ତାଙ୍କ ନିକଟକୁ ସ୍କୁଲ ବିଷୟରେ ଲେଖିଥିଲେ। ପରେ ସେ ନିଜେ କୋଲକାତା ଆସି ମାମୁନଙ୍କ ସ୍କୁଲ ପରିଦର୍ଶନ କରି ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଥିଲେ। ଏବେ ୪ଟି ଯାକ ସ୍କୁଲରେ ୬୫୦୦ ପିଲା ପଢୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଡିସେମ୍ବର ୧୯୭୪

- ବୋଧଗୟାଠାରେ କେତେଜଣ ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା କମ୍ୟୁନିଷ୍ଟ ନେତା ଚୁରାମନ ମାଲି ନିହତ।
- ରାମକୃଷ୍ଣ ମିଶନ ପରିଚାଳନା ବୋର୍ଡର ସଭ୍ୟ ଓ ସିନିୟର ଟ୍ରଷ୍ଟି ସ୍ୱାମୀ ସଂବୃଦ୍ଧାନନ୍ଦଙ୍କ ୮୧ ବର୍ଷ ବୟସରେ ପରଲୋକ।
- ମହାତ୍ମା ଗାନ୍ଧୀ ପଣ୍ଡିତ ଯବାହରଲାଲ୍ ନେହେରୁଙ୍କ ନିକଟକୁ ଲେଖିଥିବା ମୂଳ ଚିଠିଗୁଡ଼ିକ ହଜିଯାଇଥିବାରୁ ଏହାର ତଦନ୍ତ କରିବାକୁ ସିବିଆଇକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ।

## ଚିରନ୍ତନୀ

ମରଣର ପଥ ଚାହିଁ ବସି ରହେ ଯେତେ ଅସହାୟ
ଉଠୁ ସେ ସାହସଭରେ ପାଇବାକୁ ଫେରି ନିଜ ନ୍ୟାୟ
ଶ୍ରେଷ୍ଠତମ ମଯର୍ୟାଦା ହେ ଭାରତର ଗର୍ବ ଅଭିମାନ
ସକଳ ସମସ୍ୟା ଲାଗି ଦିଅ ଆଣି ନବ ସମାଧାନ।
-(ଜାଗ ଜାଗ ଗାନ୍ଧୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଢ଼ିଚାଲୁଛି ବୋତଲ, ପାଉଚ୍ ପାଣି ପ୍ରସ୍ତୁତି

ମହାଶୟ,

ସବୁବେଳେ ବୋତଲ ଓ ପାଉଚ ପାଣିର ଚାହିଦା ରହିଛି। ମଝିରେ ମଝିରେ ପାଣି ଭିତରୁ ମଲା ଜିଆ ବାହାରିଲାଣି ତ କେଉଁଠି ପାଣି ଭିତରୁ ଦୂଷିତ ପଦାର୍ଥ ବାହାରୁଛି। ତେବେ ଏସବୁ ସତ୍ତ୍ୱେ ବଜାରରେ ଖୋଲାମେଲା ପାଣି ବିକ୍ରି ଉପରେ ଅଙ୍କୁଶ ଲାଗିପାରୁ ନାହିଁ। ସରକାର ପ୍ଲାଷ୍ଟିକକୁ ନିଷିଦ୍ଧ କରିଥିଲାବେଳେ ପାଣି ପାଉଚ ଶିଳ୍ପଗୁଡ଼ିକ ଉପରେ ଲଗାମ ଲଗାଯାଇଥିଲା। ହେଲେ ଏହି ଶିଳ୍ପ ବେଆଇନ ଭାବେ ପୁଣି ମୁଣ୍ଡ ଟେକିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ (ବିଆଇଏସ୍ ) ମାନ୍ୟତା ପାଇଥିବା ପ୍ରାୟ ୬୦ରୁ ଅଧିକ ସଂସ୍ଥା ବୋତଲ ପାଣି ଓ ପାଣି ପାଉଚ ପ୍ରସ୍ତୁତ କରୁଛନ୍ତି। ହେଲେ ଏହି ତାଲିକା ବାହାରେ ଆଉ ଶତାଧିକ ବେଆଇନ ୟୁନିଟ୍ ରହିଥିବାର ଜଣାଯାଇଛି। ଯଦିଓ ସମସ୍ତେ ବୋତଲ ପାଣି ପ୍ରସ୍ତୁତ କରୁନାହାନ୍ତି କିନ୍ତୁ ପାଉଚ ପାଣି ତିଆରି କରୁଥିବା ଜଣାପଡ଼ିଛି। ବଜାରରେ ଏଗୁଡ଼ିକର ପ୍ରବେଶ ଫଳରେ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ମାନ୍ୟତା ପାଇଥିବା ତଥା ଏହାର ସମସ୍ତ ନିୟମାବଳୀ ଅନୁସରଣ କରୁଥିବା ସଂସ୍ଥାଗୁଡ଼ିକ ବିପୁଳ କ୍ଷତି ସହୁଥିବା ଜଣାପଡ଼ିଛି। ନିୟମାନୁସାରେ ପ୍ୟାକେଜ ବଟଲ ୱାଟର ଇଣ୍ଡଷ୍ଟ୍ରି ଲାଗି କେମିଷ୍ଟ ନିଯୁକ୍ତି, ଲାବୋରେଟୋରି ସ୍ଥାପନ କରାଯିବା କଥା। ଅନ୍ୟପଟରେ କେତେକ ସଂସ୍ଥା ବିଆଇଏସ୍ ମାନ୍ୟତା ପାଇ ମଧ ତାହାର ନିୟମାବଳୀ ପାଳନ କରୁ ନାହାନ୍ତି। ନାମକୁ ମାତ୍ର ବିଆଇଏସ୍ ବା ଆଇଏସ୍‌ଆଇ ଲେବୁଲ ଲଗାଇ ଉତ୍ପାଦିତ ବୋତଲ ପାଣି ବଜାରକୁ ଛାଡୁଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଦରକାର

-ଗିରିଧାରୀ ସାମଲ, ଶ୍ରୀବିହାର କଲୋନି, ତୁଳସୀପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ

# କାଳୁଙ୍କ ଭୋଜି, ବାସନ୍ତୀଙ୍କ ରୋଡ୍‌ଶୋ

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ), ୨୨।୧୨

ନିର୍ବାଚନ ଋତୁର ହାୱା ବହିବାରୁ ଭୋଟର ମୁହାଁ ହେଲେଣି ନେତା ଓ କର୍ମୀ। ଚାଲିଛି ଜନସମ୍ପର୍କ ଯାତ୍ରା, ରୋଡ୍‌ଶୋ, ବନ୍ଧୁମିଳନ ଓ ବଣଭୋଜିର ଆସର। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଶାସକ ଦଳ ପକ୍ଷରୁ ଘନ ଘନ ବୈଠକ ଓ କର୍ମୀଙ୍କୁ ନେଇ ହେଉଛି ପ୍ରଶିକ୍ଷଣ ଶିବିର। ଅନ୍ୟପଟେ ବିଜେଡି ଗତିରୋଧ କରିବା ଲାଗି ଅଣ୍ଟା ଭିଡିଛି ଭାଜପା। ହେଲେ କଂଗ୍ରେସ ଧିମେଇ ଚାଲିଲା ଭଳି ଦେଖାଯାଉଛି।

ନିର୍ବାଚନମଣ୍ଡଳୀ ସାରା ଦୁଇଟି ଘଟଣାକୁ ନେଇ ଏବେ ଚାଲିଛି ଚର୍ଚ୍ଚା। ତାହା ହେଲା–ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟକ ପ୍ରାର୍ଥୀ ଭାବେ ଦାବିଦାର ଥିବା କାଳୁଚରଣ ଖଣ୍ଡାୟତରାୟଙ୍କ ବନ୍ଧୁମିଳନ ଭୋଜି ଏବଂ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ରଙ୍କ ରୋଡ୍‌ଶୋ। ଭାଜପାରୁ କିଏ ପ୍ରାର୍ଥୀ ହେବେ ଓ ଆଶାୟୀ କେଉଁମାନେ ଅଛନ୍ତି ସେନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବା ବେଳେ ବିଜେଡିର ଦୁଇ ବିଧାୟକ ଖୋର୍ଦ୍ଧାର ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ବେଗୁନିଆର ରାଜେନ୍ଦ୍ର କୁମାର ସାହୁଙ୍କ ଏହି ନିର୍ବାଚନମଣ୍ଡଳୀ ଉପରେ ମଧ୍ୟ ରହିଛି ନଜର। ହେଲେ କର୍ମୀଙ୍କ ମହଲରେ କଥା ଚାଲିଛି ବାସନ୍ତୀଙ୍କୁ ନେଇ ନୂଆ ପରୀକ୍ଷଣ କରିପାରେ ବିଜେଡି। ଗତ ନିର୍ବାଚନରେ କଂଗ୍ରେସରୁ ସ୍ୱାଗତିକା ପଟ୍ଟନାୟକ ମାତ୍ର ୪,୨୬୮ ଭୋଟ ପାଇବା ଓ ରାଜ୍ୟ ସ୍ତରରେ ଦଳର ପ୍ରଭାବ ଏବେ ହ୍ରାସ ପାଇଥିବାରୁ ଆଶାୟୀଙ୍କ ବିଷୟରେ କେଉଁଠାରେ କିଏ କଥା ହେଉଥିବାର ଶୁଣିବାକୁ ମିଳୁନାହିଁ।

୨୦୧୯ ନିର୍ବାଚନରେ ଭାଜପାରୁ କାଳୁଚରଣ ଖଣ୍ଡାୟତରାୟ ବିଜେଡିର ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ଟକ୍କର ଦେଇଥିଲେ। ହେଲେ ୧୦,୦୪୩ ବ୍ୟବଧାନରେ ମିତ୍ର ବିଜୟୀ ହୋଇଥିଲେ। ସ୍ୱଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା କାଳୁ ଆଗାମୀ ନିର୍ବାଚନରେ ପୁଣି ଥରେ ଦଳରୁ ପ୍ରାର୍ଥୀ ହେବା ପାଇଁ ପ୍ରୟାସ କରୁଛନ୍ତି। ମଳିପଡ଼ାସ୍ଥିତ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ କର୍ମୀଙ୍କୁ ନେଇ ସେ ଅଙ୍କ କଷିବାରେ ଲାଗିଛନ୍ତି। କିଛିଦିନ ପୂର୍ବେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୨୨ଟି ୱାର୍ଡରେ କାର୍ଯ୍ୟରତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ନେଇ ରଣପୁର ଅଞ୍ଚଳର ପ୍ରସିଦ୍ଧ ଖିଲାମୁଣ୍ଡା ଠାକୁରାଣୀଙ୍କ ପୀଠରେ ଏକ ବନ୍ଧୁମିଳନ ଆୟୋଜନ କରି ଭୋଜି କରିଥିଲେ। ଏହାରି ମାଧ୍ୟମରେ ବିଭିନ୍ନ ୱାର୍ଡ ଦାୟିତ୍ୱରେ ରହିଥିବା କର୍ମୀ ଏବଂ ନଗର ଟିମ୍‌କୁ ନିର୍ବାଚନୀ ଛୁଙ୍କ ଦେଇଥିଲେ ବୋଲି ଶୁଣିବାକୁ ମିଳୁଛି। ତାଙ୍କ ସମର୍ଥକମାନେ କହୁଛନ୍ତି, ଚଳିତ ନିର୍ବାଚନରେ ଦଳରୁ ଆଉ ସେଭଳି କେହି ଦାବିଦାର ନ ଥିବାରୁ କାଳୁ ପୁଣି ଥରେ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବେ। ଭୋଜି ଖାଇ କେତେ ଜଣ କହିଛନ୍ତି, ଯାହା ହେଉ ନିର୍ବାଚନ ପୂର୍ବରୁ କାଳୁ ଆମ୍ଭମାନଙ୍କ ମଧ୍ୟରେ ନବୀନ ଉତ୍ସାହ ଆଣିଲେ।

୨୦୦୦ ମସିହାରୁ ଦେଖିଲେ ଖୋର୍ଦ୍ଧା ବିଧାନସଭା ଆସନ ସର୍ବାଧିକ ବିଜେଡି ହାତରେ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିପୁଳ ଭୋଟରେ ବିଜୟ ଲାଭ କରିଥିଲେ। ଏପରିକି ଉଭୟ ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରେ ମଧ୍ୟ ବିଜେଡି ଅଧ୍ୟକ୍ଷା, ପୌରାଧ୍ୟକ୍ଷା ସମେତ ୨୨ଟି ୱାର୍ଡରୁ ୧୯ଟିରେ ବିଜେଡି ବିଜୟ ଲାଭ କରିଥିଲା। ଜିଲାର ୮ ନିର୍ବାଚନମଣ୍ଡଳୀ ମଧ୍ୟରୁ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ଗୁରୁତ୍ୱ ବହନ କରେ। ସେଥିପାଇଁ ଜ୍ୟୋତିରିନ୍ଦ୍ରନାଥ ଓ ରାଜେନ୍ଦ୍ରଙ୍କ ମଧ୍ୟରୁ କିଏ ଟିକେଟ ପାଇବେ ଚଳାଇଛନ୍ତି ଭିତିରିଆ ଯୋଜନା। କିନ୍ତୁ କର୍ମୀ କହିଲେଣି, ଶାସକ ଦଳରୁ ଟିକେଟ ନ ମିଳିଲେ କିଛି ଅସନ୍ତୁଷ୍ଟ ନେତା ଭାଜପାକୁ ଢଳିବା ସମ୍ଭାବନା ଅଧିକ ରହିଛି। ତେବେ ଏହି ଦୌଡ଼ରେ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ରଙ୍କ ନାମ ଉଠୁଛି। ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେବା ସହିତ ରୋଡ୍‌ଶୋ କରି ଲୋକଙ୍କ ସହ ସମ୍ପର୍କ ରଖୁଛନ୍ତି। ପୂର୍ବରୁ ସେ ଜିଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ଟିକେଟ ପାଇବା ପାଇଁ ତାଙ୍କ କସରତ ପ୍ରାୟ ଦୁଇ ବର୍ଷ ହେବ ଚାଲିଥିବା ସାଧାରଣରେ କୁହାଯାଉଛି। କୌଣସି ମହିଳା ଏହି ଆସନରୁ ବିଜୟ ଲାଭ କରିନାହାନ୍ତି। ବିଜେଡିର ମହିଳା କାର୍ଡକୁ ଦେଖିଲେ ଓ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଯଦି ତର୍ଜମା କରାଯାଏ, ତେବେ ଟିକେଟ ପାଇବାରେ ତାଙ୍କ ନାମ ସଂକ୍ଷିପ୍ତ ତାଲିକା ଭିତରେ ରହିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।



ଭାଜପା ନେତା କାଳୁଚରଣ ଖଣ୍ଡାୟତରାୟ ଭୋଜିବେଳେ ଉଦ୍‌ବୋଧନ ଦେଉଛନ୍ତି।



ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ରଙ୍କ ରୋଡ୍ ଶୋ'।

## ପ୍ରତିବାଦ ଦିବସ ପାଳିଲେ ଇଣ୍ଡିଆ ମେଣ୍ଟଭୁକ୍ତ ଓଡ଼ିଶା ଦଳ




ପିଏମ୍‌ଜିଠାରେ ଶୁକ୍ରବାର 'ଇଣ୍ଡିଆ' ମେଣ୍ଟଭୁକ୍ତ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକର ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

ସଂସଦରୁ ବିରୋଧୀ ଦଳର ୧୪୬ ସାଂସଦଙ୍କୁ ନିଲମ୍ବନ କରାଯିବା ଗଣତନ୍ତ୍ରର ହତ୍ୟା ସଦୃଶ ବୋଲି ଅଭିହିତ କରାଯାଇ ଶୁକ୍ରବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ସମାନଭାବେ 'ଇଣ୍ଡିଆ' ମେଣ୍ଟଭୁକ୍ତ ଓଡ଼ିଶାର ରାଜନୈତିକ ଦଳଗୁଡ଼ିକ ଏଥିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରଠାରେ ପଟୁଆର ଏବଂ ଗଣ ସତ୍ୟାଗ୍ରହ ଜରିଆରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଥିରେ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇଏମ୍ଏଲ୍ (ଲିବେରେଶନ), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଆମ୍ ଆଦ୍‌ମୀ ପାର୍ଟି, ସମାଜବାଦୀ ପାର୍ଟି, ଏନ୍‌ସିପି, ଆର୍‌ଜେଡି, ସମତାକ୍ରାନ୍ତି ଦଳ, ସିପିଆଇଏମ୍ଏଲ୍ (ରେଡ୍‌ଷ୍ଟାର), ତୃଣମୂଳ କଂଗ୍ରେସ, ଜେଏମ୍ଏମ୍ ଏବଂ ସମୃଦ୍ଧ ଓଡ଼ିଶା ଇତ୍ୟାଦି ଦଳ ସାମିଲ ହୋଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକଠାରୁ ମିଳିତ ପଟୁଆର ବାହାରି ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ସମାବେଶ ଏବଂ ଗଣସତ୍ୟାଗ୍ରହ ସଙ୍ଗଠିତ ହୋଇଥିଲା। ଇଣ୍ଡିଆ ମେଣ୍ଟଭୁକ୍ତ ଓଡ଼ିଶାର ରାଜନୈତିକ ଦଳର ପ୍ରମୁଖ ରାଜ୍ୟ ନେତୃବୃନ୍ଦମାନେ ଏହି ଅବସରରେ କହିଛନ୍ତି, ଭାରତୀୟ ସମ୍ବିଧାନରେ ସଂସଦ ହେଉଛି ସର୍ବୋଚ୍ଚ ଗଣତାନ୍ତ୍ରିକ ଅନୁଷ୍ଠାନ। ବିରୋଧୀ ସାଂସଦମାନେ ପ୍ରତିବାଦ କରିବା ଏକ ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ଅଧିକାର। ସଂସଦର ସମସ୍ତ ବିଧି ବ୍ୟବସ୍ଥା ଏବଂ ସମ୍ବିଧାନର ନୀତିନିୟମକୁ କେନ୍ଦ୍ର ସରକାର ଜଳାଞ୍ଜଳି ଦେଇ ରାଜ୍ୟ ସଭା ଅଧ୍ୟକ୍ଷ ଏବଂ ଲୋକ ସଭା ବାଚସ୍ପତିଙ୍କୁ ବ୍ୟବହାରକରି ୧୪୬ ଜଣ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରିଛନ୍ତି। ଅବିଳମ୍ବେ ଏମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ବିରୋଧୀ ମେଣ୍ଟ ପକ୍ଷରୁ ଦାବି କରାଯାଇଛି। ସୁରେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ସଙ୍ଗଠିତ ହୋଇଥିବା ଏହି ପ୍ରତିବାଦ ଆନ୍ଦୋଳନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ପ୍ରସାଦ ହରିଚନ୍ଦନ, ରାମକୃଷ୍ଣ ପଣ୍ଡା, ଅଳି କିଶୋର ପଟ୍ଟନାୟକ, ଅଭୟ ସାହୁ, ଯୁଧିଷ୍ଠିର ମହାପାତ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ରବି ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଜନସ୍ୱାର୍ଥ ମାମଲା ସରକାରୀ ଦଳର ପ୍ରାୟୋଜିତ ଥିଲା: ଭାଜପା

ଭୁବନେଶ୍ୱର,୨୨।୧୨(ସୁନିତ୍ ମିଶ୍ର)

### ପଦ୍ମପୁରକୁ ଜିଲା ଘୋଷଣା କରାଯିବା ପ୍ରସଙ୍ଗ

ଶାସକ ବିଜେଡି କୌଣସି ସିଦ୍ଧାନ୍ତରେ ପହଞ୍ଚିପାରନ୍ତି ନାହିଁ। ଏଥିପାଇଁ ସାରା ଦେଶରେ ରାଜ୍ୟବାସୀଙ୍କ ସମ୍ମାନହାନି ହୋଇଥାଏ ବୋଲି ଭାଜପା କଟାକ୍ଷ କରି କହିଛି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଗତ ଗୁରୁବାର ନୂଆ ଜିଲା ନେଇ ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଘୋଷଣା ଉପରେ ଅଙ୍କୁଶ ଲଗାଯାଇଛି। ପଦ୍ମପୁର ନିର୍ବାଚନ ସମୟରେ ସେଠାକାର ଲୋକଙ୍କ ପାଖରୁ ଭୋଟ ହାତେଇବା ପାଇଁ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା କରିଦିଆଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ୨୦୨୩ ଡିସେମ୍ବର ସୁଦ୍ଧା ଜିଲା ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ରାଇରଙ୍ଗପୁର 'କ୍ରିୟାନୁଷ୍ଠାନର ପିଟିଶନ' ଉପରେ ହାଇକୋର୍ଟ ରୋକ ଲଗାଇଛନ୍ତି। ରାଜ୍ୟ ସରକାର କାହିଁକି ଏମିତି ନିଷ୍ପତ୍ତି ନେଉଛନ୍ତି ଯାହା ପରବର୍ତ୍ତୀ ସମୟରେ କୋର୍ଟ ରୋକ୍ ଲଗାଉଛନ୍ତି। ଏ ସରକାର ଜାଣିଶୁଣି 'ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି' ବୋଲି ସେ କହିଛନ୍ତି। ମନୋଜ ଆହୁରି କହିଛନ୍ତି, ଜନସ୍ୱାର୍ଥ ମାମଲାଟି ସରକାରୀ ଦଳର ପ୍ରାୟୋଜିତ ଥିଲା। ସାଧାରଣ ଲୋକ ତଥା ରାଜ୍ୟବାସୀଙ୍କ ଭାବ ପ୍ରବଣତା ସହ ବିଜେଡି ସରକାର ଖେଳ ଖେଳୁଛି। ରାଜ୍ୟ ସରକାରଙ୍କୁ କିଏ ଚଳାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ବିଜେଡିରେ ମିଶିଲେ ଅନ୍ୟ ଦଳର ନେତା, କର୍ମୀ

ବାଲେଶ୍ୱର, ୨୨।୧୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବସ୍ତା ବ୍ଲକର କଇନଗରୀ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ଶତାଧିକ ପରିବାର ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ଉପସ୍ଥିତିରେ ଡୁବୁଲିଆ ଗ୍ରାମ ୧୦, ୧୧ ଓ ୧୨ ନମ୍ବର ୱାର୍ଡର ସଂଖ୍ୟାଧିକ ଅନ୍ୟ ଦଳର ସଦସ୍ୟାସଦସ୍ୟ ବିଜେଡିରେ ଯୋଗ ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ଜେନା ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ବସ୍ତା ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ଜିଲା ବିଜେଡି ଉପସଭାପତି ସୁବ୍ରତ ପଣ୍ଡା, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଅଞ୍ଜନ ଦଣ୍ଡପାଟ, ପଞ୍ଚାୟତ ବିଜେଡି ସଭାପତି କିଶୋରାମ ସି, ସାହାଡ଼ା ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ଦାସ, ସାହାଡ଼ା ସରପଞ୍ଚ ପ୍ରତିନିଧି ଜଗବନ୍ଧୁ ବର, ଇଡ଼ିଦା ସରପଞ୍ଚ ପ୍ରତିନିଧି ଦେବୀ ପ୍ରସାଦ ଭଞ୍ଜ, କଇନଗରୀ ଯୁବ ବିଜେଡି ସଭାପତି ପ୍ରଦୀପ ସି ପ୍ରମୁଖ ଉପସ୍ଥିତ ଥିଲେ। କଇନଗରୀ ପଞ୍ଚାୟତ ବିଜେଡିର ବରିଷ୍ଠ ନେତା ଅନିରୁଦ୍ଧ ମଣ୍ଡଳ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଯଜ୍ଞେଶ୍ୱର ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ।


**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ. DRM/Engg/KUR/23-24/E-Tender/115, ତା.15.12.2023ରିଖ

(1) ଟେଣ୍ଡର ସଂ. e-Tender-CENTKUR-371-2023, ତା.13.12.2023ରିଖ

ବିବରଣୀ : BOXN ଡିପୋ/ଅନୁଗୁଳର ପରିସର ପାଚେରୀ ଏବଂ ମାର୍ଗ ନଂ.5 ମଧ୍ୟରେ 700Mx2M ପାଥୱେର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 49.29 ଲକ୍ଷ, EMD (₹) : 98,600.00।

(2) ଟେଣ୍ଡର ସଂ. eTender-CentKUR-372-2023, ତା.11.12.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way) ଢେଙ୍କାନାଳ ଅଧୀନସ୍ଥ ନିର୍ଗୁଣ୍ଡି-ସଦାଶିବପୁର ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକର ଲୁପ୍ ଲାଇନ୍‌ରେ 7.813 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 225.11 ଲକ୍ଷ, EMD (₹) : 2,62,600.00।

(3) ଟେଣ୍ଡର ସଂ. eTender-EastKUR-376-2023, ତା.12.12.2023ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ଅଧୀନସ୍ଥ ଚାରବାଟିଆ ଠାରୁ ପାରାଦ୍ୱୀପ ସେକ୍ସନ ପର୍ଯ୍ୟନ୍ତ ଲୁପ୍ ଲାଇନ୍ ଗୁଡ଼ିକରେ 30 kmph ଠାରୁ 50 kmph ପର୍ଯ୍ୟନ୍ତ ପ୍ରସ୍ତାବିତ ଗତି ବୃଦ୍ଧି ନିମନ୍ତେ P.Way ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 93.58 ଲକ୍ଷ, EMD (₹) : 1,87,200.00।

ଶେଷ ହେବା ଅବଧି : 04(ଚାରି) ମାସ (କ୍ରମ ସଂ. 1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ. 2 ଏବଂ 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.01.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-911/O/23-24

CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**WANTED**
LADY OFFICE EXECUTIVE
PHULNAKHARA, CUTTACK
FREE ACCOMMODATION
FREE BOARDING
10000 TO 15000
7809525452

**WALK-IN-INTERVIEW**
SRICHANDAN COLLEGE OF NURSING
Prabhat Lane, Duttatota, Puri
Time: 10am- 2pm/08.01.24
Requirement : Principal Vice Principal & Tutors (ANM/GNM Course
Eligibility : B.Sc Nursing/GNM With Teaching Experience
*Please carry original certificates with a copy of resume
Contact : 6370434309, 9861269241

ଦରମା ଭିତ୍ତିରେ ପୁରୁଷ ସେବକ ଆବଶ୍ୟକ। ଶିକ୍ଷା: ୧୦ମରୁ କମ୍। ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ବ୍ୟକ୍ତିଗତ ସାକ୍ଷାତକାର ପରେ ଦରମା ସ୍ଥିର ହେବ।
ମୋ.: 9438128790

See Career Appointment on every Wednesday & Saturday

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड

**ई–पुनर्निविदा आमंत्रण सूचना (2nd Call)**

PR No- 309839 Dated 25.10.2023

ई–पुनर्निविदा संख्या:- 185 /2023-24 | दिनांक :- 20.12.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-SRK-01 /2023-24 | नीमडीह | 1 | रामनगर बांदु पथ से हेवन से लावा होते हुए आण्डा तक पथ का सुदृढ़ीकरण कार्य। (लं० – 9.833 कि०मी०) | 1374.147 | तेरह करोड़ चौहत्तर लाख चौदह हजार सात सौ रू० मात्र | 09 महीना |
| | | कुकड़ू | 2 | रूपरू से सिरूम तक पथ का सुदृढ़ीकरण कार्य। (लं० – 2.065 कि०मी०) | | | |
| | | कुकड़ू | 3 | लेटेमदा से जारगो तक का सुदृढ़ीकरण कार्य। (लं० – 2.800 कि०मी०) | | | |
| | | कुकड़ू | 4 | डेरे से रेलवे लाईन तक का सुदृढ़ीकरण कार्य। (लं० – 1.560 कि०मी०) | | | |
| | | कुकड़ू | 5 | छातरडीह से जारगो मोड़ भाया महादेबेड़ा तक का सुदृढ़ीकरण कार्य। (लं० – 4.500 कि०मी०) | | | |
| 2 | JH-M-SRK-02 /2023-24 | ईचागढ़ | 1 | आर०ई०ओ० रोड से कुद्रीलोंग ग्राम तक पथ का सुदृढ़ीकरण कार्य। (लं० – 2.560 कि०मी०) | 1447.312 | चौदह करोड़ सैंतालिस लाख ईक्कतीस हजार दो सौ रू० मात्र | 09 महीना |
| | | ईचागढ़ | 2 | कुद्रीलोंग (भागाबांध) से घातकीडीह तक पथ का सुदृढ़ीकरण कार्य। (लं० – 1.520 कि०मी०) | | | |
| | | ईचागढ़ | 3. | बड़ा अमड़ा से जाहेरडीह भाया सिलदा तक पथ का सुदृढ़ीकरण कार्य। (लं० – 3.650 कि०मी०) | | | |
| | | ईचागढ़ | 4 | गेरांगकोचा से करनडीह तक पथ का सुदृढ़ीकरण कार्य। (लं० – 3.500 कि०मी०) | | | |
| | | ईचागढ़ | 5 | नगासेंरेग से कुटाम तक पथ का सुदृढ़ीकरण कार्य। (लं० – 3.450 कि०मी०) | | | |
| | | ईचागढ़ | 6 | कुटाम से काठधोड़ा तक पथ का सुदृढ़ीकरण कार्य। (लं०–12.300 कि०मी०) | | | |
| | | ईचागढ़ | 7 | नगासेंरेग बाजार से डुंगरीडीह भाया आमनदीरी सीमा तक पथ का सुदृढ़ीकरण कार्य। (लं० – 4.700 कि०मी०) | | | |

2. वेबसाईट मे निविदा प्रकाशन की तिथि:–22.12.2023
3. ई–निविदा प्राप्ति की अंतिम तिथि एवं समय:– 03.01.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–04.01.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 314059 Rural Work Department(23-24)#D

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमंडल,साहेबगंज विकास भवन, साहेबगंज**

**ई– पुर्निविदा आमंत्रण सूचना**

ई0–पुर्निविदा संख्या–08 / 2023–2024 / RWD/SAHIBGANJ/2023-24

| क्र0 सं0 | आईडेन्टिफिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रू0 में) अंकमें | प्राक्कलित राशि (रू0 में) अक्षरमें | कार्यसमाप्ति की अवधि |
|---|---|---|---|---|---|---|
| 1 | RWD/SAHIBGANJ/ 02/2023-24 | पतना | पतना चौक से बी0एस0के0 कॉलेज और बिन्दुवासिनी मंदिर होते हुए होली फैमली स्कूल बड़हरवा–दिग्घी पी0डब्लू0डी0 रोड तक पथ निर्माण कार्य।(लं0–4.600 कि0मी0) | 664.224 | छः करोड़ चौसठ लाख बाईस हजार चार सौ रूपये मात्र) | 12 माह |

2. वेबसाईट में निविदा प्रकाशन की तिथि– 28.12.2023
3. ई–निविदा प्राप्ति की अंतिम तिथि एवं समय:– 08.01.2024 अपराह्न् 05.00 बजे तक।
4. निविदा खोलने की तिथि एवं समय– 10.01.2024 अपराह्न् 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियन्ता, ग्रामीण कार्य विभाग, कार्यप्रमंडल, साहेबगंज, पिन–816109
6. . ई–निविदा प्रकोष्ट का मोबाइल न0– 8292371115

विस्तृत जानकारी के लिए वेबसाईट–https://www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग,कार्य प्रमंडल,साहेबगंज

PR314119 (Rural Work Department)23-24*D

**"ଜାତୀୟ ତାଳଗୁଡ଼ ଦିବସ"**
**ଉପଲକ୍ଷେ**

PALM CRAFT

ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ ପରିବାର ତରଫରୁ ତାଳଗୁଡ ଶିଳ୍ପରେ ନିୟୋଜିତ ରାଜ୍ୟର ସମସ୍ତ କାରିଗର, କର୍ମଚାରୀ, ପ୍ରାଥମିକ ତାଳଗୁଡ ସମିତି ଓ ସଂଘ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଶୁଭେଚ୍ଛୁ ତଥା ତାଳଗୁଡ ଶିଳ୍ପପ୍ରେମୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

"ସହଯୋଗ ହିଁ ଯୁଗଧର୍ମ"

ପି ପ୍ରଭାକର ରାଓ, ପରିଚାଳନା ନିର୍ଦ୍ଦେଶକ
ପ୍ରଫୁଲ୍ଲ କୁମାର ଜେନା, ସଭାପତି

**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id serwcirclesbp@yahoo.com

**Bid Identification No. Road tender Online RWCSBP-47/2023-24 No.: 3830 Dated: 16.12.23**

No.O-1967:- The Chief Constrction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for Road works under DMF in the district of Sambalpur for the year 2023-24.

| | | | |
|---|---|---|---|
| 1 | Name of work | : | Construction of road under DMF for the year 2023-24 |
| 2 | No. of works | : | 1(One) No. details as per DTCN |
| 3 | Estimated cost | : | Approximately varies from Rs.133.85 lakhs |
| 4 | Class of contractor | : | 'B' and 'A' Class |
| 5 | Cost of tender paper and mode of deposit | : | Rs.10,000/- per set (to be deposited Online) in favour concerned Executive Engineer |
| 6 | Mode of submission of tender | : | Tender should be submitted only online in website www.tendersorissa.gov.in (https//tendersodisha.gov.in) |
| 7 | EMD and mode of deposit | : | 1% of estimated cost of the work to be remitted online as mentioned in DTCN |

8 Summary of key dates are provided below:

| Procurement Officer | Bid Identification No. | Availability of tender online for bidding From | Availability of tender online for bidding To | Last date & time for seeking clarification | Date & time of opening of tender Technical bid | Date & time of opening of tender Financial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road tender online RWCSBP-47/ 2023-24 | 26.12.2023 From 11.00 A.M. | 09.01.2024 Upto 05.00 P.M. | 05.01.2024 Upto 5.00 P.M. | 10.01.2024 at 11.00 A.M. | Will be intimated later |

● Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in) ● Subsequent modification / corrigendum/ addendum if required shall appear in website only. ● The amount put to bid is exclusive of GST. ● Bidder should inspect the road before bidding and quote his rate accordingly.

OIPR-25091/11/0071/2324 | Sd./- Chief Construction Engineer, Rural Works Circle, Sambalpur

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Engineer-In-Chief, Water Resources,**
No.A-1052 **Secha Sadan, Bhubaneswar**
**Email address: cemech.eicwr.od@gmail.com**

**e-Procurement Notice - Bid Identification No. CEM/MDB-02/2023-24**

| | | | |
|---|---|---|---|
| 1 | Name of the work | : | Mechanical Gate Works |
| 2 | No. of works | : | 01(One) |
| 3 | Category of executors | : | SSI Units registered under DIC/ NSIC/MSME for Irrigation Shutters / Hydro Mechanical Gates |
| 4 | Bid Identification No. | : | CEM/MDB-02/2023-24 |
| 5 | Tender value | : | Rs.20,62,269.00 |
| 6 | Period of completion | : | Three calendar months |
| 7 | Date & time of availability of bid documents in the portal | : | From dt.28.12.2023 (10.00 A.M.) to dt.06.01.2024 (5.30 P.M.) |
| 8 | Last date / time for receipt of bid in the portal | : | Dt.06.01.2024 (Upto 5.30 P.M.) |
| 9 | Date and place of opening of bid | : | Dt.08.01.2024 (12.00 Noon onwards in the O/o the undersigned) |
| 10 | Name of the officer inviting bid | : | Chief Engineer, Mechanical, O/o the E.I.C., Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in

Sd./- Chief Engineer, Mechanical
O/o Engineer-In-Chief, Secha Sadan, Bhubaneswar
OIPR-32520/11/0004/2324

## ଗଞ୍ଜେଇ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୨୨।୧୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ଦୌରଜଜ୍ ତଥା ସ୍ପେଶାଲ ଜଜ୍ ବିକ୍ରମ କୁମାର ପ୍ରଧାନ ଶୁକ୍ରବାର ଏକ ଗଞ୍ଜେଇ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୫।୫।୨୦୧୮ରେ ବାଉଁଶୁଣୀ ପୋଲିସ ହିଲୁଙ୍ଗ ଗ୍ରାମର ରଞ୍ଜନ ବାରିକଙ୍କ ଘରେ ଗଞ୍ଜେଇ ଥିବା ନେଇ ଚଢାଉ କରିଥିଲେ। ଘରେ ୨ଟି ବସ୍ତାରେ ଗଞ୍ଜେଇ ଥିବା ଦେଖିଥିଲେ। ବସ୍ତା ମଧ୍ୟରୁ ୪୮ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁକରି ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ହୋଇ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୧୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ରଞ୍ଜନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରତିମ ମିଶ୍ର ପରିଚାଳନା କରୁଥିଲେ।

# ଆମ୍ବୁଲାନ୍ସ କର୍ମଚାରୀ ସଂଘର ଜିଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ, ୨୨।୧୨(ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ୧୦୮ ଆମ୍ବୁଲାନସ କର୍ମଚାରୀମାନେ ବିଗତ ୨୦୧୩ ମସିହାଠାରୁ ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟକରି ଆସୁଛନ୍ତି। ବନ୍ୟା, ବାତ୍ୟା, କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଓ ଦୁର୍ଘଟଣା ସମୟରେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସରକାର କର୍ମଚାରୀଙ୍କ ସମସ୍ୟା ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଆମ୍ବୁଲାନସ କର୍ମଚାରୀ ମହାସଂଘ ପକ୍ଷରୁ ଛଅ ଦଫା ଦାବି ନେଇ ଜଣାଇଥିଲେ। କିନ୍ତୁ ୧୫ ଦିନ ଭିତରେ ସରକାର ଦରମା ବୃଦ୍ଧି କରିବାକୁ କହିଥିଲେ। ଆଜି ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ହୋଇପାରି ନ ଥିବାରୁ ପୁଣି ମହାସଂଘ ଡାକରାରେ ବୌଦ୍ଧ ଜିଲା ଶାଖା ପକ୍ଷରୁ ଛଅ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ କର୍ମଚାରୀଙ୍କୁ ନିୟମିତ କରାଯାଉ, ହେଲା ୧୦୮ ଆମ୍ବୁଲାନ୍ସ କାର୍ଯ୍ୟରତ ନଚେତ ସ୍ୱତନ୍ତ୍ର ପ୍ୟାକେଜ ୮ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମଟିମାନଙ୍କୁ ୩୦ହଜାର, ପାଇଲଟଙ୍କୁ ୨୫ ହଜାର ଓ ଆଟେଣ୍ଡାଣ୍ଟମାନଙ୍କୁ ୨୦ ହଜାର ପ୍ରଦାନ କରାଯାଉ। ବାର୍ଷିକ ଦରମା ବୃଦ୍ଧି, କର୍ମଚାରୀଙ୍କୁ ଆକ୍ରମଣ ହେଲେ ସ୍ୱତନ୍ତ୍ର ଭାବେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସଂଘ ସହିତ ଆଲୋଚନା କରାଯାଉ। କର୍ମଚାରୀଙ୍କ ପାଇଁ ରହିବା ଓ ଶୌଚାଳୟର ବ୍ୟବସ୍ଥା କରାଯାଉ ଓ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅର୍କମଣ୍ୟ ହେଲେ ୧୦ ଲକ୍ଷ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଚିତ୍ତରଞ୍ଜନ ମହାରଣା, ସୁଜିତ କୁମ୍ଭାର, ରାମପ୍ରସାଦ ଡାଙ୍ଗ, ଅଭିଷେକ ମହାକୁଲ, ଶୁଭମ ମହାପାତ୍ରଙ୍କ ସହିତ ସମସ୍ତ ଆମ୍ବୁଲାନସ କର୍ମଚାରୀ ସାମିଲ ଥିଲେ।



ଦାବିପତ୍ର ଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମ୍ବୁଲାନ୍ସ କର୍ମଚାରୀ।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି।

**ବୌଦ୍ଧ, ୨୨।୧୨(ଅଜିତ କୁମାର ବାରିକ)**

କେନ୍ଦ୍ର ସରକାରଙ୍କର ଏକଛତ୍ରବାଦ ଶାସନକୁ ବିରୋଧ କରି ଶୁକ୍ରବାର ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହିତ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲା ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତାମାନେ ବିକ୍ଷୋଭ କରିଥିଲେ। କେନ୍ଦ୍ର ସରକାର ଗଣତନ୍ତ୍ରର କଣ୍ଠରୋଧ କରି ସଂସଦର ଉଭୟ ଗୃହର ୧୪୬ ଜଣ ସାଂସଦଙ୍କୁ ନିଲମ୍ବନ କରିଥିବା ପ୍ରତିବାଦରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଯଦିକେନ୍ଦ୍ର ସରକାର ଅତିଶୀଘ୍ର ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ କଂଗ୍ରେସ ଗଣତନ୍ତ୍ରର ସୁରକ୍ଷା ସକାଶେ ଭାଜପା ସରକାରଙ୍କୁ ସବୁ କ୍ଷେତ୍ରରେ ବିରୋଧ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ପିସିସି ସଭ୍ୟ ପ୍ରଶାନ୍ତ ସାହୁ, ପୂର୍ବତନ ପିସିସି ସଭ୍ୟ ରାୟ ସଞ୍ଜିବ କୁମାର ଦେଓ, ସନ୍ଧ୍ୟାରାଣୀ ସିଂ, ମମତା ପଣ୍ଡା, ପ୍ରଭାତୀ ବେହେରା, ଭାନୁମତୀ ନାୟକ, କଳ୍ପନା ବେହେରା, ପଦ୍ମିନୀ ବେହେରା, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲ୍ଲିକ, ବେଣୁଧର ମେହେର, ରୋହିତାଶ୍ୱ ବେହେରା, ପଲସ୍ତି ପ୍ରଧାନ, ଅର୍ଜ୍ଜୁନ ମହାନ୍ଦିଆ, ପ୍ରଦୀପ ଦାସ, ପ୍ରଭଞ୍ଜନ ବାରିକ, ସମରେନ୍ଦ୍ର ମହାକୁ. ଶାନ୍ତନୁ ଚାନ୍ଦ, ହେମନ୍ତ ଭୋକ୍ତା, ତ୍ରିପୁରାରୀ ସେଠୀ, ସୁଧାଂଶୁ କହଁର, ବୈଦ୍ୟନାଥ ମହାନନ୍ଦିଆ, ଝରିଆ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷା ସହ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ

**ସୋନପୁର, ୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଧୁବାମୁଣ୍ଡାସ୍ଥିତ ସୁକାନ୍ତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବ ଉତ୍କର୍ଷ-୨୦୨୩ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉତ୍ତମ ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଛାତ୍ର ସମାଜ ଦେଶର ଭବିଷ୍ୟତ। ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସୁନାଗରିକ ଭାବେ ଗଢି ତୋଳିବା ଉଚିତ। ସୁକାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନର ସମ୍ପାଦକ କମଳିନୀ ତ୍ରିପାଠୀ ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁକାନ୍ତି ଇଣ୍ଟର ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ସନ୍ତୋଷ କୁମାର ବାସ ଓ ସୁକାନ୍ତି ଏକାଡେମୀର ଅଧ୍ୟକ୍ଷ ଡ. ବିଭୂତି ଭୂଷଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀ ବି ଅବନ୍ତିକା ଅବାନି, ଛାତ୍ର ମଙ୍ଗଳମ ବଡମାଳି, ସୁକାନ୍ତି ଏକାଡେମୀର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ପ୍ରିୟଙ୍କା ପଧାନ, ଛାତ୍ର ରାଜେଶ ପ୍ରଧାନ, ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ ଶାନ୍ତିଲତା ନେପାକ ଓ ଅନ୍ନପୂର୍ଣ୍ଣା ବଡେଇଙ୍କୁ ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ସମ୍ମାନିତ କରାଯାଇଥିଲା। ଅହଲ୍ୟା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରମେଶ ମିଶ୍ର ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।


ସୁକାନ୍ତି ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥି।

# ସୁବର୍ଣ୍ଣପୁରରେ ନୂଆ-ଓ ଉତ୍ସବ



ନୂଆ-ଓ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ସୋନପୁର, ୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)**

- **କଳାକାରଙ୍କ ନୃତ୍ୟ, ସଙ୍ଗୀତରେ ଝୁମିଲେ ଛାତ୍ରୀଛାତ୍ର**
- **ଭୀମ ଭୋଇଙ୍କ ବାଣୀ ସମୂହ ଗାନ କରାଗଲା**

ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମଠାରେ ନୂଆ-ଓ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଧିନରେ ଏହି ଜିଲାସ୍ତରୀୟ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଜିଲାର ୩୫ଟି କଲେଜରୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସନ୍ଥକବି ଭୀମଭୋଇଙ୍କ କାଳଜୟୀ ବାଣୀର ସମୂହ ଗାନ କରାଯାଇଥିଲା। ମହିମା ଗାନରେ ସାମିଲ ହୋଇ ଛାତ୍ରୀଛାତ୍ର ଏହି ମାଟିର କାଳଜୟୀ କବିଙ୍କୁ ସ୍ମରଣ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ଜିଲାସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା, ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଯୁବତୀ ଯୁବକଙ୍କ ପାରଦର୍ଶିତା ବୃଦ୍ଧି ଏବଂ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ମନ୍ତ୍ରୀ ପୂଜାରୀ କହିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି ଉତ୍ସବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି କରିବ ବୋଲି ମତପ୍ରକାଶ କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ମଞ୍ଚାସୀନ ଥିଲେ। ଉତ୍ସବକୁ ଉପଭୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ବସ ଯୋଗେ କଲେଜରୁ ସଭାସ୍ଥଳକୁ ଅଣାଯାଇଥିଲା। ଡ. ବି.ବି ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ମୋଟିଭେଶନ ଟକ୍ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଭିଡିଓ ବାର୍ତ୍ତାକୁ ଏଲଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା କ୍ରୀଡା ଭିତ୍ତିଭୂମିର ବିକାଶ ସମ୍ପର୍କରେ ପ୍ରଦର୍ଶିତ ହୋଇଥିଲା। ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଓ ବିଭିନ୍ନ ଅନୁଷ୍ଠାନର କଳାକାର ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। କମେଡିଆନ ବିନ୍ଦୁ ନିଜ ଅଭିନୟର ଯାଦୁରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। ପରେ କଲେଜର କେତେକ ଛାତ୍ରୀଛାତ୍ର ଦଳଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଉତ୍ସବ ପରିପ୍ରେକ୍ଷିରେ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ବକ୍ତୃତା, କୁଇଜ୍, ରଙ୍ଗୋଲି, ହସ୍ତଶିଳ୍ପ, ଏକକ ଅଭିନୟ, ଷ୍ଟାଣ୍ଡଅପ୍ କମେଡି, ଏକକ ଓ ଦଳଗତ ନୃତ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ସୋନପୁରରେ କଂଗ୍ରେସର ଧାରଣା

**ସୋନପୁର, ୨୨।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ଲୋକସଭା ଓ ରାଜ୍ୟସଭାରୁ ୧୪୨ ଏମ୍‌ପିଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଦର୍ଶାଇ ନିଲମ୍ବନ କରାଯାଇଛି। ପ୍ରତିବାଦରେ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣଧାରଣ ଦିଆଯାଇଥିଲା। ଇଣ୍ଡିଆ ମେଣ୍ଟଭୁକ୍ତ ଦଳଗୁଡିକର ଏମ୍‌ପିମାନେ ଲୋକସଭା ଓ ରାଜ୍ୟସଭାରେ ସାମ୍ବିଧାନିକ ବ୍ୟବସ୍ଥାର ସୁରକ୍ଷା ପାଇଁ ମୁହଁ ଖୋଲିବାରୁ ସେମାନଙ୍କୁ ନିଲମ୍ବନ କରାଯାଇଥିବା କଂଗ୍ରେସ ଦଳ ଅଭିଯୋଗ କରିଛି। ଏହି ଅବସରରେ ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ କମିଟିର ସଭାପତି ବିନୋଦ ପାତ୍ରଙ୍କ ସମେତ ଜିତେନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ହୋତା, ପ୍ରଦୀପ ସେଠୀ, ରାଜେଶ ମିଶ୍ର, ସଂଗ୍ରାମ କେଶରୀ ନାଏକ, ସୁଧୀର ପଣ୍ଡା, ଶତ୍ରୁଘ୍ନ ଅମାତ, ପ୍ରଭୁଦତ୍ତ ବସ୍ତିଆ, ନରେନ୍ଦ୍ର ସାହୁ, ଇମରାନ ଖାଁ, ବାଳକୃଷ୍ଣ ତନସେନା ଓ ରାଜେନ୍ଦ୍ର ମେହେର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ ଧାରଣାରେ ବସିଛନ୍ତି ।

## ଏନ୍‌ଏସ୍‌ଏସ୍ ୟୁନିଟର ଶୀତକାଳୀନ ଶିବିର

**ବାଉଁଶୁଣୀ, ୨୨।୧୨(ଦେବାଶିଷ ନେପାକ):** ବାଉଁଶୁଣୀ ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଏନ୍‌ଏସ୍‌ଏସ୍ ୟୁନିଟର ୭ଦିନିଆ ଶୀତକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବୌଦ୍ଧ, ସୋନପୁର ଜିଲା ଦାୟିତ୍ୱରେ ଥିବା ଡିପିଓ ଡ. ମନୋରଞ୍ଜନ ଘଡ଼େଇ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ, ମକର ମହାରଣା, ପ୍ରଦୀପ କୁମାର ଭୁକ୍ତା ଯୋଗ ଦେଇଥିଲେ। ଶିବିରରେ ୫୧ ଶିବିରାର୍ଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଡ. ଉମାକାନ୍ତ ବିଶ୍ୱାଳ ସଞ୍ଚାଳନ କରିଥିଲେ।

## ବୀରମହାରାଜପୁର ଆଦର୍ଶ ଥାନା ପରିସରରେ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଅମରପାଲି, ୨୨।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନା ପରିସରରେ ଜିଲାସ୍ତରୀୟ ଦ୍ୱିତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ଅମରେସ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ତହସିଲଦାର ଅମୃତଲାଲ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୀରମହାରାଜପୁର ଆଦର୍ଶ ଥାନା ତରଫରୁ ଆୟୋଜିତ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ସଭାକୁ ଅଭିମନ୍ୟୁ ବରର୍ତ୍ତି ସଂଯୋଜନା କରିଥିବାବେଳେ ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳକୁ କିଶୋର ମୋହନ ଡାଙ୍ଗ, ଗିରିଧାରୀ ହୋତା, ଗୋପିନାଥ କର୍ଣ୍ଣ ପରିଚାଳନା କରୁଛନ୍ତି।


ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଯାତ୍ରା ।

## ଉମା ମହେଶ୍ୱର ମନ୍ଦିର ପ୍ରତିଷ୍ଠା ଆରମ୍ଭ

**ଅତାବିରା, ୨୨।୧୨(ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମରେ ଗୁରୁବାରଠାରୁ ଶ୍ରୀ ଶ୍ରୀ ଉମା ମହେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ କଳସ ଯାତ୍ରା ସହିତ ଅଙ୍କୁରାରୋପଣ, ମଙ୍ଗଳକର୍ମ ଏବଂ ଶୁକ୍ରବାର ମଣ୍ଡପ ଦେବତା ପୂଜନ, ଜ୍ଞପସ୍ନାନ, ଗୀତା ହବନ ହୋଇଥିଲା। ଶନିବାର ଦେବତା ସ୍ନାନ, ପ୍ରାଣ ପ୍ରତିଷ୍ଠା, ଚଣ୍ଡୀହବନ, ରବିବାର ମନ୍ଦିର ଅଧିବାସ, ବିଷ୍ଣୁ ସହସ୍ର ନାମ ହବନ ଏବଂ ସୋମବାର ରୁଦ୍ରକାର୍ଯ୍ୟ, କଳସ ସ୍ଥାପନ, ଦେବତା ପ୍ରବେଶ ଏବଂ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

# ସରିଲା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଅମରପାଲି, ୨୨।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳା ଯୁକ୍ତ ୨ ମହାବିଦ୍ୟାଳୟରେ ନୂଆ-ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ‘କ୍ରୀଡ଼ା, ସାମାଜିକ କାର୍ଯ୍ୟକଳାପ ଓ ସଂସ୍କୃତିର ମହାପାର୍ବଣ-୨୦୨୩’ ନାମରେ ନାମିତ କରାଯାଇଥିବା ଏହି ଉତ୍ସବରେ କ୍ରୀଡ଼ା ଓ ଖେଳକୁଦ, ନୃତ୍ୟଗୀତ, ଫେଶନ ଶୋ, ସାମାଜିକ ସଚେତନତା ଶୋଭାଯାତ୍ରା, ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ଗୋପାଳ ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ମୁଣ୍ଡୋଘାଟ ସରପଞ୍ଚ କେଶନ ଜଗଦଲା, ରବୀନ୍ଦ୍ର ହୋତା, ସନ୍ତୋଷ କୁମାର ମିଶ୍ର ଯୋଗଦାନ କରି ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଖାଦ୍ୟ ଉତ୍ସବ ପ୍ରତିଯୋଗିତାରେ ବିଚାରକ ଭାବରେ କାଶିନାଥ ମିଶ୍ର, ଗୋବିନ୍ଦ ପଧାନ ଓ ରୁବି ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉମେଶ କୁମ୍ଭାରଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ଆବାହନୀ ସଙ୍ଗୀତ ପରିବେଷଣ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ଦଣ୍ଡନୃତ୍ୟ ଆମ ଓଡ଼ିଶା ଏବଂ ମାଷ୍ଟର ବୀରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ଗୋଷ୍ଠୀନୃତ୍ୟ ପରିବେଷିତ ହୋଇଥିଲା। ଡକ୍ଟର ପୁରୁଷୋତ୍ତମ ମିଶ୍ର କାର୍ଯ୍ୟକ୍ରମଗୁଡ଼ିକ ସଂଯୋଜନା କରିଥିଲେ। ପ୍ରାଧ୍ୟାପିକା ନମିତା ରଥ, ସୌମିତ୍ରୀ ପଧାନ, ପ୍ରତୁଲ ତ୍ରିପାଠୀ, ପ୍ରଫୁଲ୍ଲ ପାତ୍ର, ସତ୍ୟ ମହାକୁଡ଼, ଗଦାଧର ପଧାନ, ବିଭୀଷଣ ପଧାନ, ନୀଳାମ୍ବର ପଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଏସ୍‌ଡିସିଏ ସୋନପୁର କ୍ୱାର୍ଟର ଫାଇନାଲରେ

**୨୭ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ ଉଦ୍‌ଘାଟିତ**

**ଅମରପାଲି, ୨୨।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କସ୍ଥିତ ହାଇସ୍କୁଲ ପଡ଼ିଆରେ ଜେଜେଏସ୍‌ସି ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ଜୟଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଲୁଡୁରପଙ୍କ ଦଳକୁ ହରାଇ ଏସ୍‌ଡିସିଏ ସୋନପୁର କ୍ୱାର୍ଟର ଫାଇନାଲକୁ ଯାଇଛି।

ଉଦ୍‌ଘାଟନୀ ମ୍ୟାଚ ଏସ୍‌ଡିସିଏ ସୋନପୁର ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୫ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଦଳର କେ.ଜି .ଗୋପାଳକୃଷ୍ଣ ୨୩ ବଲରୁ ୬୯ ରନ ଓ ପୁରୁଷୋତ୍ତମ ପାତ୍ର ୫୪ ରନ କରିଥିଲେ। ବିପକ୍ଷ ଦଳର ଯଦୁଲାଲ ନନ୍ଦ ୨ଟି ଉଇକେଟ ନେଇଥିଲେ। ଜବାବରେ ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୯ ଉଇକେଟ ହରାଇ ୭୦ ରନ କରି ପରାସ୍ତ ହୋଇଥିଲା। ଦଳର ମ୍ୟାକମିଲନ ମହାକୁର ୧୬ ରନ କରିଥିବା ବେଳେ ସୋନପୁରର କେ.ଜି ଗୋପାଳକୃଷ୍ଣ ୪ଟି, ସୁମନ ମହାରଣା ଓ ସୁରେଶ ବେହେରା ୨ଟି ଲେଖାଏଁ ଉଇକେଟ ନେଇଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସରପଞ୍ଚ ସୂର୍ଯ୍ୟ ନନ୍ଦ, ମହେନ୍ଦ୍ର ଜଗଦଲା, ସସ୍ମିତା ଦୀପ, ନିରୁପମା ସେଠୀ, କେଶନ ଜଗଦଲା, ସମିତିସଭ୍ୟ ଶୈଳରଞ୍ଜନ ବାଦୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, କ୍ରୀଡ଼ାବିତ୍ କିଶୋର ହୋତା, ସତ୍ୟଞ୍ଜିବ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସରପଞ୍ଚ ସୂର୍ଯ୍ୟ ନନ୍ଦ ଓ ବିଶିଷ୍ଟ ବ୍ୟବସାୟୀ କୁଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୋନପୁରର କେ.ଜି. ଗୋପାଳକୃଷ୍ଣଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ସମୀର ପାଣିଗ୍ରାହୀ ଓ ପୃଥୀରାଜ ମିଶ୍ର ପରିଚାଳନା କରିଥିଲେ। ବଙ୍କା ବିହାରୀ ମହାକୁର ସ୍କୋରର ଏବଂ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ସୋନପୁର ଓ ଏନ୍‌ଏନ୍‌ଏସ୍ ପ୍ରୟାଗରାଜ(ଉତ୍ତରପ୍ରଦେଶ) ମଧ୍ୟରେ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।


ଲୁଡୁରପଙ୍କ କ୍ରିକେଟ କପ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଉଭୟ ଦଳର ଖେଳାଳି।

## ସଂକ୍ଷେପରେ

### ନାବାଳିକାଙ୍କୁ ହତ୍ୟା ଉଦ୍ୟମ, ୨ ବାଳକ ଅଟକ

**ଜୁନାଗଡ଼,୨୨।୧୨(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନାବାଳିକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ନାବାଳିକାଙ୍କ ମାମୁଁଙ୍କ ଅଭିଯୋଗରେ ଜୁନାଗଡ଼ା ପୋଲିସ ଏକ ମାମଲା (ନଂ.୪୮/୨୩) ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ୨ଜଣ ନାବାଳକଙ୍କୁ ପଚରାଉଚୁରା କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା ଭବାନୀପାଟଣା ସଦର ଥାନା ଅଞ୍ଚଳର ହୋଇଥିବାବେଳେ ସେ ଲକ୍ଷ୍ମୀପୂଜା ଦେଖିବା ପାଇଁ ଜୁନାଗଡ ଥାନା ଅଞ୍ଚଳର ଏକ ଗ୍ରାମକୁ ଆସିଥିଲେ। ଗତ ୨୦ ତାରିଖ ରାତିରେ ତାଙ୍କୁ ଏକ ଫୋନ ଆସିଥିଲା। ନାବାଳିକା ବାହାରକୁ ଆସି ଆଉ ଫେରି ନ ଥିଲେ। ଏହାପରେ ମାମୁଁଘର ଲୋକେ ତାଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ତା'ପରଦିନ ନାବାଳିକା ଗ୍ରାମର ଏକ ପାଳଗଦା ନିକଟରେ ଅଚେତ ଅବସ୍ଥାରେ ପଡିଥିବା ଯାତ୍ରା କମିଟି ଲୋକେ ଦେଖିଥିଲେ। ନାବାଳିକାଙ୍କ ବେକ ଓ ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ନାବାଳିକାଙ୍କୁ ପ୍ରଥମେ ଜୁନାଗଡ ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା।

### ଜିଲାରେ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉନ୍ମୋଚନ

**ନୂଆପଡ଼ା,୨୨।୧୨(ମକାରୁ ବେମାଲ)** ଓଡିଶା ଚାରୁକଳାର ଓ ଜଗନ୍ନାଥ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଓଡିଶା ଲଳିତ କଳା ଏକାଡେମୀର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଶୁକ୍ରବାର ନୂଆପଡା ଜିଲା ସଦରମହକୁମାସ୍ଥିତ ପୋଲିସ ପଡିଆରେ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ରଥ ପହଞ୍ଚିଥିଲା। ଅପରାହ୍ନରେ ନୂଆପଡା ଜିଲାପାଳ ହେମକାନ୍ତ ସାଏ ଏବଂ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହାର ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ତଥା ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତଥିଲେ। ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀରେ ଓଡିଶା ଲଳିତ କଳା ଏକାଡେମୀ ସମ୍ବଲପୁର ରିଜିଓନାଲ ଆଟ ଇନଚାର୍ଜ ବିଦ୍ୟାପତୀ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଥୁଆମୂଳ ରାମପୁର,୨୨।୧୨(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୁଲପାଟଣାଠାରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ୍ତ କୁମାର ଦିଶାରୀ, ସ୍ଥାନୀୟ ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବଳଭଦ୍ର ହରିଜନ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଦୀପ ପାଟ ମାଝି, ଦିଲୀପ କୁମାର ଦାସ, ଲଛମା ନାଏକ, ଭକ୍ତି ନାଏକ, ଅକ୍ଷୟ ପାତ୍ର ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷକ ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁମନ୍ଦିରର ୨୬ତମ ବାର୍ଷିକ ଉତ୍ସବ

**ରୁପ୍ରାରୋଡ୍/ପଲମ/ନର୍ଲା,୨୨।୧୨ (ସଞ୍ଜୀବ ଦାସ/ଭିକାରି ଗଉଡ/ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ଶିଶୁମନ୍ଦିରରେ ଶୁକ୍ରବାର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଘନଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ମୁଖ୍ୟବକ୍ତା ଭାବେ ଦିପକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ ପ୍ରମୁଖ ଯୋଗଦାନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ତଥା ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ।

# ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

**ଭବାନୀପାଟଣା,୨୨।୧୨(ଉତ୍ତମ କୁମାର ଦାଶ)**



ଉଦ୍‌ଘାଟନୀରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଟାଉନ ହଲଠାରେ ଶୁକ୍ରବାର ସନ୍ଧ୍ୟାରେ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୩ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା, ଗବେଷକ ଉମା ଶଙ୍କର କର, ସାରଳା ପୁରସ୍କାର ପ୍ରାପ୍ତ ତଥା ବିଶିଷ୍ଟ ସଂସ୍କୃତିବିତ୍ ଜୟନ୍ତ ବେହେରା ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କ ପ୍ରତିମୂର୍ତ୍ତୀ ଠାରେ ପୁଷ୍ପମାଲ୍ୟ ଦେଇ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ନାଟକ କ୍ଷେତ୍ରରେ ଏ ମାଟିକୁ ବିଶେଷ ଅବଦାନ ପାଇଁ ଉମା ଶଙ୍କର ବାବୁ, ସୁରେଶ ସିଂ ଓ ଦେବାଶିଷ ତ୍ରିପାଠୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜି ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ନାଟକ 'ଭାବ୍ ନୁ ଅଭାବ'। ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ଦ୍ୱାରା ପରିବେଷିତ ଏହି ସମ୍ବଲପୁରୀ ନାଟକ ନାଟ୍ୟକାର ଅତିସ କୁମାର ଶତପଥୀ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ବିଭିନ୍ନ ଭୂମିକାରେ ନରେନ୍ଦ୍ର ବେହେରା, ପଙ୍କଜିନି ମେହେର, ସୁମିତ୍ରା ମହାକୁ ରାହୁଲ ମହାନନ୍ଦ ଓ ଅତିସ କୁମାର ଶତପଥୀ ଅଭିନୟ କରିଥିବାବେଳେ ଆଲୋକ ସଞ୍ଚାଳନ କରିଥିଲେ ସଂକେତ କୁମାର ପୁରୋହିତ। ନାଟକରେ ମଞ୍ଚ ପରିଚାଳନା କରିଥିଲେ ସୁବଳ ଚନ୍ଦ୍ର ବାଗ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗିରିଜା ଶଙ୍କର ମିଶ୍ର। ଏହି କାର୍ଯ୍ୟକ୍ରମରେ ସୁଶୀଲ ଗହୀର ମଞ୍ଚ ପରିଚାଳନା କରିଥିଲେ। ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶର ତ୍ରିପାଠୀ, ସୁଶୀଲ ଆଚାର୍ଯ୍ୟ, ଶୁଭମ ବେହେରା, ତଥାଗତ ମିଶ୍ର, ସୌର୍ଯ୍ୟ ରଞ୍ଜନ ଜେନା, ଶିବଶକ୍ତି ପୁରୋହିତ, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ମାନସୀ ନାୟକ, ଦୀପକ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

### ପ୍ରଦର୍ଶିତ ହେଲା ନାଟକ 'ଭାବ୍ ନୁ ଅଭାବ'

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦାବିପତ୍ର



ଦାବିପତ୍ରକୁ ଦେବାକୁ ଆସିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀ।

**ଭବାନୀପାଟଣା,୨୨।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାରେ ଶୁକ୍ରବାର ରାଜ୍ୟ ସଂଘର ଆହ୍ୱାନକ୍ରମେ ୬ ଦଫା ଦାବି ନେଇ ଗର୍ଜିଛନ୍ତି ଅଲ ଓଡିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ। ଏ ନେଇ ସେମାନେ ଶୋଭାଯାତ୍ରା କରିବା ସହ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଶ୍ରମ ଅଧିକାରୀ ଓ ଡିପିଏମୟୁ ୬ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନିୟମିତ କରାଯାଉ ନ ଚେତ ସ୍ୱତନ୍ତ୍ର ପ୍ୟାକେଜ ୮ ଘଣ୍ଟିଆ ପାରିଶ୍ରମିକ ଅନୁସାରେ ଇଏମ୍‌ଟିଙ୍କୁ ୩୦ ହଜାର, ପାଇଲଟ୍‌କୁ ୨୫ ହଜାର, ସହାୟକକୁ ୨୦ ହଜାର ଓ ଏଡଭାନ୍ସ ଲାଇଫ୍ ସପୋର୍ଟ ଇଏମ୍‌ଟିଙ୍କୁ ୩୫ ହଜାର ଟଙ୍କା ଦିଆଯିବାର ଅନୁମତି ହେଉ, ବାର୍ଷିକ ଦରମା ବୃଦ୍ଧି ନିଶ୍ଚିନ୍ତ କରାଯାଉ, ପ୍ରତ୍ୟେକ ୧୦୮ ଆମ୍ବୁଲାନ୍ସ ରହୁଥିବା ସ୍ଥାନରେ କର୍ମଚାରୀମାନଙ୍କ ପାଇଁ ରହିବା ଓ ଶୌଚାଳୟର ବ୍ୟବସ୍ଥା କରାଯାଉ ଓ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ଅନୁକମ୍ପା ରାଶି ୨୦ ଲକ୍ଷ ଓ ଅର୍କମଣ୍ୟ ହେଲେ ୧୦ଲକ୍ଷ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। କଳାହାଣ୍ଡି ଜିଲା ସଭାପତି ଶୁଭେନ୍ଦୁ ମେହେର ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ଗଣେଶ୍ୱର କେତକୀ, କାର୍ଯ୍ୟକର୍ତ୍ତା ଜୀମୁତ ପ୍ରଧାନୀ, ଭୃଙ୍ଗରାଜ ବେହେରା, ଗଜିନ୍ଦ୍ର ବିଶି, ଅନନ୍ତ ବନ୍ଧିଛୋଡ, ଅନୀଲ ନାଏକ, ବେଣୁ ବାଗ, ରାମ ଚିନ୍ଦା, ଲାଲମୋହନ ନାଏକ, ମୁକେଶ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକତା ପରିବର୍ତ୍ତନ ହେଲେ ବନ୍ଦ ହେବ କମ୍ ବୟସ ବିବାହ




କର୍ମଶାଳାରେ ଅତିଥିଗଣ।

### କମ ବୟସର ବିବାହକୁ 'ନା' କର୍ମଶାଳା

**ଭବାନୀପାଟଣା,୨୨।୧୨(ଉତ୍ତମ କୁମାର ଦାଶ)**

ଲୋକଙ୍କ ମାନସିକତା ପରିବର୍ତ୍ତନ ସହ ସମାଜର ସବୁ ବର୍ଗର ଲୋକ ଏକାସାଙ୍ଗରେ ଆଗେଇ ଆସିଲେ କମ ବୟସର ବିବାହକୁ ବନ୍ଦ କରାଯାଇ ପାରିବ ବୋଲି ଶୁକ୍ରବାର ଭବାନୀପାଟଣାସ୍ଥିତ ଡିପିଏମୟୁ ସମ୍ମିଳନୀ କକ୍ଷଠାରେ ଆୟୋଜିତ କର୍ମଶାଳାରେ ଅତିଥିମାନେ ମତ ଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ କର୍ତ୍ତବ୍ୟ ଓ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳା ପ୍ଲାନିଂ ଓ ମନିଟରିଂ ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ଉଦଘାଟନ କରିଥିବା ବେଳେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଦୁଲାଲ ସେନାପତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଶିଶୁ ମଙ୍ଗଳ ସମିତି ପୂର୍ବତନ ଅଧ୍ୟକ୍ଷ ଡ଼. ଅଜୟ କୁମାର ମିଶ୍ର ଓ କର୍ତ୍ତବ୍ୟ ମୁଖ୍ୟ ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକର ସିଡିପିଓ ଓ ସୁପରଭାଇଜର ଯୋଗଦେଇଥିଲେ। କଳାହାଣ୍ଡି ଜିଲାରେ କମ ବୟସରେ ହେଉଥିବା ବିବାହର କାରଣ ଓ ନିରାକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ପୂର୍ବତନ ଅଧ୍ୟକ୍ଷ ଡ଼.ମିଶ୍ର ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ଆଇନ ଗତ ଦିଗ ଓ ସାମାଜିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କଳାହାଣ୍ଡି ଜିଲାରେ ଗତ ବର୍ଷ ତୁଳନାରେ କମ ବୟସରେ ହେଉଥିବା ବିବାହ କମୁଥିଲେ ମଧ୍ୟ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ବ୍ୟାପକ ସଚେତନ ସୃଷ୍ଟି କରି ଏହାକୁ କିପରି ଶୁନକୁ ଅଣାଯାଇ ପାରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଛି। ପଞ୍ଚାୟତ ପ୍ରତିନିଧି, ଶିକ୍ଷକ, ଶିକ୍ଷୟିତ୍ରୀ, କିଶୋର, କିଶୋରୀ, ପୋଲିସ, ବିଭିନ୍ନ ଜାତିର ମୁଖ୍ୟ, ବେସରକାରୀ ଅନୁଷ୍ଠାନ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ମତାମତ ପ୍ରକାଶ ପାଇଥିଲା। ରାଜେଶ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସନ୍ତୋଷ ଦାଶ ଧନ୍ୟବାଦ ଦେଇଥିଲେ। କର୍ତ୍ତବ୍ୟ ଅନୁଷ୍ଠାନ୍‌ର ଆଲୋକ ପ୍ରଧାନ, ବନ୍ଦନା ବନ୍ଧିଛୋଡ, ବିକ୍ରମ ପୁଝାରୀ ପ୍ରମୁଖ ସହଯୋଗ କରିଥିଲେ।

### ତୋର୍ଲି ଅପର ପ୍ରାଇମେରି ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଡ଼ିଆଳ,୨୨।୧୨(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକ ନେହେନା ପଞ୍ଚାୟତ ତୋର୍ଲି ଅପର ପ୍ରାଇମେରି ସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି ଏହି ବିଦ୍ୟାଳୟରେ ଏହି କ୍ରୀଡା ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଜେଡି ଉପସଭାପତି ବ୍ରଜବନ୍ଧୁ ଭିତ୍ରୀୟା, ସମ୍ମାନିତ ଅତିଥି ଭାବେ ସିଶିର ପାଣିଗ୍ରାହୀ, କ୍ଷୀରୋଦ କୁମାର ଗହିର ସିଆରସିସି, ରଞ୍ଜିତା ପଣ୍ଡା ପ୍ରଧାନ ଶିକ୍ଷୟିତ୍ରୀ, ଆଦିତ୍ୟ କୁମାର ପାଣିଗ୍ରାହୀ ଶିକ୍ଷକ, ମୋହନ ମହାନନ୍ଦ ଶିକ୍ଷକ, ସାଗରିକା ପାଣିଗ୍ରାହୀ ଶିକ୍ଷୟିତ୍ରୀ ଯୋଗଦାନ କରି କ୍ରୀଡା ଭିତ୍ତିଭୂମି ବିକାଶ ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଖେଳ ପ୍ରତିଯୋଗିତା କରାଯାଇଥିଲା। ଏହା ନେହେନା ଗ୍ରାମପଞ୍ଚାୟତରେ ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ହେଉଥିବାରୁ ବୁଦ୍ଧିଜୀବୀ ମହଲରେ ଅନୁଷ୍ଠାନ ପ୍ରତି ଲୋକମାନଙ୍କ ଭଲ ପାଇବା ସହିତ ଚର୍ଚ୍ଚାର ବିଷୟ ହୋଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଲାଞ୍ଜିଗଡ଼,୨୧।୧୨(ରମେଶ ଚନ୍ଦ୍ର ନାୟକ)** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଧଅଁରାଭଟ୍ଟା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଧ୍ୟକ୍ଷ କ୍ଷିରେଶ୍ୱର ପଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥ ଭାବେ ଜିଲା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମ ଲାଲ ଦୁବେ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରର ମେଜର୍ ଡ଼ ଜୟଦେବ ସାହୁ ଏବଂ ବିଶ୍ୱନାଥପୁର ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ଼. ଚିତ୍ତରଞ୍ଜନ ବାରିକ ଏବଂ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଶଶାଙ୍କ ପାତ୍ର, ଅତିରିକ୍ତ ଶ୍ରମଅଧିକାରୀ ସନାତନ ମାଝି, ବ୍ଲକ ଶିକ୍ଷାଧିକାରୀ ନମିତାରାଣୀ ଭୋଇ, ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ବ୍ରମ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାର ସଞ୍ଜୀବ ନାଏକ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତି ପ୍ରସାଦ ପଣ୍ଡା, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କ୍ଷିରେଶ୍ୱର ପଧାନ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷକ ଡିନେଶ କୁମାର ଶବର, ଗୋପିନାଥ ସାହୁ, ଭବାନୀଶଙ୍କର ମିଶ୍ର, ଜି.ସୁଦାମ, ସୋନମ ସୁହାଷିନୀ, ସୂର୍ଯ୍ୟକାନ୍ତ ପ୍ରଧାନ, ବିବେକାନନ୍ଦ ସାହୁ, ସନ୍ତୋଷ କୁମାର ଶବର, ଗୋପନାଥ ସାହୁ, ସୁଦାମ ସାହୁ, ଅଜୟ ପଲେଇ, ଅଲେଖ କୁମାର ସେଟ, ହିମାଂଶୁ ଜାଲ, ତତେଶ୍ୱର ମୁଣ୍ଡଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ ପୂର୍ବମଣ୍ଡଳର ମହାସଭା

**ମଦନପୁର,୨୨।୧୨(ସନ୍ତୋଷ କୁମାର ଦଣ୍ଡସେନା)**




କାର୍ଯକ୍ରମରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଶୁକ୍ରବାର କଳାହାଣ୍ଡି କ୍ଷତ୍ରିୟ ପାଇକ ସମାଜ ପୂର୍ବ ମଣ୍ଡଳର ଷଷ୍ଠ ମହାସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ନୀଳମାଧବ ସିଂଦେଓ ମ.ରାମପୁର ରାଜାଙ୍କ କରକମଳରେ ମ.ରାମପୁର ଶ୍ରୀ ରାମମନ୍ଦିରଠାରୁ ମଦନପୁର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ପୂର୍ବମଣ୍ଡଳର କ୍ଷତ୍ରୀୟ ବୀର ତାଙ୍କ ବିରତ୍ୱର ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଅନନ୍ତ ପ୍ରତାପ ଦେଓ କଳାହାଣ୍ଡି ରାଜା, ଭାରତ ଭୂଷଣ ଦେଓ ସାମାଜିକ ପତାକା ଉତ୍ତୋଳନ କରି ରାମଚନ୍ଦ୍ରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ସମ୍ପାଦକ ବାସୁଦେବ ପ୍ରଧାନୀ, କୁଳପତି ପ୍ରଦୀପ କୁମାର ଘଡେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷ ସମ୍ମାନିତ ଅତିଥି ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ସତ୍ୟନାରାୟଣ ମୁଣ୍ଡଛିନା ଅଧ୍ୟକ୍ଷ ମାଣିକେଶ୍ୱରୀ ମହାବିଦ୍ୟାଳୟ ଥୁ.ରାମପୁରଧ, ଦିଲୀପ ନାୟକ ଖରିଆର ପାଟଣା ସମ୍ପାଦକ ସମ୍ମାନିତ ଅତିଥି, ସୁରେନ୍ଦ୍ର ପ୍ରତାପ ସିଂଦେଓ ରାଜା ଲାଞ୍ଜିଗଡ, ଚନ୍ଦ୍ରଧ୍ୱଜ ପେଶନିଆ କୁଳାଧ୍ୟକ୍ଷ କଳାହାଣ୍ଡି, ଶମ୍ଭୁ କିଶୋର ଦଣ୍ଡସେନା ଖରିଆର ପାଟଣା କୁଳପତି, ରାଧାକୃଷ୍ଣ ଦଳେଇ କୁଳପତି ରାୟଗଡା, ଭବାନୀଶଙ୍କର ବାଣୁଆ ପୂର୍ବତନ କୁଳପତି, ଦେବରାଜ ଠାକୁର ସଭାପତି ଧରପଗଡ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅତିଥିମାନେ ବୀର ପାଇକ ମାନଙ୍କ ସ୍ମୃତିଚାରଣା କରିଥିଲେ। ଏହି ମହାସଭା ୨ଦିନ ଧରି ଅନୁଷ୍ଠିତ ହେବ। ଶେଷରେ ଭୈରବ ପ୍ରସାଦ ନାୟକ ଉପ କୁଳପତି ପୂର୍ବ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ଣ୍ଣାହୁତି ସହ ଲକ୍ଷ୍ମୀପୂଜା ସମାପନ

**ବେହେରା,୨୨।୧୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତ ବାଙ୍କୀମୁଣ୍ଡା ଗ୍ରାମରେ ଚାଲିଥିବା ମହାଲକ୍ଷ୍ମୀ ପୂଜା ଶୁକ୍ରବାର ପୂର୍ଣ୍ଣାହୁତି ସହ ସମାପନ ହୋଇଯାଇଛି। ପୂଜାରେ କର୍ତ୍ତା ରୂପେ ଓଡିଶା ନିଖିଳ ଗ୍ରାମ ରୋଜଗର ସେବକ ରାଜ୍ୟ ସଭାପତି ପ୍ରଭାତ କୁମାର ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ, ପୂଜକ ରୂପେ ପ୍ରଦୀପ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ୪ଦିନ ଧରି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ଆୟୋଜିତ ହୋଇଥିଲା। ବେହେରା ସାନ ନାଏକ ପଡ଼ାର ମହିଳାମାନଙ୍କ ଭଜନ ସନ୍ଧ୍ୟା ଦର୍ଶକମାନଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମ ଧନପତି ପୂଝାରୀ, ହରଦୁ ସିଂ ଗୋପାଳ, କେତୁ ପୂଝାରୀ, ଡମନ ପୂଝାରୀ, ମୋହିନୀ ତିୱାରୀ, ଜ୍ୟୋତ୍ସ୍ନା ପୂଝାରୀଙ୍କ ସମେତ ଲକ୍ଷ୍ମୀପୂଜା କମିଟି ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟା ପରିଚାଳନା କରିଥିଲେ।

# ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ



**କେସିଙ୍ଗା,୨୨।୧୨(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଶିରୋଲ ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଶୁକ୍ରବାର ସାପ୍ତାହିକ ବଜାର ଉଦଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅଞ୍ଚଳରେ ଚାଷ କରୁଥିବା ଚାଷୀମାନେ ଦୂରକୁ ନ ଯାଇ ନିଜ ଉତ୍ପାଦିତ ଶସ୍ୟ, ପନିପରିବା ସହଜରେ ବିକ୍ରି କରିବା ସହ ଏହି ଅଞ୍ଚଳର ଚାଷୀଙ୍କ ବିକାଶ ଉପକୃତ ହୋଇପାରିବେ ବୋଲି ଅଧ୍ୟକ୍ଷ ମତ ପ୍ରକାଶ କରିଥିଲେ। ସରପଞ୍ଚ ଝରଣା ବାଗ ଓ ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗଙ୍କ ଉଦ୍ୟମରେ ଗ୍ରାମପଞ୍ଚାୟତ ସାପ୍ତାହିକ ବଜାର ହୋଇପାରିଛି। ସରପଞ୍ଚ ଝରକା ବାଗ ସର୍ବପ୍ରଥମେ ପନିପରିବା କ୍ରୟ କରିଥିଲେ। ଏହି ବଜାରରେ ଲୁଗାପଟାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଜିନିଷପତ୍ର ବିକ୍ରି ହୋଇଥିଲା। ଏହି ସାପ୍ତାହିକ ଶୁକ୍ରବାର ବଜାରରେ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହା, ସମିତି ସଭ୍ୟ ପ୍ରତାପ ବାଗ, ନାଏବ ସରପଞ୍ଚ ପଙ୍କଜ ମାଝି ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ହେମନ୍ତ ନାଗ ମଞ୍ଚ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଆରମ୍ଭ

**ଥୁଆମୂଳ ରାମପୁର,୨୨।୧୨(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ କର୍ଲାପାଟ ଅନ୍ତର୍ଗତ ପେରମଞ୍ଜିରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ତନ୍ମୟ କୁମାର ଦରୱାନ ଯୋଗଦେଇ ଗ୍ରାମ୍ୟ ଦେବୀ ଧରଣୀ ମା'ମନ୍ଦିରରୁ ଶୋଭାଯାତ୍ରାରେ ଆସିଥିବା ମଶାଲ ଗ୍ରହଣ କରି ମଞ୍ଚ ନିକଟରେ ସ୍ଥାପନ କରିଥିଲେ। ମଞ୍ଚରେ ସମ୍ମାନିତ ଅତିଥି ଭାବେ ଲୋକ ସମ୍ପର୍କ ଓ ପ୍ରଚାର ପ୍ରସାର ବିଜ୍ଞାପନ ସବ କମିଟି ଅଧ୍ୟକ୍ଷ ଶାନ୍ତନୁ କୁମାର ବେହେରା, ଡିଆଇପିଆରଓ ମନୋଜ କୁମାର ବେହେରା, ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ତହସିଲଦାର କବିରାଜ ପ୍ରଧାନ, ଏମ.ଏମ.ପି.ଏସ କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଜିଲା ସାଂସ୍କୃତିକ ପରିଷଦ ସଭ୍ୟ ସତ୍ୟ ପ୍ରସାଦ ସିଂ, ଥୁଆମୂଳ ରାମପୁର ଏମ୍‌ପି ପ୍ରତିନିଧି ବଳଭଦ୍ର ଜାନୀ, ସ୍ଥାନୀୟ ସମିତି ସଭ୍ୟା ଶିବ ମାଝି, ସ୍ଥାନୀୟ ସରପଞ୍ଚ ବିଶ ମାଝି, ଅଶୋକ ସିଂ, ଥୁଆମୂଳ ରାମପୁର ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜେନ୍ଦ୍ର ନାରାୟଣ ଦେବ, ଜ୍ଞାନରଞ୍ଜନ ଭୋଇ, ଦେବେନ୍ଦ୍ର କୁମାର ମହାନନ୍ଦ, ଅଧ୍ୟାପକ ବବ୍ରୁ ବାହାନ ବୁଦ୍ଧିଆ, ମିତ୍ର ବରୁଣ ସିଂ, ସରୋଜ ମୁଣ୍ଡଛିନା, ସୌମ୍ୟରଞ୍ଜନ ମହାପାତ୍ର ସହଯୋଗ ପ୍ରସ୍ତୁତ ଓ ଅନୁମୋଦିତ ଲୋଗୋ ଓ ପୋଷ୍ଟର ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ଉନ୍ମୋଚନ କରିଥିଲେ। ଉତ୍ସବ ସ୍ଥଳରେ ଉଦ୍ୟାନ ବିଭାଗ, ଅଗ୍ନିଶମ, ପ୍ରାଣୀସମ୍ପଦ, ମିଶନଶକ୍ତି, ସମନିତ ଶିଶୁ ବିକାଶ, କୃଷି ବିଭାଗ ନିଜସ୍ୱ ବିଭିନ୍ନ ଯୋଜନାର ସଚେତନତା ସୃଷ୍ଟି କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ଘରୋଇ ସାଂସ୍କୃତିକ ଅନୁଷ୍ଠାନର ପ୍ରାୟ ୨୦ଟି ଦଳ ଦ୍ୱାରା ଭଲିବଲ ପ୍ରତିଯୋଗିତାରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ମା' ମାଣିକେଶ୍ୱରୀ ପଞ୍ଚାଯତ ସମିତି କଲେଜ ଚାମ୍ପିୟନ ଏବଂ ଗୁଣପୁର ଏସଏସଡି ହାଇସ୍କୁଲ ରନର ଅପ ହୋଇଥିଲା। ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ସତ୍ୟନାରାୟନ ମୁଣ୍ଡଛିନା ସଭା ପରିଚାଳନା ଏବଂ ଆଇନଜୀବୀ ସଞ୍ଜୀବ ସିଂ ଧନ୍ୟବାଦ ଦେଇଥିଲେ।

### କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଲୋଗୋ ସହ ପୋଷ୍ଟର ଉନ୍ମୋଚନ




କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଲୋଗୋ ଏବଂ ପୋଷ୍ଟର ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ବଡ଼ଗାଁ,୨୨।୧୨( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ କଣ୍ଟିଆମୁରା ଗ୍ରାମର ଜଣେ ଯୁବକ ତାଙ୍କ ମାଉସୀଙ୍କୁ ଜଣାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକଙ୍କ ଠାରୁ ଜଣାପଡିଛି। ମୃତକ ହେଲେ ରଞ୍ଜନ ବେହେରା। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରଞ୍ଜନ ପେଟ୍ରୋଲ ପମ୍ପରେ କାମ କରନ୍ତି। ଗୁରୁବାର ସନ୍ଧ୍ୟାରେ ତାଙ୍କ ମାଉସୀଙ୍କୁ ଫୋନ କରି ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏଥିସହ ତାଙ୍କର କେତେକ ସାଙ୍ଗଙ୍କ ପାଖକୁ ମଧ ମେସେଜ କରିଥିଲେ। ଏହାପରେ ବାମରା ନିକଟ ମୁଣ୍ଡାପଡାଠାରେ ଥିବା ଏକ ଢାବା ପଛପଟେ ବାଇକ୍‌କୁ ରଖି ଟ୍ରେନ ଲାଇନକୁ ଡେଇଁ ପଡିଥିଲେ। ପୋଲିସ ମୃତଦେହ ଜବତ କରିଥିଲା।

### ଟ୍ରକ ପଛରେ ଧକ୍କା ଦେଲା ଟ୍ରେଲର, ଜଣେ ମୃତ

ଲହୁଣୀପଡ଼ା, ଟେନ୍‌ସା ୨୨।୧୨(ଦାଶରଥି ପଣ୍ଡା/ସମୀର କୁମାର ପାଢ଼ୀ): ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ୫୨୦ ନମ୍ବର ଜାତୀୟ ରାଜପଥର ଚୁନା ଘାଟି ନିକଟରେ ଗୁରୁବାର ରାତିରେ ଏକ ଟ୍ରେଲର ଟ୍ରକକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲା ରିଅମାଳ ଥାନା ଅନ୍ତର୍ଗତ ଛଚୁପାଲି ଗ୍ରାମର ମନନବି ମୁଣ୍ଡା (୨୭)। ଏଥିସହ ୨ ଗୁରୁତରଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ବ୍ୟଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ୨ଟି ଗାଡି ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରୀତମ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଡୋଲାମଣି ଶତପଥୀ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

# ଝାଡ଼ାବାନ୍ତି ମୃତକଙ୍କ ପରିବାରକୁ ୨୦ଲକ୍ଷ ଦିଅ

## କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ସ୍ମାରକପତ୍ର ପ୍ରଦାନ

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)


ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସ୍ମାର୍ଟସିଟି ରାଉରକେଲାରେ ଝାଡ଼ାବାନ୍ତି ଉଗ୍ରରୂପ ଧାରଣ କରିଛି। ଏଥିରେ ହଜାର ହଜାର ଲୋକ ସଂକ୍ରମିତ ହୋଇଥିବାବେଳେ କିଛିଜଣଙ୍କ ମୃତ୍ୟୁ ହେଲାଣି। ଏହା ସରକାରଙ୍କ ପାରିଲାପଣିଆର ମୁଖା ଖୋଲିଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ଦଳ ପକ୍ଷରୁ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତା ବିରେନ ସେନାପତି, ବିନୋଦ ଚନ୍ଦ୍ର ରାଉତ, ଏମ୍‌ଡ଼ି ସାକିର ହୁସେନ, ବିଜୟ ସାହୁ, ଇଜାଜ ଅଖତାର, ପ୍ରଶାନ୍ତ ରାୟ, ନିରୁପମା ବଳିଆରସିଂ, ଲତା ନାୟକ, ତୁଳସୀ ନାଗ, ସରୋଜ ଲେଙ୍କା, ରଘୁନାଥ ଦାଶ, ଆୟୁବ ଖାନ୍‌ଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଗତ ୮ତାରିଖରୁ ବିଭିନ୍ନ ଅଞ୍ଚଳରେ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୧୪ ତାରିଖ ସୁଦ୍ଧା ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଥିଲା। ସେତେବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରାଗଲାନାହିଁ। ଫଳରେ ଏଥିରେ ମୃତକଙ୍କ ସଂଖ୍ୟା ବଢିବାରେ ଲାଗିଛି। ରାଜ୍ୟ ସରକାରଙ୍କ ବହୁ ପ୍ରଚାର ଓ ପ୍ରସାରିତ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ସ୍ମାର୍ଟସିଟିରେ ପ୍ରହସନରେ ପରିଣତ ହୋଇଛି। ଅନୁରୂପ ଭାବେ ୱାଟ୍‌କୋ ଓ ସ୍ୱେରେଜ ବୋର୍ଡ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁ ଏପରି ପରିସ୍ଥିତି ଉପୁଜିଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ୱାଟ୍‌କୋ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପରିବର୍ତ୍ତେ ଝାଡ଼ାବାନ୍ତି, ହଇଜା ଭଳି ମହାମାରୀ ପରିସ୍ଥିତି ସୃଷ୍ଟି କରିଛି। ଝାଡ଼ାବାନ୍ତି ମୃତକଙ୍କ ପରିବାରଙ୍କୁ ଅନ୍ୟୁନ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦେବା ପାଇଁ ଜିଲା କଂଗ୍ରେସ ଦାବି କରିଛି।

# ପାଇପ୍ ଫାଟି ପାଣି ବୋହୁଛି, ଆର୍‌ଏମ୍‌ସି ଉପାୟୁକ୍ତଙ୍କୁ ଫେରାଦ

ରାଉରକେଲା,୨୨।୧୨(ଦିନେଶ ମିଶ୍ର)

ରାଉରକେଲାରେ ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଏକ ସମୟରେ ବାସନ୍ତୀ କଲୋନିର ଖଡିଆପଡା ବସ୍ତିରେ ପାଇପ୍ ଫାଟି ପାଣି ବହୁଛି। ଫଳରେ ସ୍ଥାନୀୟ ଲୋକେ ଉକ୍ତ ପାଇପ୍ ପାଣି ବ୍ୟବହାର କରିବାକୁ ନିରାପଦ ମଣୁନାହାନ୍ତି। ଶୁକ୍ରବାର ସେମାନେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ଭେଟି ଏ ନେଇ ଅଭିଯୋଗ କରିଛନ୍ତି। ତେବେ ଏହି ପାଇପ୍ ମରାମତି ଖୁବଶୀଘ୍ର କରାଯିବ ବୋଲି ଉପାୟୁକ୍ତ ଭୋଇ ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ବସ୍ତିର ଶୁକ୍ରା ମିଞ୍ଜ, ମାଠୁ ଓରାମ, ଏପ୍ରିଲ ରଣା, କୁଞ୍ଜ ବେହେରା, ସୁନୀତା ଲାକ୍ରା, ଘାସିରାମ ବାଗ୍, ଗଦାଧର ତାଣ୍ଡି, ପ୍ରଫୁଲ୍ଲ ତିଗା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଉରକେଲା ସହରରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ୱାଟ୍‌କୋ ପକ୍ଷରୁ ବିଭିନ୍ନ ସ୍ଥାନରେ ଫାଟିଥିବା ପାଇପ୍ କାମ ଜୋରସୋରରେ ଚାଲିଛି। ତେବେ ଖଡିଆପଡା ବସ୍ତିରେ ଏକ ପାଣି ପାଇପ୍ କୌଣସି କାରଣରୁ ଫାଟି ଯାଇଛି। ସେଠାରେ ମରାମତି ହୋଇ ନ ଥିବାରୁ ବସ୍ତିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ତିକୁ ସଂଯୋଗ ହୋଇଥିବା ପାଣି ପାଇପ୍ ଫାଟି ଯାଇଥିବାରୁ ରାସ୍ତାରେ ଅନବରତ ପାଣି ବହୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଲୋକେ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବର୍ତ୍ତମାନ ସହରରେ ଝାଡ଼ାବାନ୍ତି ପ୍ରଭାବ ରହିଥିବାରୁ ଦୂଷିତ ପାଣି ନ ପିଇବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଉକ୍ତ ବସ୍ତିରେ କିଭଳି ଏହି ପାଇପରେ ଦୂଷିତ ପାଣି ନ ଆସିବ ସେଥିପାଇଁ ଏହାକୁ ତୁରନ୍ତ ମରାମତି କରିବାକୁ ବସ୍ତିବାସୀ ଉପାୟୁକ୍ତଙ୍କୁ ଭେଟିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)


କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀବୃନ୍ଦ।

ରାଉରକେଲା ଜଗଦା କମ୍ୟୁନିଟି ସେଣ୍ଟରଠାରେ ଶୁକ୍ରବାର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ରାଉରକେଲା ଯୁଗ୍ମ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ ଶ୍ରମିକଙ୍କମାନଙ୍କୁ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବା ସହ ସଚେତନତା ଓ ସହାୟତା ରାଶି ବଣ୍ଟନ କରାଯାଉଛି। ଆଗାମୀ ଦିନରେ କଳୁଙ୍ଗାରେ ପ୍ରାୟ ୧୬ଶହ ଶ୍ରମିକଙ୍କ ପାଇଁ ୫୨ କୋଟି ଟଙ୍କା ବ୍ୟୟରେ ହଷ୍ଟେଲ ନିର୍ମାଣ କରାଯାଉଛି। ସେଥିରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ଆହୁରି ୧୧ଟି ହଷ୍ଟେଲ ନିର୍ମାଣ କରାଯିବ। ଏହାଦ୍ୱାରା ପ୍ରାୟ ୨୦ ହଜାର ଶ୍ରମିକ ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ ବୋଲି ମନ୍ତ୍ରୀ ନାୟକ କହିଥିଲେ। ସେହିପରି ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରତେକ ଶ୍ରମିକ ନିଜ ନାମ ପଞ୍ଜୀକରଣ କରି ସମସ୍ତ ସରକାରୀ ସୁବିଧାର ଲାଭ ଉଠାନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କ ସଂଯୋଜନାରେ ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେର୍କେଟା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଜ୍ୟୋତି ଦଲସେରା ଟେଟେ ଓ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପସଭାପତି ବୈଦ୍ୟନାଥ ଦାସ, ଏଚ୍‌ଏମ୍‌ଏସ୍ ଦିଗମ୍ବର ମହାନ୍ତି, ବିଏମ୍‌ଏସ୍‌ର ସୁନନ୍ଦା ନାଥ, ଏଏଲ୍‌ଓ ହେମନ୍ତ ପ୍ରଧାନ, ଜଗନ୍ନାଥ ସାହୁ , ରମେଶ ସାହୁ ଓ ନୂତନ ଭାବେ ଯୋଗ ଦେଇଥିବା ୩ ଜଣ ସହାୟକ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୬୫ଜଣ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା ସହାୟତା ରାଶି ବାବଦ ୬ଲକ୍ଷ ୨ ହଜାର, ୧୦୩ ଜଣଙ୍କୁ ବିବାହ ରାଶି ୫୦ ହଜାର, ୧୭ଜଣଙ୍କୁ ପ୍ରସୂତିକାଳୀନ ସହାୟତା ରାଶି ୧ଲକ୍ଷ ୭୦ହଜାର, ୧୮୨ ଜଣ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୩ କୋଟି ୫୧ଲକ୍ଷ ଏବଂ ୧୬୭ଜଣଙ୍କ ନିର୍ମାଣ ଶ୍ରମିକଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ରାଶି ୮ଲକ୍ଷ ୩୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ୩ଶହ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା, ରଘୁନାଥପାଲି, ବିରମିତ୍ରପୁର ଆଦି ନିର୍ବାଚନ ମଣ୍ଡଳୀରୁ ଶତାଧିକ ଶ୍ରମିକ ହିତାଧିକାରୀ ଯୋଗ ଦେଇଥିଲେ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

ପାଇକମାଳ, ୨୨।୧୨(ବଢ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୮ ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଶିକ୍ଷକ ନବୀନ ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଏବଂ ପାଇକମାଳ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ଭାବନା ସିଂ, ଉପାଧକ୍ଷ ସଞ୍ଜୀବ ବରିହା, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ଅଧାପକ ସନ୍ତୋଷ ସିଂ ଠାକୁର, ରାଧେଶ୍ୟାମ ପଟେଲ, ସମାଜସେବୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଧାନ ଶିକ୍ଷକ ପ୍ରଭାତ ମିଶ୍ର, ଜଗନ୍ନାଥ ପୁଟା, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଜିତେଶ୍ୱରୀ ଦାସ, ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜୟସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ସୁନ୍ଦରଗଡ,୨୨।୧୨(ଜୟ ନାରାୟଣ ମେଣ୍ଡୁଲି)

ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲରେ ଗୁରୁବାର ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନବୀନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏଥିସହ ଏହି କଲେଜରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ମେଡାଲ, ଟ୍ରଫି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ। କଲେଜ ତରଫରୁ ବକ୍ସିଂ, ସିପକ ଟାକ୍ର ଓ ଲମ୍ଵ ଡିଆଁରେ ରାଜ୍ୟ ସ୍ତରରେ ଯୋଗଦେଇଥିବା ୩ ଖେଳାଳିଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଗେଲବତି ପଟେଲ ଯୋଗଦେଇଥିଲେ। ବୁଧବାର କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ରକ୍ତ ଗ୍ରୁପ୍ ପରୀକ୍ଷା ଡ. ନୂତନ କୁଜୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ମଙ୍ଗସପୁର ଡାକ୍ତରଖାନାର କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଗୁଡିକ ଶେଷ ହୋଇଛି। ଅଧାପକ ସୁମନ୍ତ ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ଡ.ନିର୍ମଳ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ନାରାୟଣ ପ୍ରଧାନ, କିଶୋର ରାଉତ, ରାଧାବଲ୍ଲଭ ବହିଦାର, ପୂର୍ଣ୍ଣଚନ୍ଦ୍ର ପଟେଲ, ଶିବ ଗୋପାଳ ପାଣିଗ୍ରାହୀ, ରତ୍ନାକର ବେହେରା, କ୍ରୀଡା ଶିକ୍ଷକ ସୁକାନ୍ତ ଚୌଧୁରୀ, ଦୀପକ ପଟେଲ, ମନୋଜ ପଟେଲ, ଅଧାପିକା ଲତିକା ପଟେଲ, କୌତୁକ ସେଟ ପ୍ରମୁଖ ସହଯୋଗ କରିଥିଲେ। ଅଧାପିକା ଲତିକା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଟି-୨୦ କ୍ରିକେଟ : ଆର୍‌ଏସ୍‌ଏ ଚାମ୍ପିୟନ


କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୨।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୭ ସ୍ଥିତ ଟାଟା ପଡିଆରେ ଆଶୁ ଇଲେଭେନ କ୍ଲବ ପକ୍ଷରୁ ଚାଲିଥିବା ତୃତୀୟ ଶନିଶ୍ଚରାୟ ଅଲ୍ ଇଣ୍ଡିଆ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ସେକ୍ଟର-୬ ସ୍ଥିତ ଆରଏସ୍‌ଏ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଆରଏସ୍‌ଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଏହି ରନ୍‌ର ଲକ୍ଷ୍ୟ ନେଇ ଜିମ୍‌ଖାନା ଦଳ ୧୭ ଓଭରରେ ମାତ୍ର ୧୧୩ ରନ କରି ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଭାଜପା ଉଦ୍‌ଯାପନୀ ଉତ୍ସବରେ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି ମୁଖ୍ୟ ଅତିଥି, ସାମାଜିକ କର୍ମୀ ବିମଳ ବିଶି ଓ ରୋହିତ ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଆରଏସ୍‌ଏ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭାସ ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଆୟୁଷକାନ୍ତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ମହାନ୍ତି ଓ ଅଭିଜିତ ରଜାକ ଅମ୍ପିୟାର ଦାୟିତ୍ୱ ତୁଲାଇଥିଲେ। ଆଶୁ ଇଲେଭେନ୍‌ର ଅଂଶୁମାନ ସେନାପତି, ଶୁଭମ ରାଉତରାୟ, କୈଳାସ ପତି, ବିକୁ ସେନାପତି, ଜିତେନ ରାୟ, ଆଶିଷ ମିତ୍ରା, ସିଲୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଝାଡ଼ାବାନ୍ତି ନିରାକରଣ ସଚେତନତା ଅଭିଯାନ

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ରାଉରକେଲାରେ ଝାଡ଼ାବାନ୍ତିର ପ୍ରକୋପକୁ ଦୃଷ୍ଟିରେ ରଖି ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ଡିଗ୍ରୀ କଲେଜ ଓ 'ନୂଆ ଓ' ପକ୍ଷରୁ ଶୁକ୍ରବାର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ବିରଞ୍ଚି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଅଭିଯାନରେ ଶୋଭାଯାତ୍ରା ସହ ଓଆର୍‌ଏସ୍ ବଣ୍ଟନ କରାଯାଇଥିଲା। ଶୋଭାଯାତ୍ରା କଲେଜରୁ ବାହାରି ଚିନ୍ମୟ ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଝାଡ଼ାବାନ୍ତିର ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ର ସଚେତନତା ସୃଷ୍ଟି କରିଥିଲେ। ଛେଣ୍ଡ ପୋଲିସ ସହଯୋଗ କରିଥିଲା। ଏନ୍‌ସିସି ଅଧିକାରୀ ଶ୍ରୀକାନ୍ତ ହରିଚନ୍ଦନ, ନୋଡାଲ ଅଧିକାରୀ କହ୍ନେୟାଲାଲ ଅଗ୍ରୱାଲ, ହିନ୍ଦୀ ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ, ରାଜନୈତିକ ବିଜ୍ଞାନ ଅଧ୍ୟାପିକା ପୂଜା ପାରିଖ୍, ବିଶ୍ୱଜିତ୍ ମିଶ୍ରଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।



କଲେଜ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଅବଦାନ ଅତୁଳନୀୟ


କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୨୨।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨୦ ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶାଖା ପରିଚାଳିକା ଅଞ୍ଜଳି ଦିଦିଙ୍କ ଅଧ୍ୟକ୍ଷତାରେ ସମାଧାନ ମୂଳକ ପତ୍ରକାରିତା ଦ୍ୱାରା ସୁସ୍ଥ ସମାଜ ଗଠନ ଉପରେ ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ପିର ସୂଚନା ଲୋକସମ୍ପର୍କ ଅଧିକାରୀ ଅର୍ଚ୍ଚନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଖରା ହେଉ କି ବର୍ଷା ପ୍ରତ୍ୟେକ ପରିସ୍ଥିତିରେ ରହି ଖବରଦାତାମାନେ ବହୁ କଷ୍ଟରେ ଖବର ସଂଗ୍ରହ କରିଥାନ୍ତି। ତେଣୁ ସେମାନେ ସମାଜର ସଚେତନ ପ୍ରହରୀ ଭଳି ସର୍ବଦା କାର୍ଯ୍ୟକରି ଏକ ସୁସ୍ଥ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଏକ ସୁସ୍ଥ ସମାଜ ଗଠନ କରିବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ ବୋଲି ଅତିଥି ଶତପଥୀ ମତବ୍ୟକ୍ତ କରିଥିଲେ। ଏନ୍‌ଆଇଟିର ଫିଜିକ୍ସ ପ୍ରଫେସର ଦିଲୀପ ପ୍ରଧାନ ଓ ରାଉରକେଲା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପରିଚାଳିକା ରାଜଯୋଗିନୀ ବିମଳା ଦିଦି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦିଲ୍ଲୀରୁ ଆସିଥିବା ମିଡ଼ିଆ ୱିଙ୍ଗ୍‌ସ ସଂଯୋଜକ ସୁଶାନ୍ତ ଭାଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଆଧ୍ୟାତ୍ମିକ ଜୀବନକୁ ଆପଣାଇ କିପରି ବିଭିନ୍ନ ଖବରଦାତା ସମାଧାନ ମୂଳକ ପତ୍ରକାରିତା କରି ଉତ୍ତମ ଦେଶ ଗଠନରେ ସହାୟକ ହେବେ ସେ ନେଇ ମୁଖ୍ୟବକ୍ତା ମତ ଦେଇଥିଲେ। ସକାରାତ୍ମକ ଭାବନା ଓ ପବିତ୍ର ଚିନ୍ତନ ଦ୍ୱାରା କାର୍ଯ୍ୟ କରିବାକୁ ରାଜଯୋଗିନୀ ବିମଳା ଦିଦି ଖବରଦାତାମାନଙ୍କୁ ଆହ୍ୱାନ ଦେଇଥିଲେ। ଆତ୍ମାର ସ୍ୱଧର୍ମ ଶାନ୍ତି, ପ୍ରେମ ଓ ପବିତ୍ରତା। ତେଣୁ ପ୍ରତ୍ୟେକ ଖବରଦାତା ନିଜର ଆତ୍ମିକ ସ୍ଥିତିରେ ରହି ଖବରପ୍ରସାରଣ କଲେ ସମାଜର ମଙ୍ଗଳ ହେବ ବୋଲି ରାଜଯୋଗିନୀ ଅଞ୍ଜଳି ଦିଦି କହିଥିଲେ। ଏହି ଅବସରରେ ସହରରେ ବ୍ୟାପିଥିବା ଝାଡ଼ାବାନ୍ତିରେ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ସଂକ୍ରମିତ ବ୍ୟକ୍ତିଙ୍କ ସୁସ୍ଥ କାମନା କରି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ରହ୍ମକୁମାର ଅରୁଣ ଭାଇ ଅତିଥି ପରିଚୟ ପ୍ରଦାନ ଏବଂ ବ୍ରହ୍ମାକୁମାରୀ ଅନିତା ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ

ରାଉରକେଲା,୨୨।୧୨(ଦିନେଶ ମିଶ୍ର)


ସାହିତ୍ୟ ଆସରରେ ଉପସ୍ଥିତ କବୟିତ୍ରୀ ଓ କବି।

ରାଉରକେଲା ସହରର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଆଦର୍ଶ ସାହିତ୍ୟ ଘରଠାରେ ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଡକ୍ଟର ସନାତନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ରାଉରକେଲା କଲେଜ ଓଡିଆ ବିଭାଗର ଅଧ୍ୟାପକ ପ୍ରଭାତ କୁମାର ବଳ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆର୍ତ୍ତତ୍ରାଣ ମହାପାତ୍ର 'କରଜ' ଗଳ୍ପ ପାଠ କରିଥିଲେ। ଆସରର ଦ୍ୱିତୀୟ ଅଧିବେଶନରେ କବି ନିରୁପମା ପତି ଓ ରଶ୍ମି ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରରେ ବହୁ କବୟିତ୍ରୀ, କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଉପଦେଷ୍ଟା ଅଭୟ କୁମାର ଦାସ, ଗୋପୀନାଥ ପଟ୍ଟନାୟକ, ତ୍ରିଲୋଚନ ସ୍ୱାଇଁ, ସନାତନ ପ୍ରଧାନ, ପ୍ରଭାତ କୁମାର ବଳ, ସଞ୍ଜୀବ କୁମାର ଭୋଇ, ସାଗର ମହାନ୍ତି, କାଶୀନାଥ ନନ୍ଦୀ, ଜୟଶ୍ରୀ ଦାସ, ମନୋଜ ପଣ୍ଡା, ଶ୍ରୀମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ହେଉଛି ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ

## ଚିନ୍ମୟ ଇଂରାଜୀ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୨।୧୨(ଦିନେଶ ମିଶ୍ର)


ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା ଛେଣ୍ଡ ସ୍ଥିତ ଚିନ୍ମୟ ଇଂରାଜୀ ବିଦ୍ୟାଳୟର ୩୨ତମ ବାର୍ଷିକ କ୍ରୀଡ଼ୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା କବି ଶତପଥୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଆରଏସ୍‌ପିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ହେଉଛି ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ। ଛାତ୍ର ଜୀବନରେ କ୍ରୀଡ଼ାକୁ ଆପଣାଇଲେ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ। ତେଣୁ ପ୍ରତ୍ୟେକ ଖେଳାଳି ପାଠପଢ଼ା ସାଙ୍ଗକୁ ଖେଳକୁଦ କରିବା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟ ଅତିଥି ସାହୁ ମତପ୍ରକାଶ କରିଥିଲେ। ଖବରଦାତା ଜ୍ଞାନରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରମାକାନ୍ତ ପଣ୍ଡା, ସୁବ୍ରତ ମହାପାତ୍ର, ଆଲୋକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ବିଦ୍ୟାଳୟର ନର୍ସରୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରାୟ ୩୦ଟି ବିଭାଗରେ ଖେଳ ପ୍ରଦର୍ଶନ କରିଥିଲେ। ସେଥିରୁ ପ୍ରତ୍ୟେକ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ୩ଶହ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ଗୋପ ଓ ଶିକ୍ଷୟିତ୍ରୀ ସବିତା ନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପରିଚାଳନା ହୋଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସୁରକ୍ଷା, ଝାଡ଼ାବାନ୍ତି ସଚେତନତା, ଆଇ ଲଭ୍ ମାଇଁ ଇଣ୍ଡିଆ, ଜୀବନରେ ମାତାପିତାଙ୍କ ମହତ୍ୱ, ପ୍ରକୃତି ଓ ପୃଥିବୀର ସୁରକ୍ଷା ଉପରେ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏଥିସହ ବିଦ୍ୟାର୍ଥୀଙ୍କ ଦ୍ୱାରା ଓଡ଼ିଶୀ, ଭାଙ୍ଗଡା ଭଳି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶିକ୍ଷକ ରବି ଦାଣ୍ଡିଆ, ମାଧବୀ ହୋତା, ପଦ୍ମା ଝା, ମମତା ପତି, ମଧୁମିତା କର, ଦୀପିକା ଦାସ, ରୀନା ଚକ୍ରବର୍ତ୍ତୀ, ତ୍ରିବିକ୍ରମ ମହନ୍ତ, ଗୀତାଞ୍ଜଳି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ତମସା ପାତ୍ର ମଞ୍ଚ ପରିଚାଳନା ଏବଂ ଶାଶ୍ୱତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ହିଣ୍ଡାଲ୍‌କୋ ପକ୍ଷରୁ ଶିକ୍ଷାର ମାନବୃଦ୍ଧି କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୧୨(ବି.ଶଙ୍କର) ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ଶିକ୍ଷାର ମାନବୃଦ୍ଧି କାର୍ଯ୍ୟକ୍ରମ ସ୍ଥାନୀୟ ସାଇ ୱାର୍ଲଡ ସ୍କୁଲ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ଓଡିଶା ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଟା ପାଢ଼ୀ ଏବଂ ହୀରାକୁଦ କମ୍ପ୍ଲେକ୍ସ ମାନବ ସଂସାଧନ ପ୍ରମୁଖ ବିଶ୍ୱାସ ସିନ୍ଧେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଜ୍ଞାନ ଅର୍ଜନ କେନ୍ଦ୍ର ଆରମ୍ଭ କରାଯାଇଛି। ହିଣ୍ଡାଲ୍‌କୋ ଓଡିଶା ସିଏସ୍‌ଆର୍ ମୁଖ୍ୟ ଶିବ ମହାପାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରାମନରେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି କେନ୍ଦ୍ର କାର୍ଯ୍ୟକାରିତା ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକଙ୍କୁ ସୂଚିତ କରାଯାଇଥିଲା। କେନ୍ଦ୍ରରେ ପଞ୍ଚମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଆସନ୍ତା ପରୀକ୍ଷା ଉଚ୍ଚମାନର କରିବା ପାଇଁ ଶିକ୍ଷା ଦିଆଯାଉଛି। ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୃତ୍ତି, ନବୋଦୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପାଇଁ ମଧ୍ୟ ସେମାନଙ୍କୁ ପ୍ରସ୍ତୁତି କରାଯାଉଛି ବୋଲି କମ୍ପାନୀ ଅଧିକାରୀ ସୂଚିତ କରିଥିଲେ। କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଏବଂ ଆଲୋକ ସଂଗଠନର ସମ୍ପାଦକ ମନୋଜ କୁମାର ସାହୁ, ଜ୍ଞାନଅର୍ଜନ କେନ୍ଦ୍ରର ସମସ୍ତ ରିସୋର୍ସ ଶିକ୍ଷକ ଉପସ୍ଥିତ ଥିଲେ ।

### ବାଗ୍‌ଦେବୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର): ସମ୍ବଲପୁର ବୁଢ଼ାରଜା ବାଗ୍‌ଦେବୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଦାନନ୍ଦ କରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦେବେନ୍ଦ୍ର କିଶୋର ପତି ମୁଖ୍ୟଅତିଥି ଓ ଉଦିତ ଚନ୍ଦ୍ର ପାଇଯୋଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଆଶିଷ ପ୍ରଧାନ ଓ ଗୁରୁମା ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଦେବେନ୍ଦ୍ର କୁମାରା ପ୍ରଧାନ, ବିନୋଦ ବିହାରୀ ପ୍ରଧାନ, ସାମାଜିକ କର୍ମୀ ରାଜେଶ ସିଂ, ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଗଜଲକ୍ଷ୍ମୀ ପୂଜା

କୁଚିଣ୍ଡା,୨୨।୧୨(ବିରଞ୍ଚି ଦର୍ଜା): କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତ ମଦନମୋହନପୁର (ଜାଲିବାହାଲ)ଠାରେ ଗୁରୁବାର ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ପର୍ବ ସମସ୍ତଙ୍କୁ ଏକତା ଡୋରିରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ବିଜେଡି ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ନାଏକ ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସିଆର୍‌ପି ଆମରମଣି କେର୍କେଟା, ୱାର୍ଡମେମ୍ବର ଏବଂ କର୍ତ୍ତା ଦେବାର୍ଚ୍ଚନ ପରୁଆ ଉପସ୍ଥିତ ଥିଲେ।

### ରେଙ୍ଗାଲି ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ରେଙ୍ଗାଲି,୨୨।୧୨(ଦେବବ୍ରତ ପଣ୍ଡା) ସମ୍ବଲପୁର ଜିଲା ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ନିତିନ ଉପାଧ୍ୟାୟ ୧୭ବର୍ଷରୁ କମ୍ ଜାତୀୟସ୍ତରୀୟ କ୍ରିକେଟ ଖେଳ ପାଇଁ ଚୟନ ହୋଇଛନ୍ତି। ଆସନ୍ତା ବର୍ଷ ଜାନୁୟାରୀରେ ହେବାକୁ ଥିବା ଖେଳରେ ନିତିନ ଭାଗନେବେ। ଗତମାସ ୧୭ରୁ ୨୧ତାରିଖ ପର୍ଯ୍ୟନ୍ତ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ନିଜର ଖେଳ ପ୍ରଦର୍ଶନ କରିବା ପରେ ନିତିନଙ୍କୁ ଜାତୀୟ ସ୍ତର ପାଇଁ ଚୟନ କରାଯାଇଛି। ଏହି ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ରମଣୀ କାନ୍ତ ସାହୁ ନିତିନଙ୍କୁ ଶୁଭେଚ୍ଛା ଜଣାଇବା ସହ ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ଗହିରଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ରାସ୍ତା ଉପରେ ପରିବା ବଜାର

# ବିପଦକୁ ଆମନ୍ତ୍ରଣ କରୁଛନ୍ତି ଚାଷୀ

ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର)

କ୍ରମବର୍ଦ୍ଧିଷ୍ଣୁ ସମ୍ବଲପୁର ସହରରେ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଗଡ଼ିଉଠିଛି ଅସ୍ଥାୟୀ ପରିବା ବଜାର। ପରିବା ବିକ୍ରୟ କରି ଦୁଇପଇସା ରୋଜଗାର ଆଶାରେ ସମ୍ବଲପୁର ଆଖପାଖ ଅଞ୍ଚଳର ଗରିବ ଚାଷୀ ସହରମୁହାଁ ହେଉଛନ୍ତି। ସ୍ଥାନାଭାବ ଯୋଗୁ ସେମାନେ ରାସ୍ତା କଡ଼ରେ ବିପଦପୂର୍ଣ୍ଣ ଭାବେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସମ୍ବଲପୁର ସହରର ପ୍ରବେଶ ଦ୍ୱାର ଭାବେ ପରିଚିତ ଅଇଁଠାପାଲିର ବିର୍ସାମୁଣ୍ଡା ଛକରେ ଏଭଳି ଏକ ଅସ୍ଥାୟୀ ପରିବା ବଜାର ଗଢ଼ିଉଠିଛି। ଉକ୍ତ ପରିବା ବଜାରକୁ ମହାନଗର ନିଗମ ପକ୍ଷରୁ ନିକଟରେ ଥିବା ପିଏଚ୍‌ଡି ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରିବା ବିକାଳି ସୁରକ୍ଷିତ ଭାବେ ବେପାର କରୁଥିଲେ। ମାତ୍ର ପିଏଚ୍‌ଡି ପଡ଼ିଆ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକ୍ରମରେ ବ୍ୟବହାର ହେଉଥିବାରୁ ସେମାନଙ୍କୁ



ରାସ୍ତା ଉପରେ ପରିବା ବିକ୍ରି କରୁଛନ୍ତି ଚାଷୀ।

ବାରମ୍ବାର ସେଠାରୁ ଉଚ୍ଛେଦ ହେବାକୁ ପଡୁଛି। ଫଳରେ ଚାଷୀ ଏହି ରାସ୍ତାପାର୍ଶ୍ୱ ଫୁଟ୍‌ପାଥରେ ପସରା ମେଲାଇ ବସିବାକୁ ବାଧ୍ୟ ହୋଇଥିଲେ। ମାତ୍ର କିଛିଦିନ ପରେ ଅଇଁଠାପାଲି ବିର୍ସାମୁଣ୍ଡା ଛକ ମଙ୍ଗଳା ମନ୍ଦିର ନିକଟରେ ଶୌଚାଳୟ ସମ୍ମୁଖ ସର୍ଭିସ ରାସ୍ତା ବର୍ତ୍ତମାନ ମରାମତି ହେଉଥିବାରୁ ଏଠାରେ ଫୁଟ୍‌ପାଥରେ ବସି ପରିବା ବିକିବା ସମ୍ଭବ ହୋଇପାରୁନାହିଁ। ତେଣୁ ଚାଷୀ ନିଜ ଜୀବନକୁ ବାଜି ଲଗାଇ ରାସ୍ତା ଉପରେ ପସରା ମେଲାଇବାକୁ ବାଧ୍ୟ ହେଉଛନ୍ତି।

ସୂଚନାଯୋଗ୍ୟ ସହର ସହିତ ଜାତୀୟ ରାଜପଥ-୫୩ ଓ ରାଜ୍ୟ ରାଜପଥ-୧୦କୁ ସଂଯୋଗ କରୁଥିବା ଅଇଁଠାପାଲିର ଉଭୟ ଛକକୁ ଦୁର୍ଘଟଣା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଉଭୟ ଛକରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହୋଇଛି। ଏଭଳି ସ୍ଥାନରେ ଗରିବ ଚାଷୀ ଜୀବିକା ନିର୍ବାହ ଲକ୍ଷ୍ୟରେ ବିପଦକୁ ଆପଣେଇବାକୁ ମଧ୍ୟ କୁଣ୍ଠାବୋଧ କରୁନାହିଁ। ଏହାବ୍ୟତୀତ ପରିବା କ୍ରୟ ପାଇଁ ଏଠାରେ ସର୍ବଦା ସାଧାରଣ ଜନତାଙ୍କ ଗହଳି ଲାଗି ରହିଥାଏ। ଗ୍ରାହକଙ୍କ ଯାନବାହନ ପାର୍କିଂ ଯୋଗୁ ମଧ୍ୟ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହି ରାସ୍ତାରେ ନିୟମିତ ଭାବେ ଏକାଧିକ ସ୍କୁଲବସ ସହର ମଧ୍ୟକୁ ପ୍ରବେଶ କରୁଥିବା ବେଳେ ଶତାଧିକ ଭାରୀଯାନ ମଧ୍ୟ ଯାତାୟାତ କରିଥାଏ। ଫଳରେ ଯେକୌଣସି ସମୟରେ ବିପଦ ଘଟିବାର ଆଶଙ୍କା ରହିଛି। ଏ ନେଇ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଛନ୍ତି, ଏହି ସମସ୍ୟାକୁ ମହାନଗର ନିଗମ ପକ୍ଷରୁ ଗୁରୁତର ସହ ନିଆଯାଇଛି। ପରିବା ବଜାର ପାଇଁ ମହାନଗର ନିଗମ ପକ୍ଷରୁ ପିଏଚ୍‌ଡି ପଡ଼ିଆ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ପରିବା ବଜାରକୁ ସେଠାକୁ ସ୍ଥାନାନ୍ତର କରାଯିବ।

### ଭିମ୍‌ସାରରେ ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ

ସମ୍ବଲପୁର,୨୨।୧୨(ବି.ଶଙ୍କର): ବୁର୍ଲା ଭିମ୍‌ସାରରେ ଜୟକିସନ ଫାଉଣ୍ଡେସନ ଆର୍ଡନ ଦୋ ଜୋସ ପକ୍ଷରୁ ଶୁକ୍ରବାର ବିଶୁଦ୍ଧ ପାନୀୟ ଜଳ(ଆରଓ ୱାଟର) ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ମୁଖପାତ୍ର ତଥା ଓଡିଶା ସରକାରଙ୍କ କାଳିଆ କୃଷି କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ସଞ୍ଜୟ କୁମାର ବାବୁ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଭିମ୍‌ସାର ଅଧୀକ୍ଷକ ଲାଲମୋହନ ନାୟକ, ଡାଇରେକ୍ଟର ବିମଳ ପଣ୍ଡା, ଡା. ଅରବିନ୍ଦ ବେହେରା, ଆର୍ଡନ ଦୋ ଜୋସର ଚେୟାରମ୍ୟାନ ଶିଲା ଶୀଳା ବେହେରାଙ୍କ ସମେତ ବିଜେଡି ବରିଷ୍ଠ ନେତା ଆର୍‌ଏ ଶିବକୁମାର, ସତ୍ୟେନ୍ଦ୍ର କୁମାର ଦାଶ, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଭିମ୍‌ସାରକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି ବୋଲି ଆୟୋଜକମାନେ କହିଛନ୍ତି ।

## ଜିଏମ୍‌ୟୁ ହିନ୍ଦୀ ବିଭାଗର ସମ୍ପ୍ରସାରଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ସମ୍ବଲପୁର,୨୨।୧୨(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ହିନ୍ଦୀ ବିଭାଗ ପକ୍ଷରୁ ସାହାସପୁରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ହିନ୍ଦୀ ବିଭାଗ ଅଧ୍ୟାପକ ଡ. ଦାଶରଥୀ ବେହେରା ଓ ଅଧ୍ୟାପିକା ଡ. ପ୍ରଣତୀ ବେହେରା ହିନ୍ଦୀର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହିନ୍ଦୀ ବର୍ତ୍ତମାନ ସମୟରେ ସମ୍ପର୍କ, ଜ୍ଞାନ ଓ ବିଜ୍ଞାନ ସହ ରୋଜଗାରର ଭାଷା ହୋଇପାରିଛି। ଏହା ଏତେ ସରଳ ଯେ ଅନ୍ୟ ଭାଷାଭାଷୀ ଲୋକ ବହୁତ କମ ସମୟରେ କହି, ପଢି ଓ ଲେଖିପାରନ୍ତି ବୋଲି କହିଥିଲେ। ଡ. ସ୍ମୃତି ସ୍ମରଣିକା ଜେନା ଓ ମମତା ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସାହାସପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ପୋଢ଼, କ୍ଷୀରୋଦ ପ୍ରଧାନ, ହିନ୍ଦୀ ଶିକ୍ଷକ ଘନଶ୍ୟାମ ପାଣ୍ଡେ, ବିଦ୍ୟାଳୟ ସମିତି ସଦସ୍ୟ ସୁରେନ୍ଦ୍ର ମିର୍ଦ୍ଧା ସହଯୋଗ କରିଥିଲେ। ଏଥିରେ ଜିଏମ୍‌ୟୁ ହିନ୍ଦୀ ବିଭାଗର ୫୦ରୁ ଅଧିକ ଓ ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ

ରେଢ଼ାଖୋଲ,୨୨।୧୨(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ବ୍ଲକ ବଡମାଲସ୍ଥିତ ଜୟ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ରାଜେଶ କୁମାର ଦାଶ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିଧାୟକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଚେତନତା ଉପରେ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ବଡମାଲ ସରପଞ୍ଚ ତୁଙ୍ଗ ଭଦ୍ରା ବିଶ୍ୱାଳ, ପଞ୍ଚାୟତ ସମିତି ସଭ୍ୟ ରଞ୍ଜୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସମାଜ ସଂସ୍କାରରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ୱାଗତିକା ପ୍ରଧାନ, ଅଙ୍କିତା ପ୍ରଧାନ, ପଦ୍ମାବତୀ ବେହେରା, ଲିପୁନ ବାଘ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

## ବିଭିନ୍ନ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ



ଡିଏଭି ସ୍କୁଲରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି ଅତିଥି।

ସମ୍ବଲପୁର,୨୨।୧୨ (ଭବାନୀ ଶଙ୍କର ଭୋଇ)

**ସିନ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର :** ଫାଟକ ସିନ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ଶୁକ୍ରବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସ୍ନେହମୟୀ ଗୁରୁମା ରାମାନୁଜମଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୀବନାନନ୍ଦ ଶତପଥୀ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ଧନୁପାଲି ଶିଶୁବିଦ୍ୟାମନ୍ଦିର :** ଧନୁପାଲି ଶିଶୁବିଦ୍ୟାମନ୍ଦିରରେ ଜାତୀୟ ଗଣିତ ଦିବସ ଅବସରରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଗଣିତ ବିଷୟରେ ଛାତ୍ରୀଛାତ୍ରଙ୍କ କିଭଳି ଆଗ୍ରହ ବଢିବ ସେ ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ସ୍ୱଜାଳିନୀ ମହାପାତ୍ର ଗଣିତଜ୍ଞ ରାମାନୁଜମଙ୍କ ଜୀବନୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ଗଣିତ ଆଧାରିତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ଡିଏଭି ସ୍କୁଲ ବୁର୍ଲା:** ବୁର୍ଲା ଡିଏଭି ସ୍କୁଲରେ ଗଣିତଜ୍ଞ ରାମାନୁଜମଙ୍କ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମି ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗଣିତ ଆଧାରିତ ଏକାଙ୍କିକା ପ୍ରଦର୍ଶନ କରାଯାଇଥିଲା । ଗଣିତ ବିଭାଗର ମୁଖ୍ୟ ବିବିଡି ବିଶ୍ୱାଳ ରାମାନୁଜମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

**ପାଞ୍ଚଫୁଟ ହାଇସ୍କୁଲ :** ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସରେ ଗଣିତ ମେଳା ଆୟୋଜନ କରାଯାଇଥିଲା। ଏହାକୁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମଙ୍ଗଳୁ ମେହେର ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା। ଏହି ଅବସରରେ ଗଣିତ କୁଇଜ, ଅଙ୍କ ଖେଳ, ଗଣିତ ରେସ୍ ଆଦି ଆୟୋଜିତ ହେଇଥିଲା। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗଣିତ ଶିକ୍ଷକ ସତ୍ୟଜିତ ବେହେରା ଗଣିତ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

**ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ:** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସଭାପତିତ୍ୱରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଜୀବନରେ ଗଣିତ ବିଦ୍ୟାର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ପରିଷଦ ତରଫରୁ ରାମନୁଜନ୍ ଓ ଜାତୀୟ ଗଣିତ ଦିବସ ଆଧାରିତ କୁଇଜ୍ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ସୂଚନା ପ୍ରଦାନ ଓ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁସୂଚିତ ଜନଜାତିଙ୍କ ବିକାଶ ପାଇଁ ୭.୫ କୋଟି ମଞ୍ଜୁର

### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ବ୍ୟୟ ହେବ

ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ଅନୁସୂଚିତ ଜନଜାତିଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୭ କୋଟି ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ମଞ୍ଜୁର କରାଯାଇଛି। ଏହି ପାଣ୍ଠିକୁ ନୂତନ ଭାବେ ଖୋଲାଯାଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ବ୍ୟୟ କରାଯିବ। ଗତ ଜୁଲାଇରେ ରାଜ୍ୟର ପ୍ରାୟ ୧୩ଟି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରତିଷ୍ଠା କରାଯାଇ ଅଧ୍ୟକ୍ଷ ନିଯୁକ୍ତି କରାଯାଇଛି।

ଏ ସମ୍ପର୍କରେ ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ କହିଛନ୍ତି, ଜିଲାର ମୋଟ ୯ ବ୍ଲକ ମଧ୍ୟରୁ ରେଢ଼ାଖୋଲକୁ ଛାଡ଼ି ଅବଶିଷ୍ଟ ୮ ବ୍ଲକରେ ଅନୁସୂଚିତ ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟ କରିବ। ଏଥିପାଇଁ ରାଜ୍ୟ ସରକାଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ସାଢ଼େ ୭ କୋଟି ଟଙ୍କାର ରାଶି ମଧ୍ୟରୁ ବାମରା ଓ ଜମନକିରା ବ୍ଲକ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ଲେଖାଏ, କୁଚିଣ୍ଡା, ରେଙ୍ଗାଲି, ଧନକଉଡ଼ା, ଝୁଝୁମୁରା, ମାନେଶ୍ୱର ଓ ନାକଟିଦେଉଳ ଆଦି ପ୍ରତ୍ୟେକ ବ୍ଲକ ପାଇଁ ୭୫ ଲକ୍ଷ ଟଙ୍କା ଲେଖାଏ ବ୍ୟୟ ମଞ୍ଜୁର କରାଯାଇଛି। ଉକ୍ତ ଅର୍ଥରେ ଉକ୍ତ ବ୍ଲକଗୁଡ଼ିକରେ ବସବାସ କରୁଥିବା ମୁଣ୍ଡା, ମିର୍ଦ୍ଧା, ସଅଁରା, ମାଙ୍କିଡ଼ିଆ, କନ୍ଧ, କୋହ୍ଲ, କିଷାନ, ଗଣ୍ଡ, ବିଞ୍ଝାଲ ଓ ଖଡ଼ିଆ ଆଦି ୧୦ଟି ଜନଜାତିର ସାମାଜିକ ଓ ସାଂସ୍କୃତିକ ତଥା କ୍ରୀଡ଼ାର ବିକାଶ ପାଇଁ ବ୍ୟୟ କରାଯିବ। କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ସହିତ ସେମାନଙ୍କୁ ବିକାଶ ପାଇଁ ଖେଳସାମଗ୍ରୀ ଆଦି ଯୋଗାଇ ଦିଆଯିବ। ବିଭିନ୍ନ ସ୍ଥାନରେ ଆଦିବାସୀଙ୍କ ଗୁଡ଼ିର ବିକାଶ, ପୂଜାପୀଠ, ପ୍ରାର୍ଥନା ଗୃହଠାରୁ ଆରମ୍ଭ କରି କ୍ଲବଗୃହ ଆଦି ନିର୍ମାଣ ପାଇଁ ମଧ୍ୟ ଅର୍ଥ ଯୋଗାଇ ଦିଆଯିବ। ସେହିପରି ସେମାନଙ୍କ ଭାଷା, ସଂସ୍କୃତି, ପରମ୍ପରା, ପର୍ବପର୍ବାଣୀ ଆୟୋଜନ ପାଇଁ ମଧ୍ୟ ଅର୍ଥ ବ୍ୟୟ କରାଯିବ। ଉକ୍ତ ଅର୍ଥରୁ ୫୦ ପ୍ରତିଶତ କୋଠା ବା ଭିତ୍ତିଭୂମି ନିର୍ମାଣ, ୫ ପ୍ରତିଶତ କାର୍ଯ୍ୟାଳୟ ବ୍ୟୟ ଓ ଅବଶିଷ୍ଟ ଅର୍ଥକୁ ସେମାନଙ୍କ ଭାଷା, ସଂସ୍କୃତି, ପରମ୍ପରା ଆଦିର ରକ୍ଷଣାବେକ୍ଷଣ ସହିତ କ୍ରୀଡ଼ା କ୍ଷେତ୍ରରେ ପ୍ରତିଭାର ବିକାଶ ପାଇଁ ବ୍ୟୟ କରାଯିବ। ବର୍ତ୍ତମାନ ସମୀକ୍ଷା କରାଯାଉଛି। ଖୁବ୍‌ଶୀଘ୍ର ଏ ଦିଗରେ ଆବଶ୍ୟକ ପଦକ୍ଷେପ ସ୍ୱରୂପ ଭିତ୍ତିଭୂମିର ବିକାଶ ଆରମ୍ଭ ହୋଇଯିବ ବୋଲି ପ୍ରଧାନ କହିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପଡିଆବାହାଲ,୨୨।୧୨(ରାଧାମୋହନ ଷଡ଼ଙ୍ଗୀ): ଝୁଝୁମୁରା ବ୍ଲକ ଡଙ୍ଗରପଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ପୁରୀ ମାଣିକଗୋଡାର ମୂଳନିବାସୀ ଦେବରାଜ ଡଙ୍ଗରପଡା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ଏଠାରେ ଅବସ୍ଥାନ କରିଆସୁଥିଲେ। ଶିକ୍ଷକତା ସାଙ୍ଗକୁ ଗଳ୍ପ, କବିତା ଓ ସମାଜଧର୍ମୀ ସାହିତ୍ୟ ରଚନା ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଖବରପାଇ ବିଶିଷ୍ଟ ସାମାଜିକ କର୍ମୀ ଦିଲୀପ କୁମାର ପଣ୍ଡା, ସରପଞ୍ଚ ଅୟସକାନ୍ତ ପଣ୍ଡା, ଡା. ରାଜାରାମ ଷଡଙ୍ଗୀଙ୍କ ସମେତ ଆତ୍ମିୟ ସ୍ୱଜନ ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ମୃତଦେହ ଗ୍ରାମର ରାଜଘାଟକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ନାଟକରେ ଧର୍ମୀୟ ଭାବନାକୁ ଆଘାତ ଅଭିଯୋଗ

### ଘରୋଇ ସ୍କୁଲ ବିରୋଧରେ ଭିଏଚ୍‌ପି ଥାନାର ଦ୍ୱାରସ୍ଥ

ସମ୍ବଲପୁର,୨୨।୧୨ (ଭବାନୀ ଶଙ୍କର ଭୋଇ)

ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା ବରାଇପାଲି ଥାନା ଅଞ୍ଚଳର ଏକ ଘରୋଇ ସ୍କୁଲ ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଥାନାର ଦ୍ୱାରସ୍ଥ ହୋଇଛି। ଉକ୍ତ ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମରେ ହିନ୍ଦୁଙ୍କ ଆରାଧ୍ୟ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିରୋଧରେ ବ୍ୟଙ୍ଗାତ୍ମକ ପରିବେଷଣ କରାଯାଇଥିବା ନେଇ ଭିଏଚ୍‌ପି ଅଭିଯୋଗ କରିଛି। ଗତ ୨୦ ତାରିଖରେ ସ୍କୁଲର ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ଏକ ନାଟକ ପରିବେଷଣ କରିଥିଲେ। ଏଥିରେ ଜାଣିଶୁଣି ହିନ୍ଦୁ ଆରାଧ୍ୟଙ୍କ ବିଷୟରେ ଅପମାନ ଜନକ ଶବ୍ଦ ବ୍ୟବହାର କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍କୁଲର ପ୍ରିନ୍ସିପାଲ, ନାଟକର ଲେଖକ, ନିର୍ଦ୍ଦେଶକ ତଥା ସ୍କୁଲ ପରିଚାଳନା କମିଟି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭିଏଚ୍‌ପି ଦାବି କରିଛି। ବିଶ୍ୱ ହିନ୍ଦୁ ପରିଷଦର ରାମଚନ୍ଦ୍ର ନାଏକ, ବିକାଶ ଚନ୍ଦ୍ର ବେହେରା, ପ୍ରେମ ବିଶ୍ୱାଳ, ପ୍ରମୋଦ କୁମାର, କିଶୋର କୁମାର ପଧାନ, ଅଙ୍କିତ କୁମାର ସିଂହ, ଦେବବ୍ରତ ଦେ, ପ୍ରଦିପ ସୁପକାର, ସରୋଜ ବିଶ୍ୱାଳ, ସୁବାସ ମହାପାତ୍ର, ସମରେନ୍ଦ୍ର ସାହୁ, ସୁରଜ ଛେତ୍ରୀ, ନରେଶ ଛତ୍ରିଆ, କିଶୋର କୁମାର ପଟେଲ ପ୍ରମୁଖ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍କୁଲର ଏଭଳି କାର୍ଯ୍ୟକୁ ନେଇ ସମ୍ବଲପୁର ସହରରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ସମ୍ପୃକ୍ତ ସ୍କୁଲର କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ବରେଇପାଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କୁ ପଚାରିବାରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଛାତ୍ରାବାସ ଜିଲା ସ୍କୁଲକୁ ଫେରାଇ ଦିଆଯାଉ

ସମ୍ବଲପୁର,୨୨।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ରାଜ୍ୟର ପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରେ ଅନ୍ୟତମ। ମାତ୍ର ସ୍କୁଲ ଛାତ୍ରଙ୍କୁ ଏହି ସ୍କୁଲ୍ ଛାତ୍ରାବାସରେ ରହିବାକୁ ଅନୁମତି ମିଳୁନାହିଁ। ଏଠାରେ ବର୍ତ୍ତମାନ ସ୍ପୋର୍ଟ୍ସ ହଷ୍ଟେଲର ଛାତ୍ର ରହୁଛନ୍ତି। ଫଳରେ ସହର ବାହାରୁ ଏଠାକୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରମାନେ ଏଠାରେ ରହିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହା ବିରୋଧରେ ସ୍ୱର ଉଠାଇଛି ସ୍କୁଲର ପୁରାତନ ଛାତ୍ର ସଂଘ। ଛାତ୍ରାବାସକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଫେରାଇ ଏଠାକାର ଛାତ୍ରଙ୍କ ରହଣି ପାଇଁ ପଦକ୍ଷେପ ନେବାକୁ ଛାତ୍ରସଂଘ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛି।

ଜିଲା ସ୍କୁଲ ପରିସର ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟରେ ଗୁରୁବାର


ଖବରଦାତା ସମ୍ମିଳନୀରେ ପୁରାତନ ଛାତ୍ରସଂଘ କର୍ମକର୍ତ୍ତା।

ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଇଂ. ସୁରଜିତ ମିଶ୍ର କ୍ଷୋଭ ପ୍ରକାଶ କରି କହିଛନ୍ତି,ଏହି ଛାତ୍ରାବାସକୁ ୨୦୧୯ରେ ତତ୍କାଳୀନ ଜିଲାପାଳ ସ୍ପୋର୍ଟ୍ସ ହଷ୍ଟେଲରେ ପରିଣତ କରି ଦେଇଥିଲେ। ଯଦ୍ୱାରା ସ୍କୁଲ ଛାତ୍ରମାନଙ୍କୁ ଏହି ଛାତ୍ରାବାସରେ ରହିବାକୁ ଅନୁମତି ମିଳୁନାହିଁ। ଫଳରେ ଏହି ସ୍କୁଲରୁ ଛାତ୍ରୀଛାତ୍ର ବିମୁଖ ହେବା ସହ ବିଦ୍ୟାର୍ଥୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ତେବେ ପୁରାତନ ଛାତ୍ର ସଂଘ ପକ୍ଷରୁ ୨୦୨୩ ଏପ୍ରିଲ୍‌ରୁ ଏ ନେଇ ବାରମ୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଛାତ୍ରାବାସକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଫେରାଇଦେବାକୁ ଦାବି ହୋଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବରୁ ଗତ ନଭେମ୍ବର ୧୧ରେ ପୁରାତନ ଛାତ୍ରସଂଘର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଡିସେମ୍ବର ୧୫ରେ ପୁନର୍ବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ଆସନ୍ତା ଜାନୁୟାରୀ ୧୫ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଅନ୍ୟଥା ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ସମ୍ପାଦକ ଇଂ. ପ୍ରଦୀପ୍ତ ନାଥ, କାର୍ଯ୍ୟକାରୀ କମିଟି ସଦସ୍ୟ ମହେନ୍ଦ୍ର ମିଶ୍ର, ସଞ୍ଜୀବ ମିଶ୍ର, ସୁକାନ୍ତ ବୋଷ, ବୈଷମ ଆଚାର୍ଯ୍ୟ, ମହମ୍ମଦ ଫୈଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କୁ ପୁରାତନ ଛାତ୍ର ସଂଘର ଦାବିପତ୍ର

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରୀତମ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଡୋଲାମଣି ଶତପଥୀ, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ସଦସ୍ୟା ବିଷ୍ଣୁପ୍ରିୟା ବେହେରା, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଶାରୀରିକ ପ୍ରମୁଖ କରୁଣା ପ୍ରଧାନଙ୍କ ସମେତ ଅନ୍ୟ ଗୁରୁମା, ଗୁରୁଜୀ ଏବଂ ସେବିକା, ସେବକ ସହଯୋଗ କରିଥିଲେ ।

### କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଳ, ୨୨।୧୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୮ ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଶିକ୍ଷକ ନବୀନ ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଏବଂ ପାଇକମାଳ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ପାଇକମାଳ ବିଇଓ ଚୂଡ଼ାମଣି ବାରିକ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ରାଧେଶ୍ୟାମ ପଟେଲ, ସମାଜସେବୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଧାନ ଶିକ୍ଷକ ପ୍ରଭାତ ମିଶ୍ର, ଜଗନ୍ନାଥ ପୁଟା, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଜିତେଶ୍ୱରୀ ଦାସ, ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜୟସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଝରଣା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ବରଗଡ଼ ପଞ୍ଚାୟତ କଲେଜ ଓଡ଼ିଆ ଅଧ୍ୟାପକ ଶେଷାନ ବିଶି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଉପସଭାପତି ଡ଼ୋଲାମଣି ଶତପଥୀ, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମହାପାତ୍ର, ହିନ୍ଦୀ ବିଭାଗର ସମ୍ପାଦକ ପରକ୍ଷିତ ବଡ଼େଇ, ହିନ୍ଦୀ ବିଭାଗର ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାଥୁଆ, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବୃତ୍ତି ପରୀକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ସତ୍ୟାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁଜୀ କୁଳମଣି ଭୋସାଗର, ମେଘନାଥ ତାଜେନ ଏବଂ ତନୁଜା ପାଢ଼ୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଶୁକ୍ରବାର ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ ଓ ଦାବିପତ୍ର ପ୍ରଦାନ ପାଇଁ ଏକ ଶୋଭାଯାତ୍ରାରେ ସୋହେଲା ବ୍ଲକ ଅଫିସ ଅଭିମୁଖେ ଯାଉଛନ୍ତି।

# ଚାଷୀର ହକ୍ ପାଇଁ ଲଢ଼େଇ

## ବ୍ଲକ, ତହସିଲ ଅଫିସ ଘେରିଲା ଭାଜପା

**ସୋହେଲା,୨୨।୧୨(ଅଶ୍ୱିନୀ କୁମାର ପାତ୍ର)**

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଅଗଣତାନ୍ତ୍ରିକ ଶାସନକୁ ବିରୋଧ କରି ଭାଜପା ପକ୍ଷରୁ ଶୁକ୍ରବାର ବରଗଡ଼ ଜିଲା ଭଟଲି ନିର୍ବାଚନ ମଣ୍ଡଳୀ ଅଧୀନ ସୋହେଲା ବ୍ଲକ କାର୍ଯ୍ୟାଳୟ ଏବଂ କୃଷି ସମସ୍ୟା ନେଇ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସ୍ଥାନୀୟ ଦୁର୍ଗା ମନ୍ଦିର ପ୍ରାଙ୍ଗଣରୁ ଭାଜପା ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଭାଜପା ନେତା ଓ କର୍ମୀମାନେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ରଘୁବୀର ଭୋଇଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଇରାସିସ ଆଚାର୍ଯ୍ୟ, ଜିଲା ସମ୍ପାଦକ ସୁଶାନ୍ତ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୌରୀଚରଣ ବାରିକ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଜିଲା ଉପସଭାପତି ଗୁନାରୁ ପଧାନ, ପ୍ରତାପ ପଧାନ, ଦିବ୍ୟ କିଶୋର ଭୋଇ, ଅକ୍ଷୟ ନାୟକ, ଡାକ୍ତର ରାମକୃଷ୍ଣ ପୁରୋହିତ, ଲୋକେଶ୍ୱର ସିଂ ବରିହା ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଅଦିନିଆ ବର୍ଷାରେ ଚାଷୀଙ୍କ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ପ୍ରଦାନ, ୨୦ ହଜାର ଟଙ୍କା ଜମା କରିଥିବା ଚାଷୀଙ୍କ ବୋରିଂ ଖୋଲିବା, ସୋହେଲାରେ ଶୀତଳ ଭଣ୍ଡାର ସ୍ଥାପନ, ବିଦ୍ୟୁତ ଦେୟ ଛାଡ, ଅଭାବୀ ବିକ୍ରି ବନ୍ଦ, ଟୋକନ ଅବ୍ୟବସ୍ଥା ଦୂର କରିବା ସହ କଟନି ଛଟନି ବନ୍ଦ କରିବା ପାଇଁ ସେମାନେ ଦାବି କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୋହେଲା ଏବିଡିଓ ଭିଜିଲ ଲାକ୍ରା ଏବଂ ତହସିଲଦାର ହରିଓମ୍ ଭୋଇ ଦାବିପତ୍ର ଗ୍ରହଣ କରିଥିଲେ।

# ମାତୃପୁରୀରେ ଜାତୀୟ ଗଣିତ ଦିବସ

**ସରଣ୍ଡା,୨୨।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲାଦରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୁରୀରେ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ତଥା ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏଥିରେ ବିନିକା ବ୍ଲକ୍ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣିତ ବିଷୟରେ ଟ୍ୟାଲେଣ୍ଟ ସର୍ଚ୍ଚ, ଜଣା ଅଜଣା କୁଇଜ୍ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ତେଜରାଜ ସାହୁ ଓ ସୌରଭ ଚନ୍ଦନ ପ୍ରଧାନ, ଶ୍ରୀଜିନା ପ୍ରଧାନ ଓ ସିଦ୍ଧିକ ତ୍ରିପାଠୀ, ଶୁଭଙ୍କର ସାହୁ ଓ ଅର୍ପଣ ଲକ୍ଷ୍ମଣ ଭୋଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧ୍ୟକ୍ଷ ଟିକେଲାଲ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରଥପୁର ବୀରମହାରାଜପୁର ଆଦର୍ଶ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ତଥା ମାତୃପୁରୀର ପୂର୍ବତନ ଛାତ୍ରୀ ମଧୁସ୍ମିତା ଚାନ୍ଦ ଯୋଗଦେଇ ଗଣିତ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଗଣିତ ବିଭାଗୀୟ ମୁଖ୍ୟ ବବ୍ରୁବାହନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋଜ ରଥ, ରାମଚନ୍ଦ୍ର ପ୍ରଧାନ, ସୁନୀଲ ଖମାରୀ, ସୁଦୀପ୍ତ ସାହୁ, ଯୁଗଳ ସାହୁ, ମାନସ ଭୋଇ, ନିରଞ୍ଜନ ପଶାୟତ, ରତନ ଦୀପ, ଗଜିନ୍ଦ୍ର ବାଗ, ମିଲନିକା ନନ୍ଦ, ମିନତି ଦାଶ, ତିଲୋତ୍ତମା କର୍ଣ୍ଣ, ମୋନାଲିସା ବିଶ୍ୱାଳ, ଝସକେତନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସଂଯୋଜକ ଯତୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ବିକାଶରେ ଜୀବ ବିଜ୍ଞାନ କର୍ମଶାଳା


ବିକାଶରେ ଜୀବ ବିଜ୍ଞାନ କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ।

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)**

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ପ୍ରାଣୀ ବିଜ୍ଞାନ ଏବଂ ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଜୀବ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅରୁଣାଚଳ ପ୍ରଦେଶର ଜୀବ ବିଜ୍ଞାନ ପ୍ରଫେସର ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫୋଲ୍‌ଡ ସ୍କୋପ୍ ଉପକରଣର ବ୍ୟବହାରିକ ଉପଯୋଗିତା ଉପରେ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶାରେ ମିଳୁଥିବା ଟର୍ ମହାନଦୀକସ୍ (କୁଡ଼ୋ ମାଛ)ର ବୈଶିଷ୍ଟ୍ୟ ସମେତ ଅନ୍ୟାନ୍ୟ ଉପଯୋଗୀ ବିଷୟବସ୍ତୁ ଉପରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସଫଳ କର୍ମଶାଳା ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ କରିବା ସହିତ ଛାତ୍ରୀଛାତ୍ର ଏ ଦିଗରେ ବିଶେଷ ଗବେଷଣା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର କର୍ମଶାଳା ଉପରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ପ୍ରଫେସର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ଆର.ଏସ.ଭି କ୍ରିଷ୍ଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ କୋର୍ଡିନେଟର ସୁଦାମ ମିଶ୍ର ଏବଂ ଅଧ୍ୟାପିକା ତ୍ରିବେଣୀ ସାହୁ ସଂଯୋଜନା କରିଥିଲେ।

# ବ୍ରାହ୍ମଣୀପାଲି ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)**



ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ ।

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀପାଲି ପ୍ରାଥମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ କ୍ଷୀରେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ଜିଲା ପରିଷଦ ସଭ୍ୟ ସୁଦାମ ଚରଣ ସାହୁ, ସରପଞ୍ଚ ପଙ୍କଜିନୀ ମହାନନ୍ଦ, ଭାରପ୍ରାପ୍ତ ବିଇଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏବିଇଓ ଦିବାକର ବରିହା, ସୁଶାନ୍ତ କୁମାର ପାଣ୍ଡେ, ସିଆରସିସି ଦୁର୍ବାଦଳ ବଡ଼ଗୋଛିଆ, ପ୍ରେମରାମ ପଟେଲ, ପ୍ରେମରାଜ ପ୍ରଧାନ, ଶଶିଭୂଷଣ ସାହୁ, ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ, ନିରଞ୍ଜନ ଦିଶ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲକୁ ଜମିଦାନ କରିଥିବା ଘନଶ୍ୟାମ ଦିଶ୍ରୀଙ୍କ ତୈଳଚିତ୍ରକୁ ଲୋକାର୍ପଣ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟାପନା କରିଥିବା ପ୍ରଥମ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବିଜୟ ସାହୁ ସହଯୋଗ କରିଥିଲେ।

# ଜାତୀୟ ଗଣିତ ଦିବସ ପାଳନ

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)**

ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିବସ ଅବସରରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁଲ୍କା ଜନତା ହାଇସ୍କୁଲରେ ଶୁକ୍ରବାର ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଦ୍ୟାଳୟର ୩୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ରିତେଶ ସହରା ପ୍ରଥମ, ଗୁଲେଶ ଦୁଆନ ଦ୍ୱିତୀୟ ଏବଂ ଯୋଗେଶ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗଣିତ ଶିକ୍ଷକ ତେଜରାମ ସା ଜାତୀୟ ଗଣିତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ରଞ୍ଜିତ ମୁନା, ପଦ୍ମଲୋଚନ ବିଶି, ଶିକ୍ଷୟିତ୍ରୀ ଅନିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଗଣିତ ଶିକ୍ଷକ ବୋଧରାମ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତରାଞ୍ଚଳ ଆରଡ଼ିସିଙ୍କ ବରଗଡ଼ ଗସ୍ତ

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡ଼ିସି) ସୁରେଶ ଚନ୍ଦ୍ର ଦଲାଇ ଶୁକ୍ରବାର ବରଗଡ଼ ଗସ୍ତରେ ଆସିଥିଲେ। ତାଙ୍କର ଏହି ଗସ୍ତରେ ସେ ନିର୍ମାଣାଧୀନ କ୍ୟାନ୍‌ସର ହସ୍ପିଟାଲ ପରିଦର୍ଶନ କରିଥିଲେ। ୨୦୨୪ ଜାନୁୟାରୀ ୧୫ ତାରିଖ ସୁଦ୍ଧା ଉକ୍ତ ହସ୍ପିଟାଲର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରହିଛି ବୋଲି ଆରଡିସି ଦଲାଇ କହିଛନ୍ତି। ସେହିପରି ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ସେ ପରିଦର୍ଶନ କରିଥିଲେ। ମେଳାରେ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କୃଷି ଯନ୍ତ୍ରପାତ ବିକ୍ରି ହୋଇଥିବା ଏବଂ ଚାଷୀଙ୍କୁ ୪କୋଟିରୁ ଉର୍ଦ୍ଧ୍ୱ ରିହାତି ମିଳିଥିବା ସେ କହିଥିଲେ। ଚାଷୀମାନେ ଏହି ମେଳାରୁ ଉପକୃତ ହୋଇଛନ୍ତି ଏବଂ ସରକାରଙ୍କ ଯୋଜନା ସମ୍ପର୍କରେ ଜାଣିବାକୁ ପାଇଥିବା ଆରଡ଼ିସି ଦଲାଇ କହିଛନ୍ତି ।



କୃଷି ଯନ୍ତ୍ରପାତି ମେଳାରେ ଉତ୍ତରାଞ୍ଚଳ ଆରଡିସି (ବାମ)। ଉତ୍ତରାଞ୍ଚଳ ଆରଡିସି ନିର୍ମାଣାଧୀନ କ୍ୟାନ୍‌ସର ହସ୍ପିଟାଲ ପରିଦର୍ଶନ କରୁଛନ୍ତି ।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

# ସ୍କୁଲ ସହଯୋଗିତା, ସହଭାଗିତାର କ୍ଷେତ୍ର

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ

ବଲାଙ୍ଗୀର, ୨୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଗଣେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ମୁଖ୍ୟବକ୍ତା ଟିଟିଲାଗଡ ଡିଏଭି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ଯୋଗ ଦେଇଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଛୋଟ ପିଲାଙ୍କ ଲାଳନପାଳନକୁ ବେଶୀ ଗୁରୁତ୍ୱ ଦେବାକୁ କହିଥିଲେ। ପିଲାମାନେ ସ୍କୁଲ ଶିକ୍ଷା ଲାଭ କରି ଭଲ ମଣିଷ ହେବାରେ ଅଭିଭାବକଙ୍କ ପାରିବାରିକ ଜୀବନୀର ମୂଲ୍ୟବୋଧଭିତ୍ତିକ ଛୋଟ ଛୋଟ ଉପାଦାନ ସେମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥାଏ। ସେଥିରୁ ସେମାନେ ଉଦ୍‌ବୁଦ୍ଧ ହୋଇ ଏକ ଭଲ ମଣିଷ ହେବାର ପ୍ରେରଣା ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ସ୍କୁଲରେ ପ୍ରତ୍ୟେକ ପିଲାଙ୍କ ଭିତରେ ଥିବା ସୃଜନଶକ୍ତିର ବିକାଶ ପାଇଁ ଏକ ସକରାତ୍ମକ ପ୍ରତିଯୋଗିତାର ଆବଶ୍ୟକ ବୋଲି ସେ କହିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ସ୍କୁଲଗୁଡ଼ିକ ପ୍ରତିଯୋଗିତା କି ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ର ନୁହେଁ ବରଂ ସମ୍ବେଦନଶୀଳତା, ସହଯୋଗିତା ଏବଂ ସହଭାଗିତାର କ୍ଷେତ୍ର ବୋଲି କହିଥିଲେ। ଛାତ୍ରମାନେ ପ୍ରତିଯୋଗୀ ହୋଇଗଲେ ପରସ୍ପର ଭିତରେ ଈର୍ଷା ଓ ପରଶ୍ରୀକାତରତା ବୃଦ୍ଧି ପାଏ। ଏଣୁ କାହାକୁ ବି ପ୍ରତିଯୋଗୀମନେ କରନ୍ତୁ ନାହିଁ ବୋଲି ସେ କହିଥିଲେ। ସ୍କୁଲରେ ମେଧାବୀ ଛାତ୍ର ସୃଷ୍ଟି ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଯେଉଁ ମେଧାବୀମାନେ ପରବର୍ତ୍ତୀ ସମୟରେ ଅଫିସର କିମ୍ବା ଅଧ୍ୟକ୍ଷ ହୋଇ ଦୁର୍ନୀତିଗ୍ରସ୍ତ ହେଉଛନ୍ତି ସେଥିରେ ମେଧାର କ'ଣ ବାର୍ତ୍ତା ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ବରଂ ଭଲ ମଣିଷ ହେବା ପାଇଁ ସ୍କୁଲ ପ୍ରେରିତ କରୁ ବୋଲି ସେ କହିଥିଲେ। ଅଧ୍ୟକ୍ଷ ପ୍ରଧାନ ବିବରଣୀ ପାଠ କରି ସ୍କୁଲ କାର୍ଯ୍ୟକ୍ରମ ଓ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ଅରୂପ ପୁରୁକାସ୍ତ ପରିଚାଳନା କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ର ଅନ୍ୱେଷ ପ୍ରସାଦ ଦାଶ, ଅରାଧ୍ୟା ପୂର୍ଣ୍ୟତୋୟା ଓ ମେହୁଲା ଏମ୍. ଯୋଷୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଧାନଶିକ୍ଷକ ସୌମରେନ୍ଦ୍ର ପାଣ୍ଡେ, ଶିକ୍ଷକ ଗର୍ଜନ ଗାଗରିଆ, ନୀଳକଣ୍ଠ ମିଶ୍ର, ସୁବ୍ରତ ବେହେରା, ସତ୍ୟପ୍ରସାଦ ସାହୁ, ରଶ୍ମିତା ମିଶ୍ର, ପ୍ରବୀର ମେହେର ସହଯୋଗ କରିଥିଲେ। ବିଭିନ୍ନ ଶ୍ରେଣୀର ଛାତ୍ରମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନେ ଏକ ଇଂଲିଶ ଡ୍ରାମା ପରିବେଷଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ କଳା ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ନିଜସ୍ୱ କଳାକୃତି ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀକୁ କଳା ଶିକ୍ଷକ ଗଜେନ୍ଦ୍ର ଦାସ ପରିଚାଳନା କରିଥିଲେ।

# ମୃତ ଚାଷୀଙ୍କ ପରିବାରକୁ ୨୦ଲକ୍ଷ ଦିଅ


ମୃତ ଚାଷୀଙ୍କ ପରିବାର ସହ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ଓ ଅନ୍ୟମାନେ।

## ଦାବି କଲେ ଭାଜପା କୃଷକମୋର୍ଚ୍ଚା ସଭାପତି

ଟିଟିଲାଗଡ଼, ୨୨।୧୨(ଶରତ ମିଶ୍ର): ଫସଲହାନି କାରଣରୁ ଆତ୍ମହତ୍ୟା କରିଥିବା ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ବିନେକେଲା ଗ୍ରାମରେ ଚାଷୀ ଚମରୁ ବାଗଙ୍କ ପରିବାରକୁ ଶୁକ୍ରବାର ଭେଟିଥିଲେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ। ଚମାରୁଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଫସଲହାନି ଯୋଗୁ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରଙ୍କୁ ସରକାର ୨୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସେ ଦାବି କରଥିଲେ। ପରେ ସାହୁ ବିଭିନ୍ନ ଧାନ ମଣ୍ଡି ଗସ୍ତ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମଣ୍ଡିରେ ବିଭିନ୍ନ କାରଣ ଦର୍ଶାଇ କଟନି କରାଯାଉଥିବା ଚାଷୀ ଅଭିଯୋଗ କରିଥିଲେ। ମଣ୍ଡିରେ ଛାଉଣୀ, ପାନୀୟ ଜଳ, ଶୌଚାଳୟ ଆଦି କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ଉପରେ ବାର୍ଷିବା ସହ ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ ଚେତାବନୀ ଦେଇଥିଲେ। କୃଷକ ମୋର୍ଚ୍ଚା ସଭାପତିଙ୍କ ସହ ଗସ୍ତରେ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ମହେନ୍ଦ୍ର ଠାକୁର, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ଜିଲା ସଭାପତି ମାଧବ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ମେଣ୍ଡଲୀ, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ରତିଲାଲ ପ୍ରଧାନ, ନଗର ଭାଜପା ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ଏସ୍‌ସି ମୋର୍ଚ୍ଚା ରାଜ୍ୟ ସଂଯୋଜକ, ଅଶ୍ୱିନୀ ସାହୁ, ଏସ୍‌ଟି ମୋର୍ଚ୍ଚା ନଗର ସଭାପତି ଅଶୋକ ଭୋଇ, ରଶ୍ମିରଞ୍ଜନ ଖମାରି ସାମିଲ ହୋଇଥିଲେ।

# ୫୨ ବିସ୍ଥାପିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ


ଅଧିକାରୀଙ୍କ ସହ କାର୍ଯ୍ୟାଦେଶ ନେଇଥିବା ବିସ୍ଥାପିତମାନେ।

ଲୋଇସିଂହା,୨୨।୧୨(ସୁଶାନ୍ତ ବାରିକ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ କୁଶମେଲ ଆରଆର କଲୋନୀରେ ଅବସ୍ଥାପିତ ଲୋୟର ସୁକତେଲ ୫୫ବିସ୍ଥାପିତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଶୁକ୍ରବାର ବଣ୍ଟନ କରାଯାଇଛି। ବିସ୍ଥାପିତ ଡୁଙ୍ଗରିପାଲି ପଞ୍ଚାୟତ ବିଜାପାଟି ଗ୍ରାମର ୩ ପରିବାର ଓ ବନଛୋରପାଲି ଗ୍ରାମର ୫୨ପରିବାରକୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଡିଓ ଯୁଧିଷ୍ଠିର ମେହେର, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏଠାରେ ଏବିଡିଓ ବିଜୟ କୁମାର ହୋତା, ସ୍ଥାନୀୟ ସରପଞ୍ଚ କୌସ୍ତୁବ ସାହୁ, ଡୁଙ୍ଗରିପାଲି ସରପଞ୍ଚ ଏବଂ ଆବାସ ଯୋଜନା ନୋଡାଲ ଅଫିସର କ୍ରିଷ୍ଣାମୟୀ ଛତ୍ରିଆ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଲୋୟର ସୁକତେଲ ପ୍ରକଳ୍ପ ଚଳିତବର୍ଷ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଛି । ଏହାପରେ ଜିଲା ପ୍ରଶାସନ ପକ୍ଷରୁ ବିସ୍ଥାପିତ ଗ୍ରାମବାସୀଙ୍କୁ ସ୍ଥାନାନ୍ତରିତ କରାଯାଇଛି ।

# ରୋଲର ଚାପାରେ ମହିଳା ପରିବା ବିକାଳି ମୃତ

କଣ୍ଟାବାଞ୍ଜି, ୨୨।୧୨(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ସତନାମୀ ପଡାର ଜଣେ ମହିଳା ପରିବା ବିକାଳିଙ୍କର ଶୁକ୍ରବାର ରୋଲର ଚାପାରେ ମୃତ୍ୟୁ ଘଟିଛି। ମୃତା ଗୀତା ସତନାମୀ(୫୫)। ପରିବା ବିକି ସେ ପରିବାର ପୋଷଣ କରୁଥିଲେ। କଣ୍ଟାବାଞ୍ଜି ଶୁକ୍ରବାର ସାପ୍ତାହିକ ବଜାର ସାରି ଅପରାହ୍ନରେ ସେ ଚାଲି କରି ଘରକୁ ଫେରୁଥିବା ବେଳେ ବଙ୍ଗୋମୁଣ୍ଡା ରେଳ ଫାଟକ ଗଡାଣିରେ ଏକ ରୋଲର୍ ତାଙ୍କ ଉପରେ ମାଡି ଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କଣ୍ଟାବାଞ୍ଜି ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ରୋଲରକୁ ପୋଲିସ ଜବତ କରିଛି।

# ମାଣବସା ଲକ୍ଷ୍ମୀପୂଜା ଉତ୍ସବ ଉଦ୍‌ଯାପିତ

ଲାଠୋର, ୨୨।୧୨(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ହସ୍ପିଟାଲ ପଡ଼ାରେ ଚାଲିଥିବା ୮ତମ ମାଣବସା ଲକ୍ଷ୍ମୀପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ବିଶ୍ୱନାଥ ଦତ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତପୂଜାରେ ହରିହର ପଣ୍ଡା, ଗୁଣଗ୍ରାହୀ ପଣ୍ଡା, ଦେବରାଜ ପଣ୍ଡା, ଭକ୍ତଗ୍ରାହୀ ପଣ୍ଡା ଓ ଅଶୋକ ଅଗସ୍ତି ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ୧୬ ପ୍ରହର ନାମ ଯଜ୍ଞର ଆୟୋଜନ ହୋଇଥିଲା। ନାମ ସଂକୀର୍ତ୍ତନରେ ୧୩ଟି ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ କମିଟି ଆହ୍ୱାନକ୍ରମେ ଗ୍ରାମର ମହିଳା ପୁରୁଷ ମା' ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତିକୁ ଗ୍ରାମର ରଜାକଟାରେ ବିସର୍ଜନ କରିଥିଲେ। ପରେ ଯଜ୍ଞ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଡ଼ୋଲାମଣି ମହାରଣା, ବିରେନ୍ଦ୍ର ଜୁଆଡ଼, ଅଞ୍ଜନା ଦେହେରୀ ଓ ସୈରେନ୍ଦ୍ରୀ ଜାଲଙ୍କ ନାମ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। କମିଟି ଉପ ସଭାପତି ରାଜକୁମାର ରାଓ, ସମ୍ପାଦକ ଅଶୋକ ରଥ, ସହସମ୍ପାଦକ ଡ଼ମ୍ବରୁଧର କଠାର, କୋଷାଧ୍ୟକ୍ଷ ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗିରଫ

ଲୋଇସିଂହା,୨୨।୧୨(ସୁଶାନ୍ତ ବାରିକ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଅଭିଯୋଗରେ ବଲାଙ୍ଗୀର ଜିଲା ଆଗଲପୁର ଥାନା ପୋଲିସ ସାନଫାସଡ ଗ୍ରାମର ବିବେକ ସାହୁଙ୍କୁ ଶୁକ୍ରବାର ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା(୨୩୭/୨୩) ରୁଜୁ ହୋଇଛି। ଗୁରୁବାର ଗାଁର ଇତୁ ସାହୁଙ୍କ ସହ ବିବେକଙ୍କର କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ବିବେକ ଉତ୍‌କ୍ଷିପ୍ତ ହୋଇ ଇତୁଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରି ଦେବାକୁ ଧାମକ ଦେଇଥିଲେ। ଆକ୍ରମଣରେ ଇତୁ ଲହୁଲୁହାଣ ହୋଇଥିଲେ। ଏହି ଘଟଣାକୁ ନେଇ ଇତୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜିଲାସ୍ତରୀୟ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

ବଲାଙ୍ଗୀର, ୨୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାମଗୋପାଳ ହିନ୍ଦୀ ହାଇସ୍କୁଲରେ ଅନୁଷ୍ଠିତ ୪୦ତମ ଜିଲାସ୍ତରୀୟ ଓଷ୍ଟା ଶିଶୁମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୪ ବ୍ଲକରୁ ୧୪୦ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଷ୍ଟା ଜିଲା ଉପସଭାପତି ଶ୍ରୀବସ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ବାଗ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି ଏବଂ ଭଲ ମଣିଷ ହେବାର ଇଚ୍ଛାଶକ୍ତି ଭରିବା ଦିଗରେ ଏଭଳି ମେଳାର ଆୟୋଜନ ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଉପଦେଷ୍ଟା ପୁରନ୍ଦର ଦାଶ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ଶିକ୍ଷକମାନଙ୍କ ମୁଖ୍ୟ କର୍ତ୍ତବ୍ୟ ବୋଲି କହିଥିଲେ । ପୂର୍ବତନ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ବାବୁ, ରାଜ୍ୟ ସମ୍ପାଦିକା ରଞ୍ଜିତା ମିଶ୍ର ମଞ୍ଚାସୀନ ଥିଲେ। ଜିଲା ସମ୍ପାଦକ କୁଶଧ୍ୱଜ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ । ଏକକ ନୃତ୍ୟରେ ଦ୍ରୋପଦୀ ରଣା, ତର୍କରେ ବିନ୍ଦିଆ ଭୋଇ, କଣ୍ଠ ସଙ୍ଗୀତରେ ପ୍ରୀତମ ସାହୁ, ଚିତ୍ରାଙ୍କନରେ ନରେଶ ପ୍ରଧାନ, କବିତା ଆବୃତ୍ତି ରେ ଆୟୁଷ୍ମାନ ହୋତା, ଗଳ୍ପ ଲିଖନରେ ପ୍ରଜ୍ଞା ପରମିତା ସାହୁ, କବିତା ରଚନାରେ ପ୍ରୀତମ ବାରିକ, ଏକକ ଅଭିନୟରେ ଶ୍ରାବଣୀ ନାଏକ, ସାଧାରଣ ଜ୍ଞାନରେ ସୁନୀଲ ରଣା, କୁଇଜରେ ରାହୁଲ ତରିଆ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ବିଜ୍ଞାନ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ଜ୍ଞାନ ରହିବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ରାଜ୍ୟ ଓଷ୍ଟା ସଭାପତି ବିନୋଦ ପାଣିଗ୍ରାହୀ ଯୋଗଦେଇ ଶିଶୁମାନଙ୍କ ଭିତରେ ଲୁକ୍କାୟିତ ସୃଜନ, କଳା ଓ ଜ୍ଞାନର ପରିପ୍ରକାଶ କରିବା ପାଇଁ ଓଷ୍ଟା ସବୁବେଳେ ରାଜ୍ୟର ଏକ ଦାୟିତ୍ୱବାନ୍ ଅନୁଷ୍ଠାନ ବୋଲି କହିଥିଲେ । ଓଷ୍ଟା ରାଜ୍ୟ ଉପସଭାପତି ସୁଧିର କୁମାର ନାଏକ ମଞ୍ଚସୀନ ଥିଲେ। ଶିକ୍ଷକ ଅମୂଲ୍ୟ ବେହେରା ଓ ଶିକ୍ଷୟିତ୍ରୀ ଅଲକା ଦାଶ ସଂଯୋଜନା କରିଥିଲେ।


ଓଷ୍ଟା ଜିଲାସ୍ତରୀୟ ଶିଶୁମେଳାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

# ଜରାସିଂହା ପାଟଖଣ୍ଡା ମନ୍ଦିର ରୂପାନ୍ତରୀକରଣର ଶିଳାନ୍ୟାସ

ଦେଓଗାଁ, ୨୨।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମା' ପାଟଖଣ୍ଡାଙ୍କ ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେଡି ଜିଲା ସମ୍ପାଦକ ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଲିକେଶ ନାରାୟଣ ସିଂଦେଓ ୧ କୋଟି ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ରାଜ୍ୟ ଯୁବ ବିଜେଡି ସମ୍ପାଦକ କୈଳାସ ମହାନ୍ତି, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ମମତା କୁମୁରା, ସମିତି ସଭ୍ୟ ଅମିତ ତ୍ରିପାଠୀ, ପାଟଖଣ୍ଡା ଦେହୁରୀ ସନ୍ତୋଷ ଥନାପତି ଉପସ୍ଥିତ ଥିଲେ । ସ୍ଥାନୀୟ ସରପଞ୍ଚ କୁଶମଣି ମେହେର ଧନ୍ୟବାଦ ଦେଇଥିଲେ । ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଛାତ୍ର ସଭାପତି ଦୀପକ ବେହେରା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ମନୋଜ ବାରିକ, ଅଚ୍ୟୁତ ମିଶ୍ର, ଟଙ୍କଧର ବେରିଆ, ପ୍ରମୋଦ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଇବାହାଲ ଧାନମଣ୍ଡିର ଶୁଭାରମ୍ଭ

ଦେଓଗାଁ, ୨୨।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲଠାରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଦ୍ୱାରା ନୂତନ ଧାନମଣ୍ଡିର ଶୁଭାରମ୍ଭ ହୋଇଛି । ସାବିତ୍ରୀ ବାଇ ଫୁଲେ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି କ୍ରିଷ୍ଣାରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତ ଛତ୍ରିଆ, ସରପଞ୍ଚ ତ୍ରିଲୋଚନ ନାଗ, ସମିତି ସଭ୍ୟା ସଂଯୁକ୍ତା ସେଠ ଉପସ୍ଥିତ ଥିଲେ । ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ ସଭା ପରିଚାଳନା କରିଥିବାବେଳେ ବ୍ଲକ କଂଗ୍ରେସ କିଷାନ ସେଲ ସଭାପତି ପ୍ରଦ୍ୟୁମ୍ନ କିଶୋର ସାହୁ ଧନ୍ୟବାଦ ଦେଇଥିଲେ । ମିଶନ ଶକ୍ତି ବ୍ଲକ ସଂଯୋଜକ ଭକ୍ତି ଭୂଷଣ ପଣ୍ଡା, ଆରଏମସି କର୍ମଚାରୀ ଉପେନ୍ଦ୍ର ସ୍ୱାଇଁ, ସମ୍ପାଦିକା ଚନ୍ଦ୍ରିକା ହରପାଲ, ଭିକାରୀ ଚରଣ ପଧାନ, ଚାଷୀନେତା ଚାପ ବରଗ୍ଡ଼ି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଦେଓଗାଁ ଓ ଗାଇବାହାଲ ପଞ୍ଚାୟତର ଚାଷୀମାନେ ଦେଓଗାଁ ପାକ୍ସରେ ଧାନ ବିକ୍ରି କରୁଥିଲେ । ବର୍ତ୍ତମାନ ନୂତନ ଧାନମଣ୍ଡିରେ ଗାଇବାହାଲ, ଅର୍ଡା, ରତନପୁର ଓ ରାଏପାଲି ଗ୍ରାମର ଚାଷୀମାନେ ଧାନ ବିକିବା ପାଇଁ ଅନୁମତି ମିଳିଛି।


ନୂତନ ଧାନ ମଣ୍ଡି ଶୁଭାରମ୍ଭ କରୁଛନ୍ତି ବିଡିସିସି ସଭାପତି।

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

## ସଂକ୍ଷେପରେ

### ଶିବିରରେ ୩୮୨ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବଡ଼ଗାଁ,୨୨।୧୨( ଅଶୋକ ଷଢ଼ଙ୍ଗୀ): ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତୀ ଗାର୍ଡିଆ, ଏପିଓ ତପନ କୁମାର ପୂଜାରୀ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସରପଞ୍ଚ ସାଏବାନି ଲାକ୍ରା, ଯୋଗେନ୍ଦ୍ର କିଷାନ, ମହେଶ୍ୱର ବରିହା, ସୁଦୀପ ବାଡା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସରକାରୀ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ଡା.ପୂର୍ଣ୍ଣଚନ୍ଦ୍ର ମାଝି, କର୍ଣ୍ଣ ନାସା ବିଶେଷଜ୍ଞ ଡା. ଦୀପକ କୁମାର ପ୍ରଧାନ, ଅସ୍ଥି ଶୈଲ୍ୟ ବିଶେଷଜ୍ଞ ଡା.ମନିଷା ଶର୍ମା, ଔଷଧ ବିଶେଷଜ୍ଞ ଡା. ସଞ୍ଜୟ ଦାସ, ଶିଶୁ ବିଶେଷଜ୍ଞ ଡା. ଶୁଭଙ୍କର ପଟେଲ ଓ ଡା. ମନୋଜ ଆଚାର୍ଯ୍ୟ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୩୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ସାମାଜିକ ଅଧିକାରୀ ରାକେଶ ସାହୁଙ୍କ ସହିତ ଅଙ୍ଗନୱାଡି କର୍ମଚାରୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ବଡ଼ଗାଁ ଆଇଟିଆଇ ଓ ନର୍ସିଂ କଲେଜର ଏଏନଏମ ଏବଂ ଜିଏନଏମ ଛାତ୍ରୀଛାତ୍ର ଭିନ୍ନକ୍ଷମଙ୍କୁ ସେବା ଯୋଗାଇ ଦେଇଥିଲେ।

### ଶହୀଦ କରୁଣାକର ସିଂହ ନାଏକଙ୍କ ବଳିଦାନ ଦିବସ

କୋଲାବିରା,୨୨।୧୨(ଚିନ୍ମୟ କୁମାର ବହିଦାର): ବୀର ସୁରେନ୍ଦ୍ର ସାଏଙ୍କ ଘନିଷ୍ଠ ସହଯୋଗୀ ତଥା ବ୍ରିଟିଶ ଶାସନ ବିରୋଧରେ ଲଢେଇ କରି ଫାଶୀ ଖୁଣ୍ଟରେ ଝୁଲିଥିବା କୋଲାବିରା ମାଟିର ବୀର ସନ୍ତାନ ଶହୀଦ ଜମିଦାର କରୁଣାକର ସିଂ ନାୟକଙ୍କ ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଶହୀଦ କରୁଣାକର ସିଂ ନାଏକ ସ୍ମୃତି କମିଟି ପକ୍ଷରୁ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି କରୁଣାକର ଛକସ୍ଥିତ କରୁଣାକର ସିଂହଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ କମିଟି ସଭାପତି ବୀର ଅମରେନ୍ଦ୍ର ପ୍ରତାପ ସିଂହଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିର ସାମନା ଯାତ୍ରା ମେଲଣ ପଡିଆରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ବିଶାଳ ଦାସ ଯୋଗଦେଇ ଶହୀଦ କରୁଣାକର ସିଂହ ନାଏକଙ୍କ ସ୍ମୃତି ଚାରଣ କରିଥିଲେ। ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ଶୋଭା ଚନ୍ଦ୍ର ନାଏକ ମୁଖ୍ୟବକ୍ତା ଓ ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି, କମିଟି ଉପସଭାପତି ନବୀନ ଚନ୍ଦ୍ର ନାଏକ, କୋଲାବିରା ସରପଞ୍ଚ ଚେତାନନ୍ଦ ନଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଯୋଇଦେଇ ଶହୀଦ କରୁଣାକର ଜଣେ ବ୍ୟକ୍ତି ନୁହନ୍ତି ସେ ଏକ ବିଚାର ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଜିଲା ତଥା ଜିଲା ବାହାରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ

## ବିଜେଡି କର୍ମୀ ସମ୍ମିଳନୀ

ବାଲିଶଙ୍କରା,୨୨।୧୨( ହୃଦାନନ୍ଦ ବାରିକ)



ବାଲିଶଙ୍କରା ବ୍ଲକ ରେଙ୍ଗାଲି ଡ୍ୟାମ ପରିସରରେ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜେନେରାଲ ସମ୍ପାଦକ ଡା. ପ୍ରଫୁଲ୍ଲ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାମପ୍ରସାଦ ପୁରୋହିତ ସଭାପତିତ୍ୱ କରିଥିଲେ। ୨୦୨୪ ନିର୍ବାଚନରେ ଯଦି ଭୂୟାଁ ସମାଜର ଜଣେ ବିଧାୟକ ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ଜିତିବା ସୁନିଶ୍ଚିତ ବୋଲି ବଡଗାଁ ଜିଲା ପରିଷଦ ଅମୀୟ ପ୍ରଧାନ କହିଥିଲେ। ଦୀର୍ଘ ବର୍ଷ ଧରି ଭୂୟାଁ ସମାଜର ପ୍ରାର୍ଥୀ ବିଧାୟକ ଭାବେ ଜିତି ଆସୁଥିବା ସେ କହିଥିଲେ। ରାଜ୍ୟ ଜେନେରାଲ ସମ୍ପାଦକ ଡ. ପ୍ରଫୁଲ୍ଲ ମାଝି ସରକାରଙ୍କ ନୀତି ଆଦର୍ଶ ଓ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସବ୍‌ଡେଗା ବ୍ଲକ ସଭାପତି ଏମ୍‌ଡି ୟୁମିଲ, ସବ୍‌ଡେଗା ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନ, ଲେଫ୍ରିପଡା ବ୍ଲକ ଅଧକ୍ଷ ନରେଶ ପ୍ରତାପ ସିଂ, ପୂର୍ବତନ ବାଲିଶଙ୍କରା ଉପାଧ୍ୟକ୍ଷ ପ୍ରଶାନ୍ତ ପଟେଲ, ପାଣି ପଞ୍ଚାୟତ ସଭାପତି ଅନିଲ ବେହେରା, ବାଲିଶଙ୍କରା ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, ବାଲିଶଙ୍କରା ପୂର୍ବତନ ବିଜେଡି ସଭାପତି ଜଗଦୀଶ କର, ସବ୍‌ଡେଗାର ପୂର୍ବତନ ଜିଲା ପରିଷଦ ସିଭିଲ ନାଏକ, ସଉନାମରା ସମିତି ସଭ୍ୟା ବେଳମତି ଧୁରୁଆ, ବାଲିଶଙ୍କରା ସରପଞ୍ଚ ସୁଲୋଚନା ସୁଆରୀ, ସମିତି ସଭ୍ୟ କନ୍ହେଇ ଜୟପୁରିଆ, ଟଙ୍କଧର ପଣ୍ଡା, ଲକ୍ଷ୍ମଣ ପୁରୋହିତ, ସବ୍‌ଡେଗା ସରପଞ୍ଚ ଖ୍ରିସ୍ମା ଖେସ, ଦାମୋଦର ମାଝି, କେଶବ କଲସେର ପ୍ରମୁଖ ଯୋଗଦେଇ ବିଧାୟକ ପ୍ରାର୍ଥୀ ଚୟନ ପାଇଁ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଜୋନାଲ ସ୍ତରୀୟ ବୈଠକ କରାଯିବ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି। ଶେଷରେ ପୂର୍ବତନ ବ୍ଲକ ସଭାପତି ମନୋଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

କୁଆଁରମୁଣ୍ଡା,୨୧।୧୨(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ତେଲିପୋଷଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଲକ ବିହାରୀ ମଙ୍ଗରାଜ ଯୋଗଦେଇଥିବା ବେଳେ ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଂରାଜୀ ପ୍ରାଧାପକ ପ୍ରଦୀପ ଖେସ୍ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବିଇଓ ସଦାନନ୍ଦ ପଧାନ, ତ୍ରିଦେବ ପ୍ରଧାନ, ସୁନ୍ଦରଗଡ଼ ଓଏଭିର ନେଡାଲ ପ୍ରିନ୍ସିପାଲ ଭିମଚରଣ ପାତ୍ର, କୁଆଁରମୁଣ୍ଡା ଏସବିଆଇ ଶାଖା ପରିଚାଳକ ବିଜୟଲକ୍ଷ୍ମୀ ଭୂୟାଁ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧକ୍ଷ ଜର୍ଜ ବେର୍ଣ୍ଣାଡ ଡୁଙ୍ଗଡୁଙ୍ଗ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ସହ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରତିଯୋଗିତାରେ ବିଦ୍ୟାଳୟରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଦୋକାନ ଭିତରେ ପଶିଲା ସ୍କର୍ପିଓ: ଜଣେ ମୃତ

କୋଲାବିରା,୨୨।୧୨(ଚିନ୍ମୟ କୁମାର ବହିଦାର): କୋଲାବିରା ଥାନା ଅଞ୍ଚଳରେ ଶୁକ୍ରବାର ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଦୋକାନ ଭିତରେ ପଶିଯାଇଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ମତେ କୋଲାବିରା ଥାନା ଅନ୍ତର୍ଗତ ସମାସିଂହାରୁ ଓଡି୧୫ଏକ୍ସ୪୨୨୪ ନମ୍ବର ବିଶିଷ୍ଟ ସ୍କର୍ପିଓ କୋଲାବିରା ପଟକୁ ଆସୁଥିବା ସମୟରେ କଲୋନିପଡାର ଏକ ଦୋକନଘର ଭିତରକୁ ପଶିଯାଇଥିଲା। ଫଳରେ ଦୋକାନୀ ସୁରେଶ କିଷାନ(୨୭)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ବଡ ଭାଇ ତୁଲେଶ୍ୱର କିଶାନ ଓ ଦୋକାନକୁ ଆସିଥିବା ଧବଳେଶ୍ୱର ପାତ୍ର ଆହତ ହୋଇଛନ୍ତି। ଧବଳେଶ୍ୱରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ତୁଲେଶ୍ୱରଙ୍କୁ ବୁର୍ଲା ରେଫର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା।

## ପୁରାଣ ସଂସ୍କୃତି ଶିଖିଲେ ଶିଶୁଙ୍କ ମାନସିକ ବିକାଶ ହେବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

ନୂଆଗାଁ,୨୧।୧୨(ବିଜୟ ତ୍ରିପାଠୀ)

ପତ୍ରାପାଲି ନିକଟସ୍ଥ ଚିକିଟିଆ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ଅଧକ୍ଷା ବିଶ୍ୱାଶି ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଉତ୍ତମ ପରିବେଶ ଓ ଗୁରୁମା, ଗୁରୁଜୀଙ୍କ ଶିକ୍ଷାଦାନକୁ ପ୍ରଶଂସା କରିଥିଲେ। ଜିଲା ଗୋସେବା ପ୍ରମୁଖ ଗୋକୁଲ ମିଞ୍ଜ ଯୋଗଦେଇ ଓଡ଼ିଶା ଓ ଭାରତର ପୁରାଣ ସଂସ୍କୃତି ଏବଂ ପରମ୍ପରାକୁ ଶିଖିଲେ ଶିଶୁଙ୍କ ଆଧ୍ୟାତ୍ମିକ ଓ ମାନସିକ ବିକାଶ ହୋଇପାରିବ ବୋଲି ମତ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ରମେଶ୍ୟର ମହାତ ସ୍କୁଲର ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ପରିସରରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ଧୋବା, ଯୁଗ୍ମ ସମ୍ପାଦକ ଚନ୍ଦ୍ରମଣି ବାଡା, କୋଷାଧ୍ୟକ୍ଷ ଚଇତୁ ମହାତ, ବରିଷ୍ଠ ସଦସ୍ୟ ସୁଜିତ ମହାତ, ମୁନି ଧୋବା ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଆଚାର୍ଯ୍ୟ ସୀମା ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେବତୀ ମହାତ, ଶକୁନ୍ତଳା ତୁରୀ, ଆଶା ରାଣୀ ଗୋଓ୍ୱାଲା, ସରୋଜିନୀ ହସ୍ତି, ମାଙ୍ଗିତା ଖେସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁରୂପ ଭାବେ ତୁଆଁବାହାଲ ସ୍କୁଲରେ ମଧ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ସହକାରୀ ଶିକ୍ଷା ଅଧିକାରୀ ବନମାଳୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଇଓ ଗଳ୍ପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମଙ୍ଗଲ କେରକେଟା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଉତ୍ସବରେ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ସାହୁ, ଗଙ୍ଗାଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇରନ୍ ମାଇନ୍ସ ପକ୍ଷରୁ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ଶିବିର

ବଣାଇଁ,୨୨।୧୨ (ପ୍ରଦୀପ ତ୍ରିପାଠୀ)

ବଣାଇଁ ସଦର ମହକୁମା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ବରସୁଆଁ ଆଇରନ ମାଇନ୍ସ ପକ୍ଷରୁ ଭିନ୍ନକ୍ଷମ ଚିହ୍ନଟ ପ୍ରକ୍ରିୟା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବଣାଇଁ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ବରସୁଆଁ ଆଇରନ ମାଇନ୍ସର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଅଫିସର ଅମିୟ ରଞ୍ଜନ ରାଉତ, ବ୍ଲକ ଉପାଧ୍ୟକ୍ଷା ବିନତା ବେହେରା, ଡା. ମନୋରଞ୍ଜନ ଓଝା, ବ୍ଲକ କର୍ମଚାରୀ ଅନୁପମା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୬୫ ଭିନ୍ନକ୍ଷମଙ୍କଠାରୁ ଆଧାର କାର୍ଡ, ପେନ୍‌ସନ କାର୍ଡ, ଫଟୋ, ରାଶନ କାର୍ଡ ଆଦି ବିଭିନ୍ନ ପ୍ରମାଣପତ୍ର କାଗଜ ନେଇଥିଲେ। ଯାଞ୍ଚ ପ୍ରକ୍ରିୟା ପରେ ଆଇରନ ମାଇନ୍ସ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ଟ୍ରାଇ ସାଇକେଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯିବ। ୧୫ ଦିନ ମଧ୍ୟରେ ଏହି କ୍ରମରେ ସମସ୍ତ ଚିହ୍ନଟ ବ୍ୟକ୍ତିବିଶେଷଙ୍କୁ ଆବଶ୍ୟକ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।




ଶିବିରରେ ଭିନ୍ନକ୍ଷମାନେ ନିଜ ପରିଚୟପତ୍ର ଦେଉଛନ୍ତି।

## ବିଜ୍ଞାନମେଳାରେ ୪୮୦ ପ୍ରକଳ୍ପ ପ୍ରଦର୍ଶିତ

### ସୁନ୍ଦରଗଡ଼ ପବ୍ଲିକ ସ୍କୁଲ

ସୁନ୍ଦରଗଡ,୨୨।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଜ୍ଞାନ, ସାମାଜିକ ବିଜ୍ଞାନ, ଗଣିତ, ଅଟଳ ଟିଙ୍କେରିଂ ଲାବଓ ଚିତ୍ରକଳା ଉପରେ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ.ବିନୟ କୁମାର ଟୋପ୍ପୋ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ମୁଖ୍ୟ ଅତିଥିଙ୍କ ବିଷୟରେ କହିଥିଲେ। ଅଧକ୍ଷା ପଟେଲ, ଟ୍ରଷ୍ଟି ସମ୍ପାଦକ ଷଡ଼ଙ୍ଗୀ ଓ ଟ୍ରଷ୍ଟି ସଦସ୍ୟ ବେଣୁ ମାଧବ ତ୍ରିପାଠୀ ମୁଖ୍ୟ ଅତିଥିଙ୍କୁ ଉପଢୌକନ ଓ ସ୍ମୃତି ଚିହ୍ନ ପ୍ରଦାନ କରି ଧନ୍ୟବାଦ ଜଣାଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବାଶିଷ ଦାସ, ଅଶୋକ ପରିଡ଼ା, ମାଇକେଲ ଖାଲଖୋ,ରାଜଲକ୍ଷ୍ମୀ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

## ତିଲଡେଗାରେ ଧାନ କ୍ରୟ ଶୁଭାରମ୍ଭ

ବାଲିଶଙ୍କରା,୨୨।୧୨(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଲ୍ୟାମ୍ପସ ତରଫରୁ ତିଲଡେଗାରେ ଧାନ ମଣ୍ଡିରେ ଧାନ କ୍ରୟର ଶୁଭାରମ୍ଭ ହୋଇଯାଇଛି। ଏମ୍‌ଡି ରେଣୁପଦ ଚୌଧୁରୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ତିଲଡେଗା ସରପଞ୍ଚ ଧନେଶ୍ୱରୀ ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସନ୍ତୋଷ କୁମାର ସା, ଅନିଲ ନାଏକ, ଚନ୍ଦାରଣ ପଟେଲ, ପିରିସ ସାହୁ, ଆକାଶ ନାଏକ, ପୂର୍ବତନ ସରପଞ୍ଚ ତରଣୀ ଭୋଇ ଯୋଗଦେଇଥିଲେ। କିଞ୍ଜିରକେଲାରେ ସୋମବାର, ମଙ୍ଗଳବାର, ତିଲଡେଗାରେ ବୁଧବାର, ଗୁରୁବାର, କରୁଆବାହାଲ ପଞ୍ଚାୟତରେ ଶୁକ୍ରବାର ଓ ଶନିବାର ଧାନକିଣା ହେବ। ପ୍ରତିଦିନ ୧୨ଶହ କୁଇଣ୍ଟାଲ ଧାନ କିଣା ହେବ ବୋଲି ଲ୍ୟାମ୍ପସ ପରିଚାଳକ ସୂଚନା ଦେଇଛନ୍ତି।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ
ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/ ୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍ଗୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍ଗୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର
OIPR-24163/14/0039/2324

## ସଂକ୍ଷେପରେ...

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ରିଆମାଳ, ୨୨।୧୨ (ନିରଞ୍ଜନ ବେହେରା)

ରିଆମାଳ ଥାନା ଟିଙ୍କବୀର ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଉମାକାନ୍ତ ପ୍ରଧାନ(୬୩)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଉମାକାନ୍ତ ତାଙ୍କ ପୁଅଙ୍କ ସହ ବାଇକ୍ ଯୋଗେ ଛତାବରରୁ ନିଜ ଘରକୁ ଫେରୁଥିବା ବେଳେ ଟିଙ୍କବୀର ହାଇସ୍କୁଲ ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ସାଇକେଲ ସହ ତାଙ୍କର ଧକ୍କା ହୋଇଥିଲା। ଉମାକାନ୍ତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଛତାବର ଏବଂ ପରେ ଦେବଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରିଆମାଳ ସଦରରେ ଧାନମଣ୍ଡିର ଶୁଭାରମ୍ଭ

ରିଆମାଳ, ୨୨।୧୨ (ନିରଞ୍ଜନ ବେହେରା)

ଦେବଗଡ ଜିଲା ରିଆମାଳ ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡିର ଉଦ୍‌ଘାଟନ ସହ ଧାନକିଣା ଆରମ୍ଭ ହୋଇଯାଇଛି। ପ୍ରଥମେ ବାବରାକୋଟ ଗ୍ରାମର ଚାଷୀ ମହାଦେବ ସାହୁଙ୍କ ଧାନ କ୍ରୟ କରାଯାଇଥିଲା। ପ୍ରଥମ ଦିନରେ ମୋଟ ୨୧ଜଣ ଚାଷୀଙ୍କଠାରୁ ୧୨୩୫ବସ୍ତା (୫୭୪.୮ କି.ଗ୍ରା.) ସଂଗ୍ରହ କରାଯାଇଥିଲା। ପବିତ୍ର ନାୟକ, ଯୋଗେଶ୍ୱର ବିଶ୍ୱାଳ, ରମାକାନ୍ତ ପ୍ରଧାନ, ତରଣିସେନ ପ୍ରଧାନ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସମବାୟ ସମିତିର ସମ୍ପାଦକ ମୋତିଲାଲ ପ୍ରଧାନ ସହଯୋଗ କରିଥିଲେ।

### ନବନିର୍ମିତ କୀର୍ତ୍ତନ ମଣ୍ଡପ ରତ୍ନମୁଦ କାର୍ଯ୍ୟକ୍ରମ

କୁଚିଣ୍ଡା, ୨୨।୧୨ (ବିରଞ୍ଚି ଦର୍କା)

ବାମରାସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ନବନିର୍ମିତ କୀର୍ତ୍ତନ ମଣ୍ଡପର ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମକର ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଗୋବିନ୍ଦପୁର ଜମିଦାର ସଞ୍ଜୀବ ପାଲ ଓ ତାଙ୍କ ସହଧର୍ମିଣୀ ନୀତି ପାଲ ମୁଖ୍ୟ ଯଜମାନ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଅକ୍ଷୟ ପୂଜାରୀ, ଶ୍ରୀକାନ୍ତ ନନ୍ଦ, ଜଗନ୍ନାଥ ମନ୍ଦିର ପୂଜକ ଅଜୟ ପୂଜାରୀ ଓ ସୁବ୍ରତ ମିଶ୍ରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମହୋତ୍ସବ କମିଟି ଦ୍ୱାରା ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କୀର୍ତ୍ତନ ମଣ୍ଡପ ନିର୍ମାଣ କରାଯାଇଛି। ଉତ୍ସବରେ ମକର ମହୋତ୍ସବ କମିଟି ଅଧକ୍ଷ ଦୁର୍ଗାପ୍ରସାଦ ମିଶ୍ରଙ୍କ ସମେତ ସଦସ୍ୟ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ କୁଚିଣ୍ଡା ଉପଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ସାମିଲ ହୋଇଥିଲେ।

### ପୂର୍ବତନ ସ୍ୱାସ୍ଥ୍ୟକର୍ମୀଙ୍କ ପରଲୋକ

ପଡିଆବାହାଲ, ୨୨।୧୨ (ରାଧାମୋହନ ଷଡ଼ଙ୍ଗୀ) ସମ୍ବଲପୁର ଜିଲା ଢ଼ଙ୍ଗରପଡା ଗ୍ରାମର ପୂର୍ବତନ ସ୍ୱାସ୍ଥ୍ୟକର୍ମୀ ଦୁର୍ଯ୍ୟୋଧନ ପ୍ରଧାନ (୭୫)ଙ୍କ ଗୁରୁବାର ରାତିରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପଞ୍ଚାୟତର ସରପଞ୍ଚ ଅୟସକାନ୍ତ ବଡପଣ୍ଡା, ସାମାଜିକ କର୍ମୀ ଦିଲୀପ କୁମାର ପଣ୍ଡା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବିଜୟ ପ୍ରଧାନ ମୁଖାଗ୍ନି ଦେଇଥିଲେ।

### ଜାତୀୟ ଗଣିତ ଦିବସ

ପଡିଆବାହାଲ, ୨୨।୧୨ (ରାଧାମୋହନ ଷଡ଼ଙ୍ଗୀ) ଜମନକିରା ବ୍ଲକ କୁଲୁଣ୍ଡିସ୍ଥିତ ବିଶ୍ୱସେବା ସରକାରୀ ଅନ୍ତର୍ଦୃଷ୍ଟି ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସଭାରେ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ ଓ ଗଣିତ ଶିକ୍ଷକ ଚୂଡାମଣି ବାଗ ସଭା ପରିଚାଳନା କରିଥିଲେ।

# ପୂର୍ବତନ ଜିଲା କଂଗ୍ରେସ ସଭାପତି ଗିରଫ

## କଂଗ୍ରେସ ନେତ୍ରୀ ନିଖତ ପରବିନ୍ ଆତ୍ମହତ୍ୟା ଉଦ୍ୟମ ଘଟଣା

■ ସ୍ୱାମୀଙ୍କ ସମେତ ୫ଜଣଙ୍କ ନାମରେ ମାମଲା

ସମ୍ବଲପୁର, ୨୨।୧୨ (ଭବାନୀଶଙ୍କର ଭୋଇ)


ଗିରଫ ଆସଫ୍ ଅଲ୍ଲି ଖାନ୍।

ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ସେଲର ନେତ୍ରୀ ନିଖତ ପରବିନ୍ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସମ୍ବଲପୁର ପୋଲିସ କଂଗ୍ରେସର ପୂର୍ବତନ ଜିଲା ସଭାପତି ଆସଫ୍ ଅଲ୍ଲି ଖାନଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସହିତ ଜିଲା କଂଗ୍ରେସର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁତପା ମିତ୍ର, କଂଗ୍ରେସ ନେତ୍ରୀ ସୁରଞ୍ଜିନି ବାରିକ, ନିଖତଙ୍କ ସ୍ୱାମୀ ଆକ୍ରମ ଖାନ ଓ ପୁଅ ତଲହା ଖାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ନିଖତଙ୍କ ମାଆ ଅମିନା ପରବିନ୍ ଆସଫ୍‌ଙ୍କ ବିରୋଧରେ ଟାଉନ ଥାନରେ ଗତ ୨୧ ତାରିଖରେ ଅଭିଯୋଗ କରିଥିଲେ। ସେ ଏଥିରେ ଦର୍ଶାଇଥିଲେ, ୬ମାସ ପୂର୍ବରୁ କଂଗ୍ରେସର ବରିଷ୍ଠ ନେତାଙ୍କୁ ହନିଟ୍ରାପରେ ଫସାଇବାକୁ ଆସଫ୍ ନିଖତଙ୍କୁ ବାଧ କରୁଥିଲେ। ହେଲେ ଏଥିରେ ଝିଅ ଅରାଜି ହେବାରୁ ତାକୁ ମାନସିକ ନିର୍ଯାତନା ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଏହାସହ ଜିଲା କଂଗ୍ରେସର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁତପା ମିତ୍ର, କଂଗ୍ରେସ ନେତ୍ରୀ ସୁରଞ୍ଜିନି ବାରିକ ତାଙ୍କ ଚରିତ୍ର ଉପରେ ଆକ୍ଷେପ କରି ବାରମ୍ବାର ଅପମାନିତ କରୁଥିଲେ। ନିଖତଙ୍କ ସ୍ୱାମୀ ଓ ପୁଅ ମଧ୍ୟ ଆସଫ୍‌ଙ୍କ ପ୍ରରୋଚନାରେ ପଡି ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଅମିନା ଅଭିଯୋଗ କରିଥିଲେ। ଏହି ଏତଲା ଆଧାରରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଧାରା ୩୫୪, ୩୫୪ (ଏ), ୩୨୩, ୩୦୯, ୧୦୯, ୫୦୦, ୫୦୯, ୫୦୬ ଏବଂ ୩୫ରେ ମାମଲା (ନଂ୪୫୪/୨୩) ରୁଜୁ କରାଯାଇଛି। ଆସଫ୍‌ଙ୍କୁ ଗୁରୁବାର ରାତିରେ ରେଢାଖୋଲରୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ନିଖତଙ୍କ ସ୍ୱାମୀ ଆକ୍ରମ ଖାନ ଓ ପୁଅ ତଲହା ଖାନଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ସଦର ଏସ୍‌ଡିପିଓ ପ୍ରଦିପ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୬ତାରିଖରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା ନେଇ ଜିଲା କଂଗ୍ରେସ ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୁତପା ମିତ୍ର ଟାଉନ ଥାନାରେ ଏତଲା ଦେଇଥିଲେ। ପରେ ୧୮ରେ ରାଜ୍ୟ କଂଗ୍ରେସର ଏକ ଟିମ୍ ତଦନ୍ତ କରିବା ପରେ ନିଖତଙ୍କୁ ପଦରୁ ହଟାଯାଇଥିଲା। ନିଖତ ଉପରୋକ୍ତ ୫ ଜଣଙ୍କ ଯୋଗୁ ମାନସିକ ଚାପରେ ପଡି ଆତ୍ମହତ୍ୟା ଉଦ୍ୟମ କରୁଥିବା ଏକ ନୋଟ୍‌ରେ ଦର୍ଶାଇଥିଲେ।

# ସରସ୍ୱତୀ ଶିଶୁମନ୍ଦିରରେ ଜାତୀୟ ଗଣିତ ଦିବସ



ରିଆମାଳ, ୨୨।୧୨ (ନିରଞ୍ଜନ ବେହେରା)

ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ଅଧ୍ୟକ୍ଷତାରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରିଆମାଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ବେଣୁଧର ସାହୁ ଯୋଗ ଦେଇଥିଲେ। ଆଚାର୍ଯ୍ୟ ଟଙ୍କଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ସଞ୍ଜୟ କୁମାର ପ୍ରଧାନ ଗଣିତ ଦିବସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଶିଶୁ ଭଉଣୀଭାଇଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଭିନ୍ନ ବର୍ଗରେ ଶିଶୁଙ୍କ ମଧ୍ୟରେ ଅଙ୍କ ଦୌଡ, ଗଣିତ ଖେଳ, ଗଣିତ ହାଟ, ପ୍ରଶ୍ନ ମଞ୍ଚ, ଗଣିତ ପ୍ରକଳ୍ପ, ଗଣିତ ରଙ୍ଗୋଲି, ଗଣିତ ଚାର୍ଟ ପ୍ରଦର୍ଶନ, ବକ୍ତୃତା ପ୍ରତିଯୋଗିତା ଆଦି କରାଯାଇଥିଲା। କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚୁହିଲାମାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସାବିତ୍ରୀ ବେହେରା ଯୋଗ ଦେଇଥିଲେ। ଗୁରୁମା ପିଙ୍କି ସରାପ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ଦଶରଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା କଂଗ୍ରେସର ସ୍ମାରକପତ୍ର ପ୍ରଦାନ

ଦେବଗଡ, ୨୨।୧୨ (ଶଶାଙ୍କ ଶେଖର ଝାଙ୍କର)


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସାଂସଦଙ୍କୁ ଅଗଣତାନ୍ତ୍ରିକ ଭାବେ ଲୋକସଭା ଓ ରାଜ୍ୟ ସଭାରୁ ନିଲମ୍ବିତ କରାଯାଇଥିବା ଘଟଣାକୁ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ପ୍ରତିବାଦ କରାଯିବା ସହ ନିଲମ୍ବନ ପ୍ରତ୍ୟାହୃତ କରିବା ଦାବିରେ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ଉକ୍ତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍କୁ ପ୍ରଦାନ କରିଥିଲେ। ଦେଶର ଉଭୟ ଲୋକସଭା ଓ ରାଜ୍ୟ ସଭାରୁ ୧୪୧ ଜଣ ସାଂସଦଙ୍କୁ ନିଲମ୍ବନ କରାଯିବା ଘଟଣା ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟ ଜନକ ବୋଲି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିବା ସହ ସେମାନଙ୍କ ଉପରୁ ଅବିଳମ୍ବେ ନିଲମ୍ବନ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଉପସଭାପତି ସୁବାସ ଚନ୍ଦ୍ର ଭୋଇ, ଟାଉନ କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ କୋଷାଧ୍ୟକ୍ଷ ଶ୍ରୀତମ କୁମାର ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ସମ୍ପର୍କୀୟ ମାମୁଙ୍କ ବଳାତ୍କାର

ଦେବଗଡ, ୨୨।୧୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ସମ୍ପର୍କୀୟ ମାମୁଁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ସମେତ ପକ୍ସୋ ଆକ୍ଟର ବିଭିନ୍ନ ଧାରାରେ ଏକ ମାମଲା ରଜୁକରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ପୀଡିତା ନାବାଳିକାଙ୍କୁ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨ୟ ଶ୍ରେଣୀରେ ପାଠପଢୁଥିବା ସମ୍ପୃକ୍ତ ନାବାଳିକାଙ୍କୁ ଉକ୍ତ ଗ୍ରାମରେ ଏକ ଦୋକାନ ଖୋଲିଥିବା ସମ୍ପର୍କୀୟ ମାମୁଁ ନିକଟସ୍ଥ କେନ୍ଦୁପତ୍ର ଫଡିକୁ ଡାକିନେଇ ବଳାତ୍କାର କରିଥିଲେ। ଘଟଣା ବିଷୟରେ କାହାରିକୁ ନ ଜଣାଇବା ପାଇଁ କହିଥିଲେ। ନଚେତ୍ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପୀଡିତା ନାବାଳିକା ଜଣଙ୍କ ଘରକୁ ଫେରି ମା'କୁ ଏକଥା ଜଣାଇଥିଲେ ହେଁ ତାଙ୍କ ବାପା କାମ କରିବାକୁ ବାହାରକୁ ଯାଇଥିବାରୁ ଏନେଇ ଅଭିଯୋଗ କରି ନ ଥିଲେ। ବାପା ଆସିବା ପରେ ପୀଡିତାଙ୍କ ମା' ବାରକୋଟ ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ।

# ପୁରୁଣାଗଡ଼ରେ ଧାନକ୍ରୟ ଶୁଭାରମ୍ଭ

ଦେବଗଡ, ୨୨।୧୨ (ଶଶାଙ୍କ ଶେଖର ଝାଙ୍କର)


ଧାନକ୍ରୟର ଶୁଭାରମ୍ଭ କରାଯାଉଛି।

ଦେବଗଡ ପୌରାଞ୍ଚଳର ପୁରୁଣାଗଡ ଠାରେ ଶୁକ୍ରବାର ମିଶନ ଶକ୍ତି ଦ୍ୱାରା ବାମଣ୍ଡା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଚାଷୀଙ୍କ ଠାରୁ ଖରିପ ଧାନ କ୍ରୟ ଶୁଭାରମ୍ଭ ହୋଇଯାଇଛି। ପୂର୍ବାହ୍ନରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟି ଭାରପ୍ରାପ୍ତ ସଂପାଦକ ପ୍ରତାପ ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର ଓ ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ସ୍ମରଣିକା ମହାପାତ୍ର ପ୍ରମୁଖଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଚାଷୀଙ୍କ ଠାରୁ ୫୧୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।

# ରାଜସ୍ଥାନରୁ ଆଉ ଜଣଙ୍କୁ ଗିରଫକଲା ଏନ୍‌ସିବି

ଦେବଗଡ, ୨୨।୧୨ (ଶଶାଙ୍କ ଶେଖର ଝାଙ୍କର)

ଭୁବନେଶ୍ୱର ସ୍ଥିତ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋର ଏକ ଟିମ୍ ୨୦୨୧ ମାର୍ଚ୍ଚ ୨୦ରେ ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ଠିଆନାଳ ଛକ ୪୯ ନମ୍ବର ଜାତୀୟ ରାଜପଥରେ ଏକ କାଜୁତେଲ ବୋଝେଇ ଟ୍ରକକୁ ଜବତ କରିବା ସହ ସେଥି ମଧ୍ୟରୁ ୨୮୦କିଲୋ ଚୋରା ଗଞ୍ଜେଇ ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ରାଜସ୍ଥାନର କୁଶୱା ଥାନା ଅନ୍ତର୍ଗତ ଜାଡମକା ଗ୍ରମର କର୍ଣ୍ଣେଲ ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ ଜଣ ଫେରାର ଥିବାରୁ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ସେମାନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ପାଇଁ ଆଦାଲତରେ ପ୍ରାର୍ଥନା କରିଥିଲେ। ଅଦାଲତ ୫ ଅଭିଯୁକ୍ତଙ୍କ ବରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ବୁଟା ସିଂ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଶୁକ୍ରବାର ୩ୟ ଅଭିଯୁକ୍ତ ଭାବେ ରାଜସ୍ଥାନ ରାଜ୍ୟର ଅଲୱାଲ ଜିଲା ଭିୱାଡି ଥାନା ଅନ୍ତର୍ଗତ ଘଟଲ ଗ୍ରାମରୁ ଅଖତର ଖାନ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଘଟଣା ଦିନ ବେଆଇନ ଗଞ୍ଜେଇ ବୋଝେଇ ଟ୍ରକ(ନଂ-ଏଚ୍‌ଆର -୭୩ ଏ-୦୪୯୧)କୁ ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋର ସ୍ୱତନ୍ତ୍ର ଟିମ୍ ପିଛା କରୁଥିବା ବେଳେ ଏକଥା ଜାଣିପାରି ଟ୍ରକ ଚାଳକ ଦ୍ରୁତ ଗତିରେ ଚଳାଇ ଖସି ଯିବାକୁ ଉଦ୍ୟମ କରିଥିଲେ। ଟିମ୍ ଉକ୍ତ ଟ୍ରକଟିକୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ଚାଳକ ବୋଲେରୋକୁ ଧକ୍କା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲେ ହେଁ ପୋଲିସ ତାଙ୍କୁ ଧରିଥିଲା। ଉକ୍ତ ଟ୍ରକକୁ ଅଟକାଇବା ପରେ ଏନ୍‌ସିବି ଅଧିକାରୀମାନେ ଗାଡିକୁ ଯାଞ୍ଚ କରିଥିଲେ। ଉକ୍ତ ଟ୍ରକ ମଧ୍ୟରେ ବିପୁଳ ପରିମାଣର କାଜୁ ତେଲ ସହିତ ୨୮୦ କିଲୋ ଗଞ୍ଜେଇ ରହିଥିବା ଜଣାପଡିଥିଲା। ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ଉକ୍ତ ଟ୍ରକଟିକୁ ଜବତ କରି ବାରକୋଟ ଥାନାକୁ ଆଣିବା ସହ ଗଞ୍ଜେଇକୁ ଜବତ କରିଥିଲା।


## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No.COL/JAJ/VIIL-38/2022/12724/(Civil) dated 06.11.2023

No.XXIV-35:- ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ମକେଇପୁର, ଥାନା- ଯାଜପୁର ନଂ.୩୩, ତହସିଲ- ଯାଜପୁର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୬୯୦ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀତରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଯାଜପୁର ଜିଲ୍ଲାରେ ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡ଼ିଶା ସରକାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୬୯୬୮/୧୭।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧.୫୧ଡି. | ଏ.୦.୬୯୦ଡି. | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାର ଯାଜପୁର, ତହସିଲଦାର, ଯାଜପୁରଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦିତ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଯାଜପୁର**

### ଭୂମି ଅନୁସୂଚୀ

**ପ୍ରକଳ୍ପ- ରେଡ୍‌କ୍ରସ୍ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ**
**ମୌଜା- ମକେଇପୁର, ଥାନା ନଂ. -୩୩, ଥାନା/ତହସିଲ/ଜିଲ୍ଲା- ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ-୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି. ସିଦ୍ଧ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି. ବୃନ୍ଦାବନ ପଣ୍ଡା, ଜା. ବ୍ରାହ୍ମଣ, ବା. ଖଇବାବାଦ, ହା. ବା. ଝରାବାହାଲ, ଜି. ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଂଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି. ନାରାୟଣ ମହାପାତ୍ର, କନକ ମହାପାତ୍ର, ପି. ବନମାଳି ଓଝା, ଜା. କମାର, ବା. ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି. ରାମଚନ୍ଦ୍ର ମିଶ୍ର, ଜା. ବ୍ରାହ୍ମଣ, ବା. ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ବିଶ୍ୱନାଥ ମଲ୍ଲିକ, ପି. ଜଗବନ୍ଧୁ ମଲ୍ଲିକ, ଜା. ଖଣ୍ଡାୟତ, ବା. ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ-୧ | ରାଧାମଣି ରାଉତ, ପି. ଶିବ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ଭାନୁମତି ରାଉତ, ସ୍ୱା. ସନାତନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ-୧ | ସନାତନ ରାଉତ, କାହ୍ନୁଚରଣ ରାଉତ, ପି. ନବୀନ ରାଉତ, ଜା. ଖଣ୍ଡାୟତ, ବା. ନିଜଗାଁ |
| | | ମୋଟ | | ୦.୬୯୦ | | |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର**

OIPR-24163/14/0039/2324

# ପର୍ଫ୍ୟୁମ୍

## ଗଳ୍ପ

**ମାୟାଧର ସାହୁ**

ଆମେ ଦୁହେଁ ଘରୁ ଲୁଚି ଚାଲିଯାଇ ପ୍ରଥମେ ମନ୍ଦିରରେ ଓ ପରେ ପରେ ବିବାହ ପଞ୍ଜୀକରଣ ଅଫିସରେ ସରକାରୀ ରୀତିରେ ବାହା ହୋଇଥିଲୁ। କାରଣ ଥିଲା ଗୌତମୀର ଶାର୍ଦ୍ଦୂଳ ସମ ପିତାଙ୍କ ଧମକ, ପହିଲିମାନ ପରି ଭାଇମାନଙ୍କର ନାଲିଆଖି ଓ ବନ୍ଧୁବାନ୍ଧବଙ୍କର ନାକଟେକା। ଗୌତମୀ ଥିଲା ଧନାର୍ଢ୍ୟ ଓ ପ୍ରତିପତ୍ତିଶାଳୀ ଏକ ଯୌଥ ପରିବାରର ଅଲିଅଳ ଝିଅ। ମୁଁ ଭିଡ଼ ଭିତରେ ଅଚିହ୍ନା ମୁହଁଟିଏ ପରି ସାଧାରଣ ପରିବାରର ଜୀବନ ସଂଗ୍ରାମରତ ସାଧାରଣ ପିଲାଟିଏ। ଭୟାର୍ତ୍ତ ମୋ' ମାଆବାପା ସମେତ ଆମ ସମଗ୍ର ପରିବାର ଓ ସମ୍ପର୍କୀୟମାନେ ଗୌତମୀକୁ ଭଲପାଇବାର ଦୁଃସାହସରୁ ମୁକୁଳି ଆସିବାକୁ ମୋତେ ବୁଝାଉଥିଲେ। ନା ମୁଁ ବୁଝିଲି ନା ଗୌତମୀ ବୁଝିଲା। ଆତ୍ମୀୟସ୍ୱଜନଙ୍କ ଇଚ୍ଛା ବିରୋଧରେ ଆମ ବିବାହ ସମ୍ପନ୍ନ ହୋଇଗଲା।

ଗୌତମୀ ମୋତେ ପ୍ରାଣଭରି ଭଲପାଏ। ମୋ' ପାଇଁ ସେ ନିଜର ରାଜଜେମା ପରି ସ୍ୱଚ୍ଛଳ ଜୀବନ, ଘର ପରିବାର, ବନ୍ଧୁବାନ୍ଧବ ସବୁ ତେଜିଦେଇ ସାଧାରଣ ଗୃହିଣୀଟିଏ ପାଲଟିଗଲା। ମୋ' ଲାଗି ତା'ର ଏତେ ତ୍ୟାଗ ଆଗରେ ମୋତେ ନିଜକୁ ଅପରାଧୀ ପରି ଲାଗେ ଆଉ ସେ ଜଣେ ଦେବୀ ପରି ବୋଧହୁଏ ମୋତେ। ଗୌତମୀକୁ ମୋର ଭଲପାଇବା ଭିତରେ ମିଶି ରହିଥାଏ ଅନେକ ସମ୍ମାନ ଆଉ ଭକ୍ତିଭାବ।

ପାଠପଢ଼ା ପରେ ମୁଁ ଏକ ଖ୍ୟାତନାମା ବହୁରାଷ୍ଟ୍ରୀୟ କମ୍ପାନୀରେ ଭଲ ପୋଜିସନ୍‌ରେ ଚାକିରି ପାଇଗଲି। ଆମ ଦୁଇଜଣିଆ ସୁଖୀ ପରିବାରରେ କନ୍ୟାଟିଏ ରୂପରେ ଗୌତମୀର ଗର୍ଭରୁ ଜନ୍ମନେଲା। ଆମେ ମାଆବାପା ଦୁହେଁ ଆନନ୍ଦ ବିଭୋର ହୋଇଉଠିଲୁ। ଆମ ଛୋଟ ସଂସାରକୁ ସଦ୍ୟ ଆଗନ୍ତୁକା କୁନିଝିଅ ଆମ ଜୀବନରେ ପରିପୂର୍ଣ୍ଣତା ଭରିଦେଲା। କ୍ଷୁଦ୍ରାଦପିକ୍ଷୁଦ୍ର ଆମ ଅଣୁ ପରିବାରରେ ଗୌତମୀ ପ୍ରାୟ ସବୁବେଳେ ବ୍ୟସ୍ତ ରହେ କୁନିଝିଅ କାମରେ। ତହିଁରୁ ଯତ୍‌କିଞ୍ଚିତ୍ ସମୟ ବଳେ ସେଥିରେ ମୋ' ପସନ୍ଦର ଖାଦ୍ୟ ପ୍ରସ୍ତୁତି ଓ ମୋର ନାନାବିଧ କାମ କରିବାକୁ ଚେଷ୍ଟାକରେ।

ଧୀରେ ଧୀରେ ଗୌତମୀ ଝିଅକୁ ନେଇ ଏତେ ବ୍ୟସ୍ତ ରହିଲା ଯେ ମୋ' ପାଇଁ ସମୟ ଦେଇ ପାରିଲା ନାହିଁ। ମୋର ବରଂ ଅଣହେଲା କରୁଥିବା ପରି ବୋଧ ହେଲା ମୋତେ। ଶୋଇ ପଡ଼ିଥିବା ଶିଶୁକୁ ଗେହ୍ଲାରେ ଥାପୁଡ଼ାଉ ଥିବ ପଛେ ମୋ' ପାଖରେ ଆଗପରି ବସିବା ତ ଦୂର, ପାଖକୁ ଆସିବ ବି ନାହିଁ। ମୁଁ କହିଲି, ''ଝିଅ ଶୋଇଲାଣି। ଏବେ ଅଯଥା ବସି ତାକୁ ଆଉଁଶିବା, ଥାପୁଡ଼େଇବା ଦରକାର କ'ଣ? ଏମିତି ତାକୁ ଡିଷ୍ଟର୍ବ କରିବା ଅପେକ୍ଷା ବରଂ ଚାହା ବନେଇ ଆଣ। ସାଙ୍ଗ ହୋଇ ପିଇବା।'' ସେଇଠି ସେମିତି ବସିରହି ସେ କହିଲା, ଶିଶୁ ପଶୁ ଉଭୟ ମୂକ। କହି ପାରନ୍ତି ନାହିଁ। ଝିଅର ଆଜି ଖାଲି କାନ୍ଦଣା ଚାଲିଥିଲା। କିଛି ଖାଇଲା ନାହିଁ।



ବୋଧହୁଏ ପେଟ ବିନ୍ଧୁଥିଲା। ଡାକ୍ତରଙ୍କୁ ପଚାରି ଆଣ୍ଟାସିଡ୍ ସିରପ୍ ଦେବାପରେ କାନ୍ଦିବା ଛାଡ଼ି ଏବେ ଶୋଇଛି। ମୁଁ ଉଠିଲେ ସେ ବି ନିଦରୁ ଉଠିପଡ଼ିବ। ତୁମେ ଗୋଟେ କାମକର ପ୍ଲିଜ୍, ଆଜି ନିଜେ କଫି ବନେଇ ପିଇ ଦିଅ। କଫି ବନେଇବା ତ ସହଜ।

ମୋ' ନିଜ କୁନିଝିଅ ଉପରେ ମୋର ଈର୍ଷା ଆସିଗଲା। ଗୌତମୀ ଏବେ ଗୋଟାପଣେ ତା'ର। ମୁଁ ଏବେ ଆପଣାରୁ ପର, ଚିହ୍ନାରୁ ଅଚିହ୍ନା। ଅବାଞ୍ଛିତ ଅତିଥି ଜଣେ।

କୁନିଝିଅ ଧୀରେଧୀରେ ବଢ଼ି ଉଠୁଥାଏ। ଚାରିଗୋଡ଼ିଆ ହୋଇ ଚାଲିବାକୁ ଚେଷ୍ଟା କରୁଥାଏ।

ଦିନେ ଅଫିସ କାମରେ ବ୍ୟସ୍ତ ମୁଁ ଥକାହୋଇ ସନ୍ଧ୍ୟାବେଳେ ଘରକୁ ଫେରିଲି। ଖୁସିରେ ଗଦ୍‌ଗଦ୍ ହୋଇ ଗୌତମୀ ମୋ' ଆଗରେ ବର୍ଣ୍ଣନା କରୁଥାଏ ଆଜି କେମିତି ଝିଅ ଚାରିଗୋଡ଼ିଆ ହୋଇ ବି ପାହାଚର ଚାରିଟି ଷ୍ଟେପ୍ ଉପରକୁ ଚଢ଼ିଗଲା। ତା' ବର୍ଣ୍ଣନା ଏତେ କୃତିତ୍ୱଭରା ଥିଲା, ଯେମିତିକି ଅଲିମ୍ପିକ୍ ଖେଳରେ ସୁନାପଦକ ହାସଲ କରିଛି ଝିଅ।

ଆଉ ଥରେ ଘରକୁ ଫେରି ଦେଖିଲି ଯେ ବହୁ ଆଗ୍ରହରେ ଝିଅକୁ ଖେଳେଇବା, ଗେହ୍ଲା କରିବାରେ ଏତେ ମଗ୍ନ ଯେ ମୋ' ଘରବାହୁଡ଼ା କଥା ସେ ଜାଣିପାରିଲା ନାହିଁ। ଝିଅର ଦାନ୍ତ ଉଠି ନ ଥିବା ଖାଲି ପାଟିରେ ନିଜ ଆଙ୍ଗୁଠି ରଖିଥାଏ। ମାଢ଼ିରେ ଆଙ୍ଗୁଠିକୁ ଚୋବେଇବାରେ ଲାଗିପଡ଼ିଥାଏ ଝିଅ। ହସିହସି ତାକୁ ବୋକ ଦେଉଥାଏ ଗୌତମୀ। ମାଆଝିଅ ଉଭୟଙ୍କ ମୁହଁସାରା ଲାଳରେ ଓଦା। ମୋତେ ଦେଖି କହିଲା, ''ଝିଅର ଏବେ ଦାନ୍ତ ଉଠିବ। କେମିତି ମୋ' ଆଙ୍ଗୁଠି ଚୋବାଉଛି ଦେଖ ତ!''

ଗୌତମୀକୁ ଦେଖି ମତେ ଲାଗିଲା ଯେମିତି କେବଳ ଜଣେ ମାଆ। କାହାର ପ୍ରେମିକା ନୁହେଁ, ପତ୍ନୀ ବି ନୁହେଁ। ତା'ର ଏ ନୂଆ ରୂପରେ ମୁଁ ବିସ୍ମିତ। ତା' ଭିତରେ ମାଆଟିଏ କେଉଁଠି ଛପି ରହିଥିଲା ତା'ର କୌଣସି ଆଭାସ ଆମ ପ୍ରାକ୍ ବିବାହ ପ୍ରେମକାଳ ଓ ବିବାହ ପରେ ଝିଅଜନ୍ମ ପୂର୍ବରୁ ମୁଁ ପାଇ ନଥିଲି। ଗୌତମୀର ସ୍ନେହ, ଆଦର ଯତ୍ନ ଓ ନିବିଡ଼ ଭଲପାଇବାରେ ସତତ ଅଭ୍ୟସ୍ତ ମୁଁ ଏବେ ତା' ଅବହେଳାର ପୀଡ଼ାରେ ଛଟପଟ ହେବାକୁ ଲାଗିଲି। ଏକଦା ଗୌତମୀର ଜୀବନ ଚଳଚ୍ଚିତ୍ରର ଏକାନ୍ତ ନାୟକ ମୁଁ ଏବେ ସ୍ପେସାଲ୍ ଆପିୟରାନ୍ସରେ କ୍ଷଣକ ପାଇଁ ପରଦାରେ ଦୃଶ୍ୟମାନ ଏକ ଚରିତ୍ର ଅଭିନେତା ନଚେତ୍ ସତେ ଯେମିତି ଜଣେ ଖଳନାୟକ। ନାୟକ ଭୂମିକାରେ ଏବେ କୁନିଝିଅ। ବେଳେବେଳେ ଭାବେ ଆମେ ନିଃସନ୍ତାନ ହୋଇଥିଲେ ବରଂ ଭଲ ହୋଇଥା'ନ୍ତା। ଝିଅଟି ଜନ୍ମହୋଇ ମୋତେ ଗୌଣ କରିଦେଲା, ମୋ' ସୁଖଶିରୀ ସବୁ ଛଡ଼େଇ ନେଲା।

ପ୍ରତିଯୋଗିତାରେ ହାରିଯାଇଥିବା ବିବ୍ରତ ମଣିଷ ପରି ମୁଁ ଘରେ ଅସହଜ ଅନୁଭବ କରିବାରୁ ଅଫିସରେ ଅଧିକ ସମୟ ରହିବାକୁ ଲାଗିଲି ଓ ମୋ' ହୀନମନ୍ୟତାକୁ ଦୂରେଇ ରଖି ନିଜେ ସ୍ୱାଭାବିକ ହେବାପାଇଁ ଅଫିସ୍ କାମରେ ବୁଡ଼ି ରହିଲି।

ଦିନେ ଡେରି ସନ୍ଧ୍ୟାରେ ମୁଁ ଅଫିସରୁ ଘରକୁ ଫେରି ଆସିଥିଲି। ବାହାରେ ଖୋଲା ବାଲ୍‌କୋନିରେ ଝିଅକୁ ଗୌତମୀ ଖୁଆଇ ଦେଉଥାଏ। ଆକାଶରେ ଉଜ୍ଜ୍ୱଳ ଜହ୍ନର ଚମକ। ଜହ୍ନ ଆଭାରେ ମିଞ୍ଜିମିଞ୍ଜିଆ ତାରାମାନେ ସ୍ଥିତିହୀନ ହୋଇଯାଇଥା'ନ୍ତି। ବାଲ୍‌କୋନି ଓ ବାଲ୍‌କୋନି ସାମ୍ନାର ପାର୍କସାରା ଜହ୍ନର ଶୁଭ୍ରଶୀତଳ ଆଲୋକ ଢାଳି ହୋଇ ସ୍ୱପ୍ନପୁରୀ ପରି ବୋଧ ହେଉଥାଏ।

ନାନାବାୟା ଗୀତ ଗାଇଗାଇ ଝିଅକୁ ଖୁଆଇବାରେ ମଗ୍ନଥାଏ ଗୌତମୀ। ମଝିରେ ଝିଅର ଖିଲିଖିଲି ହସରେ ପୂରିଉଠୁଥାଏ ବାଲ୍‌କୋନି। ମୁଁ ପଛପଟେ ନିରବରେ ଠିଆ ହୋଇ ଦେଖୁଥାଏ। ଗୌତମୀ ଜହ୍ନଆଡ଼କୁ ଆଙ୍ଗୁଠି ଦେଖାଇ ଝିଅକୁ କହୁଥାଏ, ''ଦେଖ, ହେଇ ଉପର ଆକାଶରେ ତୋ' ମାମୁ! ଗେହ୍ଲୀ ଭାଣିଜୀକୁ ଅନେଇ କେମିତି ହସୁଛି ତୋ' ଜହ୍ନମାମୁ।'' କୁନିଝିଅ ହର୍ଷବିସ୍ମୟରେ ଜହ୍ନକୁ ବଲବଲ କରି ଅନେଇଥାଏ। ଗୌତମୀ କହିଲା– ''ଜହ୍ନମାମୁ ତତେ ଡାକୁଛି ମୋ' ସୁନା। ତୁ ମାମୁଘରକୁ ଯିବୁ? ଜହ୍ନମାମୁ ଘରକୁ ଗଲେ ଫେରିଆସି ମତେ ମାମୁଘର କଥା କହିବୁ। ବଡ଼ହେଲା ପରେ ତୁ ଯେବେ ଜହ୍ନମାମୁ ଘରୁ ବୁଲିଆସିବୁ କେବଳ ମତେ କାହିଁକି ସାରା ଦୁନିଆକୁ କହିବୁ ଜହ୍ନମାମୁ ଘରକଥା।'' କହୁକହୁ ଅଶ୍ରୁଳ ଆଖିରେ ରୁପାଜହ୍ନ ଆଡ଼େ ଆଙ୍ଗୁଠି ଦେଖେଇ ଝିଅକୁ କୁଣ୍ଢେଇ ଧରିଲା। ମାଆ ଆଖିରେ ଲୁହ ଝିଅର ପସନ୍ଦ ହେଲାନି ବୋଧହୁଏ। ସେ ମାଆର ମଥା ଆଉଁଶି ତାକୁ ବୋକ ଦେବାରେ ଲାଗିପଡ଼ିଲା।

ପଛରେ ମୁଁ ନିଃଶବ୍ଦରେ ଠିଆ ହୋଇଥିଲି ଚୋରପରି। ମୁଁ ବାସ୍ତବରେ ଜଣେ ଚୋର, ସ୍ୱାର୍ଥପର ଆଉ ଅପରାଧୀ ବୋଲି ମୋର ହୃଦ୍‌ବୋଧ ହେଉଥିଲା। ଆଖି ଆଗରେ ମାଆ ଆଉ ଶିଶୁ ଭିତରେ ନିହିତ ଅନାବିଳ, ଦିବ୍ୟ, ଐଶ୍ୱରୀୟ ମମତାର ମହନୀୟ ଦୃଶ୍ୟ ମତେ ଧିକ୍କାରିବାକୁ ଲାଗିଲା। ଅମଣିଷ ମୁଁ ନିଜ ଶିଶୁକନ୍ୟା ସହ ପ୍ରତିଯୋଗିତାରେ ଲାଗିପଡ଼ିଥିଲି!

ମାଆ ଝିଅ ଆଉ ଚନ୍ଦ୍ରମା ସମସ୍ତେ ଜୀବନ୍ତ ଆଉ ଈଶ୍ୱରୀୟ ଅଂଶବିଶେଷ ତଥା ଦୁର୍ବୋଧ ମହାଜାଗତିକ ରହସ୍ୟ ପରି ବୋଧ ହେଉଥିଲେ ମତେ।

ଗୌତମୀର ଉଚ୍ଛ୍ୱସିତ ମୁଖମଣ୍ଡଳ ଦେଖି ଭାବିଲି- ଆହା, ମୁଁ ଏତେ ହତାଶ ହେଉଥିଲି ଅବା କାହିଁକି? ପ୍ରେମଭରା ତା' ହୃଦୟ ପାତ୍ରରୁ ଅଧିକାଂଶ ଭଲପାଇବା ସ୍ୱାଭାବିକ ଭାବେ ଆମ ଶିଶୁକନ୍ୟା ଆଡ଼େ ଯାଇ ଗାଣିତିକ ହିସାବରେ ମୋ' ଭାଗ କମିଯାଇଛି ବୋଲି ମୋର ଧାରଣା ଭ୍ରମାତ୍ମକ। ଜୀବନ କେବଳ ଗଣିତ ନୁହେଁ ବା ହିସାବର ଅଙ୍କକଷା ନୁହେଁ। ଅତର କଥା ମନକୁ ଆସିଲା। ଅତର ଯେତେ ପତଳା ଯେତେ ହାଲୁକା ତା' ମହକ ସେତେ ଭଲ, ସେତେ ମନଛୁଆଁ। ହାଲୁକା ପର୍ଫ୍ୟୁମ୍‌ର ଭୁରୁଭୁରୁ ସୁବାସ ବେଶୀ ମିଠା ଆଉ ଦୀର୍ଘସ୍ଥାୟୀ। ଜୀବନର ଗଣିତ, ଭଲ ପାଇବାର ଗଣିତ ବୋଲି ଯଦିକିଛି ଥାଏ ତେବେ ସେଇଟା ଭିନ୍ନ ଏକ ଗଣିତ। ପାଟୀଗଣିତ କି ବୀଜଗଣିତ ପରି ଆଦୌ ନୁହେଁ। ଶିଶୁକନ୍ୟା ପ୍ରତି ଗୌତମୀର ପ୍ରେମ ଭିତରେ ଅନେକ କିଛି ଭରି ରହିଛି, ଏ ସୃଷ୍ଟିତତ୍ତ୍ୱ ପ୍ରତି ପ୍ରେମ, ଈଶ୍ୱର ପ୍ରେମ ଆଉ ମୋତେ ଭଲପାଇବା ସବୁ ଏକ ଏକ ଉପାଦାନ ହୋଇ ତା' ଅପତ୍ୟପ୍ରେମରେ ଛପି ରହିଛନ୍ତି। ମୁଁ ଅନ୍ଧ ଏସବୁ ଦେଖିପାରିଲି ନାହିଁ। ମୁଁ ପାଖକୁ ଲାଗିଆସିଲି। କାମଧେନୁର କ୍ଷୀର କେବେ ସରିଯାଏନି। ଗୌତମୀ ଏକ ପ୍ରେମିକା, ପତ୍ନୀ, ମାଆ ଏବଂ ଏକ ପରିପୂର୍ଣ୍ଣା ନାରୀ। ପରମେଶ୍ୱରଙ୍କ ଇଚ୍ଛାକୁ ସଫଳ ଭାବେ କାର୍ଯ୍ୟକାରୀ କରିପାରୁଥିବା ଜଣେ ପୂର୍ଣ୍ଣାଙ୍ଗ ନାରୀ।

ମୁଁ ଆଣ୍ଠେଇପଡ଼ି ଗୌତମୀ ଆଉ ଆମ କୁନିଝିଅ ଉଭୟଙ୍କୁ କୁଣ୍ଢେଇଧରି ବାଷ୍ପରୁଦ୍ଧ କଣ୍ଠରେ କହିଲି, ''ମୋ' ସୁନା, ମୋ' ପ୍ରିୟ, ଗେହ୍ଲା, ମୋ' ଆପଣାର ସୁନ୍ଦର ପରିବାର।'' ଦୁହିଁଙ୍କୁ ଜାବୁଡ଼ିଧରି ମନଭରି କାନ୍ଦିବାକୁ ଲାଗିଲି।

ମୋ: ୮୩୩୨୯୮୩୨୫୩

## ପୁସ୍ତକ ପରିଚୟ

### କେହି ନୁହେଁ କିଛି ନୁହେଁ



**ଲେଖକ:** ଡକ୍ଟର ଶ୍ରୀକାନ୍ତ ମିଶ୍ର
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩
**ମୂଲ୍ୟ:** ଟ.୬୦୦/-

ଆଲୋଚ୍ୟ ଉପନ୍ୟାସଟିକୁ ନିଜ ମାଆଙ୍କୁ ଉତ୍ସର୍ଗ କରି ଲେଖକ ଲେଖିଛନ୍ତି ଯେ ଚରିତ୍ର ସୃଷ୍ଟି କରିବାର ପ୍ରଶସ୍ତ ଅବକାଶ ଉପନ୍ୟାସରେ ଥାଏ। ଏଥିପାଇଁ ଓ ଏଥିସହିତ ଅନ୍ତରର ଭାବନା ବ୍ୟକ୍ତ କରିବାକୁ ସେ 'କେହି ନୁହେଁ କିଛି ନୁହେଁ' ଉପନ୍ୟାସଟିକୁ ଲେଖିଛନ୍ତି। ବୋଉଙ୍କର ଆପ୍ତବାକ୍ୟରୁ ପ୍ରେରଣା ନେଇ ଲେଖକ ଉପନ୍ୟାସଟିକୁ ଲେଖିଥିବା କଥା ସ୍ୱୀକାର କରିଛନ୍ତି। ଉପନ୍ୟାସର ମୁଖ୍ୟ ଚରିତ୍ର ଯେହେତୁ ନିଜେ ଲେଖକ, ତେଣୁ ଏଥିରେ ତାଙ୍କ ବିବେକବୋଧ ତାଙ୍କୁ ଏକ ସକାରାତ୍ମକ ଜୀବନଯାତ୍ରାର ପିଚ୍ଛିଳ ପଥରେ ଆଗେଇ ନେଇଛି। କ୍ରମାଗତ ଭାବେ ସମାଜରୁ ହ୍ରାସ ପାଉଥିବା ଦେଶାତ୍ମବୋଧକତା, ରାଷ୍ଟ୍ରସେବା ମନୋଭାବ ଓ ପରିବାର ସହ ଯୁବପିଢ଼ିର ନିଃସମ୍ପୃକ୍ତି ଉପନ୍ୟାସଟିରେ ସ୍ୱାଭାବିକ ରୂପ ପରିଗ୍ରହଣ କରିଛି। ପ୍ରଫେସର ହରେକୃଷ୍ଣ ଶତପଥୀ ତାଙ୍କ 'ଅଭିମତ'ରେ କହିଛନ୍ତି, ''ସାହିତ୍ୟର ଦିଶା ନିର୍ଣ୍ଣୟ କ୍ଷେତ୍ରରେ ଶ୍ରୀକାନ୍ତ ମିଶ୍ର ହେଉଛନ୍ତି ଏକ ଦିଗବାରେଣୀ ସ୍ତମ୍ଭ। x x ନୂତନ ଶୈଳୀ ଓ ଅଭିନବ ଭାବନାରେ ବିରଚିତ ଉକ୍ତ ଉପନ୍ୟାସ।'' ମୋଟ ୪୧ଟି ପରିଚ୍ଛେଦରେ ବିଭକ୍ତ ଉପନ୍ୟାସଟି ଯଥାର୍ଥରେ ଏକ ସଫଳ ଦାର୍ଶନିକ ପାରିବାରିକ ଉପନ୍ୟାସ। କଥାବିନ୍ୟାସରେ ଅଭିନବତା ଓ ଶୈଳୀଗତ ସୃଜନଧର୍ମିତା ଯୋଗୁ ଉପନ୍ୟାସଟି ଆଶାନୁରୂପ ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ସ୍ମୃତିର ଅଲିଭା ସ୍ୱାକ୍ଷର



**ଲେଖକ:** ବିପିନ ବିହାରୀ ବିଶ୍ୱାଳ
**ପ୍ରକାଶକ:** ସ୍ୱାବଲମ୍ବନ ପ୍ରୋସେସ୍. ପ୍ରା. ଲି., କଟକ
**ପ୍ରଥମ ପ୍ରକାଶ:** ୨୦୨୩
**ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ ପୁସ୍ତକଟି ଲେଖକଙ୍କର 'ସ୍ମୃତିଗ୍ରନ୍ଥ'। ଗ୍ରନ୍ଥାରମ୍ଭରେ ସେ ଲେଖିଛନ୍ତି: ''ଜୀବନର ସାୟାହ୍ନରେ ଉପନୀତ ହେଲାବେଳେ ବହୁ ସ୍ମୃତି ଆଜି ମୋ' ମାନସପଟରେ ସ୍ପଷ୍ଟ ହୋଇ ଦେଖାଦେଉଛି। ଅନେକ ମଧ୍ୟ ଅସ୍ପଷ୍ଟ, ଦୂର ଅସ୍ପଷ୍ଟ, ନିକଟ ସ୍ପଷ୍ଟ-ବେଗ ଅସ୍ପଷ୍ଟ, ଅଚଳତା ସ୍ପଷ୍ଟ x x ସ୍ମୃତି ହେଉଛି ସହସ୍ର ମୁଖା ଦୀପ। ତାହା ଯେମିତି କି ଚକ୍ଷୁ ସମକ୍ଷରେ ଉଜ୍ଜ୍ୱଳି ଉଠୁଛି।'' ଲେଖକ ନିଜ ଜୀବନରେ ବିଭିନ୍ନ ସମୟରେ ଯେଉଁ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କ ସ୍ମୃତି କେବଳ ଏ ଗ୍ରନ୍ଥରେ ନାହିଁ, ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କର ଆଲୋକଚିତ୍ର ମଧ୍ୟ ସ୍ମୃତିର ସତ୍ୟତାକୁ ପ୍ରମାଣିତ କରିବା ପାଇଁ ବ୍ୟବସ୍ଥିତ ଢଙ୍ଗରେ ସ୍ଥାନିତ ହୋଇଛନ୍ତି। ଲେଖକଙ୍କ ମତରେ 'ଛବି ମିଛ କହେ ନାହିଁ।' ସୁତରାଂ ଆଲୋଚ୍ୟ ଗ୍ରନ୍ଥରେ ଲେଖକ ନିଜ ଜୀବନର ଯେଉଁସବୁ ଘଟଣାବଳୀକୁ ତୋଳି ଧରିଛନ୍ତି, ସେଥିରେ କେବଳ ସତ୍ୟ ହିଁ ସତ୍ୟ। ବହିଟି ସମ୍ପର୍କରେ କହିବାକୁ ଯାଇ ବ୍ରଜେନ୍ଦ୍ରନାଥ ଗିରି କହିଛନ୍ତି: 'ସ୍ମୃତିର ଅଲିଭା ସ୍ୱାକ୍ଷର'ରେ ସେଇମାନଙ୍କ ଛବି ପରିପୂର୍ଣ୍ଣ, ଯେଉଁମାନେ ଆମ ଗହଣରେ ଆଉ ନାହାନ୍ତି; ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଛବି ଏଥିରେ ସନ୍ନିବେଶିତ। ଯେଉଁମାନଙ୍କର ସମାଜ ପ୍ରତି କିଛି ଅବଦାନ ଥିଲା, ସାହିତ୍ୟ ପ୍ରତି କିଛି ପ୍ରତିବେଦନ ଥିଲା, ମଣିଷପଣିଆର ସାମାନ୍ୟ ଟିକିଏ ହେଲେ ବି ସମ୍ବେଦନଶୀଳତା ରହିଥିଲା, ସେଇ ମହାନୁଭବମାନଙ୍କର ସଜଳ ଆଲେଖ୍ୟ x x ନିମିତ୍ତ ତାଙ୍କ ଉଦ୍ୟମ ଅବିସ୍ମରଣୀୟ ହୋଇ ରହିବ।

## କବିତା

### ଶୀତ ଆସିବା ଆଗରୁ

**ଅନିତା ରାୟ**

ଶୀତ ଆସିବା ଆଗରୁ
ପ୍ରେମ ସରି ନ ଥିବ ଏ ପୃଥିବୀରୁ
ସବୁ ସକାଳ ମାନେ ଫେରାଇ ଆଣିଥିବେ
ଫାଟକ ଖୋଲି ମୁଠାଏ ମୁଠାଏ
ରାତିର କାହାଣୀରୁ ଟଳମଳ
ହେଉଥିବା ଧାଡ଼ି ସବୁକୁ
ଏଇଠି ଚୋରେଇ ହେବନି କେବେ
ଢେଉ ପରି ଭାଙ୍ଗି ପଡୁଥିବା ମନକୁ
ମଉଳି ମଉଳି ପୁଣି, ଫୁଟୁଥିବା ଫୁଲ ସବୁ
ଦୁଃଖ କରନ୍ତି ନାହିଁ କେବେ
ଭାଗ୍ୟ ତ ଦୁଇ ପଟରେ ହିଁ ଥାଏ।
ଶୀତ ଆସିବା ଆଗରୁ
ସବୁ ଶବ୍ଦ ଯେ ସଜେଇ ହୋଇ ସାରିଥିବେ
ଏ କଥା ଅସହଜ ହୋଇପାରେ
ଏବେ ଏବେ ଗଲା ତ ପାର୍ବଣ
ମୁସ୍କିଲ ହୋଇ ପଡ଼ିଥିବ ନଈବାଲିର ନୂଆ ଚିତ୍ର
ନୀରବ ନିଶ୍ଚଳ ଥିବ ରାତିର ଅନ୍ଧାର
ଧାଡ଼ି ବାନ୍ଧି ଠିଆ ହୋଇଥିବା ସପନଗୁଡ଼ିକ
ବାଣ୍ଟି ନେଉଥିବେ ନିଜର
ଅନ୍ତରଙ୍ଗ ପ୍ରୀତିର ଶଯ୍ୟାକୁ।
ଶୀତ ଆସିବା ଆଗରୁ
ଜଣା ନାହିଁ, କେଉଁ ରଙ୍ଗ କାହାକୁ ମାନିବ ଭଲ
ସବୁ ଆତ୍ମୀୟତାରେ ଠାଏଁ ଠାଏଁ
ବିଞ୍ଚି ହୋଇଥିବା ମୁରୁଜ ବି ପାଉଁଜି ହୋଇ
ଭରା ଭରା ପ୍ରେମିକାର ପାଦରେ
ପିନ୍ଧେଇ ହେବେ
ଅଦୃଶ୍ୟ ଛବିଟିଏ ପରି
ଦୀପାବଳିର ଆଲୁଅ ଲିଭିଗଲା ପରେ
ଘନେଇ ଆସିବ କଅଁଳ ପତ୍ରର ଥୁକୁଲ ଥାକୁଲ ହସ
ଆଗାମୀକାଲିର ଏଇ ଖୋଲା ପୃଥିବୀକୁ
ହୁଏତ, ସବୁଠି ଚର୍ଚ୍ଚା ହୋଇପାରେ
ଏ ଚର୍ଚ୍ଚା ବିଛେଇ ହୋଇ ପଡ଼ିବ
ସେତେଦିନଯାଏ
ଯେତେଦିନ ପର୍ଯ୍ୟନ୍ତ ଶୀତ ଆସୁଥିବ।

ମୋ: ୭୯୭୮୯୭୯୪୩୬

### ସମୟ

**ନିର୍ମଳ ଚନ୍ଦ୍ର ଶୂରଦେଓ**

ଯାହା ଗଢ଼ିଥିଲୁ
ତାହା ତ ଭାଙ୍ଗିଲୁ
ଗୋଟି ଗୋଟି କରି
ଯାହା ସଞ୍ଚିଥିଲୁ
ଭାଗ ଭାଗ କରିଦେଲୁ।।

ନିଜର ନିଜର କହୁଥିଲୁ ପରା
ନିଜର ତୋ' କେହି ନାହିଁ
ଦେଉଥିଲେ ସଦା
ଭଲପାଉଥିବେ
ନ ଦେଲେ ସଭିଏଁ ପର
ପାଖକୁ ଡାକିଲେ
ଆଡ଼ ହୋଇଯା'ନ୍ତି
କାମ ବାହାନାରେ
ଅଚିହ୍ନା ହୁଅନ୍ତି ବାରବାର।।
ହସ ହସ ମୁହଁ
ବିରସ ଦିଶଇ
ପାଖ ଲୋକ ଥାଏ ଦୂରେ
ସମୟ ଚକରେ
ଆମେ ତ ଗଡୁଛେ–
ଆଜି ଯାହା ନୂଆ
କାଲି ସେ ପୁରୁଣା
ଚକାଡୋଳା ଏକା ସାହା।।

ମୋ: ୯୯୩୮୩୦୯୬୫୨

### ପାଏନ୍ ଛତର୍

**ରାଜେଶ ପୂଜାରୀ**

ଥାକିବାକୁ ରହୁଥିଲେ ଏଠି
ବାଟୁଆ ବେପାରୀ
ଗାଈଗୋରୁ, ଛେଳି ମେଣ୍ଢା ପଲ
ମଝିରେ ଛନଛନ ରାସ୍ତାଟିଏ,
ଆସ୍ଥାଟିଏ
ଦି'ପଟେ ସୁନାର ଫସଲ।

ଜାମୁପତ୍ର ଚାନ୍ଦୁଆ ତଳେ
ଭରପୂର ମାଠିଆ ପୋଖରୀ ପାଣିର
ପୋଖରୀ ଧାରେ ଧାରେ
ଆମ୍ବତୋଟା, କାଜୁ ଭାଡ଼ି
ଆଖୁ କିଆରି, ପଣସ ଝାଲେରି
ସତେ କି ଷୋଡ଼ଶୀର ଅପୂର୍ବ ସମ୍ଭାର।

ଅଗଣିତ ଠିକଣାର ସାକ୍ଷୀ ଇୟେ
ସଂଯୋଗ ସୂତ୍ର କେତେ ଘଟଣାର ପୁଣି
ନିତି ଶୁଭୁଥିଲା ମୃଦୁ ବଂଶୀ
ଚକୁଳିଆପଣ୍ଡା ଗୀତ ସୁରେ
ଅଚିହ୍ନା ଅଜଣା ସବୁ ରଙ୍ଗ
ଭାବରେ ହୁଅନ୍ତି ବୁଣି,
ଯେ କେହି ବି ଅଟକିଛି ଥରେ
କେବଳ ଶୋଷ ମେଣ୍ଟିନାହିଁ
ମନ ତାର ଭରିଅଛି ଅମାପ ଖୁସିରେ।

ଗାଁ'ଠୁ ସହର ଯୋଡ଼ି ହେଉଥିଲେ ଯହିଁ
ଆଉ ଜମା ବାଟ ଦିଶେନାହିଁ
ଆପେ ବାଟ ହେବା ପାଇଁ ପଡ଼େ
କଣ୍ଟା ହୋଇ ଫୋଡ଼ିଯା'ନ୍ତି
କେତେ କଥା କିମ୍ବଦନ୍ତୀ, ସ୍ମୃତି ଇତିହାସ
ପାଦ ରଖ ଯୁଆଡ଼େ ଯୁଆଡ଼େ।

ସତରେ କିବା ତାର ଅପରାଧ
କ'ଣ ସେ ଭୁଲ କରିଅଛି
ଅନିଚ୍ଛାକୃତ ଏ ଲୁଚକାଳି ବରିଛି କି' ଲାଗି
ଅଧେ ମରି ଅଧେ ସେ ଜିଉଛି?

ନାଆଁ ସିନା ରହିଯାଇଛି
ଆଉ ଆଗଭଳି କିଛି ବୋଲି କିଛି ନାହିଁ
'ପାଏନ୍ ଛତର୍' ଏବେ କେବଳ
ଉପହାସଟିଏ ବଢ଼ିପାଣିର
ଅଚାନକ ବଢ଼ିଗଲେ ପାଣି
ଆହତ ସ୍ୱପ୍ନମାନଙ୍କ ଛାଇ ବି ଦିଶେନି
ପାଣି ଅଣ୍ଟିଲା ବେଳକୁ
ସ୍ତନ ଓହଳା ଜରାଜୀର୍ଣ୍ଣ ବୃଦ୍ଧାର
ରୂପ କରୁଣ କଦାକାର।

ତଥାପି ସେ ଛଳଛଳ
ମାତୃତ୍ୱର ମହାମନ୍ତ୍ରରେ ଦୀକ୍ଷିତା
ଦାନୀପଣେ ସମର୍ପିତା ଅହରହ
ମା', ଦେବୀ, ହୃଦୟ ବନ୍ଦିତା ସିଏ
କରେଁ ତାକୁ କୋଟି ନମସ୍କାର।

ମୋ: ୮୧୪୪୭୭୯୦୬୧

## କାଳକାଳକୁ

''ବିୟୋଗାନ୍ତକ ନାଟକରେ ରକ୍ତକ୍ଷରଣ ଓ ହତ୍ୟା ଜରୁରୀ ନୁହେଁ, ଏକ ମହାର୍ଘ ବିଷାଦର ଉପସ୍ଥିତି ଏଥିପାଇଁ ଯଥେଷ୍ଟ।''
– ଜିନ୍ ରାସିନ୍



ଜିନ୍ ରାସିନ୍‌ଙ୍କ ଜନ୍ମ ଫ୍ରାନ୍ସରେ, ୨୨ ଡିସେମ୍ବର ୧୬୩୯ରେ ଓ ପରଲୋକ ୨୧ ଏପ୍ରିଲ ୧୬୯୯ରେ। ସେ ମୁଖ୍ୟତଃ ଜଣେ ବିୟୋଗାନ୍ତକ ନାଟ୍ୟକାର। ସପ୍ତଦଶ ଶତାବ୍ଦୀର ତିନି ଜଣ ପ୍ରଖ୍ୟାତ ନାଟ୍ୟକାରଙ୍କ ମଧ୍ୟରୁ ତାଙ୍କୁ ଜଣେ ବୋଲି ଧରାଯାଏ। ତାଙ୍କର ପ୍ରସିଦ୍ଧ ନାଟକଗୁଡ଼ିକ ମଧ୍ୟରେ ମୂକ ବିୟୋଗାନ୍ତକ ନାଟକ 'ଏସ୍ଥର' ଓ ତରୁଣମାନଙ୍କ ପାଇଁ ରଚିତ 'ଲେସ୍ ପ୍ଲେବର୍ସ' ଅନ୍ତର୍ଭୁକ୍ତ। ଜିନ୍ ଥିଲେ ଶାସ୍ତ୍ରୀୟବାଦର ପ୍ରମୁଖ ପ୍ରବକ୍ତା। ସେ କହନ୍ତି: ''ଅର୍ଥ ନ ଥାଇ ସମ୍ମାନ କେବଳ ଏକ ବ୍ୟାଧି ମାତ୍ର'' ଓ କହନ୍ତି: ''ଏପରି କୌଣସି ଗୋପନୀୟତା ନାହିଁ, ସମୟ ଯାହାକୁ ଖୁଲାସା କରିପାରେନାହିଁ।''

# ଫେରିବାଲା

## ଲଘୁ ଗଳ୍ପ

**ରାକେଶ ପଣ୍ଡା**

ସମୟ ରାତି ୯ଟା। ଅଫିସ୍‌ରୁ ଘରକୁ ଫେରିବା ରାସ୍ତାରେ କିଛି ଫଳ କିଣିବା ଉଦ୍ଦେଶ୍ୟରେ ଗୋଟିଏ ଫଳ ଦୋକାନରେ ଅଟକିଲେ ସନ୍ତୋଷ। ସେଓର ଦାମ୍ କେତେ ପଚାରିବାରୁ ଦୋକାନୀ କହିଲେ, କେଜି ୧୨୦ ଟଙ୍କା। ସନ୍ତୋଷ ମୂଲଚାଲ କରି ସେଓର ଦାମ୍ କେଜି ପ୍ରତି ୧୦୦ ଟଙ୍କା କହିବାରୁ ଦୋକାନୀ ଦେବାକୁ ମନା କରିଦେଲେ। ଅନ୍ୟ ଏକ ଫଳ ଦୋକାନ ଅନ୍ୱେଷଣରେ ସେ ସେଠାରୁ ଚାଲି ଆସିଲେ। କିଛି ରାସ୍ତା ଅତିକ୍ରମ କରନ୍ତେ, ଦେଖିଲେ ରାସ୍ତାର ବିପରୀତ ପାର୍ଶ୍ୱରେ ଜଣେ ବୟସ୍କ ବ୍ୟକ୍ତି ସାଇକେଲ ଯୋଗେ କିଛି ଫଳ ଧରି ଯାଉଛନ୍ତି। ତାହା ଦେଖି ସନ୍ତୋଷ ଉକ୍ତ ଫେରିବାଲାକୁ ପାଟି କରି ଡାକିଲେ। ନିକଟକୁ ଆସିବାରୁ ହାତରେ ଦୁଇଟି ସେଓ ଧରି ବିକାଳି ଜଣଙ୍କୁ ସେ ପଚାରିଲେ, ସେଓ କେଜି କେତେ? ଆଜ୍ଞା ୯୦ ଟଙ୍କା। ତାହା ଶୁଣି ସନ୍ତୋଷ ଆଶ୍ଚର୍ଯ୍ୟ ହୋଇଗଲେ! କହିଲେ, ମଉସା! ଏସବୁ ଭଲ ସେଓ ତ? ଏହା ଶୁଣି ବୃଦ୍ଧ ଫେରିବାଲା ଜଣଙ୍କ ଗୋଟିଏ ସେଓ କାଟି ତାଙ୍କୁ ଚାଖିବାକୁ ଦେଲେ। ତାହାର ସ୍ୱାଦ ପରଖିବା ପରେ ସନ୍ତୋଷ ଭାବିଲେ, ଏହା ସତେଜ ଓ ଖୁବ୍ ସୁଆଦିଆ। କିନ୍ତୁ ପୂର୍ବ ଦୋକାନୀ ଜଣଙ୍କ କେଜି ୧୨୦ ଟଙ୍କାରୁ ଟଙ୍କାଟିଏ କମ୍ କଲେ ନାହିଁ। ହେଲେ, ଏ ମଉସା କେଜି ୯୦ ଟଙ୍କାରେ ଦେଉଛନ୍ତି କିପରି! ତାଙ୍କର ଏହି ଭାବନା ଓ ନୀରବତା ମଧ୍ୟରେ ବୃଦ୍ଧ ଜଣଙ୍କ ଭାବିଲେ ସନ୍ତୋଷ ବୋଧହୁଏ ଫଳ କିଣିବେ ନାହିଁ। ତାହା ଚିନ୍ତା କରି ଏକ କୋହଭରା କଣ୍ଠରେ ସେ କହିଲେ, ବାବୁ କିଛି ଫଳ କିଣନ୍ତୁ। ଆଜି ଏମିତି ଦିନସାରା ଫଳ ଧରି ବୁଲୁଛି, ବର୍ଷା ହେବା କାରଣରୁ ଜଣେ ହେଲେ ଗ୍ରାହକ ମୋ' ନିକଟକୁ ଆସିନାହାନ୍ତି। ଦିନସାରା କିଛି ବି ଫଳ ବିକ୍ରି ହୋଇ ନାହିଁ। ଗୋଟିଏ ହେଲେ ପଇସା ମୋ' ପାଖରେ ନାହିଁ। ଏମିତି କି ଏହି ଫଳ ବିକ୍ରି ନ ହୋଇ ଆଜି ରହିଗଲେ ଆସନ୍ତାକାଲିକୁ ଏଥିରୁ ଅଧା ନଷ୍ଟ ହୋଇଯିବ। ମୁଁ ମୂଳଧନ ମଧ୍ୟ ପାଇବି ନାହିଁ। ଆଜି ଯଦି କିଛି ବିକ୍ରି ହୁଏ ସେ ଟଙ୍କାରେ ଚାଉଳ, ଆଳୁ, ପିଆଜ ଘରକୁ ନେଇ ଗଲେ ରାତିରେ ଚୁଲି ଜଳିବ। ସେଠାରେ ୩ ପ୍ରାଣୀ ମୋ' ଫେରିବା ବାଟକୁ ଚାହିଁ ବସିଥିବେ। ବୃଦ୍ଧ ଫେରିବାଲାଙ୍କର



କଥା ଶୁଣି ସନ୍ତୋଷଙ୍କ ଆଖି ଛଳଛଳ ହୋଇଗଲା। ପ୍ରତ୍ୟୁତ୍ତରରେ ସେ କହିଲେ ମଉସା! ମୋର ୩ କେଜି ସେଓ ଦରକାର। ତାହା ଶୁଣି ବୃଦ୍ଧ ଫେରିବାଲା ଜଣଙ୍କ ଓଜନ କରି ୩ କେଜିର ଗୋଟିଏ ପୁଡ଼ିଆ ସେଓ ସନ୍ତୋଷଙ୍କ ହାତକୁ ବଢ଼େଇ ଦେଲେ। ବଦଳରେ ସନ୍ତୋଷ ୩ଟି ୧୦୦ ଟଙ୍କିଆ ନୋଟ୍ ତାଙ୍କୁ ଦେଲେ। ତାହା ଦେଖି ଫେରିବାଲା ଜଣଙ୍କ କହିଲେ ବାବୁ! ମୋତେ ୨୭୦ ଟଙ୍କାର ଖୁଚୁରା ଦିଅନ୍ତୁ। ମୋ' ପାଖରେ ଗୋଟିଏ ହେଲେ ଟଙ୍କା ନାହିଁ ଆପଣଙ୍କୁ ଫେରେଇବା ପାଇଁ। ଏହା ଶୁଣି ସନ୍ତୋଷ କହିଲେ, ମଉସା! ଟିକିଏ ପୂର୍ବରୁ ଆଉ ଏକ ଦୋକାନରେ ମୁଁ ସେଓର ଦାମ୍ କେଜି ୧୨୦ ଟଙ୍କା ବୁଝିଥିଲି। ମୂଲଚାଲ କରି ୧୦୦କୁ ଖସିବାରୁ ଦୋକାନୀ ଜଣଙ୍କ ଫଳ ଦେବାକୁ ମନା କରିଦେଲେ। କିନ୍ତୁ ସେହି ସମାନ ଜିନିଷ ତୁମେ ୯୦ ଟଙ୍କାରେ ଦେବ ବୋଲି ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏବେ ଭାବୁଛି ତୁମେ ବୋଧହୁଏ ସେଓ ସବୁକୁ ମୋତେ ନିଜ କିଣା ଦାମଠାରୁ କମ୍‌ରେ ଦେଇଦେଲ। ମୁଁ ମନ ମଧ୍ୟରେ ସ୍ଥିର କରିଥିବା ସେଓର ଦାମ୍ କେଜି ୧୦୦ ଟଙ୍କା ହିସାବରେ ଏହି ୩୦୦ ଟଙ୍କା ତୁମର ପ୍ରାପ୍ୟ ଅଟେ। ତୁମକୁ ମୋତେ ଆଉ ଟଙ୍କା ଫେରେଇବା ଦରକାର ନାହିଁ। ଫେରିବାଲା ଜଣଙ୍କ ଉକ୍ତ ୩୦ ଟଙ୍କା ବାବଦକୁ ପାଖାପାଖି ୩୦୦ ଗ୍ରାମରୁ ଅଧିକ ସେଓ ଓଜନ କରି ସନ୍ତୋଷଙ୍କ ହାତକୁ ବଢ଼େଇ ଦେଇ କହିଲେ, ବାବୁ ଗ୍ରାହକ ଆମର ଈଶ୍ୱର। ଆମେ ଗରିବ ହୋଇପାରୁ, କିନ୍ତୁ କଥା ଓ ମନୋବୃତ୍ତିରେ ସଚ୍ଚୋଟ। ଆପଣଙ୍କୁ ମୁଁ ପ୍ରଥମେ କହିଥିବା ଫଳର ଦାମ୍‌ଠାରୁ ଅଧିକ ଅର୍ଥ ଗ୍ରହଣ କରିବା ମୋ' ସ୍ୱାଭିମାନକୁ ବାଧାଦେବ। ଫେରିବାଲାଙ୍କଠାରୁ ବିଦାୟ ନେଇ ଘରକୁ ଫେରିବା ରାସ୍ତାରେ ସନ୍ତୋଷ ଭାବୁଥା'ନ୍ତି, ଏ ଦୁନିଆରେ ସବୁ ମଣିଷ ଖରାପ ତଥା ମନ୍ଦ ଉଦ୍ଦେଶ୍ୟର ନୁହନ୍ତି। କିଛି ଭଲ ଓ ସ୍ୱାଭିମାନୀ ମଣିଷ ମଧ୍ୟ ଏ ଦୁନିଆରେ ଅଛନ୍ତି। ଯେଉଁମାନେ କି ଅନେକ ସମୟରେ ଦାରିଦ୍ର୍ୟ ଏବଂ ଅସହାୟ ପରିସ୍ଥିତି ଦେଇ ଗତି କରିଥା'ନ୍ତି। କିନ୍ତୁ ନିଜର ଆତ୍ମସମ୍ମାନ ଓ ସ୍ୱାଭିମାନ ଉପରେ କେବେ ହେଲେ ଆଞ୍ଚ ଆଣିବାକୁ ଦିଅନ୍ତି ନାହିଁ!

ମୋ: ୯୩୩୭୮୯୭୬୫୦

# ଦେଶର ଜିଡିପିରେ ପ୍ରମୁଖ ସ୍ଥାନ ନେଇଛି କୃଷି

## କୃଷକ ଦିବସ



ଭାରତ ଏକ କୃଷିପ୍ରଧାନ ଦେଶ। କୃଷି ଦେଶର ଜିଡିପିରେ ପ୍ରମୁଖ ସ୍ଥାନ ହାସଲ କରିଥାଏ। କୃଷକମାନେ ହେଉଛନ୍ତି ଭାରତ ଭଳି ଦେଶର ଆର୍ଥିକ ମେରୁଦଣ୍ଡ ସଦୃଶ। କୃଷି ଏବଂ କୃଷକଙ୍କ ବିକାଶରେ ଦେଶର ବିକାଶ ସମ୍ଭବ ହୋଇପାରିଥାଏ। ତେଣୁ କୃଷକ ଏବଂ କୃଷକମାନଙ୍କର ଜାତୀୟ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଭାରତର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧରୀ ଚରଣ ସିଂଙ୍କ ଜନ୍ମ ବାର୍ଷିକୀ ଡିସେମ୍ବର ୨୩କୁ ଦେଶରେ କୃଷକ ଦିବସ ଭାବେ ପାଳନ କରାଯାଇଥାଏ। ଅର୍ଥନୀତିରେ ଭାରତୀୟ କୃଷକଙ୍କ ଭୂମିକାକୁ ମନେରଖିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଚରଣ ସିଂ ଜୁଲାଇ ୧୯୭୯ରୁ ଜାନୁୟାରୀ ୧୯୮୦ ମଧ୍ୟରେ ପ୍ରଧାନମନ୍ତ୍ରୀ ଭାବେ ଅବସ୍ଥାପିତ ଥିଲେ। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ଅଳ୍ପ ସମୟ ଥିଲା। କିନ୍ତୁ ସେ ଦେଶର କୃଷକଙ୍କ କଲ୍ୟାଣ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିଲେ। ଦେଶରେ କୃଷକଙ୍କ ସମସ୍ୟା ବିଷୟରେ ସଚେତନତା ପାଇଁ ଚରଣ ସିଂ ୧୯୭୮ ଡିସେମ୍ବର ୨୩ରେ କିଷାନ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ। ଚାଷୀଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ଚରଣ ସିଂ ମଧ୍ୟ ସର୍ବଦା ଉଦ୍ୟମ ଜାରି ରଖିଥିଲେ। ୨୦୦୧ରେ ଭାରତ ସରକାର ଚରଣ ସିଂଙ୍କ ଜନ୍ମ ବାର୍ଷିକୀକୁ କିଷାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଭିନ୍ ଡିଜେଲଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ



**ନୂଆଦିଲ୍ଲୀ:** ହଲିଉଡ ଅଭିନେତା ଭିନ୍ ଡିଜେଲଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ତାଙ୍କର ପୂର୍ବତନ ସହଯୋଗୀ। ଏକ ଦଶନ୍ଧି ପୂର୍ବରୁ ଆଟଲାଣ୍ଟ ହୋଟେଲରେ ଘଟିଥିବା ଏହି ଘଟଣା ପାଇଁ ପୀଡିତା କାଲିଫର୍ଣ୍ଣିଆ କୋର୍ଟରେ ମାମଲା ରୁଜୁ କରିଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ ଅଭିନେତା ଜେଲ ଯାଇପାରନ୍ତି। ଆସ୍ତା ଜନସନ ନାମକ ପୀଡିତା କହିଛନ୍ତି ଯେ, 'ଫାଷ୍ଟ ଆଣ୍ଡ ଫ୍ୟୁରିଅସ' ପରେ ଅଭିନେତାଙ୍କ କମ୍ପାନୀରେ ଯୋଗ ଦେଇଥିଲେ। ଏହାପରେ ପ୍ରଥମେ ପ୍ରୋଜେକ୍ଟରେ ତାଙ୍କୁ ୨୦୧୦ରେ 'ଫାଷ୍ଟ ଫାଇଭ' ଶୁଟିଂ ପାଇଁ ଆଟଲାଣ୍ଟ ଯିବାକୁ ପଡିଥିଲା। ସେଠାରେ ଭିନ୍ ରହୁଥିବା ହୋଟେଲରେ ଅଭିନେତାଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ନିୟୋଜିତ କରାଯାଇଥିଲା। ଏକୁଟିଆ ଥିବା ସମୟରେ ଅଭିନେତା ହୋଟେଲ ରୁମ୍‌ରେ ଆସ୍ତାଙ୍କ ସହିତ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କରି ତାଙ୍କୁ ନିର୍ଯାତନା ଦେଇଥିଲେ। ଅଭିଯୋଗ କରିବାରୁ ଅଭିନେତାଙ୍କ ଭଉଣୀ ପୀଡ଼ିତାଙ୍କୁ ଚାକିରିରୁ ବିଦା କରି ଦେଇଥିଲେ। ତେବେ ଏହି ମାମଲାରେ ଭିନ୍‌ଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସ୍ତ୍ରୀଙ୍କ ସହ ଝଗଡ଼ାରୁ ୨୦ କାର୍ ଭାଙ୍ଗିଦେଲେ ସ୍ୱାମୀ



**ଚେନ୍ନାଇ:** ସ୍ତ୍ରୀଙ୍କ ସହ ଝଗଡ଼ା କରି ଗୋଟିଏ କି ଦୁଇଟି ନୁହେଁ ଭାଙ୍ଗିଦେଲେ ୨୦ଟି କାର। ଏଭଳି ଏକ ଘଟଣା ଘଟିଛି ଚେନ୍ନାଇରେ। ଗ୍ୟାରେଜ ପାର୍କିଂ ଏରିଆରେ ଲାଗିଥିବା ସିସିଟିଭିରୁ ଏହା ଜଣାପଡ଼ିଥିଲା। ସ୍ତ୍ରୀଙ୍କ ସହ ଝଗଡା ପରେ ବୁବାଲାନ ନାମକ ୩୫ ବର୍ଷୀୟ ବ୍ୟକ୍ତି ରାଗରେ କାର୍‌ଗୁଡ଼ିକୁ ଭାଙ୍ଗିଥିଲେ। ସେକେଣ୍ଡ ହ୍ୟାଣ୍ଡ କାର୍ ଶୋ'ରୁମର ମାଲିକ ସକାଳେ ଗ୍ୟାରେଜ ଖୋଲିବା ପରେ ଗାଡିଗୁଡିକ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ପରେ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ ଆଧାରରେ ବୁବାଲାନ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବା ପରେ ତାଙ୍କୁ ଗିରଫ କରିଛି। କେଉଁ କାରଣ ପାଇଁ ଝଗଡ଼ା ହୋଇଥିଲା ତାହା ସ୍ପଷ୍ଟ ହୋଇନାହିଁ।

# ଛାଡ଼ପତ୍ର ଚାହୁଁଛ ତ ଶୁଆ ଫେରାଇ ଦିଅ

## ଦମ୍ପତିଙ୍କ ଛାଡ଼ପତ୍ରର ଅଜବ କାରଣ

**ପୁଣେ:** ଶୁଆ ପାଇଁ ଛାଡପତ୍ର। ପୁଣେରେ ଏଭଳି ମାମଲା ସାମ୍ନାକୁ ଆସିଛି। ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ଛାଡପତ୍ର ଦେବା ପାଇଁ ଆଫ୍ରିକୀୟ ଧୂସର ଶୁଆକୁ ଫେରାଇବାକୁ ଦାବି କରିଥିଲେ। ବିବାହ ପୂର୍ବରୁ ସେ ତାଙ୍କୁ ଏହି ଶୁଆ ଉପହାର ଦେଇଥିଲେ। ପରିବାର କୋର୍ଟରେ ଆଡଭୋକେଟ ଭାଗାଶ୍ରୀ ସୁଭାଷ ଗୁଜର କହିଛନ୍ତି, ସ୍ତ୍ରୀଙ୍କ ପକ୍ଷରୁ ଛାଡପତ୍ର ମାମଲା ରୁଜୁ ହୋଇଥିଲା। ଏହି ଛାଡ଼ପତ୍ର ମାମଲାରେ ସ୍ତ୍ରୀ ଭରଣପୋଷଣ ଦାବି କରି ନ ଥିଲେ। କାରଣ ସେ ଆପୋଷ ସମାଧାନ ମାଧ୍ୟମରେ ଛାଡପତ୍ର ଚାହୁଁଥିଲେ। କିନ୍ତୁ ସ୍ୱାମୀ ତାଙ୍କୁ ବିବାହ ପୂର୍ବରୁ ଦେଇଥିବା ଶୁଆକୁ ଫେରାଇ ଆଣିବାକୁ ଜିଦ ଧରିଥିଲେ।


# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## ଅଧିସୂଚନା

File No. COL/JAJ/VIIL-22/2022/12935/LA/(Civil) Dated: 09.11.2023

No. XXIV-42: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଶିବଦାସ ଛକଠାରୁ ମହାଲକ୍ଷ୍ମୀ କ୍ଲବଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ୟୁନିଟ୍ ନଂ. ୧୨ ପଦ୍ମେଶ୍ୱରପୁର, ଥାନା: ଯାଜପୁର ନଂ. ୨୧୮, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ୧.୪୧୩ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି:

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୬୬୯୮/୧୬।୧୦।୨୦୨୩ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ. ୧୨, ପଦ୍ମେଶ୍ୱରପୁର | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୭.୯୯୭ | ଏ୧.୪୧୩ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ଯାଜପୁର

## ଭୂମି ଅନୁସୂଚୀ

ପ୍ରକଳ୍ପ: ଶିବଦାସଛକଠାରୁ ମହାଲକ୍ଷ୍ମୀ କ୍ଲବଛକ ଭାୟା ପ୍ରହରାଜପୁର ତାରିଣୀଛକ ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକରଣ ତତ୍‌ସହିତ ଲାଖବିନ୍ଧା ପଡ଼ିଆଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ

ମୌଜା: ୟୁନିଟ୍ ନଂ. ୧୨, ପଦ୍ମେଶ୍ୱରପୁର ଥାନା ନଂ. ୨୧୮, ଥାନା/ତହସିଲ/ଜିଲ୍ଲା: ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୧ | ୮୨୪ | ୦.୧୫୦ | ୦.୦୩୩ | ବଗାୟତ-୨ | ଅଶୋକ ଦାସ, ଉତ୍କଳ କେଶରୀ ଦାସ, ଯଯାତି କେଶରୀ ଦାସ, କଳିଙ୍ଗ କେଶରୀ ଦାସ, କର୍ଣ୍ଣାଟକ କେଶରୀ ଦାସ, ପି.: ଅଦ୍ୱୈତ ପ୍ରସାଦ ଦାସ, ଜା: କରଣ, ବା: ୟୁନିଟ ନଂ. ୧୦, ସାମିଲ ମିଶ୍ର, ବ୍ରହ୍ମପୁର |
| ୨ | ୪୪୬ | ୮୨୫ | ୦.୦୫୦ | ୦.୦୧୭ | ବଗାୟତ-୨ | ନନ୍ଦ କିଶୋର ସାହୁ, ପି.: ବନ୍ଧୁ ସାହୁ, ଜା: ନିଆରି, ବା: ବାହାବଳପୁର |
| ୩ | ୪୨୮/ ୨୩୫ | ୮୨୫/ ୨୫୩୦ | ୦.୦୫୦ | ୦.୦୨୮ | ବଗାୟତ-୨ | ଏସ୍.ୟୁ.ସି.ଆଇ., ଯାଜପୁର ଜିଲ୍ଲା କମିଟି ତରଫ ସେକ୍ରେଟାରୀ ଜଗବନ୍ଧୁ ବରାଳ, ପି.: ରଘୁନାଥ ବରାଳ, ଜା: ଚଷା, ବା: ରାଜପୁର |
| ୪ | ୪୪୬ | ୮୨୫/ ୨୫୩୧ | ୦.୦୫୦ | ୦.୦୪୦ | ବଗାୟତ-୨ | ନନ୍ଦ କିଶୋର ସାହୁ, ପି.: ବନ୍ଧୁ ସାହୁ, ଜା: ନିଆରି, ବା: ବାହାବଳପୁର |
| ୫ | ୩୧୧ | ୮୨୬ | ୦.୦୨୦ | ୦.୦୨୦ | ଘରବାରି-୨ | ରମାକାନ୍ତ ଶାସ୍ତ୍ରୀ, ରେବତୀକାନ୍ତ ଶାସ୍ତ୍ରୀ, କମଳାକାନ୍ତା ଶାସ୍ତ୍ରୀ, ନଳିନୀପ୍ରଭା ଶାସ୍ତ୍ରୀ, ପି.: ରାଧାମୋହନ ଶାସ୍ତ୍ରୀ, ଶଶିକଳା ଶାସ୍ତ୍ରୀ, ସ୍ୱା.: ରାଧାମୋହନ ଶାସ୍ତ୍ରୀ, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୬ | ୩୧୧ | ୮୨୭ | ୦.୪୬୦ | ୦.୦୭୦ | ଘରବାରି-୨ | ରମାକାନ୍ତ ଶାସ୍ତ୍ରୀ, ରେବତୀକାନ୍ତ ଶାସ୍ତ୍ରୀ, କମଳାକାନ୍ତା ଶାସ୍ତ୍ରୀ, ନଳିନୀପ୍ରଭା ଶାସ୍ତ୍ରୀ, ପି.: ରାଧାମୋହନ ଶାସ୍ତ୍ରୀ, ଶଶିକଳା ଶାସ୍ତ୍ରୀ, ସ୍ୱା.: ରାଧାମୋହନ ଶାସ୍ତ୍ରୀ, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୭ | ୩୦୦ | ୮୩୪ | ୦.୦୨୩ | ୦.୦୦୭ | ଘରବାରି-୨ | ରଜନୀକାନ୍ତ ଶାସ୍ତ୍ରୀ, ରୋହେଣୀକାନ୍ତ ଶାସ୍ତ୍ରୀ, ପି.: ଜଗମୋହନ ଶାସ୍ତ୍ରୀ, କୁସୁମ ଶାସ୍ତ୍ରୀ, ସ୍ୱା.: ମହେଶ୍ୱର ଶାସ୍ତ୍ରୀ, ସୁକାନ୍ତି ମିଶ୍ର, ସୁସମା ମିଶ୍ର, ପି.: ମହେଶ୍ୱର ଶାସ୍ତ୍ରୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୮ | ୪୨୮/ ୬୯୮ | ୮୩୪/ ୧୪୨୬ | ୦.୧୪୩ | ୦.୦୧୦ | ଘରବାରି-୨ | ସନ୍ତୋଷ କୁମାର ପଣ୍ଡା, ପି.: ବୃନ୍ଦାବନ ଚନ୍ଦ୍ର ପଣ୍ଡା, ଜା: ବ୍ରାହ୍ମଣ, ବା: ସାଉଣ୍ଡିହି |
| ୯ | ୪୨୮/ ୬୯୭ | ୮୩୪/ ୨୭୨୦ | ୦.୦୨୦ | ୦.୦୦୩ | ଘରବାରି-୨ | ସବିତା ମିଶ୍ର, ସ୍ୱା.: କିଶୋର ଚନ୍ଦ୍ର ଶେଖର ମିଶ୍ର, ଜା: ବ୍ରାହ୍ମଣ, ବା: ସନ୍ଥମାଧବ, ୟୁନିଟ ନଂ. ୧୨, ପଦ୍ମେଶ୍ୱରପୁର |
| ୧୦ | ୫୩ | ୮୩୫ | ୦.୧୮୫ | ୦.୦୬୩ | ଘରବାରି-୨ | କାଶୀନାଥ ମିଶ୍ର, ପି.: ନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୧୧ | ୪୨୮/ ୫୬୯ | ୮୩୬ | ୦.୩୨୦ | ୦.୦୪୫ | ଘରବାରି-୨ | ଅର୍ଜୁନି କର, ପି.: ମଥୁରି କର, ଜା: ବ୍ରାହ୍ମଣ, ବା: ନିଜଗାଁ |
| ୧୨ | ୪୨୮/ ୨୩୮ | ୧୦୮୫/ ୨୫୩୧ | ୦.୦୯୭ | ୦.୦୧୨ | ଘରବାରି | ସଞ୍ଜିତ୍ କୁମାର ପତି, ପି.: ଚକ୍ରଧର ପତି, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୧୩ | ୪୨୮/ ୩୫୨ | ୧୦୮୬/ ୧୪୫୫ | ୦.୦୪୧ | ୦.୦୧୦ | ଜଳାଶୟ-୨ | ରବିନ୍ଦ୍ର କୁମାର ଜେନା, ପି.: ନଟବର ଜେନା, ଜା: ଖଣ୍ଡାୟତ, ବା: ବୋଇତାଳୁପାଟଣା, ଥା: ବିଞ୍ଝାରପୁର |
| ୧୪ | ୪୨୮/ ୨୩୮ | ୧୦୮୬/ ୨୫୩୨ | ୦.୦୦୪ | ୦.୦୦୨ | ଜଳାଶୟ-୨ | ସଞ୍ଜିତ୍ କୁମାର ପତି, ପି.: ଚକ୍ରଧର ପତି, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୧୫ | ୪୨୮/ ୬୮୪ | ୧୧୧୬ | ୦.୦୩୬ | ୦.୦୧୦ | ଶାରଦ ଜଳ-୧ | ଗଜେନ୍ଦ୍ର ବେହେରା, ମହେନ୍ଦ୍ର ବେହେରା, ଉପେନ୍ଦ୍ର ବେହେରା, ପି.: ବାଇଧର ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୧୬ | ୪୨୮/ ୩୬୨ | ୧୧୧୬/ ୧୫୫୯ | ୦.୦୩୫ | ୦.୦୦୮ | ଶାରଦ ଜଳ-୧ | ସାଧୁ ବେହେରା, ପି.: ଲକ୍ଷ୍ମଣ ବେହେରା, ଲୋଟଣୀ ବେହେରା, ସ୍ୱା.: ସାଧୁ ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୧୭ | ୪୨୮/ ୭୦୪ | ୧୧୧୬/ ୨୭୧୦ | ୦.୦୩୬ | ୦.୦୦୭ | ଶାରଦ ଜଳ-୧ | ବସନ୍ତ କୁମାର ବେହେରା, ହେମନ୍ତ କୁମାର ବେହେରା, ପି.: ମାଗୁଣୀ ବେହେରା, ଜା: ଚମାର, ବା: ସନ୍ଥମାଧବ, ୟୁନିଟ ନଂ. ୧୨, ପଦ୍ମେଶ୍ୱରପୁର |
| ୧୮ | ୪୨୮/ ୬୩୬ | ୧୧୧୭ | ୦.୧୩୮ | ୦.୦୩୫ | ଶାରଦ ଜଳ-୧ | ରୁଦ୍ର ପ୍ରସାଦ ଦାସ, ପି.: ଉତ୍କଳ କେଶରୀ ଦାସ, ଜା: କରଣ, ବା: ବାହାବଳପୁର, ୟୁନିଟ୍ ନଂ. ୧୦, ବନ୍ଧୁମହାନ୍ତିନଗର |
| ୧୯ | ୩୩୯ | ୧୧୭୫ | ୦.୦୩୪ | ୦.୦୨୨ | ଶାରଦ ଜଳ-୧ | ଲକ୍ଷ୍ମୀଧର ପତି, ପି.: ବଂଶୀଧର ପତି, ରାଜ କିଶୋର ପତି, ପି.: ଦାଶରଥି ପତି, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୨୦ | ୩୦୮ | ୧୧୭୬ | ୦.୨୩୦ | ୦.୦୧୮ | ଶାରଦ ଜଳ-୧ | ରମାକାନ୍ତ ଶାସ୍ତ୍ରୀ, ପି.: ରାଧା ମୋହନ ଶାସ୍ତ୍ରୀ, ଶଶିକଳା ଶାସ୍ତ୍ରୀ, ସ୍ୱା.: ରାଧାମୋହନ ଶାସ୍ତ୍ରୀ, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୨୧ | ୨୩୧ | ୧୧୮୩ | ୦.୦୯୪ | ୦.୦୧୮ | ଶାରଦ ଜଳ-୧ | ବିଶ୍ୱମ୍ବର ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଉମାକାନ୍ତ ପଣ୍ଡା, ପି.: ଆର୍ତ୍ତବନ୍ଧୁ ପଣ୍ଡା, କୁଞ୍ଜ ବିହାରୀ ପଣ୍ଡା, ପି.: ଦିଗାମ୍ବର ପଣ୍ଡା, ଶଚିଦାନନ୍ଦ ପଣ୍ଡା, ଅଚ୍ଛୁତାନନ୍ଦ ପଣ୍ଡା, ଗୋକୁଳାନନ୍ଦ ପଣ୍ଡା, ପି.: ଭୁବନାନନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: ଶ୍ରୀରାମପୁର |
| ୨୨ | ୪୨୮/ ୯୬ | ୧୧୮୪ | ୦.୦୪୨ | ୦.୦୦୫ | ଶାରଦ ଜଳ-୧ | ଗିରିଜା ନନ୍ଦନ ମିଶ୍ର, ପି.: ସୁରେନ୍ଦ୍ର କୁମାର ମିଶ୍ର, ଜା: ବ୍ରାହ୍ମଣ, ବା: ସପନପୁର |
| ୨୩ | ୪୨୮/ ୨୭୭ | ୧୧୮୪/ ୨୫୩୭ | ୦.୦୫୦ | ୦.୦୦୮ | ଘରବାରି-୧ | କଳ୍ପନା ମହାପାତ୍ର, ସ୍ୱା.: ସୁଦର୍ଶନ ମହାପାତ୍ର, ଜା: ବ୍ରାହ୍ମଣ, ବା: ସନ୍ଥମାଧବ, ହା. ବା.: ନିଜଗାଁ |
| ୨୪ | ୪୨୮/ ୬୧୫ | ୧୧୮୫ | ୦.୧୩୦ | ୦.୦୨୬ | ଘରବାରି | ସୁଷମା କର, ସ୍ୱା.: ଅରୁଣ ପାଣିଗ୍ରାହୀ, ଅଶୋକ କୁମାର ପାଣିଗ୍ରାହୀ, ପି.: ଭୀମ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ଚମ୍ପାମଡ଼େଇ |
| ୨୫ | ୪୨୮/ ୬୧୪ | ୧୧୮୫/ ୧୬୯୬ | ୦.୦୧୩ | ୦.୦୦୭ | ଘରବାରି | କଳ୍ପନା ମହାପାତ୍ର, ସ୍ୱା.: ସୁଦର୍ଶନ ମହାପାତ୍ର, ଜା: ବ୍ରାହ୍ମଣ, ବା: ମତାବାଦ |
| ୨୬ | ୪୨୮ /୫୯୫ | ୧୧୮୬ | ୦.୦୬୨ | ୦.୦୧୧ | ଘରବାରି-୧ | ବଳରାମ ସାହୁ, ପି.: ସନାତନ ସାହୁ, ଜା: ତେଲି, ବା: ବେଲାରପୁର |
| ୨୭ | ୪୨୮/ ୧୦ | ୧୨୦୧ | ୦.୧୨୦ | ୦.୦୧୫ | ଶାରଦ ଜଳ-୧ | ଅନନ୍ତ ଚରଣ ପତି, ପି.: ମାନ ଗୋବିନ୍ଦ ପତି, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୨୮ | ୧୪୦ | ୧୨୦୨ | ୦.୦୧୯ | ୦.୦୦୨ | ଶାରଦ ଜଳ-୧ | ଦେବେନ୍ଦ୍ର ନାଥ ମିଶ୍ର, ଧୀରେନ୍ଦ୍ରନାଥ ମିଶ୍ର, ଉପେନ୍ଦ୍ରନାଥ ମିଶ୍ର, ରାଜେନ୍ଦ୍ରନାଥ ମିଶ୍ର, ପି.: ହୃଦାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ଲକ୍ଷ୍ମୀଧରପୁର |
| ୨୯ | ୪୨୮/ ୭୫୩ | ୧୨୦୨/ ୨୭୫୬ | ୦.୧୩୭ | ୦.୦୧୯ | ଶାରଦ ଜଳ-୧ | ପ୍ରଶାନ୍ତ କୁମାର ନାୟକ, ପି.: ଧନେଶ୍ୱର ନାୟକ, ଜା: ବୈଶ୍ୟ ବଣିଆ, ବା: ଦଳା, ଥା: ବ୍ୟାସନଗର |
| ୩୦ | ୪୨୮ /୪୯୮ | ୧୨୦୪ | ୦.୦୪୦ | ୦.୦୧୦ | ଶାରଦ ଜଳ-୧ | ଜାନକି ପତି, ସ୍ୱା.: ଲକ୍ଷ୍ମୀଧର ପତି, ଅଶୋକ କୁମାର ପତି, ଆଶିଷ କୁମାର ପତି, ଅଞ୍ଜଳୀ ପତି, ଅର୍ଚ୍ଚନା ପତି, ପି.: ଲକ୍ଷ୍ମୀଧର ପତି, ଜା: ବ୍ରାହ୍ମଣ, ବା: ସନ୍ଥମାଧବ |
| ୩୧ | ୩୮୪ | ୧୨୦୫ | ୦.୦୪୮ | ୦.୦୧୩ | ଶାରଦ ଜଳ-୧ | ସୀତା ପତି, ସ୍ୱା.: ରବିନ୍ଦ୍ର ନାଥ ପତି, ଜା: ବ୍ରାହ୍ମଣ, ବା: ନରହରିପୁର |
| ୩୨ | ୩୦୪ | ୧୨୦୭ | ୦.୦୩୦ | ୦.୦୧୫ | ଶାରଦ ଜଳ-୧ | ରବିନ୍ଦ୍ର କୁମାର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର, ପି.: ବୈଷ୍ଣବ ଚରଣ ମିଶ୍ର, ପଦ୍ମାଳୟା ମିଶ୍ର, ସ୍ୱା.: ବୈଷ୍ଣବ ଚରଣ ମିଶ୍ର, ଜା: ବ୍ରାହ୍ମଣ, ବା: ସପନପୁର |
| ୩୩ | ୨୧ | ୮୨୩ | ୦.୭୬୦ | ୦.୦୫୦ | ଘରବାରି-୨ | ଅଶୋକ ଦାସ, ଉତ୍କଳ କେଶରୀ ଦାସ, ଯଯାତୀ କେଶରୀ ଦାସ, କଳିଙ୍ଗ କେଶରୀ ଦାସ, କର୍ଣ୍ଣାଟକ କେଶରୀ ଦାସ, ପି.: ଅଦ୍ୱୈତ ପ୍ରସାଦ ଦାସ, ଜା: କରଣ, ବା: ୟୁନିଟ ନଂ. ୧୦ ସାମିଲ ମିଶ୍ର, ବ୍ରହ୍ମପୁର |
| ୩୪ | ୩୪୬ | ୩୭୫ | ୦.୧୩୩ | ୦.୦୨୦ | ଘରବାରି-୨ | ସଖି ଭଟମିଶ୍ର, ସ୍ୱା.: ଦାମୋଦର ଭଟମିଶ୍ର, ଅମର କିଶୋର ଭଟମିଶ୍ର, ପି.: ଦାମୋଦର ଭଟମିଶ୍ର, ଜା: ବ୍ରାହ୍ମଣ, ବା: ମାଧପୁର |
| ୩୫ | ୩୬ | ୩୭୬ | ୦.୦୭୯ | ୦.୦୫୦ | ଜଳାଶୟ-୨ | ଉମାକାନ୍ତ ଭଟମିଶ୍ର, ଶନିକାନ୍ତ ଭଟମିଶ୍ର, ପି.: ଗଣେଷ ଚନ୍ଦ୍ର ଭଟମିଶ୍ର, ଜା: ବ୍ରାହ୍ମଣ, ବା: ମାଧପୁର |
| ୩୬ | ୩୪୭ | ୩୭୭ | ୦.୦୦୫ | ୦.୦୦୫ | ଜଳାଶୟ-୧ | ଶ୍ରୀ ନୃସିଂହ ନାଥ ମହାପ୍ରଭୁ ବିଜେ – ନିଜଗାଁ ମାର୍ଫତ, ବା: ସଖି ଭଟ, ସ୍ୱା.: ଦାମୋଦର ଭଟ, ଅମର କିଶୋର ଭଟ, ପି.: ଦାମୋଦର ଭଟ, ଉମାକାନ୍ତ ଭଟ, ଶଶିକାନ୍ତ ଭଟ, ପି.: ଗଣେଶ ଭଟ, ରାଧା ଭଟ, ସ୍ୱା.: ହରେକୃଷ୍ଣ ଭଟ, ନୃସିଂହ ଭଟ, ପି.: ହରେକୃଷ୍ଣ ଭଟ, ତାରାମଣୀ ପଣ୍ଡା, ରାଧାମଣୀ ଦିକ୍ଷୀତ, ଜାନକୀ ମିଶ୍ର, ପି.: ଅମ୍ବିକା ଭଟ, ବଂଶୀଧର ଭଟ, ପି.: ମହେଶ୍ୱର ଭଟ, ବସନ୍ତ ଭଟ, ସ୍ୱା.: ମୁରଲୀ ଭଟ, ଶରତ ଭଟ, ଶିଶିର ଭଟ, ଶ୍ରୀକାନ୍ତ ଭଟ, ପି.: ମୁରଲୀ ଭଟ, ଜା: ବ୍ରାହ୍ମଣ, ବା: ମାଧପୁର |
| ୩୭ | ୩୪୭ | ୩୭୮ | ୦.୦୨୧ | ୦.୦୧୫ | ଘରବାରି-୨ | ଶ୍ରୀ ନୃସିଂହ ନାଥ ମହାପ୍ରଭୁ ବିଜେ – ନିଜଗାଁ ମାର୍ଫତ, ବା: ସଖି ଭଟ, ସ୍ୱା.: ଦାମୋଦର ଭଟ, ଅମର କିଶୋର ଭଟ, ପି.: ଦାମୋଦର ଭଟ, ଉମାକାନ୍ତ ଭଟ, ଶଶିକାନ୍ତ ଭଟ, ପି.: ଗଣେଶ ଭଟ, ରାଧା ଭଟ, ସ୍ୱା.: ହରେକୃଷ୍ଣ ଭଟ, ନୃସିଂହ ଭଟ, ପି.: ହରେକୃଷ୍ଣ ଭଟ, ତାରାମଣୀ ପଣ୍ଡା, ରାଧାମଣୀ ଦିକ୍ଷୀତ, ଜାନକୀ ମିଶ୍ର, ପି.: ଅମ୍ବିକା ଭଟ, ବଂଶୀଧର ଭଟ, ପି.: ମହେଶ୍ୱର ଭଟ, ବସନ୍ତ ଭଟ, ସ୍ୱା.: ମୁରଲୀ ଭଟ, ଶରତ ଭଟ, ଶିଶିର ଭଟ, ଶ୍ରୀକାନ୍ତ ଭଟ, ପି.: ମୁରଲୀ ଭଟ, ଜା: ବ୍ରାହ୍ମଣ, ବା: ମାଧପୁର |
| ୩୮ | ୩୪୭ | ୩୭୯ | ୦.୦୧୦ | ୦.୦୧୦ | ଚାନ୍ଦିନୀ | ଶ୍ରୀ ନୃସିଂହ ନାଥ ମହାପ୍ରଭୁ ବିଜେ – ନିଜଗାଁ ମାର୍ଫତ, ବା: ସଖି ଭଟ, ସ୍ୱା.: ଦାମୋଦର ଭଟ, ଅମର କିଶୋର ଭଟ, ପି.: ଦାମୋଦର ଭଟ, ଉମାକାନ୍ତ ଭଟ, ଶଶିକାନ୍ତ ଭଟ, ପି.: ଗଣେଶ ଭଟ, ରାଧା ଭଟ, ସ୍ୱା.: ହରେକୃଷ୍ଣ ଭଟ, ନୃସିଂହ ଭଟ, ପି.: ହରେକୃଷ୍ଣ ଭଟ, ତାରାମଣୀ ପଣ୍ଡା, ରାଧାମଣୀ ଦିକ୍ଷୀତ, ଜାନକୀ ମିଶ୍ର, ପି.: ଅମ୍ବିକା ଭଟ, ବଂଶୀଧର ଭଟ, ପି.: ମହେଶ୍ୱର ଭଟ, ବସନ୍ତ ଭଟ, ସ୍ୱା.: ମୁରଲୀ ଭଟ, ଶରତ ଭଟ, ଶିଶିର ଭଟ, ଶ୍ରୀକାନ୍ତ ଭଟ, ପି.: ମୁରଲୀ ଭଟ, ଜା: ବ୍ରାହ୍ମଣ, ବା: ମାଧପୁର |
| ୩୯ | ୨୬୧ | ୩୫୪ | ୦.୦୨୧ | ୦.୦୦୫ | ଘରବାରି-୨ | ମଧୁସୂଦନ ରଣା, ପି.: ଦୁଂଖେଇ ରଣା, ଜା: ମାଳି, ବା: ନରଣପୁର |
| ୪୦ | ୪୪୩ | ୩୫୫ | ୦.୦୩୦ | ୦.୦୧୫ | ଘରବାରି-୨ | ଚନ୍ଦ୍ରମଣି ରଣା, ପି.: ନାରାୟଣ ରଣା, ଜା: ମାଳି, ବା: ନରଣପୁର |
| ୪୧ | ୯୪ | ୩୫୬ | ୦.୦୪୨ | ୦.୦୧୭ | ଘରବାରି-୨ | ଗୋପୀନାଥ ରଣା, ରାମଚନ୍ଦ୍ର ରଣା, ରବି ନାରାୟଣ ରଣା, ହରିହର ରଣା, ପୁରୁଷୋତ୍ତମ ରଣା, ବାସନ୍ତି ରଣା, ପି.: ଅର୍ଜୁନ ରଣା, ଜା: ମାଳି, ବା: ନିଜଗାଁ |
| ୪୨ | ୪୬୫ | ୩୫୭ | ୦.୧୮୬ | ୦.୦୮୫ | ଘରବାରି-୨ | ଶିରିଆ ରଣା, ସ୍ୱା.: ଦଧି ରଣା, ମହନି ରଣା, ସ୍ୱା.: ଏକାଦଶି ରଣା, ମଞ୍ଜୁ ରଣା, ସଂଜୁ ରଣା, ପି.: ଏକାଦଶି ରଣା, ଅନନ୍ତ ରଣା, ପି.: ଦଧି ରଣା, ଜା: ମାଳି, ବା: ନରଣପୁର, ହିରାମଣୀ ସାହୁ, ସ୍ୱା.: ନଟବର ସାହୁ, ଜା: ନିଆରି, ବା: ବାହାବଳପୁର |
| ୪୩ | ୪୩୫ | ୩୫୯ | ୦.୧୮୦ | ୦.୦୨୩ | ବଗାୟତ-୨ | କୃଷ୍ଣ ଚରଣ ପତି, ଗୋପାଳ ଚରଣ ପତି, କୁନ ପତି, ଶ୍ରୀହର ପତି, ପି.: ହାଡ଼ିବନ୍ଧୁ ପତି, ଜା: ବ୍ରାହ୍ମଣ, ବା: ମାଧପୁର |
| ୪୪ | ୨୨ | ୩୭୩ | ୦.୩୨୫ | ୦.୦୪୫ | ବଗାୟତ-୨ | ଅଶୋକ ଦାସ, ଉତ୍କଳ କେଶରୀ ଦାସ, ଯଯାତି କେଶରୀ ଦାସ, କଳିଙ୍ଗ କେଶରୀ ଦାସ, କର୍ଣ୍ଣାଟକ କେଶରୀ ଦାସ, ପି.: ଅଦ୍ୱୈତ ପ୍ରସାଦ ଦାସ, ମୋହନି ମଞ୍ଜରୀ ଦାସ, ସ୍ୱା.: ଅଦ୍ୱୈତ ପ୍ରସାଦ ଦାସ, ଜା: କରଣ, ବା: ୟୁନିଟ ନମ୍ବର ୧୦ ସାମିଲ ମିଶ୍ର, ବ୍ରହ୍ମପୁର |
| ୪୫ | ୪୪୦ | ୩୫୮/ ୧୨୫୪ | ୦.୧୫୫ | ୦.୦୨୩ | ବଗାୟତ-୨ | ଗୋପୀନାଥ ରଣା, ରାମଚନ୍ଦ୍ର ରଣା, ରବି ନାରାୟଣ ରଣା, ହରିହର ରଣା, ପୁରୁଷୋତ୍ତମ ରଣା, ପି.: ଅର୍ଜୁନି ରଣା, ନାରଣ ରଣା, ବାସନ୍ତୀ ରଣା, ପି.: ଦଇତାରି ରଣା, ଜା: ମାଳି, ବା: ନିଜଗାଁ ସାମିଲ ନରଣପୁର |
| ୪୬ | ୪୩୮ | ୩୪୯/ ୧୨୪୯ | ୦.୪୭୫ | ୦.୦୮୦ | ଘରବାରି-୨ | ଗୋପୀନାଥ ରଣା, ରାମଚନ୍ଦ୍ର ରଣା, ପି.: ଅର୍ଜୁନି ରଣା, ଜା: ମାଳି, ବା: ନରଣପୁର |
| ୪୭ | ୯୩ | ୩୪୮ | ୦.୧୧୫ | ୦.୦୩୬ | ଘରବାରି-୨ | ଗୋପୀନାଥ ରଣା, ରାମଚନ୍ଦ୍ର ରଣା, ପି.: ଅର୍ଜୁନି ରଣା, ଜା: ମାଳି, ବା: ନରଣପୁର |
| ୪୮ | ୯୩ | ୩୪୯ | ୦.୮୦୦ | ୦.୦୯୮ | ଘରବାରି-୨ | ଗୋପୀନାଥ ରଣା, ରାମଚନ୍ଦ୍ର ରଣା, ପି.: ଅର୍ଜୁନି ରଣା, ଜା: ମାଳି, ବା: ନରଣପୁର |
| ୪୯ | ୨୫୮ | ୩୪୧ | ୦.୦୭୮ | ୦.୦୧୮ | ଘରବାରି-୨ | ମଣ୍ଟୁ ପଣ୍ଡା, ସ୍ୱା.: ମୁରଲି ପଣ୍ଡା, ଜା: ବ୍ରାହ୍ମଣ, ବା: ନରଣପୁର |
| ୫୦ | ୨୬୩ | ୩୪୦ | ୦.୨୭୨ | ୦.୦୧୮ | ଘରବାରି-୨ | ମଧୁସୂଦନ ପଣ୍ଡା, ପି.: ମହେଶ୍ୱର ପଣ୍ଡା, ଅନ୍ନପୂର୍ଣ୍ଣା ପଣ୍ଡା, ସ୍ୱା.: ମଧୁସୂଦନ ପଣ୍ଡା, ଜା: ବ୍ରାହ୍ମଣ, ବା: ନରଣପୁର, ମହେଶ୍ୱର ପଣ୍ଡା, ପି.: ଫକିର ଚରଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପ୍ରଭାକରପୁର |
| ୫୧ | ୪୨୮/ ୮୨୯ | ୩୩୮ | ୦.୦୧୦ | ୦.୦୧୦ | ଘରବାରି-୨ | ମଧୁସୂଦନ ପଣ୍ଡା, ପି.: ମହେଶ୍ୱର ପଣ୍ଡା, ଅନ୍ନପୂର୍ଣ୍ଣା ପଣ୍ଡା, ସ୍ୱା.: ମଧୁସୂଦନ ପଣ୍ଡା, ବା: ନରଣପୁର, ମହେଶ୍ୱର ପଣ୍ଡା, ପି.: ଫକିର ଚରଣ ପଣ୍ଡା, ବା: ପ୍ରଭାକରପୁର, ମୁକ୍ତିକାନ୍ତ ପଣ୍ଡା, ପି.: ନରେନ୍ଦ୍ର କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ନରଣପୁର |
| ୫୨ | ୪୨୮/ ୮୨୯ | ୩୩୯ | ୦.୩୩୦ | ୦.୦୩୦ | ଘରବାରି-୨ | ମଧୁସୂଦନ ପଣ୍ଡା, ପି.: ମହେଶ୍ୱର ପଣ୍ଡା, ଅର୍ଣ୍ଣପୂର୍ଣ୍ଣା ପଣ୍ଡା, ସ୍ୱା.: ମଧୁସୁଦନ ପଣ୍ଡା, ବା: ନରଣପୁର, ମହେଶ୍ୱର ପଣ୍ଡା, ପି.: ଫକିର ଚରଣ ପଣ୍ଡା, ବା: ପ୍ରଭାକରପୁର, ମୁକ୍ତିକାନ୍ତ ପଣ୍ଡା, ପି.: ନରେନ୍ଦ୍ର କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ନରଣପୁର |
| ୫୩ | ୪୨୮/ ୩୮୩ | ୩୩୫/ ୧୫୮୩ | ୦.୧୨୩ | ୦.୦୨୦ | ଘରବାରି-୨ | ପ୍ରଶନ୍ନ ମହାପାତ୍ର, ପି.: କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଜା: ଖଣ୍ଡାୟତ, ବା: ନରଣପୁର |
| ୫୪ | ୪୨୮/ ୭୨୫ | ୩୩୪ | ୦.୩୪୦ | ୦.୦୪୦ | ଘରବାରି-୨ | ମାତୃ ସଦନ ଟ୍ରଷ୍ଟ, ସା: ନରଣପୁର, ଥା/ଜି.: ଯାଜପୁର ତରଫ ମ୍ୟାନେଜିଙ୍ଗ ଟ୍ରଷ୍ଟ |
| ୫୫ | ୪୨୮/ ୧୯୮ | ୩୩୧ | ୦.୧୨୩ | ୦.୦୨୦ | ଘରବାରି-୨ | ସବିତା ମହାନ୍ତି, ସ୍ୱା.: ଘନଶ୍ୟାମ ମହାନ୍ତି, ରତ୍ନମାଳା ମହାନ୍ତି, ସ୍ୱା.: ଗୌରୀଶ୍ୟାମ ମହାନ୍ତି, ଜା: କରଣ, ବା: ମାଳଦା, ଥା.: ଭଣ୍ଡାରୀପୋଖରୀ, ଜି.: ଭଦ୍ରକ |
| ୫୬ | ୧୩୨ | ୩୩୧/ ୧୩୭୧ | ୦.୦୨୭ | ୦.୦୦୬ | ରାସ୍ତା | ଦୟାନିଧି ମହାନ୍ତି, ପି.: ଭଗବାନ ମହାନ୍ତି, ରୁକ୍ମଣୀ ମହାନ୍ତି, ସ୍ୱା.: ଦୟାନିଧି ମହାନ୍ତି, ଜା: କରଣ, ବା: ମାଳଦା, ଥାନା: ଭଣ୍ଡାରୀ ପୋଖରୀ, ଜି.: ବାଲେଶ୍ୱର |
| ୫୭ | ୧୦୫ | ୩୩୦/ ୧୨୬୬ | ୦.୦୭୨ | ୦.୦୩୦ | ଘରବାରି-୨ | ଜଗବନ୍ଧୁ ସାହୁ, ପି.: ଜୟରାମ ସାହୁ, ଜା: ଗୁଡ଼ିଆ, ବା: ବିନ୍ଧାଣ |
| ୫୮ | ୪୨୮/ ୪୮୯ | ୧୧୧୬/ ୧୫୬୧ | ୦.୦୦୪ | ୦.୦୦୨ | ଶାରଦ ଜଳ-୧ | ବସନ୍ତ ବେହେରା, ହେମନ୍ତ ବେହେରା, ପି.: ମାଗୁଣି ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୫୯ | ୪୨୮/ ୩୬୫ | ୧୧୧୬/ ୧୫୬୩ | ୦.୦୧୭ | ୦.୦୦୫ | ଘରବାରି | ବସନ୍ତ ବେହେରା, ହେମନ୍ତ ବେହେରା, ପି.: ମାଗୁଣି ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୬୦ | ୪୨୮/ ୪୮୮ | ୧୧୧୬/ ୧୫୬୫ | ୦.୦୦୪ | ୦.୦୦୨ | ଶାରଦ ଜଳ-୧ | ବସନ୍ତ ବେହେରା, ହେମନ୍ତ ବେହେରା, ପି.: ମାଗୁଣି ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୬୧ | ୪୨୮/ ୪୯୪ | ୧୧୧୬/ ୧୫୬୭ | ୦.୦୦୪ | ୦.୦୦୨ | ଶାରଦ ଜଳ-୧ | ବସନ୍ତ ବେହେରା, ହେମନ୍ତ ବେହେରା, ପି.: ମାଗୁଣି ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୬୨ | ୪୨୮/ ୪୮୧ | ୧୧୧୬/ ୧୫୬୯ | ୦.୦୦୪ | ୦.୦୦୨ | ଶାରଦ ଜଳ-୧ | ବସନ୍ତ ବେହେରା, ହେମନ୍ତ ବେହେରା, ପି.: ମାଗୁଣି ବେହେରା, ଜା: ଚମାର, ବା: ସନ୍ଥମାଧବ |
| ୬୩ | ୪୬୧ | ୨୫୭ | ୦.୩୪୫ | ୦.୦୨୨ | ଘରବାରି-୧ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ |
| | | | ୭.୯୯୭ | ୧.୪୧୩ | | |

OIPR-24163/14/0038/2324 ସ୍ୱା./– ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

## ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ରାଜଗାଙ୍ଗପୁର,୨୨।୧୨(ଅଶୋକ ପାଣି): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପାନପୋଷ ପଞ୍ଚାୟତ ଅନ୍ତର୍ଗତ କଦମବାହାଲରେ ଦନ୍ତା ଆକ୍ରମଣରେ ଗୁରୁବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରୁଆ ଏକ୍କା(୬୩)। ଗୁରୁବାର ରାତିରେ ଚାରୁଆ ପରିସ୍ରା କରିବା ପାଇଁ ଘର ବାହାରକୁ ଯାଇଥିଲେ। ଟର୍ଚ୍ଚ ଆଲୁଅ ଦେଖି ସେଠାରେ ଲୁଚି ରହିଥିବା ଦନ୍ତା ତାଙ୍କୁ ତଳେ କଚାଡି ଦେଇଥିଲା। ଶବ୍ଦ ଶୁଣି ପଡ଼ିଶା ଘର ଲୋକେ ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ମେଡିକାଲ ଅଫିସରଙ୍କ ଭିଆର୍ ଆବେଦନ ଖାରଜ

ଭୁବନେଶ୍ୱର, ୨୨।୧୨ (ଅସମାପିକା ସାହୁ)

ରାଜ୍ୟ ସରକାର ୧୦ଜଣ ମେଡିକାଲ ଅଫିସରଙ୍କ ଭଲ୍ୟୁଣ୍ଟାରି ରିଟାରମେଣ୍ଟ (ଭିଆର୍) ଆବେଦନକୁ ଖାରଜ କରିଛନ୍ତି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ହେଲେ ପୁରୀ ଜିଲା ଚିକିତ୍ସାଧିକାରୀ ଡା. ପ୍ରଣବ ଶଙ୍କର ଦାସ, ବୌଦ୍ଧ ଜିଲା ଚିକିତ୍ସାଳୟର ମେଡିସିନ ସ୍ପେଶାଲିଷ୍ଟ ଡା. ଶୈଳେଶ କୁମାର ଧଳ, ସୁନ୍ଦରଗଡ଼ ଜିଲା ଚିକିତ୍ସାଳୟର ଡା. ରଞ୍ଜିତ କୁମାର ବରାଳ, କେନ୍ଦୁଝରର ଡା. ବରେନ୍ଦ୍ରନାଥ ଜେନା, ବୌଦ୍ଧ ଜିଲା ଚିକିତ୍ସାଳୟର ଡା. ଉମେଶ ପାଣିଗ୍ରାହୀ, ଦେବଗଡ଼ ଜିଲା ଚିକିତ୍ସାଳୟର ଡା. ବିଜନ ମହାଲି, କଳାହାଣ୍ଡିର ଡା. ମନୋଜ କୁମାର ଅଗ୍ରୱାଲ, ଆଠଗଡ଼ର ଏସ୍‌ଡିଏଚ୍‌ର ଡା. ଶାନ୍ତିଭୂଷଣ ପଣ୍ଡା, ବାଲେଶ୍ୱର ଜିଲା ହାତିଗଡ଼ ସିଏଚ୍‌ସିର ଡା. ପ୍ରବେଶ ଚନ୍ଦ୍ର ନାୟକ ଓ ଖଲ୍ଲିକୋଟ ସିଏଚ୍‌ସିର ଡା. ପ୍ରଦୀପ କୁମାର ଗନ୍ତାୟତ। ଏହି ୧୦ଜଣ ଭିଆର୍ ପାଇଁ ଆବେଦନ କରିଥିଲେ। ପ୍ରଶାସନ ଏବଂ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଆବେଦନକୁ ଖାରଜ କରାଯାଇଥିବା ନେଇ ବିଭାଗର ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଘୁଷୁରି ପାଇଁ କଳି, ବାବାଙ୍କୁ ହତ୍ୟା

ବାଲିକୁଦା,୨୨।୧୨(ତାପସ ସ୍ୱାଇଁ)



ପୋଲିସ ଅଭିଯୁକ୍ତ ବାନାମ୍ବର ଦାସଙ୍କୁ ଧରି ଥାନାକୁ ନେଉଛି।

ମଠ ପରିସର ଦେଇ ଘୁଷୁରି ପୂରାଇ ନେବାର ପ୍ରତିବାଦ କରିବାରୁ ବାବାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ରାହାଣ ପଞ୍ଚାୟତ ଅନ୍ତର୍ଗତ କୋଷିଦା ଗାଁରେ ଏହି ଘଟଣା ଘଟିଛି। ଏହାପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ମୃତକ ହେଲେ ଆଦିମାତା ମଠର ବାବା ପ୍ରହଲ୍ଲାଦ ଦାସ (୭୦)। ଏନେଇ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବାବେଳେ ଲୋକେ ବୋରିକିନା-ଗୋଡ଼ା ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ କରିଛନ୍ତି। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ନାରଦିଆ ଗାଁର ବାନାମ୍ବର ଦାସ। ସେ ଘୁଷୁରି ପାଳନ ସହ ନଡ଼ିଆ, ପଇଡ଼ ବ୍ୟବସାୟ କରନ୍ତି। ମଧ୍ୟାହ୍ନ ପ୍ରାୟ ବାରଟା ସମୟରେ ବାନାମ୍ବର ଘୁଷୁରି ଚରାଇବାକୁ କୋଷିଦା ଆଡ଼େ ଯାଉଥିଲେ। ଏହି ସମୟରେ ସେ ଆଦିମାତା ମଠ ପରିସର ଦେଇ ଘୁଷୁରି ନେଇଯାଇଥିଲେ। ବାବା ପ୍ରହଲ୍ଲାଦ ଏହାକୁ ବିରୋଧ କରିବାରୁ

■ ଅନ୍ୟ ଏକ ଗାଁରୁ ଅଭିଯୁକ୍ତ ଧରାପଡ଼ିଲେ
■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏନେଇ ବାନାମ୍ବର ତାଙ୍କୁ ହତ୍ୟା ଧମକ ଦେବା ସହ ୪ କିଲୋମିଟର ଦୂରରେ ଥିବା ଘରକୁ ଫେରିଆସି ଏକ କଟୁରି ନେଇ ପୁଣି ମଠ ଆଡ଼େ ଯାଇଥିଲେ। ସେତେବେଳେ ବାବା ପ୍ରହଲ୍ଲାଦ ମଠ ପରିସରରେ ଥିବା ଏକ ଅର୍ଦ୍ଧ ନିର୍ମିତ ଘର ଚଟାଣ ଉପରେ ବସି ଖାଉଥିଲେ। ଏହିସମୟରେ ବାନାମ୍ବର ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ବାବା ପରିବାର ସଦସ୍ୟଙ୍କୁ ଡାକ ପକାଇବାବେଳକୁ ବାନାମ୍ବର ତାଙ୍କ ବେକକୁ କଟୁରିରେ ଆକ୍ରମଣ କରି ଧାନବିଲ ଦେଇ ନିକଟରେ ଥିବା ଓରଡ଼ାଙ୍ଗ ଗାଁ ଆଡ଼କୁ ପଳାଇଥିଲେ। ଫଳରେ ଘଟଣାସ୍ଥଳରେ ବାବାଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ବାନାମ୍ବରଙ୍କ ପିଛା କରି ଓରଡାଙ୍ଗ ଗାଁରୁ ଧରିଥିଲେ। ଥାନାରେ ଖବର ଦିଆଯିବା ପରେ ପୋଲିସ ପହଞ୍ଚି ବାନାମ୍ବରଙ୍କୁ ଥାନାକୁ ନେବା ସହ ମୃତଦେହ ଜବତ କରିଛି। ଏଥିସହ ଥାନାରେ ମାମଲା (ନଂ. ୫୬୯/୨୩) ରୁଜୁ ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସଲୀଳ କୁମାର ପ୍ରଧାନ କହିଛନ୍ତି।

# କାମିଆ ଜାନିଙ୍କୁ ନେଇ ଟାର୍ଗେଟକଲା ଭାଜପା

ଭୁବନେଶ୍ୱର, ୨୨।୧୨(ସୁନିତ୍ ମିଶ୍ର)

ଗୋମାଂସ ଖାଇ ସାମାଜିକ ଗଣମାଧ୍ୟମ ବ୍ଲଗର କାମିଆ ଜାନି ଜଗନ୍ନାଥଙ୍କ ମନ୍ଦିରକୁ ପଶିଥିବା ଭାଜପା ଅଭିଯୋଗ କରିଛି। ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଥିବା ଭିଡିଓରୁ ସ୍ପଷ୍ଟ ପ୍ରମାଣିତ ହେଉଛି, କାମିଆଙ୍କୁ ବିଜେଡି ନେତା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରାଇଥିଲେ। ତାଙ୍କୁ ନେଇ ମହାପ୍ରଭୁଙ୍କ ମହାପ୍ରସାଦ ମଧ୍ୟ ଖୁଆଇଲେ। ଏହା ସାରା ଓଡ଼ିଶାର ଲୋକଙ୍କୁ ବ୍ୟସ୍ତ ବିବ୍ରତ କରିଛି। ତାଙ୍କ ଶ୍ରୀମନ୍ଦିର ଗସ୍ତ ସମୟରେ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲା ପ୍ରଶାସନ ମନ୍ଦିର ପାଖରେ କାହିଁକି ଉପସ୍ଥିତ ଥିଲେ ଏବେ ରାଜ୍ୟବାସୀ ଏହାର ଉତ୍ତର ଚାହୁଁଛନ୍ତି। କାମିଆ ନିଜର ଅନେକ ଭିଡିଓରେ ଗୋମାଂସ ଖାଇବା କଥା ଖୋଲାଖୋଲି ଭାବେ ଘୋଷଣା କରିଥିବାବେଳେ ତାଙ୍କୁ ଡାକି କାହିଁକି ପବିତ୍ର ଜଗନ୍ନାଥ ମନ୍ଦିର ଭିତରେ ପ୍ରବେଶ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା ଏହାର ଉତ୍ତର ରାଜ୍ୟ ସରକାରଙ୍କୁ ଦେବାକୁ ପଡ଼ିବ ବୋଲି ଅନିଲ କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବିଜେଡି ପାଲଟା ବିରୋଧୀଙ୍କୁ ଟାର୍ଗେଟ କରିବା ପରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ତାଙ୍କ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ବିଜେଡି ନେତାମାନେ ଯେତେଥର ସତକୁ ଲୁଚାଇବାକୁ ଚେଷ୍ଟା କରିବେ ସେତେଥର ଧରାପଡ଼ିବେ। ଏହି କଥାରେ କ'ଣ ପ୍ରମାଣ କରିବାକୁ ଶାସକ ଦଳ ନେତାମାନେ ଚାହୁଁଛନ୍ତି। ଜଗନ୍ନାଥ ସଂସ୍କୃତିର ରକ୍ଷା କରିବା ଦାୟିତ୍ୱ ସମସ୍ତଙ୍କର। ମହାପ୍ରସାଦ ରେଷ୍ଟୁରାଣ୍ଟର କୌଣସି ଆଇଟମ୍ ନୁହେଁ ଯେ ଏହାର ପ୍ରଚାରପ୍ରସାର କରିବା ଦରକାର ବୋଲି ସେ ଉଲ୍ଲେଖ କରିଛନ୍ତି।

# ୩ ସନ୍ତାନ ଥିବାରୁ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କଲେ ଅଦାଲତ

ବୌଦ୍ଧ/କନ୍ଧମାଳ/ ଘଣ୍ଟାପଡ଼ା, ୨୨।୧୨ (ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର/ ପ୍ରଭାତ କୁମାର ସାହୁ)



ଆବେଦନକାରୀ ପ୍ରଭାସିନୀ ଖଟୁଆ।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ସରପଞ୍ଚ ନିର୍ବାଚନୀ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଣ୍ଟାମାଳ ସିଭିଲ ଜଜ୍ ଜୁନିୟର ଡିଭିଜନର ବିଚାରପତି ସତ୍ୟନାରାୟଣ ଦାସ ବିଚାରକରି ସରପଞ୍ଚ ସୁନୀତା ମାଝିଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଆବେଦନକାରୀ ପ୍ରଭାସିନୀ ଖଟୁଆଙ୍କୁ ବିଜୟୀ ଘୋଷଣା କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଖୁଣ୍ଟିଗୋରା ସରପଞ୍ଚ ପଦବୀ ପାଇଁ ସୁନୀତା ଓ ପ୍ରଭାସିନୀଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସୁନୀତା ବିଜୟ ଲାଭ କରିବା ପରେ ପ୍ରଶାସନ ପକ୍ଷରୁ ଖୁଣ୍ଟିଗୋରା ସରପଞ୍ଚ ଘୋଷିତ ହୋଇଥିଲେ। ତାଙ୍କର ତିନୋଟି ସନ୍ତାନ ଥିବା ନେଇ ପ୍ରଭାସିନୀ ଅଦାଲତରେ ଏକ ମାମଲା ଦାଏର କରି ସୁନୀତାଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ନିବେଦନ କରିଥିଲେ। ଅଦାଲତ ପ୍ରଭାସିନୀଙ୍କ ପିଟିଶନକୁ ଗ୍ରହଣ କରି ମାମଲାର ବିଚାର କରିଥିଲେ। ଅଦାଲତ ଉଭୟ ପକ୍ଷଙ୍କ ସାକ୍ଷୀ ଓ ଦସ୍ତାବିଜକୁ ଆଧାର କରି ଶୁକ୍ରବାର ସରପଞ୍ଚ ସୁନୀତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଦଲାଲ ଓ କୈଳାସ ବାରିକ ମାମଲା ପରିଚାଳନା କରୁଥିଲେ।

# ପୂର୍ବତନ ସିଡିଏମ୍‌ଓଙ୍କୁ ଛୁରାମାଡ଼

ଭଦ୍ରକ,୨୨।୧୨ (ସନାତନ ରାଉତ)



ଛୁରାମାଡ଼ରେ ଗୁରୁତର ଡା. ରଘୁନାଥ ପାଢ଼ୀ।

ଯାଜପୁରର ପୂର୍ବତନ ସିଡିଏମ୍‌ଓ (ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ) ଡା. ରଘୁନାଥ ପାଢ଼ୀ(୭୦)ଙ୍କୁ ଶୁକ୍ରବାର ଭୋର ସମୟରେ ଛୁରାମାଡ଼ କରାଯାଇଛି। ଭଦ୍ରକ ସହର ଚାରିଘରିଆସ୍ଥିତ ତାଙ୍କ ବାସଭବନରେ ଏହି ଘଟଣା ଘଟିଛି। ଜଣେ ଦୁର୍ବୃତ୍ତ ତାଙ୍କ ଘରେ ପଶି ଛୁରାମାଡ଼ କରିଥିବା ବେଳେ ଗୁରୁତର ଅବସ୍ଥାରେ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ଡା. ପାଢ଼ୀଙ୍କ ଘରେ ପହଞ୍ଚି ସନ୍ଧାନୀ କୁକୁର ସହ ତଦନ୍ତ କରିଛନ୍ତି। ସନ୍ଦେହରେ ୨ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ଏନେଇ ତାଙ୍କ ସମ୍ପର୍କୀୟ କ୍ଷୀରୋଦ ବିହାରୀ ଦାଶଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୬୮୩/୨୩) ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଡା. ପାଢ଼ୀ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ପାଢ଼ୀ ଘରେ ଥିଲେ। ଭୋର ୪ଟା ବେଳେ ଘର ଭିତରେ ଜଣେ ବ୍ୟକ୍ତି ପଶିଥିବା ସେ ଦେଖିଥିଲେ। ପାଟି କରିବାରୁ ଉକ୍ତ ବ୍ୟକ୍ତି ତାଙ୍କ ପେଟ, ବାହୁ, ଛାତି ଓ ଜଙ୍ଘକୁ ୭ଥର ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ସେ ଘଟଣା ବିଷୟରେ ତାଙ୍କ ସମ୍ପର୍କୀୟ

■ ଚୋରି ଉଦ୍ଦେଶ୍ୟରେ ଆକ୍ରମଣ ସନ୍ଦେହ, ଥାନାରେ ୨ ଅଟକ
■ ପୂର୍ବରୁ ମଧ ଆକ୍ରମଣ ହୋଇଥିଲା

ସୁରେଶ ବେହେରାଙ୍କୁ ଫୋନ୍‌ରେ ଜଣାଇଥିଲେ। ସମ୍ପର୍କୀୟ ପହଞ୍ଚିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୁରେଶଙ୍କ କହିବା ଅନୁଯାୟୀ, ସେ ପହଞ୍ଚିବା ବେଳକୁ ଡା. ପାଢ଼ୀ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିଲେ। ଛୁରାମାଡ଼ ଯୋଗୁ ତାଙ୍କ ଦେହରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପୂର୍ବରୁ ତାଙ୍କ ଘରୁ ୫ ଥର ଚୋରି ହୋଇଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। କେହି ଜଣେ ଆକ୍ରୋଶମୂଳକ ଭାବେ ବାରମ୍ବାର ଆକ୍ରମଣ କରୁଥିବା ସନ୍ଦେହ ହେଉଛି। ଏହି ଛୁରାମାଡ଼ ଚୋରି ଉଦ୍ଦେଶ୍ୟରେ ହୋଇଥିବା ସନ୍ଦେହ କରାଯାଉଛି। ସେ ଜଣେ ଭଲ ଡାକ୍ତର ଏବଂ ମାଗଣାରେ ରୋଗୀ ସେବା ଯୋଗାଇଥାନ୍ତି। ତାଙ୍କ ପରି ଜଣେ ଡାକ୍ତରଙ୍କୁ ଛୁରାମାଡ଼ ଏବଂ ବାରମ୍ବାର ଆକ୍ରମଣକୁ ନିନ୍ଦା କରିଛନ୍ତି ଭାରତୀୟ ଡାକ୍ତର ସଂଘ ଉପଦେଷ୍ଟା ଡା. ହରେକୃଷ୍ଣ ନାୟକ। ଖବରପାଇ ଡା. ପ୍ରଦୀପ ନାୟକ, ଯୁବନେତା ପଙ୍କଜ ବଳ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସନ୍ଧ୍ୟାରେ ସଂଘର କର୍ମକର୍ତ୍ତାମାନେ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଲା

ରାଉରକେଲା,୨୨।୧୨(ସଙ୍ଗୀତା ଜେନା)

ସ୍ମାର୍ଟସିଟି ରାଉରକେଲାରେ ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏଥିଯୋଗୁ ପ୍ରତିଦିନ କେହି ନା କେହି ମୃତ୍ୟୁମୁଖରେ ପଡୁଛନ୍ତି। ଗୁରୁବାର ସୁଦ୍ଧା ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା ୧୧ ଥିଲା। ତେବେ ବିଳମ୍ବିତ ରାତିରେ ବେଦବ୍ୟାସସ୍ଥିତ ଜେପି ହସ୍ପିଟାଲରେ ଆଉ ଜଣଙ୍କ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ୧୨ରେ ପହଞ୍ଚିଛି। ମୃତକ ହେଲେ ପଙ୍କଜ ମଣ୍ଡଳ(୪୨) ଏବଂ ସେ ପାୱାର ହାଉସ ବାସିନ୍ଦା। ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ହାଇଟେକ୍ ହସ୍ପିଟାଲ ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ଗୁରୁବାର ରାତିରେ ସେ ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ଅଶୋକ ପାଇକରାୟଙ୍କ ନେତୃତ୍ୱରେ ୧୮ ଜଣିଆ ଚିକିତ୍ସକ ଦଳ ସଂକ୍ରମିତଙ୍କ ଚିକିତ୍ସାରେ ନିୟୋଜିତ ହୋଇଛନ୍ତି।


**CLASSIFIED DISPLAY**

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସିସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଅଷ୍ଟମ ଜନ୍ମବାର୍ଷିକ ଶୁଭେଚ୍ଛା**



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
କେନ୍ଦୁବିଲ୍ୱ (ଖୋର୍ଦ୍ଧା)
ଆଜି ତୋର ଅଷ୍ଟମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଜଗନ୍ନାଥ ତୋତେ ହସଖୁସିରେ ରଖିବା ସହିତ ତୋ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ। ତୋ ଚଲାପଥ ସର୍ବଦା କୁସୁମିତ ହେଉ, ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଆମର ଏତିକି ପ୍ରାର୍ଥନା।
Your Loving Baba & Sweet Mama
ଧ-୨୦୬୩

**ସ୍ମୃତିରେଖା ନାୟକଙ୍କ ପିଏଚ୍.ଡି. ପ୍ରାପ୍ତି**



ଯାଜପୁର ଶିକ୍ଷାମଣ୍ଡଳର ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତୀ ସ୍ମୃତିରେଖା ନାୟକଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ଡକ୍ଟର ସ୍ମୃତିରେଖା ନାୟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଶରତ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Effectiveness of concept mapping strategy for enhancing learning performance in Life Science and Scientific reasoning ability" ଉପସ୍ଥାପନ କରି ଏହି ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଗବେଷଣାତ୍ମକ ସନ୍ଦର୍ଭଟି ଚେୟାରମ୍ୟାନ୍ ଜାତୀୟ ମୁକ୍ତ ବିଦ୍ୟାଳୟ (NIOS) ପ୍ରଫେସର ସରୋଜ ଶର୍ମା ଏବଂ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୋପାଳର ପ୍ରଫେସର ରତ୍ନମାଳ ଆର୍ଯ୍ୟଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ନାୟକ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ଅନ୍ତର୍ଗତ ହାଟସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଧିକାରୀ ନାୟକ ଏବଂ ଶ୍ରୀମତୀ ହେମଲତା ନାୟକଙ୍କ ଏକମାତ୍ର କନ୍ୟା ଏବଂ ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମୋହନପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦୁର୍ଗାଚରଣ ସାମଲ ଓ ଶ୍ରୀମତୀ ବୈଦେହି ସାମଲଙ୍କ ପୁତ୍ରବଧୂ ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ସ୍ୱାମୀ ଶ୍ରୀଯୁକ୍ତ ସତ୍ୟବ୍ରତ ସାମଲ, ଅଧକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଲିଅନ୍ତା ଖୋର୍ଦ୍ଧାଙ୍କୁ ପ୍ରଦାନ କରିବା ସହ ଏହି ସଫଳତା ପାଇଁ ଭାଇ ଶ୍ରୀଯୁକ୍ତ ଦୀପକ କୁମାର ନାୟକ, କନ୍ୟା ସୁଲଗ୍ନା, ପୁତ୍ର ସ୍ୱରାଜ, ପରିବାରବର୍ଗ, ବନ୍ଧୁ, ଶୁଭେଚ୍ଛୁ ଏବଂ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।
ଧ-୨୦୭୯


# Classified Everyday
0674-2580101, 2549949



REAL ESTATE
**SALE**

Duplex sale at Bhubaneswar @57 lakhs only. Contact- 9777433701. D-75284

**Commercial plot, facing to NH Road Nakhara to Niali NH 10000sqft., 3sides road, residential cum commercial plot 3250sft., Residential plot in a Brahmin Complex 5700sft., Residential plot near Petal English Medium School 650/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75082

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919


**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





**Godown Space available 7500sqft. in Pratap Nagari At Back Side of Petrol Pump. 9601582967.** D-2012




Newly open Jyoti Spa positively health benefits (Expert Therapist). 8458067955. D-75179

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Newly open Spa positively health benefit with expert. Contact: 7749976301. D-2073


**AFFIDAVIT**

I, Biswanath Pradhan sworn an affidavit before the P.K. Dalabehera on 21.12.2023 Notary Public, Bhubaneswar I hereby declare that Biswanath Pradhan and N. Biswanath is one and same person i.e. myself. D-2082


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


ମୁଁ ମୀନଲ ଚନ୍ଦ୍ରକାନ୍ତ ଘେଲାନି, ସ୍ୱାମୀ: ଭାବିକ ମେହତା, ବାସିନ୍ଦା: ମେହତା ହାଉସ୍, ଗଙ୍ଗାମନ୍ଦିର ରୋଡ୍, ପୋଷ୍ଟ: ବକ୍ସି ବଜାର, ଦରଘା ବଜାର, କଟକ- ୭୫୩୦୦୧ (ଓଡ଼ିଶା), ତା ୦୯।୦୮।୨୦୧୮ରିଖର ସତ୍ୟପାଠ ଜରିଆରେ ମୋ ନାମକୁ ମୀନଲ ଚନ୍ଦ୍ରକାନ୍ତ ଘେଲାନିରୁ ମୀନଲ ମେହତାକୁ ପରିବର୍ତ୍ତନ କରିଛି। ଧ-୨୦୭୭


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LOST**

ସିଆଇଏସ୍‌ଏଫ୍ ୟୁନିଟ୍ ଠିକଣା: ସିଆଇଏସ୍‌ଏଫ୍ ନଂ.-୨୨୦୫୦୩୭୫୮, ପାହ୍ୟା: କନଷ୍ଟେବଳ/ଜିଡ଼ି, ନାମ: ରେଲ୍ଲି ବଳରାମ, ସିଆଇଏସ୍‌ଏଫ୍ ୟୁନିଟ୍: ସିସିଏଲ୍ ଏନ୍‌କେ ଏବଂ ପିପରୱାର, ପୋଷ୍ଟ: ଡାକ୍ରା, ଜିଲ୍ଲା: ରାଞ୍ଚି, ରାଜ୍ୟ: ଝାଡ଼ଖଣ୍ଡ, ପିନ୍‌କୋଡ୍: ୮୨୯୨୦୯, ଫୋନ୍ ନଂ.- ୯୪୯୧୨୧୮୮୭୨। ମୁଁ ତା ୧୬।୧୨।୨୦୨୩ରିଖ ଦିନ କଟକ ରେଳ ଷ୍ଟେଶନରୁ ଭୁବନେଶ୍ୱର ଧାନବାଦ ଏକ୍ସପ୍ରେସ୍ (୦୨୮୩୨) ଟ୍ରେନ୍‌ରେ ଚଢ଼ିଥିଲି। ଉକ୍ତ ଟ୍ରେନ୍‌ରେ ବର୍ଥ ନମ୍ବର ଏସ୍ ୨୪୮ରେ ଯାତ୍ରା କରୁଥିବା ସମୟରେ ଅନୁଗୁଳ ଏବଂ ସମ୍ବଲପୁର ସିଟି ଷ୍ଟେଶନ ମଧ୍ୟରେ ମୋର କଳା ରଙ୍ଗର ସଫାରୀ ବ୍ୟାଗ୍‌ଟି ହଜି ଯାଇଥିଲା। ଉକ୍ତ ବ୍ୟାଗ୍‌ରେ ମୋର ୧୦ମ ସାର୍ଟିଫିକେଟ୍, ଇଣ୍ଟର ସାର୍ଟିଫିକେଟ୍, ସିଆଇଏସ୍‌ଏଫ୍ ପରିଚୟ ପତ୍ର, ପିଆର୍‌ଏନ୍ କାର୍ଡ, ସିଆଇଏସ୍‌ଏଫ୍ ସମ୍ବନ୍ଧୀୟ ସର୍ଭିସ ରେକର୍ଡ ଏବଂ ପୋଷାକ, ଜୋତା ଆଦି ଥିଲା। ଯଦି କେହି ସେହି ବ୍ୟାଗ୍‌ଟିକୁ ପାଇଥାନ୍ତି ଦୟାକରି ନିମ୍ନପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରନ୍ତୁ। ଦ୍ରଷ୍ଟବ୍ୟ: ମୋ ବ୍ୟାଗ୍ ଫେରାଇଥିବା ବ୍ୟକ୍ତିଙ୍କୁ ୫୦୦୦ଟଙ୍କାର ପୁରସ୍କାର ଦିଆଯିବ। ନାମ: ରେଲ୍ଲି ବଳରାମ। ମୋବାଇଲ ନଂ.-୯୪୯୧୨୧୮୮୭୨, ୯୩୯୨୧୨୫୩୩୫. ଧ-୨୦୭୮

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱ.ନାରାୟଣ ଚନ୍ଦ୍ର ମଲ୍ଲିକ
(ଏଲ୍‌ଆଇସି ବ୍ରାଞ୍ଚ ମ୍ୟାନେଜର)
ସିଂହଗାଁ, କେନ୍ଦ୍ରାପଡ଼ା
ଆବିର୍ଭାବ : ତା ୨୭.୦୬.୧୯୬୭
ତିରୋଧାନ : ତା ୦୪.୧୨.୨୦୨୨
ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ସ୍ନେହ,ଶ୍ରଦ୍ଧା, ପ୍ରେମ, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟ ପରାୟଣତାର ପ୍ରତିମୂର୍ତ୍ତି ଥିଲ। ଯାହା ଲେଖିଲେ ବି ତୁମ ପାଇଁ କମ୍ ହେବ। ସମସ୍ତଙ୍କୁ ନେଇ ଖୁସି ହେବା ମଣିଷ ଆଜି ଈଶ୍ୱରଙ୍କ ନିକଟସ୍ଥ ହୋଇଗଲ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୨୦୮୪



ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲର ଅତ୍ୟାଧୁନିକ ବିଲ୍ଡିଂ (ସମ୍ପ୍ରସାରଣ ଅଂଶ)ର ଅନାବରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଳିଙ୍ଗ ହସ୍ପିଟାଲ ଲିମିଟେଡ୍ (କେଏଚ୍ଏଲ୍)ର ୨୦୨୪ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଛି। ଏହି ଅବସରରେ କେଏଚ୍ଏଲ୍ର ବୋର୍ଡ କର୍ତ୍ତୃପକ୍ଷଙ୍କ ସମେତ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୨୨।୧୨

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୪୨(୨୪୧.୮୬) ପଏଣ୍ଟ ବଢ଼ି ୭୧,୧୦୭(୭୧,୧୦୬.୯୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୯୪ (୯୪.୩୫) ପଏଣ୍ଟ ବୃଦ୍ଧି ଘଟି ୨୧,୩୪୯ (୨୧,୩୪୯.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ଟାଟା ଷ୍ଟିଲ୍କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର



ଭୁବନେଶ୍ୱର,୨୨।୧୨

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଲାଭ କରିଛି। ଏପରିକି ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍ଭାଇରମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍) ପକ୍ଷରୁ ଟାଟା ଷ୍ଟିଲ୍କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି କଟକ ଆଠଗଡ଼ ଓ ଗଞ୍ଜାମ ଗୋପାଳପୁରଠାରେ ଥିବା ଟାଟା ଷ୍ଟିଲ୍ର ଫେରୋ କ୍ରୋମ ପ୍ଲାଣ୍ଟକୁ ଯଥାକ୍ରମେ ପ୍ଲାଟିନମ୍ ଓ ଗୋଲ୍ଡ ବର୍ଗରେ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଆଇକ୍ୟୁଇଏମ୍ଏସ୍ ପକ୍ଷରୁ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୩ ଅବସରରେ ଟାଟା ଷ୍ଟିଲ୍କୁ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ଦିଆଯାଇଛି। ଅପରପକ୍ଷରେ ଗତ ବର୍ଷର ପ୍ରଦର୍ଶନ ପାଇଁ ଉଭୟ ପ୍ଲାଣ୍ଟକୁ ଉପରୋକ୍ତ ପୁରସ୍କାର ଟାଟା ଷ୍ଟିଲ୍ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍ଏମ୍ଡି) ଅଧୀନରେ କାର୍ଯ୍ୟ କରୁଥିବା ଉକ୍ତ କାରଖାନାଗୁଡ଼ିକ ସୁରକ୍ଷା ଏବଂ ପରିଚାଳନାରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାରେ ଉଲ୍ଲେଖନୀୟ ସଫଳତା ପାଇଁ ଉକ୍ତ ସମ୍ମାନଜନକ ପୁରସ୍କାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ, ହୋମ୍ଗାର୍ଡର କମାଣ୍ଡାଣ୍ଟ ଜେନେରାଲ ତଥା ବେସାମରିକ ସୁରକ୍ଷା ନିର୍ଦ୍ଦେଶକ ଡ.ସୁଧାଂଶୁ ଷଡ଼ଙ୍ଗୀଙ୍କଠାରୁ ଆଠଗଡ଼ସ୍ଥିତ ଫେରୋକ୍ରୋମ ପ୍ଲାଣ୍ଟର ମୁଖ୍ୟ ବାଥୁଲା ଶ୍ରୀନିବାସ ପ୍ଲାଟିନମ୍ ପୁରସ୍କାର ଏବଂ ଗୋପାଳପୁରସ୍ଥିତ ଫେରୋକ୍ରୋମ ପ୍ଲାଣ୍ଟର ମୁଖ୍ୟ ଅଟ୍ଲା ରାମବାବୁ ଗୋଲ୍ଡ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ର ଏକ୍ଜିକ୍ୟୁଟିଭ୍ ଇନ୍ଚାର୍ଜ (ଏଫ୍ଏମ୍ଡି) ପଙ୍କଜ ସତିଜା କହିଛନ୍ତି, ଆମର ସୁରକ୍ଷା ପଦକ୍ଷେପକୁ ସ୍ୱୀକୃତି ଦେବା ଏବଂ ଏଭଳି ଏକ ସମ୍ମାନଜନକ ପୁରସ୍କାରରେ ଆମକୁ ସମ୍ମାନିତ କରିଥିବାରୁ ମୁଁ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଉଛି। ବିଶେଷକରି ଏହା ନିଶ୍ଚିତ ଭାବେ ଆମ ଟିମ୍କୁ ପରିଚାଳନାରେ ସର୍ବୋଚ୍ଚ ନିରାପତ୍ତା ମାନଦଣ୍ଡ ସୁନିଶ୍ଚିତ କରିବା ଦିଗରେ ଏହା ଆମର ପ୍ରୟାସକୁ ଆଗକୁ ବଢ଼ାଇବାକୁ ପ୍ରେରଣା ଦେବ।

# ଓଏନ୍ଡିସି ସହ ମେଟାର ସହଭାଗିତା



ଭୁବନେଶ୍ୱର,୨୨।୧୨

ଓପନ ନେଟ୍ୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍ଡିସି) ଏବଂ ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ମେଟା (ଫେସ୍ବୁକର ପ୍ୟାରେଣ୍ଟ କମ୍ପାନୀ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି କ୍ଷୁଦ୍ର ବ୍ୟବସାୟକୁ ଡିଜିଟାଲ ଜ୍ଞାନକୌଶଳ ଜରିଆରେ ସାହାଯ୍ୟ କରିବାକୁ ଓଏନ୍ଡିସି ଏବଂ ମେଟା ଏକ ମିଳିତ ସହଭାଗିତା ଆରମ୍ଭ କରିଛନ୍ତି। ଏହି ସହଭାଗିତା ଆରମ୍ଭ କରିବାକୁ ଆସନ୍ତା ୨ବର୍ଷ ମଧ୍ୟରେ ୫ଲକ୍ଷ ଏମ୍ଏସ୍ଏମ୍ଇ ମଧ୍ୟ ମେଟା କ୍ଷୁଦ୍ର ବ୍ୟବସାୟ ଏକାଡେମୀ ମାଧ୍ୟମରେ ଡିଜିଟାଲ ଭାବେ ଉନ୍ନତ ହେବେ। ଏପରିକି ସମଗ୍ର ଦେଶରେ ୧୦ନିୟୁତ କ୍ଷୁଦ୍ର ବ୍ୟବସାୟକୁ ଉନ୍ନତ କରିବା ପାଇଁ ମେଟାର ପ୍ରତିବଦ୍ଧତା ରହିଛି।

ଏ ସମ୍ପର୍କରେ ଓଏନ୍ଡିସିର ଏମ୍ଡି ଏବଂ ସିଇଓ ଟି. କୋଶି କହିଛନ୍ତି, ଆମେ ଡିଜିଟାଲ ପରିଦୃଶ୍ୟକୁ ତ୍ୱରାନ୍ୱିତ ଏବଂ ଗଣତାନ୍ତ୍ରିକ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେହି ଦିଗରେ ଆମେ ଏମ୍ଏସ୍ଏମ୍ଇଗୁଡ଼ିକୁ ସଶକ୍ତ କରିବାକୁ ପ୍ରୟାସ କରୁଛୁ। ଏପରିକି ଡିଜିଟାଲ ଦୃଶ୍ୟମାନତା ସୃଷ୍ଟି କରିବାରେ ଏବଂ ସେମାନଙ୍କ ବ୍ୟବସାୟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ।

# ରଶ୍ମିକା ବିସ୍କ ଫାର୍ମର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୨।୧୨ (ଅଭୟ ଦାଶ)

ଦେଶର ଅଗ୍ରଣୀ ବିସ୍କୁଟ୍ ଓ ବେକରି ବ୍ରାଣ୍ଡ ବିସ୍କ ଫାର୍ମର ନୂଆ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ରଶ୍ମିକା ମନ୍ଦାନାଙ୍କୁ ନିଯୁକ୍ତ କରାଯାଇଛି। ଏପରିକି କମ୍ପାନୀର 'ରସ୍କିଟ୍' ବ୍ରାଣ୍ଡର ପ୍ରଚାର ଅଭିଯାନରେ ରଶ୍ମିକାଙ୍କୁ ଦେଖିବାକୁ ମିଳିବ। ବିଶେଷକରି ନବସୃଜନ,ଗୁଣାତ୍ମକ ମାନ ଓ ସ୍ୱାଦ ଲାଗି ପରିଚିତ ବିସ୍କ ଫାର୍ମ ରଶ୍ମିକାଙ୍କ ସହ ମିଶି ବଜାରରେ ଏକ ଭିନ୍ନ ଧରଣର ଉତ୍ସାହ ସୃଷ୍ଟି କରିବ। ସ୍ୱାଦ ଜରିଆରେ ଗ୍ରାହକମାନଙ୍କ ଠାରେ ଖୁସି ଓ ଉଲ୍ଲାସ ଆଣିବା ଲାଗି ବିସ୍କ ଫାର୍ମ ପ୍ରତିବଦ୍ଧ ଥିବାବେଳେ ରସ୍କ ବର୍ଗ କମ୍ପାନୀର ରାଜସ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁ ବୋଲି କମ୍ପାନୀ ଚାହୁଁଛି। ଆଗୁଆ ବଜାରକୁ ଆସିଥିବାରୁ ବିସ୍କ ଫାର୍ମ ରସ୍କିଟ୍ ବେଶ୍ ସଫଳ ହୋଇଛି। ବିସ୍କ ଫାର୍ମର ପରିଚାଳନା ନିର୍ଦ୍ଦେଶକ ବିଜୟ ସିଂହ କହିଛନ୍ତି, ରଶ୍ମିକା ମନ୍ଦାନାଙ୍କୁ ଆମର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ଦେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବିସ୍କ ଫାର୍ମ ପରିବାରକୁ ମନ୍ଦାନାଙ୍କୁ ସ୍ୱାଗତକରି ଆମେ ଆନନ୍ଦିତ, ତାଙ୍କର ଅଦୃଶ୍ୟ ଏବଂ ବ୍ୟାପକ ଆକର୍ଷଣ ବିସ୍କ ଫାର୍ମର ଭାବନାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ କରୁଛି, ନୂଆ ପିଢ଼ିର ଗ୍ରାହକଙ୍କ ସହ ତାଙ୍କର ଦୃଢ଼ ସମ୍ପର୍କ ତାଙ୍କୁ ଆମ ବ୍ରାଣ୍ଡକୁ ପ୍ରତିନିଧିତ୍ୱ କରିବା ଏବଂ ପ୍ରମୁଖ ବଜାରରେ ଆମର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ଉପଯୁକ୍ତ ବିକଳ୍ପ କରିପାରିଛି। ରଶ୍ମିକାଙ୍କ ସହ ଏକ ରୋମାଞ୍ଚକର ଯାତ୍ରା ପାଇଁ ଆମେ ଆଶା କରୁଛୁ, ଯେଉଁଥିରେ କାହାଣୀକୁ ଆକାର ଦେବା ସହିତ ଯଥେଷ୍ଟ ରାଜସ୍ୱ ଅଭିବୃଦ୍ଧି ପାଇଁ ସମଗ୍ର ଦେଶରେ ଗ୍ରାହକଙ୍କ ସହ ଗଭୀର ସ୍ତରରେ ଯୋଗାଯୋଗ କରିବାରେ ଏକ ପ୍ରମୁଖ ଅଂଶୀଦାର ଭାବେ ଆମେ ଅପେକ୍ଷା କରିଛୁ।

# ଟାୟାର ୨ ବଜାରରୁ ୮୦% ଅର୍ଡର

ଭୁବନେଶ୍ୱର,୨୨।୧୨

ଇ-କମର୍ସ କମ୍ପାନୀ 'ମିଶୋ' ଚଳିତ ବର୍ଷ ଉଭୟ ଅର୍ଡର ଓ କାରବାରରେ ନୂଆ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀ ଦେଶର ଟାୟାର ୨ ବଜାରରୁ ପ୍ରାୟ ୮୦% ଅର୍ଡର ହାସଲ କରିଥିଲାବେଳେ ଅନ୍ୟୁନ ୧୪ କୋଟି ଗ୍ରାହକଙ୍କ ପାଇଁ କାରବାରକୁ ସୁଗମ କରିଛି। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ମିଶୋ ଦେଶର ସବୁ ଅନୁକୋଣକୁ ଅର୍ଡର ଡେଲିଭରି କରିଛି, ଯେପରିକି ଅମରାବତୀ, ଔରଙ୍ଗାବାଦ, ଡେରାଡୁନ୍, ନେଲୋର, ସୋଲାପୁର, ୱାରଙ୍ଗଲ ଭଳି ଆହୁରି ଅନେକ ଅଗ୍ରଣୀ ଟାୟାର ୨ ବଜାର ସାମିଲ ଅଛନ୍ତି। ମିଶୋ ଭାରତରେ ୧ ନମ୍ବର ଶପିଂ ଆପ୍ ଭାବେ ୨୦୨୩ରେ ୧୪.୫ କୋଟି ଆପ୍ ଡାଉନଲୋଡ୍ର ରେକର୍ଡ ହାସଲ କରିଛି। ପ୍ରତ୍ୟେକ ଉପଭୋକ୍ତା ବିଭିନ୍ନ ପ୍ରକାର ଅଫରଗୁଡ଼ିକ ପାଇଁ ଆପ୍ ଶପିଂରେ ୪୪୯ମିନିଟ୍ ଅତିବାହିତ କରିଛନ୍ତି।


## GOVERNMENT OF ODISHA
email- serwsbd2003@yahoo.com

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA

No.O-1975: **e-Procurement Notice for Road Work**

1. Name of the Work : Restoration of Cement Treated Base Roads constructed in PMGSY under Periodical Maintenance for the financial year 2023-24. (17 Nos).
2. Class of Contractor : "B" & "A" Class of (Odisha PWD) or relevant class of other licensing authority.
3. Estimated Cost : **Varies from Rs.76.89 Lakhs to Rs.361.34 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCER-WCSBD-Online-50/2023-24 | 28.12.2023 at 11.00 A.M. | 11.01.2024 upto 5.30 P.M. | 10.01.2024 upto 2.00 P.M. | 12.01.2024 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0052/2324 **Sd./- Chief Construction Engineer, Rural Works Circle, Sunabeda**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR

Ph.No.-0674-2301787, Fax No.0674-2300965, Email ID:eerw_bbsr@yahoo.co.in

No.Tender-Online-BBSR Divn.-41 Date:19.12.2023

**e-Procurement NOTICE**

**No.O-1979:**1. Name of the Work: Construction of Building Works. 2. Total No. of Projects: 13 Nos. 3.Class of Contractor (As per Works Deptt. Office Memorandum No.12586, dt.09.09.2022). a) Above Rs.20 lakh and upto 3 Crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities. 4. Estimate cost of Individual Projects: Rs.65.00 lakh to Rs.99.98 Lakh. 5. Time for completion: As per Annexure of TCN Column No.06. 6. Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-41 | 26.12.2023 at 11.00 A.M. | 06.01.2024 upto 5.00 PM | 08.01.2024 at 11.00 A.M. | 12.01.2024 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any/ shall only be published in the above website.

OIPR-25189/11/0025/2324 **Sd./- Superintending Engineer, Rural Works Division, BBSR**



CAD-3404

## ଓଡ଼ିଶା ଉଠା ଜଳସେଚନ ନିଗମ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର

ଡିପ୍ ବୋରୱେଲ୍ (ବିଦ୍ୟୁତ ଚାଳିତ/ ସୌର ଚାଳିତ)

ଚାଷୀଭାଇମାନଙ୍କ ଆଗ୍ରହ ଓ ଅନୁରୋଧକ୍ରମେ ଜଣାଇ ଦିଆଯାଉଅଛି ଯେ, "ବିଜୁ କୃଷକ ବିକାଶ ଯୋଜନା- ଡିପ୍ ବୋରୱେଲ୍ ସେଚ କାର୍ଯ୍ୟକ୍ରମ"ରେ ବିଦ୍ୟୁତ ସଂଯୋଗ/ ସୌର ଶକ୍ତି ପମ୍ପ ଜରିଆରେ ଗଭୀର ନଳକୂପ ପ୍ରକଳ୍ପ ସ୍ଥାପନ କରିବା ପାଇଁ online ମାଧ୍ୟମରେ ଦରଖାସ୍ତ ପଞ୍ଜୀକରଣ ଓ ଅଂଶଧନ (Beneficiary share) Union Bank of Indiaର ନିର୍ଦ୍ଧାରିତ ଶାଖାରେ ଦାଖଲ କରିବା ସମୟକୁ ତା.୩୦.୧୨.୨୦୨୩ ରିଖ (ଶନିବାର) ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ପ୍ରକଳ୍ପ ସ୍ଥାପନ ନିମନ୍ତେ ଦରଖାସ୍ତ ଓ ଅନ୍ୟାନ୍ୟ ତଥ୍ୟ website:https://odishalift.com ରେ ଉପଲବ୍ଧ ।

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅବଗତ ହେବାକୁ ଚାଷୀଭାଇମାନଙ୍କୁ ଅନୁରୋଧ କରାଯାଉଅଛି ।

ସ୍ୱା./-ପରିଚାଳନା ନିର୍ଦ୍ଦେଶକ

OIPR-32432/11/0045/2324



No.C-2174:

## OFFICE OF THE GENERAL MANAGER, WATCO PROJECT DIVISION

Email: gmprojectsbp@gmail.com, Tel.No.0663-2411911

**e-Procurement Notice**

Bid Identification No.24/Project/WATCO/SBP/2023-24, Dated.15.12.2023

1. Name of the Work : Civil Sewerage Work
2. Estimated Cost : Rs.88.49 Lakhs
3. Period of Completion : Referred to DTCN
4. No. of Works : 1 No.
5. Tender Paper Cost : Referred to DTCN
6. Class of Contractor : B Class
7. Date & Time of availability of bid document in the portal : 11.00 Hrs. of 21.12.2023 to 17.00 Hrs. of 31.12.2023.
8. Date of Opening of Bid : 12.30 Hrs. on dtd.01.01.2024
9. Name and Address of the O.I.T. : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupalli, Sambalpur, 768005.

Further details can be seen from the e-Procurement portal "https://www.tendersorissa.gov.in."

**Sd./- General Manager**
OIPR-13236/11/0013/2324 **WATCO Project Division, Sambalpur**



## ODISHA STATE ROAD TRANSPORT CORPORATION

Paribahan Bhawan, Sachivalayamarg
Unit-II, Bhubaneswar - 751009, Odisha

No. 371 No. CAD-3400 Dt.: 18.12.2023

**REQUEST FOR PROPOSAL**

**Selection of firms for supply of New Tyres, Tubes, Flaps and Other Store Materials to Central Store, OSRTC, Cuttack**

1. Odisha State Road Transport Corporation (OSRTC) invites application for the above mentioned purpose. Please refer the tender document for details.
2. The tender document shall be available from Dt.22.12.2023 onwards in **www.osrtc.in** web portal. Further intimation (i.e., Corrigendum/Addendum/Responses to the queries/ clarifications) shall be uploaded in the above website only.
3. Applicants are required to submit duly filled proposal as per the prescribed formats on or before 02.01.2024 by 03.00 P.M. in the office of the General Manager (A), OSRTC, Bhawan, Bhubaneswar. The proposals received shall be opened at 04.00 P.M. on 03.01.2024.
4. In case of any queries/clarifications, applicants may contact +91-9938470711 or e-mail at **dgmtosrtc@gmail.com**.
5. OSRTC reserves the right to accept or reject tender process without assigning any reason thereof.

By Order of Chairman-cum-Managing Director
**Sd./- General Manager (Admn.)**
**OSRTC, Bhubaneswar**
OIPR-38002/11/0021/2324



## PANCHAYAT SAMITI OFFICE, ATHMALLIK

Letter No. 4507 Dt.18.12.2023

**TENDER CALL NOTICE**

No. i-543: Sealed Bids as detailed below are invited from the intending reputed firms to the undersigned for Establishment of 04 (Four) Nos. of 10MT Capacity Solar Cold Room under MDH for the Financial Year 2023-24 in 4 Nos. of GPs., i.e. Sanahula, Thakurgarh, Tapdhol and Pedipathar. The intending firms are to submit the sealed Bids for each GP separately with the price of each item/unit to the undersigned by 12.00 A.M. of dated 04.01.2024 by Registered Post/Speed Post which will be opened by the Tender Committee Member at 12.30 P.M. on the same day in the presence of Bidders. The undersigned will place the order after finalization of the rate by the tender committee which will be installed by the supplier within 30 (Thirty) days from the date of issue of supply order.

| Sl. No. | Name of Works | Name of the GP in which the Solar Cold Room to be Established | Maximum Project Cost of the each 10 MT Solar Cold Room with all taxes as admisible by the Govt. of Odisha and Central Govt. (Rs. in lakhs) | Period of Completion |
|---|---|---|---|---|
| 1 | 2 | 3 | 4 | 5 |
| 1 | Establishment of 10 MT capacity Solar Cold Room | Sanahula, Thakurgarh, Tapdhol, Pedipathar | 15.00 | Within 30 (Thirty) days from the date of issue of supply order |

**Terms and Conditions**

1. The bidder shall submit his price in the following format as given in Annexure-I separately for each GP.
2. The separate Annexure-I for one and abvoe GPs may be inserted in one Envelope.
3. The bidder should have got the valid GST licence IT licence.
4. the bidder shall have to submit the Xerox copy of the GST licence along with GST Clearance Certificate and that of PAN Card.
5. The maximum price of the each 10 MT Solar Cold Room along with installation and demonstration including GST and other taxes as admissible is Rs.15.00 lakhs.
6. The successful bidder is to supply the 10 MT Solar Cold Room with establishment thereof within 30 (Thirty) days from the issue of supply order.
7. Payment will be made after succesful establishment, demonstration of the Solar Cold Room by the supplier which will be successfully verified by our Technical team.
8. The TDS as admissible by the Government will be deducted from the bill of the supplier.
9. The undersigned reserves all rights to reject/cancel any quotation without assigning any reason thereof.

**Sd./- Block Development Officer, Athmallik**
OIPR-19091/11/0001/2324



## DIRECTORATE OF MINES & GEOLOGY
## STEEL AND MINES DEPARTMENT
## GOVT. OF ODISHA, BHUBANESWAR

Heads of Department Building, Unit - V, PIN - 751001
Tel. No.: 0674-2391537, Fax No.: 0674-2391684
Email ID: dirmines_odisha@rediffmail.com

No. G-23: The Directorate of Mines & Geology, Odisha, Heads of Department Building, Unit - V, Bhubaneswar - 751001, invites open tender on behalf of the Governor of Odisha, in two bid system (Technical Bid and Price Bid) from reputed Firms/Agencies, fulfilling the eligibility criteria to take up the **"Topographical Survey Works using Electronic Total Stations/DGPS in Different Mineral Exploration Blocks of Odisha" during the year 2023-24 & 2024-25**.

The detail tender/tender document shall be available in the Departmental Website **http://www.odishaminerals.gov.in**. There will be no manual sale of tender document. Interested Firms/Agencies are requested to download the tender document from the website.

A Pre-Bid meeting shall be conducted on **28.12.2023 at 11.30 A.M.** in the Conference Hall of this Directorate of Mines & Geology, Odisha, Bhubaneswar, to clear up any confusion regarding tender details, scope of participation, solicitation of documents and any other specific matter if any.

**Corrigendum/Addendum if required any or any other notice or correspondence related to this process shall be uploaded in the above website. Hence, interested Firms/Agencies are requested to be in continuous touch with the above website, for further updates.**

The Director of Mines & Geology, Odisha, reserves the right to accept/ reject any/all EOIs/Cancel the entire selection process at any stage without assigning any reason thereof.

**IMPORTANT DATES:**

1. Date of Commencement of Process: 21.12.2023/10.00 A.M.
2. Pre-Bid Conference: 28.12.2023 / 11.30 A.M.
3. Closing date of Submission of EOI: 03.01.2024 / 5.30 P.M.
4. Date of Opening of Tender: 04.01.2024 / 12.00 A.M.

**Sd./- Director of Mines & Geology, Odisha**
OIPR-30028/11/0019/2324



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୭୦୪/ଡି.ସି.ପି.ୟୁ/୨୦୨୩ ତାରିଖ: ୧୯।୧୨।୨୦୨୩

No. g-124: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୌଦ୍ଧ ଜିଲ୍ଲା ଖଜୁରିପଡ଼ା ନିକଟରୁ ଏକ ଶିଶୁକନ୍ୟା ପାୟଲ ସବରଙ୍କୁ ଉଦ୍ଧାର କରାଯାଇ, ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ପାଖରେ ଉପସ୍ଥିତ କରାଯାଇଥିଲା। ପରେ ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ରାମକୃଷ୍ଣ ବାଳାଶ୍ରମ ଶିଶୁଯତ୍ନ ଅନୁଷ୍ଠାନଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା କିମ୍ବା ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ)ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବୌଦ୍ଧ, ଫୋନ: ୯୪୩୭୮୨୭୨୫୪ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି, ବୌଦ୍ଧ, ଫୋନ: ୯୪୩୮୨୮୧୬୪୦କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁଟିକୁ ନେଇ ଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନକରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ତଥା Adoption Regulation - 2017 ଅନୁଯାୟୀ ଶିଶୁଟିକୁ ଆଇନତଃ ଦାୟମୁକ୍ତ ଘୋଷଣା କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| ନାମ | ଲିଙ୍ଗ | ଉଦ୍ଧାର ତାରିଖ | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|
| ପାୟଲ ସବର | ଝିଅ | ୨୧।୦୭।୨୦୧୭ | ଖଜୁରିପଡ଼ା, ଥାନା: ବୌଦ୍ଧ |  |

OIPR-24020/11/0002/2324 ସ୍ୱା./- ଜିଲ୍ଲାପାଳ, ବୌଦ୍ଧ


See Career Appointment on every Wednesday & Saturday


## ZILLA SWASTHYA SAMITI, BOUDH

Notification No. 2549 Date: 21.12.2023

**ANNOUNCEMENT**

No. E-658: The recruitment of various post under NHM was published vide Advt. No. 1687 Dt.12.09.2023. The draft database of the applicants of various post under NHM has been published in the district website **(www.boudh.nic.in)** for inviting objection from the candidates. In case of any objection the applicants are requested to bring it to the notice of the undersigned through Speed Post/Courier in prescribed objection format on or before Dt.29.12.2023 by 5.30 P.M. Additional or new testimonials/ documents will not be entertained.

The date of Walk-in-Interview will be hoisted in the district website.

Sd./- CDM&PHO-cum-District Mission Director, Boudh
OIPR-10107/11/0008/2324



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୪୬ **ବିଜ୍ଞାପନ** ତା:୧୧।୧୨।୨୦୨୩

No. CAD-3380: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସତ୍ୟନଗର ହାଉସିଂପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏସ୍.ଇ.-୧୯/୬ (S.E.-19/6)ଟିକୁ ମିଶନାରି ଅଫ୍ ଚାରିଟି - ପ୍ରାଧିକାରୀ କୋଣ୍ଡାପାଲ୍ଲି ମାନ୍ଥୁରା ଭାନି ଷ୍ଟାନି ରୋଜ୍, ମାତା: କୋଣ୍ଡାପାଲ୍ଲି ଡାନିଏଲ, ସା: କ୍ୱାର୍ଟର ନଂ. ୩୪-୧-୧, ମିଶନାରି ଅଫ୍ ଚାରିଟି, ଗଣାପୁରମ, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ, ପିନ୍-୫୩୦୦୦୪ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ମିଶନାରି ଅଫ୍ ଚାରିଟି - ପ୍ରାଧିକାରୀ କୋଣ୍ଡାପାଲ୍ଲି ମାନ୍ଥୁରା ଭାନି ଷ୍ଟାନି ରୋଜ୍ ଉକ୍ତ ଗୃହଟିକୁ ଦାନପତ୍ର ଆଧାରରେ ଶ୍ରୀ ଆଲବର୍ଟ ମଲ୍ଲିକ, ପିତା: ଜକବ ମଲ୍ଲିକ, ସା: କ୍ୱାର୍ଟର ନଂ. ଏସ୍.ଇ.-୧୯/୬, ବ୍ଲକ ନଂ. ୧୯, ସତ୍ୟନଗର ହାଉସିଂ ବୋର୍ଡ଼ କଲୋନୀ, ଥାନା: ଖାରବେଳ ନଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0542/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## କୁମ୍ଭୀର ଆଁରେ ଗଲା ୫ ଜୀବନ



ଚଳିତବର୍ଷ ଜୁନରୁ ଅଗଷ୍ଟ ପର୍ଯ୍ୟନ୍ତ ଅଢେଇ ମାସ ମଧ୍ୟରେ ମଣିଷ-କୁମ୍ଭୀର ଲଢେଇରେ ୫ ଜୀବନ ଯାଇଛି। ଅଗଷ୍ଟ ୩୧ରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ରାଜପୁରଠାରେ ମଇଁଷୀ ଚରାଳି ଭାସ୍କର ରାଉତଙ୍କୁ ବ୍ରାହ୍ମଣୀ ନଦୀକୂଳରେ କୁମ୍ଭୀର ଟାଣି ନେଇ ଖାଇଥିଲା। ଏହା ପୂର୍ବରୁ ଜୁନ ୧୪ରେ ନିମପୁର ଗାଁର ନାବାଳକ ଆଶୁତୋଷ ଆଚାର୍ଯ୍ୟଙ୍କୁ କୁମ୍ଭୀର ଟାଣି ନେଇଥିଲା। ସେହିପରି ଜୁନ ୨୧ରେ ରାଜନଗର ବ୍ଲକ ହାତିଆଗଡି ଗାଁର ବାସନ ମାଜୁଥିବା ମହିଳା ସୀତାରାଣୀ ଦାସ, ଜୁନ ୨୯ରେ ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ଘାଘରାଡ଼ିହ ଗଙ୍ଗାଧର ତରାଇ, ଜୁଲାଇ ୨୭ରେ ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଟପାଳ ପଞ୍ଚାୟତ କୂଳସାହି ଗାଁର ଅମୂଲ୍ୟ ଦାସଙ୍କ ଜୀବନ କୁମ୍ଭୀର ନେଇଥିଲା।

## କମଳା ସାଉଣ୍ଟିଲେ ପ୍ରଶଂସା



କେନ୍ଦ୍ରାପଡ଼ା ସହର ଗୁଲନଗର ଗାଁରେ ୬୮ ବର୍ଷୀୟା କମଳା ମହାରଣା ଅଳିଆରୁ ଜରି, କାର୍ଡବୋର୍ଡ, କାଗଜ, ତୁଳା ଆଦିକୁ ସଂଗ୍ରହ କରି ବାସ୍କେଟ, ମୋବାଇଲ ଷ୍ଟାଣ୍ଡ, ରାଖୀ ଆଦି ତିଆରି କରନ୍ତି। ଏଥିସହ ଏକ ଏସ୍ଏସ୍‌ଜି ଗଠନ କରି ମହିଳାଙ୍କ ଦ୍ୱାରା ଏହି ସାମଗ୍ରୀ ତିଆରି କରି ବିକ୍ରି କରିଥାନ୍ତି। ଫେବୃୟାରୀ ୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ କି ବାତ୍‌ରେ ବର୍ଜ୍ୟବସ୍ତୁରୁ ଧନ ଅର୍ଜନ ସମ୍ପର୍କରେ ଉଲ୍ଲେଖ କରିବା ବେଳେ ଗୁଲନଗରର କମଳା ମହାରଣାଙ୍କ କଥା କହିଥିଲେ। ଏହାପରେ ତାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।

## ବଢ଼ିଲେ ଡଲ୍‌ଫିନ୍



ଚଳିତବର୍ଷ ଜାନୁୟାରୀରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରୁ ଖୁସିର ଖବର ମିଳିଥିଲା। ୨୦୧୮ରୁ କ୍ରମାଗତ ହ୍ରାସ ପାଉଥିବା ଡଲ୍‌ଫିନଙ୍କ ସଂଖ୍ୟା ବଢ଼ିଥିଲା। ୨୦୧୮ରେ ୩୦୭, ୨୦୧୯ରେ ୨୧୬, ୨୦୨୦ରେ ୬୨ ଡଲ୍‌ଫିନ୍ ଗହୀରମଥାରେ ଥିଲେ। ୨୦୨୧ରେ ଏହି ସଂଖ୍ୟା ୩୪୨ ରହିଥିବା ବେଳେ ୨୦୨୩ରେ ୫୫୦କୁ ବୃଦ୍ଧି ପାଇଥିଲା , ଯାହା ଚିଲିକାରେ ଥିବା ଡଲ୍‌ଫିନ୍‌ଠାରୁ ଅଧିକ ବୋଲି ବନ ବିଭାଗ କହିଥିଲା।

## ଭିତରକନିକାରେ ୧୭୯ ମ୍ୟାନ୍‌ଗ୍ରୋଭ୍ ପିଟା

ଚଳିତବର୍ଷ ଏପ୍ରିଲରେ ରାଜନଗର ବନଖଣ୍ଡ ଅଧୀନ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ମ୍ୟାନ୍‌ଗ୍ରୋଭ୍ ପିଟା ପକ୍ଷୀର ଗଣନା ହୋଇଥିଲା। ବନଖଣ୍ଡ ମଧ୍ୟରେ ଏମାନଙ୍କ ସଂଖ୍ୟା ୧୭୯ ଥିଲା। ଏଥିପାଇଁ ୩୨ଟି ଟିମ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଜାତୀୟ ଉଦ୍ୟାନ ଭିତରକନିକା ମାହିପୁର ନଦୀ ମୁହାଣରେ ଏହି ପକ୍ଷୀଙ୍କ ସଂଖ୍ୟା ସର୍ବାଧିକ ଥିଲା।



ସରିସରି ଆସୁଛି ୨୦୨୩ର ଦିନ। ପଛରେ ରହିଯାଇଛି ଅନେକ ଅପରାଧ, ଘଟଣା, ଦୁର୍ଘଟଣା, ବାଦ ବିବାଦ। ପାରାଦୀପରେ ଲାଗିଥିବା ଏକ ପଣ୍ୟବାହୀ ଜାହାଜରୁ ୨୨ ପ୍ୟାକେଟ୍ କୋକେନ୍ ଜବତଠାରୁ ଆରମ୍ଭ କରି ଯାଜପୁରରେ ଜଣେ ସନ୍ଦିଗ୍ଧ କଶ୍ମୀର ଆତଙ୍କବାଦୀ ଗିରଫ ହେବା ଘଟଣା ଚଳିତବର୍ଷର ଚର୍ଚ୍ଚିତ ଖବର ଥିଲା। ସେହିପରି ଟ୍ରେନ୍ ଦୁର୍ଘଟଣା, କେନ୍ଦ୍ରାପଡ଼ାର ରସାବଳିକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ଘଟଣା ଚର୍ଚ୍ଚାରେ ରହିଥିଲା। କୁମ୍ଭୀର ମୁହଁରେ ୫ ଜୀବନ ଯିବା ଯେତିକି ଦୁଃଖଦାୟକ ଥିଲା, ଭିତରକନିକାରେ ଡଲ୍‌ଫିନ୍ ସଂଖ୍ୟା ବୃଦ୍ଧି ସେତିକି ସନ୍ତୋଷ ଆଣିଥିଲା।




# ୨୨୦ କୋଟିର କୋକେନ୍



ନଭେମ୍ବର ୩୦ରେ ପାରାଦୀପ ଇଣ୍ଟର ନ୍ୟାଶନାଲ କାର୍ଗୋ ଟର୍ମିନାଲ ବର୍ଥରେ ପାନାମା ଦେଶର ପଣ୍ୟବାହୀ ଜାହାଜ ଏମ୍. ଭି. ଦେବୀରୁ ୨୨ ପ୍ୟାକେଟ୍ କୋକେନ୍ ଜବତ ଘଟଣା ଚଳିତ ବର୍ଷର ଚର୍ଚ୍ଚିତ ଖବର ଥିଲା। ଜବତ କୋକେନ୍‌ର ମୂଲ୍ୟ ୨୨୦ କୋଟି। ଉକ୍ତ ଘଟଣା ପରେ ୪ ତଦନ୍ତକାରୀ ସଂସ୍ଥା ଯାଞ୍ଚ କରିଛି। ହେଲେ ଏତେ ପରିମାଣର କୋକେନ୍ କିଏ କେମିତି ଜାହାଜର କ୍ରେନ୍ ଭିତରେ ରଖିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ମାଦକଦ୍ରବ୍ୟ ଜବତ ହେବା ଘଟଣା ପାରାଦୀପ ବନ୍ଦର ଇତିହାସରେ ପ୍ରଥମ ବୋଲି କୁହାଯାଇଛି।



# ଆଶ୍ରୟ ନେବାକୁ ଯାଇ ଜୀବନ ଗଲା

## ମାଲବାହୀ ବଗିରେ କଟି ୬ ଶ୍ରମିକ ମୃତ

ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଭୟାନକ ଟ୍ରେନ୍ ଦୁର୍ଘଟଣାକୁ ସପ୍ତାହେ ନ ପୂରୁଣୁ ଜୁନ୍ ୭ ତାରିଖରେ ଘଟିଥିଲା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନରେ ଆଉ ଏକ ବଡ଼ ଅଘଟଣ। ମାଲବାହୀ ଟ୍ରେନ୍‌ର ବଗି ତଳେ କଟି ୬ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଯାଜପୁର ଜିଲାରେ ଉକ୍ତଦିନ କାଳବୈଶାଖୀ ଯୋଗୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ରେଳଧାରଣା ମରାମତି କାର୍ଯ୍ୟରେ ନିୟୋଜିତ ୮ଜଣ ଶ୍ରମିକ ଉକ୍ତ ବଗି ତଳେ ଆଶ୍ରୟ ନେଇଥିଲେ। ହେଲେ ସେମାନେ ଜାଣି ନ ଥିଲେ ଯେ ସେହି ଆଶ୍ରୟ ସେମାନଙ୍କ ପାଇଁ କାଳ ହେବ। ଦେଖୁ ଦେଖୁ ପବନ ପ୍ରାୟ ୧୦୦ କି.ମି. ବେଗରେ ବୋହିଥିଲା। ତାହା ଏତେ ଜୋର ଥିଲା ଯେ, ମାଲବାହୀ ବଗିଗୁଡ଼ିକ ହଠାତ୍ ୩୦ ଫୁଟ ଯାଏ ଗଡ଼ିଯାଇଥିଲା। ଫଳରେ ଶ୍ରମିକମାନେ ବଗି ଚକା ତଳେ ଚାପି ହୋଇଯାଇଥିଲେ। କେତେଜଣଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବାବେଳେ କେତେଜଣଙ୍କ ହାତଗୋଡ଼ କଟିଯାଇଥିଲା।

## ଫେରିଲେ ମା'କୋଟ୍ରାକ୍ଷୀ

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଦର୍ପଣଗଡ଼ ଗ୍ରାମର ଆରାଧ୍ୟ ଦେବୀ ମା'କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ମୂର୍ତ୍ତି ୨୦୨୧ ଜାନୁୟାରୀ ୧୦ରେ ଚୋରି ହୋଇଯାଇଥିଲା। ଦୀର୍ଘ ୧ ବର୍ଷ ୧୦ ମାସ ପରେ ଅର୍ଥାତ୍ ୨୦୨୨ ନଭେମ୍ବରରେ ଏହି ମୂର୍ତ୍ତି ଦେଶ ବାହାରକୁ ଚାଲାଣ ବେଳେ ଦିଲ୍ଲୀ ବିମାନ ବନ୍ଦରରେ କଷ୍ଟମ ବିଭାଗ ଅଧିକାରୀଙ୍କ ହାତରେ ଧରାପଡିଥିଲା। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ କ୍ରମେ ଚଳିତ ବର୍ଷ ନଭେମ୍ବରରେ ସେହି ମୂର୍ତ୍ତି ଦର୍ପଣ ଗଡ଼ ଗ୍ରାମକୁ ଫେରିଥିଲା।



## ସିବିଆଇ କବ୍‌ଜାରେ ଡାକ୍ତର

ଚଳିତ ବର୍ଷ ସେପ୍ଟେମ୍ବର ୧୨ରେ ପବ୍ଲିକ ହେଲଥ ଅର୍ଗାନାଇଜେଶନର ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ସିବିଆଇ ମାଡ଼ି ବସିଥିଲା। ତାଙ୍କ ପାଖରୁ ୫୬ ହଜାର ଟଙ୍କା ଜବତ କରାଯାଇଥିଲା। ପାରାଦୀପ ବନ୍ଦର ବିଦେଶୀ ଜାହାଜର ନାବିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନାଁରେ ପ୍ରତି କମ୍ପାନୀଠାରୁ ସେ ଉତ୍କୋଚ ନେଉଥିଲେ। ଏହି ଅଭିଯୋଗ ପରେ ସିବିଆଇ ତାଙ୍କ ପୈତୃକ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନଗଦ ୧୭ ଲକ୍ଷ ଟଙ୍କା, ୨୦୫୫୮ ଡଲାର ଓ ବହୁ ବିଦେଶୀ ସାମଗ୍ରୀ, ମଦ, ସିଗାରେଟ୍ ଆଦି ଜବତ କରିଥିଲା। ଏବେ ସେ ବିଚାରଧୀନ ଅଭିଯୁକ୍ତ ଭାବେ ଜେଲରେ ଅଛନ୍ତି।







## ରସାବଳିକୁ ଜିଆଇ ଟ୍ୟାଗ୍

କେନ୍ଦ୍ରାପଡ଼ାର ଆରାଧ୍ୟଦେବ ଶ୍ରୀବଳଦେବଜୀଉଙ୍କ ଭୋଗ ତଥା ବହୁଳ ପ୍ରସାରିତ ମିଷ୍ଟାନ୍ନ ରସାବଳିକୁ ଅକ୍ଟୋବରରେ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ ଟ୍ୟାଗ) ମିଳିଛି। ଅକ୍ଟୋବର ୩ ରେ ମିଳିଥିବା ପ୍ରମାଣପତ୍ରର ବୈଧତା ୨୦୩୧ ଡିସେମ୍ବର ପର୍ଯ୍ୟନ୍ତ ରହିବ ବୋଲି ଉଲ୍ଲେଖ ଅଛି। ଶ୍ରୀଜୀଉଙ୍କୁ ଏହି ମିଷ୍ଟାନ୍ନ ପ୍ରତ୍ୟେହ ଭୋଗ ଆକାରରେ ୩୨ଟି ଲାଗି କରାଯାଇଥାଏ।

## ଯାଜପୁରରେ କଶ୍ମୀରୀ ୱାଣ୍ଟେଡ୍



ନିଜକୁ ଡାକ୍ତର ଦର୍ଶାଇ ଯାଜପୁର ଜିଲାରେ ପ୍ରାୟ ୭ବର୍ଷ ଧରି ରହିଥିଲେ କଶ୍ମୀର ପୋଲିସର ଜଣେ ୱାଣ୍ଟେଡ୍ ଅଭିଯୁକ୍ତ ତଥା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀ(୩୭)। ଅନେକ ଠକେଇ, ପ୍ରତାରଣା ଅଭିଯୋଗ ତାଙ୍କ ବିରୋଧରେ ରହିଥିବାବେଳେ ସେ ଏକାଧିକ ଯୁବତୀଙ୍କୁ ଫସାଇ ବିବାହ କରିଛନ୍ତି। ଏହି ଛଦ୍ମବେଶୀ ଅଭିଯୁକ୍ତଙ୍କୁ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗତ ୧୩ ତାରିଖ ବିଳମ୍ବିତ ରାତିରେ ଯାଜପୁର ଜିଲାରୁ ଗିରଫ କରିଛି। କିନ୍ତୁ ଏସ୍‌ଟିଏଫ୍ ପକ୍ଷରୁ ଜାରି ପ୍ରେସ୍ ନୋଟ୍‌ରେ ବୁଖାରୀଙ୍କୁ ୧୫ ତାରିଖରେ ଗିରଫ କରାଯାଇଥିବା ଦର୍ଶାଯାଇଛି। ଦେଶ ବିରୋଧୀ ତତ୍ତ୍ୱଙ୍କ ସହ ତାଙ୍କର ସମ୍ପର୍କ ଥିବା ଏସ୍‌ଟିଏଫ୍ ସୂଚନା ପାଇ ତଦନ୍ତ ଚଳାଇଛି। ବୁଖାରୀଙ୍କ ପ୍ରକୃତ ଘର ଜମ୍ମୁକଶ୍ମୀରର କୁପୱାରା ଜିଲା ହଣ୍ଡୱାରା ସବ୍‌ଡିଭିଜନ ଅନ୍ତର୍ଗତ ପୀର ମୋହାଲାରେ। ସେ ପ୍ରାୟ ୭ ବର୍ଷ ହେଲା ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତ ମିଲତନଗରରେ ଏକ ଭଡ଼ା ଘରେ ରହୁଥିଲେ।

## ଗୁପ୍ତଚର ପାରା



ପାରାଦୀପ ମାଛଧରା ବନ୍ଦରରୁ ସାରଥି ନାମଧାରୀ ଏକ ମାଛଧରା ବୋଟ୍ ମାର୍ଚ୍ଚ ୪ରେ ସମୁଦ୍ରକୁ ଯାଇଥିଲା। ୬ ତାରିଖ ସକାଳେ ଏକ ଧଳା ପାରା ଉଡି ଆସି ବୋଟ୍ ଉପରେ ବସିଥିଲା। ସେତେବେଳେ ବୋଟ୍‌ଟି ପାରାଦୀପରୁ ୪୦ ନଟିକାଲ ମାଇଲ୍ସ ଅର୍ଥାତ୍ ୭୨ କି.ମି. ଦୂରରେ ଥିଲା। ମାଛ ଧରାଳିମାନେ ପାରାକୁ ଧରିଲା ପରେ ତାର ୨ ଗୋଡ଼ରେ ଜିପିଏସ୍ ଓ କ୍ୟାମେରା ଭଳି ଜିନିଷ ଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେମାନଙ୍କ ତୁରନ୍ତ ପାରାଦୀପ ମାଛଧରା ବନ୍ଦରକୁ ପ୍ରତ୍ୟାବର୍ତ୍ତନ କରି ସେହି ମାସ ୮ ତାରିଖରେ ପହଞ୍ଚିଥିଲେ। ତା'ପରେ ମେରାଇନ ଥାନାରେ ସେହି ଗୁପ୍ତଚର ପାରାକୁ ହସ୍ତାନ୍ତର କରିଥିଲେ।






ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ ଓ ରିଚା ଘୋଷ।

# ମହିଳା ଟେଷ୍ଟରେ ଭାରତ ସ୍ଥିତି ମଜଭୁତ

## ସ୍ମୃତି, ରିଚା, ଜେମିମା, ଦୀପ୍ତିଙ୍କ ଅର୍ଦ୍ଧଶତକ

**ମୁମ୍ବାଇ, ୨୨।୧୨**

ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ମହିଳା କ୍ରିକେଟ ଟେଷ୍ଟରେ ଭାରତ ମଜଭୁତ ସ୍ଥିତିରେ ରହିଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଭାରତ ୭ ଉଇକେଟ ହରାଇ ୩୭୬ ରନ ସଂଗ୍ରହ କରିଛି। ୩ ଉଇକେଟ ସୁରକ୍ଷିତ ଥିବାବେଳେ ଭାରତ ଅଷ୍ଟ୍ରେଲିଆ ପ୍ରଥମ ଇନିଂସଠାରୁ ୧୫୭ ରନରେ ଅଗ୍ରଣୀଲାଭ କରିଛି। ଅଷ୍ଟ୍ରେଲିଆ ମହିଳା ଦଳ ପ୍ରଥମ ଇନିଂସରେ ୨୧୯ ରନ କରିଥିଲା। ପ୍ରଥମ ଦିବସର ଅସମାପ୍ତ ସ୍କୋର ୯୮/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଅଷ୍ଟ୍ରେଲିଆ ବୋଲରଙ୍କୁ ସଫଳ ମୁକାବିଲା କରି ଭାରତର ୪ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଉପ ଅଧିନାୟିକା ସ୍ମୃତି ମନ୍ଧାନା ୭୪, ଜେମିମା ରୋଡ୍ରିଗ୍ସେଜ ୭୩ ଓ ରିଚା ଘୋଷ ୫୨ ରନକରି ଆଉଟ ହୋଇଥିବାବେଳେ ଦୀପ୍ତି ଶର୍ମା ୭୦ ରନରେ ଅପରାଜିତ ରହିଛନ୍ତି। ଚା’ ବିରତି ବେଳକୁ ଭାରତ ୭ ଉଇକେଟ ହରାଇ ୨୭୬ ରନ କରିଥିଲା। ଦିବସରେ ଅନ୍ତିମ ସେସନରେ ଭାରତ ଇନିଂସ ଶୀଘ୍ର ଶେଷ କରିବାକୁ ଆଶା ରଖିଥିଲେ ଅଷ୍ଟ୍ରେଲିଆ ବୋଲର। ମାତ୍ର ଦୀପ୍ତି ଓ ପୂଜା ବସ୍ତ୍ରକାର ଅସମାପ୍ତ ୮ମ ଉଇକେଟରେ ୧୦୨ ରନ ଯୋଡ଼ି ପ୍ରତିପକ୍ଷ ବୋଲରଙ୍କ ଆଶାରେ ପାଣି ପକାଇ ଦେଇଥିଲେ। ତୃତୀୟ ସେସନରେ ୩୮ ଓଭରରୁ ୧୦୦ ରନ ସଂଗ୍ରହ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ଏହି ସେସନରେ ଭାରତ କୌଣସି ଉଇକେଟ ହରାଇ ନ ଥିଲା। ଚା’ ବିରତି ପରର ପ୍ରଥମ ଅଧଘଣ୍ଟା ଦୀପ୍ତି ଓ ପୂଜା ଅତି ସତର୍କତାର ସହ ଖେଳିଥିଲେ। ମାତ୍ର ପିଚ୍ ସହ ଅଭ୍ୟସ୍ତ ହେବାପରେ ସ୍ୱାଭାବିକ ଷ୍ଟାଇଲରେ ଖେଳିବା ଆରମ୍ଭ କରିଥିଲେ। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଦୀପ୍ତି ୭୦ (୯ ଚୌକା) ଓ ପୂଜା ୩୩ (୪ ଚୌକା) ରନରେ ଅପରାଜିତ ରହିଥିଲେ। ପୂର୍ବରୁ ଆତ୍ମବିଶ୍ୱାସର ସହ ଖେଳି ଇନିଂସ ଆଗେଇ ନେଇଥିବା ସ୍ମୃତି ମନ୍ଧାନା ୧୦୬ ବଲ୍‌ରୁ ୭୪ ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ନିଜ ଇନିଂସରେ ସେ ୧୨ ଚୌକା ଲଗାଇଥିଲେ। ମିଡିଲ ଅର୍ଡରରେ ରିଚା ଘୋଷ ଓ ଜେମିମା ରୋଡ୍ରିଗ୍ସେଜ ମୂଲ୍ୟବାନ ୧୧୩ ରନର ଭାଗୀଦାରି ଗଢ଼ିଥିଲେ। ରିଚା ୧୦୪ ବଲ୍‌ରୁ ୫୨ ଓ ଜେମିମା ୧୨୧ ବଲ୍‌ରୁ ୭୩ ରନ ସ୍କୋର କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ଗୋଲ୍ଡେନ ଡକ୍ (୦)ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଶଲେ ଗାର୍ଡନର ସର୍ବାଧିକ ୪ଟି ଏବଂ କିମ୍ ଗାର୍ଥ ଓ ଜେସ ଜୋନାସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୯। ଭାରତ ପ୍ରଥମ ଇନିଂସ: ୩୭୬/୭ (ସ୍ମୃତି ମନ୍ଧାନା–୭୪, ଜେମିମା ରୋଡ୍ରିଗ୍ସେଜ–୭୩, ଦୀପ୍ତି ଶର୍ମା–୭୦*, ରିଚା ଘୋଷ–୫୨, ଶେଫାଳି ବର୍ମା–୪୦, ପୂଜା ବସ୍ତ୍ରକାର–୩୩*, ଆଶ୍‌ଲେ ଗାର୍ଡନର–୪/୧୦୦, କିମ୍ ଗାର୍ଥ–୧/୪୯, ଜେସ୍ ଜୋନାସେନ–୧/୪୨)।

# ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

**ଟାରୋବା(ତ୍ରିନିଦାଦ୍), ୨୨।୧୨(ଏପି)**

ୱେଷ୍ଟଇଣ୍ଡିଜ ଅନ୍ତିମ ଓଭରରେ ଇଂଲଣ୍ଡକୁ ପରାସ୍ତ କରି ଦୁଇ ଦଳ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜକୁ ୩–୨ରେ ଜିତି ନେଇଛି। ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ମ୍ୟାଚ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୧୯.୩ ଓଭରରେ ୧୩୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ତଥା ଉଇକେଟକିପର ଫିଲିପ ସଲ୍ଟ ସର୍ବାଧିକ ୩୮ ରନ କରିଥିବା ବେଳେ ଲିଆମ ଲିଭିଂ ଷ୍ଟୋନ ୨୮ ରନ କରିଥିଲେ। ଘରୋଇ ଦଳ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ଗୁଡାକେଶ ମୋତି ୨୪ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିବା ବେଳେ ଆଣ୍ଡ୍ରେ ରସେଲ, ଅକିଲ ହୋସେନ ଓ ଜସନ ହୋଲ୍ଡର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୯.୨ ଓଭରରେ ୬ ଉଇକେଟ ବିନିମୟରେ ୧୩୩ ରନ କରି ମ୍ୟାଚ ଜିତି ନେଇଥିଲା। ଦଳର ଟପ୍ ସ୍କୋରର ସାଇ ହୋପ୍ ୪୩ ରନ କରି ଅପରାଜିତ ରହିଥିଲେ। ଶେରଫାନେ ରଥରଫୋର୍ଡ ୩୦ ଓ ଜନସନ ଚାର୍ଲ୍ସ ୨୭ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ରିସେ ଟପ୍‌ଲେ ଓ ଆଦିଲ ରଶିଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଗୁଡାକେଶ ମୋତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଫିଲିପ ସଲ୍ଟ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।




ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜ ବିଜୟୀ ୱେଷ୍ଟଇଣ୍ଡିଜ ଦଳ।

# ଫୁଟ୍‌ବଲ: ନାଏକେନଗୁମା ଚାମ୍ପିୟନ



**କୋକସରା, ୨୨।୧୨**
**(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡା ଖେଳ ପଡ଼ିଆରେ ମା’ ଠାକୁରାଣୀ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ନାଏକେନଗୁମା ଓ ଝାରକୁଣ୍ଡାମାଲ ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ନାଏକେନଗୁମା ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାନସଭା ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ସାମାଜିକ କର୍ମୀ ହରଜିନ୍ଦର ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଅଜୟ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ଇଶରାମ ସୁନାନୀ, ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ପୂର୍ବତନ ଫୁଟବଲ ଖେଳାଳି ବିନୋଦ ବିହାରୀ ରାଉତ, ଘଟ କିଶୋର ଦାସ, ଦେବରାଜ ଦଳପତି, କଂଗ୍ରେସ ଯୁବନେତା ବେଣୁପାଣି ଦୁର୍ଗା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନାରେ ରେଫରି ତାପସ କୁମାର ଦାସ, ସଞ୍ଜୀବ ଦୁର୍ଗା, ଭୁପେନ୍ଦ୍ର ଗୋପାଳ କରିଥିବା ବେଳେ ଖେଳର ଧାରା ବିବରଣୀ ବାବୁଲାଲ ଶବର ଓ ହିରଣ୍ୟ ଗହୀର ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ଚାମ୍ପିୟନ ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ବଙ୍ଗୋମୁଣ୍ଡା ମା’ ଠାକୁରାଣୀ ସ୍ପୋର୍ଟ୍ସ କ୍ଲବ ସଦସ୍ୟ ମହମ୍ମଦ ଖାଁ, ତୁଲସିରାମ ପୂଝାରୀ, ଗୌତମ ପୂଝାରୀ, ଜଗବନ୍ଧୁ ପୂଝାରୀ, ଝଜନେଶ୍ୱର ନାଏକ, ମଣିରାମ ଛାତ୍ରୀଆ, ଝଜନେଶ୍ୱର ନାଏକ, ଗଜିନ୍ଦ୍ର ନାଏକ, ମୁରଲୀ ପୂଝାରୀ, ଦିନେଶ ପୂଝାରୀ, ଈଶ୍ୱର ମାଝି ସହଯୋଗ କରିଥିଲେ।

# ଆଇସିସିକୁ ଚ୍ୟାଲେଞ୍ଜ କରିବେ ଖ୍ୱାଜା

**ମେଲବୋର୍ନ, ୨୨।୧୨ (ପି.ଟି.)**



ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ବେଳେ ହାତରେ କଳାପଟି ପିନ୍ଧିବା ଯୋଗୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଚେତାବନୀ ନିଷ୍ପତ୍ତିରେ ବିବ୍ରତ ହୋଇପଡ଼ିଛନ୍ତି ଅଷ୍ଟ୍ରେଲୀୟ ଖେଳାଳି ଉସ୍‌ମାନ ଖ୍ୱାଜା। ଏହାକୁ ସେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ତାଙ୍କର ଏକ ବ୍ୟକ୍ତିଗତ ଶୋକ ପାଇଁ ସେ କଳାପଟି ପିନ୍ଧିଥିବା ଦର୍ଶାଇଛନ୍ତି।

ଆଇସିସି କହିଥିଲା ଏହାର ପୁନରାବୃତ୍ତି ଦେଖିବାକୁ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ସପ୍ତାହରେ ପର୍ଥଠାରେ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆର ୩୬୦ରନ ବିଜୟ ମ୍ୟାଚ ବେଳେ ଖ୍ୱାଜା ହାତରେ ଏକ କଳାପଟି ପିନ୍ଧିଥିଲେ। ଡିସେମ୍ବର ୧୩ରେ ଏକ ଟ୍ରେନିଂ ସେସନରେ ପହଞ୍ଚିବା ବେଳେ ତାଙ୍କ ବ୍ୟାଟିଂ ସ୍ୱାଇକ୍‌ରେ ଲେଖାଥିଲା “ସ୍ୱାଧୀନତା ହେଉଛି ମାନବ ଅଧିକାର, ସମସ୍ତଙ୍କ ଜୀବନ ସମାନ”। ସେତେବେଳେ ଗାଜା ପ୍ରତି ସମର୍ଥନ ଜଣାଇ ସେ ଏସବୁ ଲେଖାଇଥିବା ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଥିଲା।

ଉଦ୍‌ଘାଟନୀ ଟେଷ୍ଟ ମ୍ୟାଚରେ ଏହାକୁ ସେ ପିନ୍ଧିବା ଲାଗି ଯୋଜନା କରିଥିଲେ। ଖ୍ୱାଜା କହିଛନ୍ତି, ସେ କାହିଁକି ହାତରେ କଳାପଟି ପିନ୍ଧିଛନ୍ତି, ପର୍ଥ ଟେଷ୍ଟର ଦ୍ୱିତୀୟ ଦିବସରେ ତାଙ୍କୁ ପଚରାଯାଇଥିଲା। ଏକ ବ୍ୟକ୍ତିଗତ ଶୋକ ପାଇଁ ଏହାକୁ ସେ ବ୍ୟବହାର କରିଛନ୍ତି ବୋଲି କହିଥିଲେ। ଏହାଛଡ଼ା ସେ ଅନ୍ୟ କିଛି କହି ନ ଥିଲେ। ଖ୍ୱାଜା କହିଛନ୍ତି, ଆଇସିସି ନିୟମାବଳୀକୁ ସେ ସମ୍ମାନ ଦେଇ ଆସିଛନ୍ତି। କିନ୍ତୁ ସେ ଯେଉଁ ନିୟମାବଳୀ ଉଲ୍ଲଂଘନ କରିଥିବା ବିଷୟ କୁହାଯାଉଛି ସେ ନିୟମ ସବୁବେଳେ ଲାଗୁ କରାଯାଇ ନଥାଏ। ଅତୀତରେ ସେ ଦେଖିଛନ୍ତି କେତେଜଣ ଖେଳାଳି ଆଇସିସିର ବିନା ଅନୁମତିରେ ସେମାନଙ୍କ ବ୍ୟାଟ୍‌ରେ ଷ୍ଟିକର ଲଗାଇଛନ୍ତି। ଜୋତାରେ ନାମ ଲେଖାଇଛନ୍ତି। ସେମାନଙ୍କୁ କିନ୍ତୁ ଭର୍ତ୍ସନା କରାଯାଇ ନାହିଁ। ଆଇସିସି ନିୟମାବଳୀରେ ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ସମୟରେ କୌଣସି ରାଜନୈତିକ ବାର୍ତ୍ତା, ଧର୍ମୀୟ ଅବା ଜାତିଆଣ ବାର୍ତ୍ତା ଡିସ୍‌ପ୍ଲେ କରିବା ଖେଳାଳିଙ୍କୁ ମନା ରହିଛି। ତେବେ ପୂର୍ବତନ ଖେଳାଳି, ପରିବାର ସଦସ୍ୟ କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦେହାନ୍ତରେ ଜଣେ ଖେଳାଳି ଆଇସିସିର ଅନୁମତି ନେଇ ହାତରେ କଳାପଟି ଲଗାଇପାରିବେ। ଆଇସିସି ଖ୍ୱାଜାଙ୍କୁ ଚେତାବନୀ ଦେଇଥିଲେ ମଧ୍ୟ ଆର୍ଥିକ କିମ୍ବା ଖେଳରୁ ବାସନ୍ଦ ଦଣ୍ଡ ପ୍ରଦାନ କରି ନ ଥିଲା। ଅନ୍ୟପକ୍ଷରେ ଖ୍ୱାଜା ଏକଥା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଟ୍ରେନିଂ ସେସନରେ ତାଙ୍କ ବ୍ୟାଟିଂ ସ୍ୱାଇକ୍‌ରେ ଯାହା ଲେଖାଥିଲା ତାହା ପଛରେ କୌଣସି ଭିତିରି ଉଦ୍ଦେଶ୍ୟ ନ ଥିଲା।

# ପାଟଖଣ୍ଡା କପ୍ : ନୂଆପଡ଼ା ଚାମ୍ପିୟନ

**ଦେଓଗାଁ, ୨୨।୧୨**
**(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନିଷ୍ଟାଡିୟମରେ ଚାଲିଥିବା ପାଟଖଣ୍ଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ନୂଆପଡା ଓ ରାୟଗଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପଡା ୧–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପାଟଖଣ୍ଡା କପ୍ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ସରପଞ୍ଚ କୁଶମଣି ମେହେର ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ଗୋଲ କିପର ରାୟଗଡାର ମୁକେଶ ରାଉତ, ମ୍ୟାନ ଅଫ ଦ ସିରିଜ ନୂଆପଡାର ସଚିନ ବିଶ୍ୱାଳ, ବେଷ୍ଟ ପ୍ଲେୟାର ନୂଆପଡାର କେଶବ ଜାନି, ବେଷ୍ଟ ଡିଫେନ୍ସ ଜରାସିଂହାର ଗୋବିନ୍ଦ ମାଝିଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ କେଶବ ଦଣ୍ଡସେନାଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁଅ ରାଜ ଦଣ୍ଡସେନାଙ୍କ ସହ ବରିଷ୍ଠ ଖେଳାଳି ଅଶୋକ ଥନାପିତ, ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ବସନ୍ତ କୁମାର ମନହୀରା, ଡା. ସରୋଜ କୁମାର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଟୁନାମେଣ୍ଟର ସଫଳ ସମାପନରେ ବିଏନଏଏ ସମ୍ପାଦକ ରାଜକିଶୋର ସେଠ, ଅଂଶୁମାନ କର୍ତ୍ତି, ଚିତ୍ତରଞ୍ଜନ ଥନାପତି, ଦୁର୍ଗାପ୍ରସାଦ ସିଂଦେଓ, କୈଳାସ କର୍ତ୍ତି, ସନ୍ତୋଷ ଥନାପତି, ଉଜ୍ଜଳ ଝାଙ୍କର, ଶୈଳେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ପଥିମାଲି, ପ୍ରମୋଦ ବହିଦାର ଓ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।



ଅତିଥିମାନେ ଚାମ୍ପିୟନ ନୂଆପଡ଼ା ଦଳକୁ ପୁରସ୍କୃତ କରୁଛନ୍ତି।

# ଏସ୍‌ଜିଏଫ୍‌ଆଇ ରଗ୍‌ବୀ, ଭଲିବଲ ଆରମ୍ଭ

**ଭୁବନେଶ୍ୱର, ୨୨।୧୨**
**(ତପନ ସ୍ୱାଇଁ)**

ସ୍କୁଲ ଗେମ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଜିଏଫ୍‌ଆଇ) ଆନୁକୂଲ୍ୟରେ କିଟ୍ ଓ କିସ୍ ପରିସରରେ ୧୪ ବର୍ଷରୁ କମ୍ ବାଳିକା–ବାଳକ ରଗ୍‌ବୀ ଓ ଭଲିବଲ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍.ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ଶରଣଜିତ ସିଂ, ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଏସଜିଏଫ୍‌ଆଇ ପର୍ଯ୍ୟବେକ୍ଷକ ଦାମୋଦର ମୂର୍ତ୍ତି ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନର ସମ୍ପାଦକ ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନରେ ଅନୁଷ୍ଠିତ ରଗ୍‌ବୀ ବାଳକ ବିଭାଗ ଲିଗ୍ ମ୍ୟାଚରେ ଓଡ଼ିଶା, ବିହାର, ତାମିଲନାଡୁ, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ ଓ ଗୁଜରାଟ ବିଜୟ ହାସଲ କରିଛନ୍ତି। ସେହିପରି ବାଳିକା ବିଭାଗରେ ଅନୁଷ୍ଠିତ ୪ଟି ମ୍ୟାଚରେ ତାମିଲନାଡୁ, ମହାରାଷ୍ଟ୍ର, ବିହାର ଓ ଦିଲ୍ଲୀ ଦଳ ବିଜୟୀ ହୋଇଛନ୍ତି। ଭଲିବଲ ବାଳକ ବିଭାଗରେ ହରିୟାଣା, ବିହାର, ତାମିଲନାଡୁ, ମହାରାଷ୍ଟ୍ର ଏବଂ ବାଳିକା ବିଭାଗରେ କେଭିଏସ୍, ତାମିଲନାଡୁ ଓ କର୍ଣ୍ଣାଟକ ବିଜୟୀ ହୋଇଛି। ପ୍ରତିଯୋଗିତା ଆସନ୍ତା ୨୬ ପର୍ଯ୍ୟନ୍ତ ଚାଲିବ।




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୩/୨୦୨୩ Bhubaneswar, Saturday, December 23/ 2023

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମ ଟିକେଟ

ଭୁବନେଶ୍ୱର, ୨୨।୧୨
(ତପନ ସ୍ୱାଇଁ)

ଅଲ୍‌ଟିମେଟ ଖୋ ଖୋ(ୟୁକେକେ) ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଚଳିତ ମାସ ୨୪ରୁ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ୟୁକେକେର ସିଇଓ ତଥା ଲିଗ୍ କମିଶନର ତେନଜିଂ ନିୟୋଗି ପ୍ରତିଯୋଗିତାର ପ୍ରଥମ ଟିକେଟ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ

**ଅଲ୍‌ଟିମେଟ ଖୋ ଖୋ ଲିଗ୍**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ‘‘ଭାରତର ପାରମ୍ପରିକ କ୍ରୀଡ଼ା ଖୋ ଖୋକୁ ପ୍ରମୋଟ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ବହୁ ସଂଖ୍ୟାରେ ଦର୍ଶକ ଆସି ଏହି ଅନନ୍ୟ କ୍ରୀଡ଼ାର ରୋମାଞ୍ଚକୁ ଉପଭୋଗ କରିବାର ସୁଯୋଗ ଆଣିଛି ଅଲ୍‌ଟିମେଟ ଖୋ ଖୋ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ଶୁଭେଚ୍ଛା ଏବଂ ଓଡ଼ିଶାରେ ସେମାନଙ୍କ ସ୍ମୃତି ସ୍ମରଣୀୟ ରହିବ ବୋଲି ଆଶା କରୁଛି’’। ଅନ୍ୟପକ୍ଷରେ ନିୟୋଗି କହିଛନ୍ତି, ‘‘ମୁଖ୍ୟମନ୍ତ୍ରୀଙ୍କୁ ଆମେ ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ପ୍ରଥମ ଟିକେଟ ପ୍ରଦାନ କରି ଅତ୍ୟନ୍ତ ଆନନ୍ଦିତ। ନିକଟ ଅତୀତରେ ଅନେକ ସମ୍ମାନଜନକ ଇଭେଣ୍ଟ ଆୟୋଜନ କରି ଓଡ଼ିଶା ଏବେ ଭାରତୀୟ କ୍ରୀଡ଼ାର କେନ୍ଦ୍ରସ୍ଥଳ ଭାବେ ଉଭା ହେବାକୁ ଯାଉଛି। କ୍ରୀଡ଼ା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀ ଆମକୁ ଉତ୍ସାହିତ କରିଛି। ଆମେ ଅଲ୍‌ଟିମେଟ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଓଡ଼ିଶାରେ ଆୟୋଜନ କରିବାକୁ ଯାଉଥିବାରୁ ଉତ୍ସାହ ବହୁପରିମାଣରେ ବଢ଼ିଛି’’। ଆଗାମୀ ଲିଗ୍‌ରେ ଭାରତର ଶୀର୍ଷଶ୍ରେଣୀୟ ୧୪୫ ଖେଳାଳିଙ୍କୁ ଆକ୍ସନରେ ଦେଖିବାକୁ ମିଳିବ, ଏହା ମଧ୍ୟରେ ୧୬ରୁ ୧୮ ବର୍ଷର ୩୩ ଯୁବପ୍ରତିଭା ସାମିଲ। ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ସମେତ ଚେନ୍ନାଇ କୁଇକ୍ ଗନ୍ସ, ଗୁଜରାଟ ଜାଏଣ୍ଟ୍ସ, ମୁମ୍ବାଇ ଖିଲାଡିଜ୍, ରାଜସ୍ଥାନ ୱାରିୟର୍ସ ଓ ତେଲୁଗୁ ଯୋଦ୍ଧାସ ଏଥର ଟାଇଟଲ ପାଇଁ ଲଢ଼ିବେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିକେଟ ପ୍ରଦାନ କରୁଛନ୍ତି ୟୁକେକେର ସିଇଓ ତଥା ଲିଗ୍ କମିଶନର ତେନଜିଂ ନିୟୋଗି।

# ଭାରତ ଫେରିଲେ ବିରାଟ କୋହଲି

ସେଞ୍ଚୁରିଅନ, ୨୨।୧୨(ପି.ଟି.)

ପାରିବାରିକ ଜରୁରୀ କାର୍ଯ୍ୟ ଯୋଗୁ ଭାରତ ଫେରିଛନ୍ତି ବିରାଟ କୋହଲି। ତେବେ ଏହି ସିନିୟର ବ୍ୟାଟର ଆସନ୍ତା ସପ୍ତାହରେ ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଯାଇ ସେଠାରେ ଭାରତୀୟ ଦଳ ସହ ଯୋଗଦେବେ ବୋଲି ଆଶା କରାଯାଉଛି। ଘରୋଇ ଦଳ ସହ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି କୋହଲି ଭାରତୀୟ ଦଳ ସହ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲେ। ଆଙ୍ଗୁଠି ହାଡ଼ ଭାଙ୍ଗିଯାଇଥିବାରୁ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲର ଏକ ଅଂଶବିଶେଷ ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ଭାରତୀୟ ବ୍ୟାଟର ଋତୁରାଜ ଗାଏକ୍ୱାଡ ବାଦ୍ ପଡ଼ିଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ବେଳେ ଏକ କ୍ୟାଚ ନେବାକୁ ଚେଷ୍ଟା କରୁଥିବା ବେଳେ ଗାଏକ୍ୱାଡଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା।

# ଦିଲୀପ ତିର୍କୀଙ୍କୁ ପି.ଏଚ୍.ଡି. ସମ୍ମାନ

ନୂଆଦିଲ୍ଲୀ, ୨୨।୧୨

କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଶ୍ରୀ ୟୁନିଭର୍ସିଟି ତରଫରୁ ହକି ଇଣ୍ଡିଆ ସଭାପତି ଓ ପୂର୍ବତନ ଭାରତୀୟ ଅଧିନାୟକ, ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ସ୍ପୋର୍ଟ୍ସ ସାଇନ୍ସରେ ପିଏଚ୍‌ଡି ସମ୍ମାନରେ ସମ୍ମାନିତ କରାଯାଇଛି। ତିର୍କୀ ତାଙ୍କ କ୍ୟାରିୟରରେ ଏକାଧିକ ଥର ଅଲିମ୍ପିକ୍ସ ଇଓ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି। ଉଭୟ ପଡ଼ିଆ ଏବଂ ପଡ଼ିଆ ବାହାରେ ତାଙ୍କ ନେତୃତ୍ୱ ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ରହିଥିବା ତାଙ୍କ ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥାଏ। ସବୁଠାରୁ ଅଧିକ ୪୧୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ରେକର୍ଡ ତାଙ୍କ ନାମରେ ରହିଛି। ଦିଲୀପ ତିର୍କୀ ଏହା ପୂର୍ବରୁ ଖେଳ ପ୍ରତି ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପିଏଚ୍‌ଡି ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି।



ଦିଲୀପ ତିର୍କୀଙ୍କୁ ସମ୍ମାନିତ କରାଯାଉଛି।




# ସର୍ବଭାରତୀୟ ଓପନ କରାଟେ ଆରମ୍ଭ

ଭୁବନେଶ୍ୱର, ୨୨।୧୨
(ତପନ ସ୍ୱାଇଁ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୮୫୦ କରାଟେକା ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିବସରେ ସିନିୟରର ମହିଳା ଓ ପୁରୁଷ ଏବଂ ୨୩ ବର୍ଷରୁ କମ୍ ମହିଳା ଓ ପୁରୁଷ ବିଭାଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଭଳି ପ୍ରତିଯୋଗିତା ଦେଶରେ କରାଟେ କ୍ରୀଡ଼ାକୁ ପ୍ରୋତ୍ସାହନ କରିବ ବୋଲି ସୁକୋକାଇ କରାଟେ ଡୋ ୟୁନିୟନ ମୁଖ୍ୟ ତଥା ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଥମ ଦିବସର ପ୍ରତିଯୋଗିତାର ସିନିୟର ପୁରୁଷ କାଟା ପୁଲ୍-୨ରୁ କ୍ରିଷ୍ଣା ଶିକାରୀ, ପୁଲ୍-୧ରୁ ଅଭିଷେକ ପଟ୍ଟନାୟକ, ୨୧ ବର୍ଷରୁ କମ୍ ମହିଳା କାଟାରେ ପ୍ରିୟଦର୍ଶିନୀ ଦାସ, ପୁଲ-୧ ପୁରୁଷ କାଟାରେ ଆୟୁଷ ପ୍ରସାଦ ରଥ, ପୁଲ୍-୨ରେ ବିଶ୍ୱଜିତ ସାମଲ, ପୁରୁଷ ଗ୍ରୀନ୍ ବେଲ୍ଟ କାଟାରେ ଉତ୍ତମ ଚାନ୍ଦ, ହ୍ୱାଇଟ ବେଲ୍ଟ କାଟାରେ ରବି କୁମାର, ପୁରୁଷ ବ୍ରାଉନ୍ ବେଲ୍ଟ କାଟାରେ ଆଶୁତୋଷ ପଟ୍ଟନାୟକ, ସିନିୟର ମହିଳା ୪୫ କେଜିରୁ କମ୍ କୁମିତେରେ ସୁସ୍ମିନୀ ପାଲଟାସିଂ, ୫୦ କେଜିରୁ କମ୍ କୁମିତେରେ ଲୋମା ସ୍ୱାଇଁ, ୫୫ କେଜିରୁ କମ୍ କୁମିତେରେ ଅନୁପମା ସ୍ୱାଇଁ, ୬୧ କେଜିରୁ କମ୍ କୁମିତେରେ ସଞ୍ଚିତା ମହାନ୍ତି, ୬୮ କେଜିରୁ ଊର୍ଦ୍ଧ୍ୱ କୁମିତେରେ ମୋନାଲିସା ମିଶ୍ର, ସିନିୟର ପୁରୁଷ ୬୦ କେଜିରୁ କମ୍ କୁମିତେରେ କୃଷ୍ଣ ଚନ୍ଦ୍ର ନାୟକ, ୨୧ ବର୍ଷରୁ କମ୍ ପୁରୁଷ ୫୦ କେଜିରୁ କମ୍ ବିଭାଗରେ ସତ୍ୟଜିତ ସେଠୀ ଓ ୫୫ କେଜିରୁ କମ୍ କୁମିତେରେ ରୋହନ ଭୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



ସର୍ବଭାରତୀୟ ଓପନ କରାଟେର କୃତୀ କରାଟେକାମାନେ ପୁରସ୍କାର ସହ।

# ନବଗଠିତ କୁସ୍ତି ମହାସଂଘରେ ବିବାଦ

ନୂଆଦିଲ୍ଲୀ, ୨୨।୧୨ (ପି.ଟି.):

ନୂଆ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଗଠନ ହେବାର ଦିନକ ପରେ ସେଥିରେ ବିବାଦ ଦେଖାଦେଇଛି। ଜାତୀୟ ଜୁନିୟର ପ୍ରତିଯୋଗିତାକୁ ସ୍ଥଗିତ ରଖିବା ଲାଗି ଏହି କ୍ରୀଡ଼ା ପରିଷଦର ଜେନେରାଲ ସେକ୍ରେଟାରୀ ପ୍ରେମଚାନ୍ଦ ଲୋଚାବ ଦାବି କରିଛନ୍ତି। ପ୍ରତିଯୋଗିତାର ଦିନ ଧାର୍ଯ୍ୟ କରିବା ବେଳେ ସଭାପତି ନିୟମାବଳୀର ଅନୁସରଣ କରୁନାହାନ୍ତି। ୧୫ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ଡିସେମ୍ବର ୨୮ରୁ ୩୦ ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବ ବୋଲି ନବଗଠିତ କୁସ୍ତି ମହାସଂଘର ସଭାପତି ସଞ୍ଜୟ ସିଂ ଘୋଷଣା କରିଥିଲେ। ବିଭିନ୍ନ ପଦବୀ ପାଇଁ ନିର୍ବାଚନ ହେବାର କିଛି ଘଣ୍ଟା ପରେ ଏକ ବୈଠକରେ ନବ ନିର୍ବାଚିତ ସଦସ୍ୟମାନେ ଏହି ନିଷ୍ପତ୍ତି ନେଇଛନ୍ତି। ବିପକ୍ଷ ଅନୀତା ଶେଓରାନ ଗୋଷ୍ଠୀ ତରଫରୁ ନିର୍ବାଚନ ଜିତିଥିବା ଆରଏସପିବି (ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ)ର ପୂର୍ବତନ ସମ୍ପାଦକ ଲୋଚାବ ଏହି ବୈଠକରେ ଯୋଗ ଦେଇ ନ ଥିଲେ। ସମସ୍ତ ନିଷ୍ପତ୍ତି ଡବ୍ଲ୍ୟୁଏଫ୍‌ଆଇ ସେକ୍ରେଟାରୀ ଜେନେରାଲଙ୍କ ଜରିଆରେ ହେବା ଉଚିତ ବୋଲି ସେ କହିଛନ୍ତି। ଜବାବରେ ସଞ୍ଜୟ ସିଂ ତାଙ୍କ ନିଷ୍ପତ୍ତି ଯଥାର୍ଥ ବୋଲି କହିଛନ୍ତି। ଜୁନିୟର କୁସ୍ତିଯୋଦ୍ଧାଙ୍କ ହିତ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହା କରାଯାଇଥିବା ସେ କହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ବାଇ-ଲ’ ଅନୁସାରେ ସେ ନିଷ୍ପତ୍ତି ନେଇଛନ୍ତି। ସେକ୍ରେଟାରୀ ଜେନେରାଲ ତାହା ଗ୍ରହଣ କରିବାକୁ ବାଧ୍ୟ ବୋଲି ସେ କହିଛନ୍ତି। ଲୋଚାବ ଶୁକ୍ରବାର ଏହି ପ୍ରସଙ୍ଗରେ ସଞ୍ଜୟ ସିଂକ ନିକଟକୁ ଏକ ଚିଠି ଲେଖିଥିଲେ। ଜାତୀୟ ଜୁନିୟର ପ୍ରତିଯୋଗିତା କାର୍ଯ୍ୟସୂଚୀରେ ପରିବର୍ତ୍ତନକୁ ନେଇ କିଛି ରାଜ୍ୟ ଆପତ୍ତି ଉଠାଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇର ସମ୍ବିଧାନ ଅନୁସାରେ ୨୧ ତାରିଖରେ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ ପରେ କାର୍ଯ୍ୟନିର୍ବାହୀ କମିଟିର ବୈଠକ ବସି ନାହିଁ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ